# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୮/୨୦୧୮ (୨୦ ପୃଷ୍ଠା) Bhubaneswar, Friday, September 28/ 2018 ★★★★★★

୪୪ଶ ଭାଗ ୩୦୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## ଜାତୀୟ ରେକର୍ଡ ଭାଙ୍ଗିଲେ ଶ୍ରୀଶଙ୍କର

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି କେରଳର ଏମ୍‌.ଶ୍ରୀଶଙ୍କର।

୧୯

୦୨

## ନିରାମିଷାଶୀ ହେଲେ ତମନ୍ନା

ନିଜ ପୋଷାକୁକୁର ପେବଲ୍ ରୋଗଗ୍ରସ୍ତ ହେବାରୁ ଆମିଷ ଭୋଜନପ୍ରିୟ ତମନ୍ନା ଭାଟିଆ ଏବେ ନିରାମିଷାଶୀ ପାଲଟି ଯାଇଛନ୍ତି।



# ବୃହତ୍ ପୀଠକୁ ଯିବନି ଅଯୋଧ୍ୟା ମାମଲା

ନୂଆଦିଲ୍ଲୀ, ୨୭।୯ (ଆଇଏଏନ୍‌ଏସ୍)

ଅଯୋଧ୍ୟା ବିବାଦ ପ୍ରସଙ୍ଗରେ ୧୯୯୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ସମୀକ୍ଷା ଲାଗି ବୃହତ୍ ସାମ୍ବିଧାନିକ ପୀଠକୁ ମାମଲା ହସ୍ତାନ୍ତର କରାଯିବ ନାହିଁ। ଗୁରୁବାର ରାୟ ପ୍ରକାଶ କରି ଏହା ସ୍ପଷ୍ଟ କରିଛନ୍ତି ସୁପ୍ରିମକୋର୍ଟ। ଏବେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦକୁ ନେଇ ଚାଲିଥିବା ମାମଲାର ବିଚାର ଅକ୍ଟୋବର ୨୯ରୁ ଆରମ୍ଭ ହେବ। ନୂଆକରି ଗଠନ ହେବାକୁ ଥିବା ତିନିଜଣିଆ ଖଣ୍ଡପୀଠ ମାମଲାର ବିଚାର କରିବେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରଧାନ ବିଚାରପତି ଦୀପକ ମିଶ୍ର ଏବଂ ଜଷ୍ଟିସ୍ ଅଶୋକ ଭୂଷଣ ଏହି ରାୟ ଦେଇଛନ୍ତି। ତେବେ ରାୟ ପ୍ରକାଶବେଳେ ଜଷ୍ଟିସ୍ ଅବ୍‌ଦୁଲ ନଜିର ଭିନ୍ନ ମତ ଦେଇଛନ୍ତି। ଜଷ୍ଟିସ୍ ଦୀପକ ମିଶ୍ର ଅକ୍ଟୋବର ୨ରେ ଅବସର ଗ୍ରହଣ କରିବା ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ପୂରିବାକୁ ଆଉ କିଛିଦିନ ବାକି ରହିଥିବାରୁ ଅନ୍ୟ କେତୋଟି ଚର୍ଚ୍ଚିତ ମାମଲାର ରାୟ ମଧ୍ୟ ସେ ପ୍ରକାଶ କରିବେ ବୋଲି କୁହାଯାଉଛି।

(ଅଧିକ ରିପୋର୍ଟ: ପୃଷ୍ଠା-୯)

■ ଦଫା ୪୯୭: ସୁପ୍ରିମକୋର୍ଟଙ୍କ ରାୟ କେନ୍ଦ୍ରକୁ ଝଟକା

# ଅପରାଧ ନୁହେଁ ପରକୀୟା ପ୍ରୀତି



### ୧୫୮ ବର୍ଷର ଆଇନ ଉଚ୍ଛେଦ

- ■ ଦଫା ୪୯୭ ମହିଳାଙ୍କୁ ଯୌନ ପସନ୍ଦ ଅଧିକାରରୁ ବଞ୍ଚିତ କରୁଛି
- ■ ଏହି ଆଇନ ଏକତରଫା ଓ ଅସାମ୍ବିଧାନିକ
- ■ ଅପରାଧମୁକ୍ତ ଘୋଷଣା ହେଲା ବ୍ୟଭିଚାର
- ■ ସ୍ୱାମୀଙ୍କ ସମ୍ପତ୍ତି ନୁହନ୍ତି ମହିଳା: ସିଜେଆଇ

ନୂଆଦିଲ୍ଲୀ, ୨୭।୯ (ପି.ଟି.)

ପରକୀୟା ପ୍ରୀତି ବା ବ୍ୟଭିଚାର ଅପରାଧ ନୁହେଁ। ବିବାହିତ ପୁରୁଷ ଅନ୍ୟ ସ୍ତ୍ରୀ ଅଥବା ବିବାହିତା ସ୍ତ୍ରୀ ଅନ୍ୟ ପୁରୁଷ ସହିତ ଯୌନ ସମ୍ପର୍କ ରଖିବା ଏଣିକି ଆଇନତଃ ଦଣ୍ଡନୀୟ ନୁହେଁ। ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ଦଫା ୪୯୭କୁ ସୁପ୍ରିମକୋର୍ଟ ଗୁରୁବାର ଅସାମ୍ବିଧାନିକ ବୋଲି ଅବିହିତ କରିବା ସହ ଏହାକୁ ଅପରାଧମୁକ୍ତ ଘୋଷଣା କରିଛନ୍ତି। ଏଥିସହ ୧୫୮ ବର୍ଷ ପୁରୁଣା ଏ ସଂକ୍ରାନ୍ତ ଆଇନ ସ୍ୱତଃ ଅକାମୀ ହୋଇଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ୫ ବିଚାରପତି ବିଶିଷ୍ଟ ସାମ୍ବିଧାନିକ ପୀଠଙ୍କ ଏହି ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ଜଷ୍ଟିସ୍ ଆର୍.ଏଫ୍. ନରିମାନ୍, ଏ.ଏମ୍. ଖାନ୍‌ୱିଲକର, ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଇନ୍ଦୁ ମାଲହୋତ୍ରାଙ୍କୁ ନେଇ ଗଠିତ ପୀଠ କହିଛନ୍ତି, ମହିଳାଙ୍କ ସହ ଭେଦଭାବପୂର୍ଣ୍ଣ ବ୍ୟବହାର ସମ୍ବିଧାନକୁ କ୍ରୋଧାନ୍ୱିତ କରେ। ପରକୀୟା ପ୍ରୀତି ଅତୀତର ଏକ ସ୍ମାରକ। ମର୍ଯ୍ୟାଦାସମ୍ପନ୍ନ ମାନବିକ ଅସ୍ତିତ୍ୱରେ ବ୍ୟକ୍ତିଗତ ସ୍ୱାଧୀନତା ଅନ୍ତର୍ନିହିତ। ଦଫା ୪୯୭ ମହିଳାମାନଙ୍କଠାରୁ ଯୌନ ପସନ୍ଦ ଅଧିକାରକୁ ଛଡ଼ାଇନିଏ। ତେଣୁ ଯୌନ ସ୍ୱାଧୀନତାର ବିରୁଦ୍ଧାଚରଣ କରୁଥିବା ଏହି ଏକତରଫା ଓ ଅସାମ୍ବିଧାନିକ ଦଣ୍ଡବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ଜରୁରୀ।

ବ୍ୟଭିଚାର ଏବଂ ବିବାହ ସମ୍ପର୍କିତ ଅପରାଧ ନେଇ ଉଲ୍ଲେଖ ଥିବା ଭାରତୀୟ ଦଣ୍ଡ ସଂହିତା (ସିଆର୍‌ପିସି) ଧାରା ୧୯୮ର ଦଣ୍ଡ ବ୍ୟବସ୍ଥାକୁ ଅସାମ୍ବିଧାନିକ ଘୋଷଣା କରିବା ପାଇଁ ସର୍ବୋଚ୍ଚ ଅଦାଲତ ସମାନ ଧରଣର ୪ଟି ରାୟ ଶୁଣାଇଛନ୍ତି। ନିଜ ଓ ଜଷ୍ଟିସ୍ ଖାନ୍‌ୱିଲକରଙ୍କ ପାଇଁ ରାୟ ଲେଖିଥିବା ସିଜେଆଇ ମିଶ୍ର କହିଥିଲେ, ଚାଇନା, ଜାପାନ ଓ ଅଷ୍ଟ୍ରେଲିଆ ଭଳି ଦେଶଗୁଡ଼ିକରେ ମଧ୍ୟ ମହିଳାମାନଙ୍କ ସ୍ୱାତନ୍ତ୍ର୍ୟ ରହିଛି। ଏହି ଦେଶଗୁଡ଼ିକରେ ପରକୀୟା ପ୍ରୀତି ଅପରାଧ ଭାବେ ପରିଗଣିତ ହୁଏନାହିଁ। ☞ ପୃଷ୍ଠା-୪

### ବ୍ୟଭିଚାର



**କେଉଁ ଦେଶରେ ଅପରାଧ**

ଆଫଗାନିସ୍ତାନ, ବାଂଲାଦେଶ, ଇଣ୍ଡୋନେସିଆ, ଇରାନ, ମାଳଦ୍ୱୀପ, ନେପାଳ, ପାକିସ୍ତାନ, ଫିଲିପାଇନ୍ସ, ୟୁଏଇ, ଇଜିପ୍ଟ, ମରକ୍କୋ, ଆଲଜେରିଆ, କଙ୍ଗୋ ଏବଂ ଆମେରିକାର କେତେକ ରାଜ୍ୟରେ।

**କେଉଁଠି ଅପରାଧମୁକ୍ତ**

ଚାଇନା, ବ୍ରାଜିଲ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ନେଦରଲାଣ୍ଡ, ଡେନ୍‌ମାର୍କ, ଫ୍ରାନ୍ସ, ଜର୍ମାନୀ, ଅଷ୍ଟ୍ରିଆ, ଆୟର୍ଲାଣ୍ଡ, ଜାମାଇକା, ତ୍ରିନିଦାଦ, ଦକ୍ଷିଣ କୋରିଆ ଓ ଗୁଏଟ୍‌ମାଲା।

# ସାର୍ବଜନୀନ ହେବନାହିଁ ବ୍ରହ୍ମ ବିଭ୍ରାଟ ରିପୋର୍ଟ



- ■ ତାଲିକାରେ ୧୦ରୁ ୧୫ ଜଣଙ୍କ ନାଁ
- ■ ୩ ମାସ ମଧ୍ୟରେ ହେବ କାର୍ଯ୍ୟାନୁଷ୍ଠାନ
- ■ ସୂଚନା ଅଧିକାରରେ ବି ଦିଆଯିବନି ତଥ୍ୟ

ପୁରୀ ଅଫିସ, ୨୭।୯

ବ୍ରହ୍ମ ବିଭ୍ରାଟ ରିପୋର୍ଟରେ ମହାପ୍ରଭୁଙ୍କ ଗୁପ୍ତ ରୀତିନୀତି ରହିଛି। ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଉକ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ। ଏପରିକି ସୂଚନା ଅଧିକାର (ଆର୍‌ଟିଆଇ) ବଳରେ ବି ଉକ୍ତ ରିପୋର୍ଟକୁ ନ ଦେବା ଲାଗି ଗୁରୁବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି।

ମହାପାତ୍ର କହିଛନ୍ତି ଯେ, ୨୦୧୭ ଅଗଷ୍ଟ ୫ରେ ଶ୍ରୀମନ୍ଦିରର ପ୍ରାକ୍ତନ୍ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର ମହାପ୍ରଭୁଙ୍କ ବ୍ରହ୍ମ ପରିବର୍ତ୍ତନର ତଦନ୍ତ ରିପୋର୍ଟ ଦେଇଥିଲେ। ଉକ୍ତ ରିପୋର୍ଟକୁ ତର୍ଜମା ଲାଗି ପରିଚାଳନା କମିଟି ସଦସ୍ୟ ବାବା ସଚ୍ଚିଦାନନ୍ଦ ଦାସ ମହାରାଜଙ୍କ ନେତୃତ୍ୱରେ ତିନିଜଣିଆ ସବ୍ କମିଟି ଗଠନ କରାଯାଇଥିଲା। ଗୁରୁବାର ପୂର୍ବାହ୍ନ ସାଢେ ୧୦ଟାରେ କମିଟି ରିପୋର୍ଟ ଦେଲେ। ଉକ୍ତ ରିପୋର୍ଟକୁ ପରିଚାଳନା କମିଟିରେ ଉପସ୍ଥାପନ କରାଯାଇଥିଲା। ମୂଳ ରିପୋର୍ଟ ଏବଂ ସବ୍ କମିଟି ରିପୋର୍ଟ ଉପରେ ବିସ୍ତୃତ ତର୍ଜମା ହୋଇଛି। ଏହା ଏକ ଭାବାବେଗର ପ୍ରଶ୍ନ ହୋଇଥିବାରୁ ଏହାକୁ ସାର୍ବଜନୀନ ନ କରିବା ପାଇଁ ପରିଚାଳନା କମିଟି ମତ ରଖିଛି।

ରିପୋର୍ଟ ତଦନ୍ତ ପ୍ରକ୍ରିୟା ଶେଷ ହୋଇ ଦୋଷୀ ଚିହ୍ନଟ ହୋଇଛନ୍ତି। ଦଇତାପତି, ମହାରଣା ଆଦି ସେବାୟତ ବର୍ଗର ୧୦ରୁ ୧୫ ଜଣଙ୍କ ନାମ ତାଲିକାରେ ରହିଛି। ତଦନ୍ତ ପ୍ରକ୍ରିୟା ସମୟରେ ୨ ଜଣ ସେବାୟତଙ୍କୁ ନିଲମ୍ବିତ କରାଯାଇଥିଲା। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହେବ। ☞ ପୃଷ୍ଠା-୪

### ଆଜିର ସମ୍ପାଦକୀୟ

**ଜବରଦସ୍ତ ମିଶ୍ରଣ**

### ଆଜିର ମନ୍ତବ୍ୟ

" ମୋଦି ସରକାରଙ୍କୁ ଖୁସି କରୁଥିବା ଲୋକେ ଦୁର୍ନୀତି ଅଭିଯୋଗରୁ ମୁକୁଳି ଯାଉଛନ୍ତି।

-ରଣଦୀପ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର

# ଆଇନଜୀବୀଙ୍କୁ ଆନ୍ଦୋଳନ ମନା

## ଅଭିଜିତ ଆୟରଙ୍କ ଅନ୍ତରୀଣ ଜାମିନ ଅବଧି ବୃଦ୍ଧି କଲେ ସୁପ୍ରିମକୋର୍ଟ

କଟକ ଅଫିସ, ୨୭।୯

ପୋଲିସ-ଆଇନଜୀବୀ ବିବାଦରେ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଛନ୍ତି। ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନରେ ରୋକ୍ ଲଗାଇବା ସହ ଆନ୍ଦୋଳନରୁ ବିରତ ରହି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ହାଇକୋର୍ଟ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ☞ ପୃଷ୍ଠା-୪

- ■ କାର୍ଯ୍ୟରେ ଯୋଗଦେବାକୁ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ
- ■ ମାମଲାର ତଦନ୍ତ କରିବେ କ୍ରାଇମବ୍ରାଞ୍ଚ ଆଇଜି






# ଆଜି ଔଷଧ ଦୋକାନ ବନ୍ଦ

■ ଅନ୍‌ଲାଇନ ବିକ୍ରିକୁ ବିରୋଧ

ଭୁବନେଶ୍ୱର, ୨୭।୯ (ବ୍ୟୁରୋ)

ଇ- ଫାର୍ମାସୀ ଓ ଅନ୍‌ଲାଇନ ଔଷଧ ବିକ୍ରିକୁ ବିରୋଧ କରି ସମଗ୍ର ଦେଶରେ ଶୁକ୍ରବାର ଔଷଧ ଦୋକାନ ବନ୍ଦ ରହିବ। ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ଏହି ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହାକୁ ଉତ୍କଳ ଡ୍ରଗିଷ୍ଟ ଓ କେମିଷ୍ଟ ଆସୋସିଏଶନ ସମର୍ଥନ କରିଛି। ରାଜ୍ୟରେ ଥିବା ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଔଷଧ ଦୋକାନ ଏହି ଧର୍ମଘଟରେ ସାମିଲ ହେବେ। ସରକାରୀ ଓ ବେସରକାରୀ ଡାକ୍ତରଖାନା ପରିସରରେ ଥିବା ଔଷଧ ଦୋକାନଗୁଡିକ ମଧ୍ୟ ଧର୍ମଘଟକୁ ସମର୍ଥନ ଜଣାଇ ନିଜର ଦୋକାନ ଶଟରକୁ ଅଧା ବନ୍ଦ କରିବେ। ଏହି କ୍ରମରେ ରାଜ୍ୟରେ ଔଷଧ ଦୋକାନ ବନ୍ଦ ରହିବ। କେନ୍ଦ୍ର ସରକାର ଇ-ଫାର୍ମାସୀ ନୀତି କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ନୂଆ ନୀତି ଆଣିବା ପୂର୍ବରୁ କେନ୍ଦ୍ର ସରକାର ଔଷଧ ବିକ୍ରେତା ସଂଗଠନଗୁଡିକ ସହ ଆଲୋଚନା କରି ନ ଥିବା ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ଅଭିଯୋଗ କରିଛି। ଅନ୍‌ଲାଇନ ଔଷଧ ବିକ୍ରି ବ୍ୟବସ୍ଥା ଆରମ୍ଭ ହେଲେ କ୍ଷୁଦ୍ର ଔଷଧ ଦୋକାନୀ ପ୍ରଭାବିତ ହେବା ସହ ସେମାନଙ୍କ ବ୍ୟବସାୟ ବୁଡିଯିବା ଆଶଙ୍କା ରହିଛି। ବହୁରାଷ୍ଟ୍ରୀୟ କମ୍ପାନୀ ଦେଶର ସମସ୍ତ ଔଷଧ ବିକ୍ରି ବ୍ୟବସ୍ଥାକୁ ନିଜ କବ୍‌ଜାକୁ ନେଇଯିବାକୁ ମସୁଧା କରୁଥିବା ଅଭିଯୋଗ ହୋଇଛି। ଏହାଛଡା ଅନ୍‌ଲାଇନ ଔଷଧ ବିକ୍ରି କେବଳ ବାଣିଜ୍ୟିକ ଦୃଷ୍ଟିକୋଣରୁ ନୁହେଁ, ☞ ପୃଷ୍ଠା-୪




"ଯେଉଁ ପୁରୁଷ ମହିଳାଙ୍କ ଅଧିକାରକୁ ପସନ୍ଦ କରନ୍ତି ନାହିଁ, ସେମାନେ ସମାଜରେ ଲିଙ୍ଗଗତ ସମାନତାର ଅର୍ଥ ବୁଝିପାରିବେ ନାହିଁ ।
– ରିଆ ଚକ୍ରବର୍ତ୍ତୀ, ବଲିଉଡ୍ ଅଭିନେତ୍ରୀ



# 'ଲଭରାତ୍ରି' ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ନା

**ନୂଆଦିଲ୍ଲୀ:** ବଲିଉଡ ଅଭିନେତା ସଲମାନ ଖାନ୍‌ଙ୍କ ଦ୍ୱାରା ନିର୍ମିତ ଫିଲ୍ମ 'ଲଭ ରାତ୍ରି' ବିରୋଧରେ ବଳପୂର୍ବକ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିହେବ ନାହିଁ। ଗୁରୁବାର ଏଭଳି ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୫ରେ ଫିଲ୍ମଟି ରିଲିଜ୍ ହେବାକୁ ଯାଉଛି। ଏହାକୁ ସିବିଏଫ୍‌ସି (କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ) ପକ୍ଷରୁ ସେନ୍‌ସର ପ୍ରମାଣପତ୍ର ମିଳିସାରିଛି। ଏହାସତ୍ତ୍ୱେ ମଧ୍ୟ ବିହାରରେ ଏହି ଫିଲ୍ମ ବିରୋଧରେ ଏତଲା ଦିଆଯାଇଛି। ଅନ୍ୟପକ୍ଷେ ଗୁଜରାଟର ବଡୋଦରାରେ ଆପରାଧିକ ମାମଲା ରୁଜୁ କରାଯାଇଛି। ଖଣ୍ଡପୀଠ କହିଛନ୍ତି, ସମଗ୍ର ଦେଶରେ ଫିଲ୍ମର ନାମକରଣ କିମ୍ବା ଏହା ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନି। 'ଲଭ ରାତ୍ରି' ଫିଲ୍ମର ନାମକରଣ ହିନ୍ଦୁମାନଙ୍କ ଧାର୍ମିକ ଭାବନାକୁ ଆଘାତ ଦେବ ବୋଲି ଅଭିଯୋଗ ହୋଇଥିଲା। ଫିଲ୍ମରେ ସଲମାନଙ୍କ ଭିଣୋଇ ଆୟୁଷ ଶର୍ମା ଏବଂ ୱାରିନା ହୁସେନ୍ ଅଭିନୟ କରିଛନ୍ତି।



# ଜଳାତଙ୍କ: ପ୍ରତି ୧୦ ମିନିଟ୍‌ରେ ମରନ୍ତି ଜଣେ

**କାନସାସ୍(ଆମେରିକା):** 'ଆଲିଆନ୍ସ ଫର ଦି ଫାଇଟ୍ ଏଗ୍‌ନେଷ୍ଟ ର୍‌ୟାବିଜ୍' ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଜଳାତଙ୍କ ଯୋଗୁ ପ୍ରତିବର୍ଷ ବିଶ୍ୱରେ ୫୫,୦୦୦ ଲୋକ ବା ପ୍ରତି ୧୦ ମିନିଟରେ ହାରାହାରି ଜଣେ ଲୋକ ମୃତ୍ୟୁବରଣ କରନ୍ତି। ଜଳାତଙ୍କ ଏକ ମାରାତ୍ମକ ଭୂତାଣୁଜନିତ ରୋଗ। ଉଭୟ ପ୍ରାଣୀ ଓ ମନୁଷ୍ୟ ଏହି ରୋଗରେ ପୀଡ଼ିତ ହୋଇଥାନ୍ତି। ଏହି ରୋଗର ସଂପୂର୍ଣ୍ଣ ନିରାକରଣ ପାଇଁ ୨୦୦୭ ସେପ୍ଟେମ୍ବର ୨୮ରୁ 'ବିଶ୍ୱ ଜଳାତଙ୍କ ଦିବସ' ପାଳିତ ହୋଇ ଆସୁଅଛି। ପ୍ରସିଦ୍ଧ ଫରାସୀ ବୈଜ୍ଞାନିକ ତଥା ରସାୟନବିତ୍ ଓ ଅଣୁଜୀବ ତତ୍ତ୍ୱବିତ୍ ଲୁଇ ପାଶ୍ଚର ଜଳାତଙ୍କ ରୋଗ




ବିରୋଧରେ ପ୍ରଥମେ ପ୍ରତିଷେଧକ ଟିକା ଉଦ୍‌ଭାବନ କରିଥିଲେ । ୧୮୯୫ ସେପ୍ଟେମ୍ବର ୨୮ରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କର ଶ୍ରାଦ୍ଧ ଦିବସକୁ 'ବିଶ୍ୱ ଜଳାତଙ୍କ ଦିବସ' ଭାବେ ପାଳନ କରାଯାଇ ଆସୁଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି–'ଜଳାତଙ୍କ: ବାର୍ତ୍ତା ବିନିମୟ କର, ଜୀବନ ବଞ୍ଚାଅ'। ଅନ୍ତର୍ଜାତୀୟ ସ୍ତରରେ ଜଳାତଙ୍କ ନିୟନ୍ତ୍ରଣ ନିମିତ୍ତ ବିଶ୍ୱ ସଙ୍ଗଠନ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଉଦ୍ୟମରେ ଜଳାତଙ୍କ ରୋଗର ମୂଳୋତ୍ପାଟନ ଲକ୍ଷ୍ୟନେଇ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ୨୦୦୭ରେ ଆମେରିକାର କାନ୍‌ସାସ୍ଥିତ ଏକ ଅଣଲାଭକାରୀ ଅନୁଷ୍ଠାନ 'ଗ୍ଲୋବାଲ ଆଲିଆନ୍ସ ଫର ର୍‌ୟାବିଜ୍ କଣ୍ଟ୍ରୋଲ୍'ର ଉଦ୍ୟମରେ ବିଶ୍ୱ ଜଳାତଙ୍କ ଦିବସ ଆରମ୍ଭ ହୋଇଥିଲା। ୨୦୧୩ରେ ଏହି ଅଭିଯାନରେ ସାମିଲ ହୋଇଥିଲା 'ଦି ନ୍ୟାଶନାଲ ଫୁଡ ଏଜେନ୍ସି'।

## ଇତିହାସର ଆଇନାରେ

### ସେପ୍ଟେମ୍ବର ୨୮ର ପ୍ରମୁଖ ଘଟଣା

### ପାକିସ୍ତାନୀ ବିମାନ ଦୁର୍ଘଟଣା

୧୯୯୨ ସେପ୍ଟେମ୍ବର ୨୮ରେ ପାକିସ୍ତାନ ଅନ୍ତର୍ଜାତୀୟ ଏୟାରଲାଇନ୍ସର ଏୟାରବସ୍ ଏ୩୦୦ କାଠମାଣ୍ଡୁର ତ୍ରିଭୁବନ୍ ବିମାନ ବନ୍ଦରରେ ଦୁର୍ଘଟଣାର ଶିକାର ହୋଇଥିଲା। ବିମାନଟି କରାଚୀରୁ କାଠମାଣ୍ଡୁ ଅଭିମୁଖେ ଯାତ୍ରୀ କରୁଥିଲା ଏଥିରେ ଥିବା କର୍ମଚାରୀ ଓ ଯାତ୍ରୀଙ୍କ ସହ ୧୬୭ ଜଣଙ୍କର ମୃତ୍ୟୁ ଘଟିଥିଲା।

### ବିକ୍ଷୋଭ ସମାବେଶରେ ଆକ୍ରମଣ

୨୦୦୯ ସେପ୍ଟେମ୍ବର ୨୮ରେ ଗୁଏନାରେ ଚାଲିଥିବା ଏକ ବିକ୍ଷୋଭ ସମାବେଶରେ ଜୁଣ୍ଟା ନେତୃତ୍ୱରେ ଆକ୍ରମଣ କରାଯାଇଥିଲା। ଏଥିରେ ୧୫୭ ଜଣ ନିହତ ହୋଇଥିବା ବେଳେ ୧,୨୫୩ ଜଣ ଆହତ ହୋଇଥିଲେ। ଦେଶରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ମୁସା ଦାଦିସ୍ କ୍ୟାମେରାଙ୍କୁ ବିରୋଧ କରି ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୦ | ୨୪.୦ |
| ଚାନ୍ଦବାଲି | ୩୪.୨ | ୨୫.୦ |
| କଟକ | ୩୪.୦ | ୨୩.୫ |
| ପାରାଦ୍ୱୀପ | ୩୨.୪ | ୨୫.୯ |
| ଭୁବନେଶ୍ୱର | ୩୩.୪ | ୨୪.୫ |
| ଗୋପାଳପୁର | ୩୪.୦ | ୨୫.୦ |
| ପୁରୀ | ୩୩.୬ | ୨୭.୦ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୩.୪ | ୨୫.୪ |
| ଝାରସୁଗୁଡ଼ା | ୩୪.୬ | ୨୫.୦ |
| କେନ୍ଦୁଝର | ୩୨.୨ | ୨୧.୪ |
| ସମ୍ବଲପୁର | ୩୫.୩ | ୨୫.୬ |
| ସୁନ୍ଦରଗଡ଼ | ୩୨.୦ | ୨୧.୦ |
| ହୀରାକୁଦ | ୩୪.୭ | ୨୫.୬ |
| ତାଳଚେର | ୩୪.୩ | ୨୪.୬ |
| ଭବାନୀପାଟଣା | ୩୩.୦ | ୨୪.୦ |
| ବଲାଙ୍ଗୀର | ୩୪.୬ | ୨୪.୮ |
| କୋରାପୁଟ | ୨୮.୦ | ୧୮.୦ |
| ଫୁଲବାଣୀ | ୩୧.୦ | ୨୦.୦ |
| ଟିଟିଲାଗଡ଼ | ୩୩.୫ | ୨୨.୫ |
| ମାଲକାନଗିରି | ୩୩.୫ | --- |
| ସୋନପୁର | ୩୫.୮ | ୨୩.୬ |
| ଦାରିଙ୍ଗିବାଡ଼ି | --- | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ନିରାମିଷାଶୀ ପାଲଟିଲେ ତମନ୍ନା



**ମୁମ୍ବାଇ:** ଆମିଷ ଭୋଜନପ୍ରିୟ ତମନ୍ନା ଭାଟିଆ ଏବେ ନିରାମିଷାଶୀ ପାଲଟି ଯାଇଛନ୍ତି। ସେ ଚିକେନ୍, ମଟନ୍ ଏବଂ ମାଛ ଖାଇବାରେ ରୁଚି ରଖନ୍ତି। କିନ୍ତୁ ଆମିଷ ପ୍ରତି ତାଙ୍କର ବୈରାଗ୍ୟ ଆସିବାର ମୁଖ୍ୟ କାରଣ ହେଲା ତାଙ୍କର ୫ ବର୍ଷର ପୋଷାକୁକୁର ପେବଲ୍ ରୋଗଗ୍ରସ୍ତ ହୋଇପଡ଼ିଛି। ଏ ସମ୍ପର୍କରେ ତମନ୍ନା କହନ୍ତି, ମୁଁ ଯେମିତି ଜଣେ ପଶୁପ୍ରେମୀ ସେଭଳି ଜଣେ ଆମିଷପ୍ରିୟ। ତେବେ ଆମିଷ ମୋର ଅଭ୍ୟାସଗତ ହୋଇଯାଇଥିବାରୁ ଏହାକୁ ଛାଡିବା କଷ୍ଟକର ମନେହେଉଥିଲା। କିନ୍ତୁ ଗତମାସରେ ପେବଲ୍ ପକ୍ଷାଘାତ ରୋଗରେ ପଡିବାରୁ ଆମିଷ ଛାଡ଼ିବାକୁ ବଜ୍ର ଶପଥ ନେଲି। କାରଣ ତାକୁ ମୁଁ ଖୁବ୍ ଭଲ ପାଏ। ସେ ଆମ ପରିବାରର ଅନ୍ୟତମ ସଦସ୍ୟ। ସେ ମୋର ପ୍ରିୟତମ ସାଥୀ। ସେ ରୋଗରେ ପଡ଼ିଥିବା କାରଣରୁ ଆମିଷ ଭକ୍ଷଣ ଛାଡ଼ିଦେଲେ କାଳେ ଆରୋଗ୍ୟ ହୋଇଯିବ ବୋଲି ଚିନ୍ତାକଲି। ତେଣୁ ଆମିଷ ତ୍ୟାଗ କରିବାକୁ ପ୍ରତିଜ୍ଞା କଲି। ଏହା ମୋର ତ୍ୟାଗପଣିଆର ଏକ ନମୁନା। ତମନ୍ନା ବର୍ତ୍ତମାନ 'କୁଇନ୍', 'ସାଇରା ନରସିଂହ ରେଡ୍ଡୀ', 'କାନ୍ନେ କାଲାଇମାନ୍ନେ' ଏବଂ 'ଏଫ୍୨ ଫନ୍ ଆଣ୍ଡ ଫ୍ରଷ୍ଟ୍ରେଟିଂ' ଫିଲ୍ମର ତେଲୁଗୁ ରିମେକ୍ ପାଇଁ କାମ କରୁଛନ୍ତି। ତାଙ୍କ ଅଭିନୀତ ଫିଲ୍ମ 'ସନ୍ଦୀପ କିଷନ୍' ମୁକ୍ତିଲାଭ କରିବାକୁ ଯାଉଛି।






ଆଧାର କେଉଁ କେଉଁ ସ୍ଥାନରେ ବାଧ୍ୟତାମୂଳକ ତାହା ସୁପ୍ରିମ୍‌କୋର୍ଟ ଘୋଷଣା କରିଛନ୍ତି। ଏହାସତ୍ତ୍ୱେ ମଧ୍ୟ ମୁମ୍ବାଇରେ ଘଟିଛି ଏକ ଅଭାବନୀୟ ଘଟଣା। ଏଠାରେ ଜଣେ ୭୮ ବର୍ଷ ବୟସ୍କା ବୃଦ୍ଧାଙ୍କ ପାଖରେ ଆଧାର ନ ଥିବାରୁ ତାଙ୍କୁ ମହାରାଷ୍ଟ୍ର ପରିବହନ ନିଗମର ଏକ ଯାତ୍ରୀବାହୀ ବସ୍‌ରୁ ବାହାର କରି ଦିଆଯାଇଛି। ବୃଦ୍ଧା କେଶର ବେନ୍‌ଙ୍କ ପୁଅ କେତନ ଏବଂ ବୋହୂ ଶିଳ୍ପା ଏନେଇ ରାଜ୍ୟ ପରିବହନ ନିଗମ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ବସ୍ ଡ୍ରାଇଭର ଏବଂ କଣ୍ଡକ୍ଟରଙ୍କୁ ପଚରା ଉଚରା କରାଯାଇଛି।


DADLS-119

ଉନ୍ନତି ପଥେ ଓଡ଼ିଶା ସହରାଞ୍ଚଳ

ଅମୃତ ଯୋଜନାରେ ସହରୀ ଭିତ୍ତିଭୂମି ପ୍ରକଳ୍ପ ଏବଂ ସହରୀ ପ୍ରଶାସନିକ ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି **ଓଡ଼ିଶା** ଲଗାତାର **ତୃତୀୟ ବର୍ଷ** ପାଇଁ ପୁରସ୍କୃତ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର





15001/13/0256/1819

ଆମ ସହର ଆମ ଉନ୍ନତି
@Naveen_Odisha
CMO.Odisha
@CMO_Odisha


## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀ ସାମାନ୍ୟ ଅସୁସ୍ଥ

**ଭୁବନେଶ୍ୱର,୨୭।୯(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ସାମାନ୍ୟ ଅସୁସ୍ଥ ହୋଇଛନ୍ତି। ସଂକ୍ରାମକ ଜ୍ୱର ଏବଂ ଥଣ୍ଡା କାରଣରୁ ମୁଖ୍ୟମନ୍ତ୍ରୀ ଅସୁସ୍ଥ ହୋଇଥିବା କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ଦୁଇ ଦିନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ହେଲେ ସେ ସବୁଦିନ ଭଳି ସଚିବାଳୟରେ ଥିବା ନିଜ କାର୍ଯ୍ୟାଳୟକୁ ଆସିବେ। ରାଜଧାନୀରେ ଥିବା କାର୍ଯ୍ୟକ୍ରମଗୁଡ଼ିକରେ ମୁଖ୍ୟମନ୍ତ୍ରୀ ଯୋଗଦେବେ ବୋଲି ସୂତ୍ରରୁ ପ୍ରକାଶ।

### କୋଦଳା ସବ୍‌ଜେଲରୁ ବିଚାରାଧୀନ ବନ୍ଦୀ ଚମ୍ପଟ

**ବେଗୁନିଆପଡ଼ା,୨୭।୯(ଡି.ଏନ.ଏ.):** ଗଞ୍ଜାମ ଜିଲା କୋଦଳା ସବ୍ -ଜେଲରୁ ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଜଣେ ବିଚାରାଧୀନ ବନ୍ଦୀ ଗାର୍ଡଙ୍କୁ ଧକ୍କା ଦେଇ ଚମ୍ପଟ ମାରିଛନ୍ତି। ସେ ହେଲେ କବିସୂର୍ଯ୍ୟନଗର ଥାନା ହଣ୍ଡଳା ଗ୍ରାମର ସନ୍ତୋଷ କୁମାର ବେହେରା (୨୭)। ଚଳିତ ମାସ ୧ ତାରିଖରେ ସନ୍ତୋଷ ଏକ ଡ଼କାୟତି ମାମଲାରେ ଗିରଫ ହୋଇ ବିଚାରାଧୀନ ବନ୍ଦୀ ଭାବେ କୋଦଳା ସବ-ଜେଲରେ ବନ୍ଦୀ ଥିଲେ। ପ୍ରାପ୍ତ ସୂଚନା ମୁତାବକ ଗୁରୁବାର ୧୧ଟା ସମୟରେ ସନ୍ତୋଷଙ୍କ ଓକିଲ ଆସି ଅଦାଲତନାମାରେ ଦସ୍ତଖତ କରିବା ପାଇଁ ଡ଼ାକିଥିଲେ। ଏହି ସମୟରେ ୩ଜଣ ଯୁବକ କିଛି ଖାଦ୍ୟ ପଦାର୍ଥ ଆଣି ସନ୍ତୋଷଙ୍କୁ ଦେବା ପାଇଁ ଗାର୍ଡ ରାଧାମୋହନ ସେଠୀଙ୍କୁ ଦେଇଥିଲେ। ଉକ୍ତ ଖାଦ୍ୟ ପଦାର୍ଥକୁ ଗାର୍ଡ ଯାଞ୍ଚ କରୁଥିବା ସମୟରେ ସନ୍ତୋଷ ଗାର୍ଡଙ୍କୁ ଧକ୍କା ଦେଇଥିଲା। ଫଳରେ ଗାର୍ଡ ତଳେ ପଡ଼ି ଯାଇଥିଲେ। ଏହି ସମୟରେ ସନ୍ତୋଷ ଚମ୍ପଟ ମାରିଥିଲେ। ଏ ସମ୍ପର୍କରେ ଜେଲର ରାଜ କୁମାର ସାହୁ କହଛନ୍ତି ଯେ, ସେ ଆଜି ସାଢେ ୧୦ଟାରେ କୋଦଳା ସବଜଜ୍‌ଙ୍କ ମିଟିଙ୍ଗକୁ ଯାଇଥିଲେ। ବାଟରେ ହଠାତ୍ ବିଚାରାଧୀନ ବନ୍ଦୀ ଚମ୍ପଟ ମାରିଥିବା ଖବର ପାଇଥିଲେ। ସେଠାରୁ ଫେରି ଆସି ଗାର୍ଡଙ୍କଠାରୁ ସମସ୍ତ ଘଟଣା ଶୁଣିବା ପରେ କୋଦଳା ଥାନାରେ ଏତଲା ଦେଇଥିବା କହିଛନ୍ତି।




# ମୋଦିଙ୍କୁ ‘ଚାମ୍ପିୟନ୍ସ ଅଫ୍ ଆର୍ଥ’ ଆୱାର୍ଡ

**ମିଳିତ ଜାତିସଂଘ/ନୂଆଦିଲ୍ଲୀ,୨୭।୯(ପି.ଟି.)**

ମିଳିତ ଜାତିସଂଘର ସର୍ବଶ୍ରେଷ୍ଠ ପରିବେଶ ସମ୍ମାନ ପାଇବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଅନ୍ତର୍ଜାତୀୟ ସୌର ମେଣ୍ଟ ଗଠନ ଏବଂ ୨୦୨୨ ସୁଦ୍ଧା ଭାରତରେ ସିଙ୍ଗିଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରିବାକୁ ନେଇ ଆରମ୍ଭ କରିଥିବା ଅଭିଯାନ ପାଇଁ ମୋଦିଙ୍କୁ ଚଳିତ ବର୍ଷର ‘ଚାମ୍ପିୟନ୍ସ ଅଫ୍ ଦି ଆର୍ଥ’ ଆୱାର୍ଡ ପାଇଁ ଚୟନ କରାଯାଇଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ୍ ମାକ୍ରଁଙ୍କୁ ମଧ୍ୟ ମିଳିତ ଭାବେ ଏହି ଆୱାର୍ଡ ବିଜୟୀ ଘୋଷଣା କରାଯାଇଛି। ପ୍ରକାଶ ଯେ, ଅନ୍ତର୍ଜାତୀୟ ସୌର ମେଣ୍ଟ ଗଠନ ଏବଂ ଅକ୍ଷୟ ଶକ୍ତିର ପ୍ରଚାର ପ୍ରସାର ଦିଗରେ ମୋଦି ଏବଂ ମାକ୍ରଁ ମିଳିତ ଭାବେ ଉଦ୍ୟମ କରିଛନ୍ତି। ଏହି ଦୁଇନେତାଙ୍କ ସମେତ ୬ ଜଣଙ୍କୁ ‘ଚାମ୍ପିୟନ୍ସ ଅଫ୍ ଦି ଆର୍ଥ’ ଆୱାର୍ଡ ପ୍ରଦାନ କରାଯିବ। ବର୍ତ୍ତମାନ ସମୟରେ ପୃଥିବୀ ସମ୍ମୁଖୀନ ହେଉଥିବା କେତେକ ଜଟିଳ ପରିବେଶ ଚ୍ୟାଲେଞ୍ଜର ମୁକାବିଲା କରିବା ଦିଗରେ ଅକ୍ଲାନ୍ତ ପରିଶ୍ରମ ଯୋଗୁ ସେମାନଙ୍କୁ ସମ୍ମାନିତ କରାଯିବ ବୋଲି ଜାତିସଂଘ ପରିବେଶ ଅଭିଯାନ ପକ୍ଷରୁ କୁହାଯାଇଛି। ଅକ୍ଷୟଶକ୍ତି ବ୍ୟବହାର କ୍ଷେତ୍ରରେ ନେତୃତ୍ୱ ପାଇଁ କୋଚିନ୍ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଏବର୍ଷର ‘ଏଣ୍ଟପ୍ରିନ୍ୟୁରାଲ୍ ଭିଜନ୍’ ଆୱାର୍ଡ ପ୍ରଦାନ କରାଯିବ। ସେହିପରି ପରିବେଶ ସୁରକ୍ଷା କର୍ମୀ ଜୋନ୍ ଚାର୍ଲିଙ୍କୁ ମଧ୍ୟ ‘ଚାମ୍ପିୟନ୍ସ ଅଫ୍ ଦି ଆର୍ଥ ସମ୍ମାନ’ ପାଇଁ ଚୟନ କରାଯାଇଛି। ବିୟଣ୍ଡ ମିଟ୍ ଏବଂ ଇମ୍ପସିବୁଲ୍ ଫୁଡ୍‌ସକୁ ମିଳିତ ଭାବେ ବିଜ୍ଞାନ ଓ ସୃଜନ ବର୍ଗରେ ପରିବେଶ ପୁରସ୍କାର ମିଳିବ। ମିଳିତ ଜାତିସଂଘର ୭୩ତମ ଜେନେରାଲ୍ ଆସେମ୍ବ୍ଲି ଉପରାନ୍ତେ ଚଳିତ ସପ୍ତାହରେ ‘ଚାମ୍ପିୟନ୍ସ ଅଫ୍ ଦି ଆର୍ଥ’ ଗାଲାରେ ପୁରସ୍କାର ପ୍ରଦାନ କରାଯିବ। ଏହି ସମ୍ମାନ ପାଇଁ ଜାତିସଂଘକୁ ଧନ୍ୟବାଦ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦି।

**ସମଗ୍ର ଦେଶକୁ ସମ୍ମାନ: ପ୍ରଧାନମନ୍ତ୍ରୀ**



# ସବୁ ଜିଲାରେ ବସିବ ପେନ୍‌ସନ ଅଦାଲତ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**

ଅବସର ଗ୍ରହଣ ପରେ ଶିକ୍ଷକମାନଙ୍କୁ ସେମାନଙ୍କ ପେନ୍‌ସନ, ଗ୍ରାଚ୍ୟୁଇଟି ଓ ଅନ୍ୟାନ୍ୟ ଅବସରକାଳୀନ ସୁବିଧା ସୁଯୋଗ ତୁରନ୍ତ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ବିଭିନ୍ନ ଜିଲାରେ ପେନ୍‌ସନ ଅଦାଲତ ଅନୁଷ୍ଠିତ ହେବ। ଅକ୍ଟୋବର ୨୮, ନଭେମ୍ବର ୪ ଓ ୧୧ ମଧ୍ୟରୁ ଯେକୌଣସି ଗୋଟିଏ ଦିନ ଜିଲା ଶିକ୍ଷାଅଧିକାରୀ ପେନ୍‌ସନ ଅଦାଲତ ମାଧ୍ୟମରେ ଶିକ୍ଷକମାନଙ୍କର ପେନ୍‌ସନ ଓ ଗ୍ରାଚ୍ୟୁଇଟି ସମ୍ପର୍କିତ ମାମଲା ଫଇସଲା କରିବେ ବୋଲି ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ଅଦାଲତକୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କର ନଥିପତ୍ର ଉପସ୍ଥାପନର ତ୍ରୁଟି ପରିଲକ୍ଷିତ ହେଲେ ଅଧିକାରୀଙ୍କ ପରାମର୍ଶକ୍ରମେ ପୁନର୍ବାର ପେନ୍‌ସନଧାରୀମାନେ ପରବର୍ତ୍ତୀ ଅଦାଲତରେ ଉପସ୍ଥିତ ରହି ସେମାନଙ୍କ ମାମଲାକୁ ଫଇସଲା କରିବାର ସୁଯୋଗ ପାଇବେ।

ଅନେକ କ୍ଷେତ୍ରରେ ସର୍ଭିସ୍ ବୁକ୍ ନ ମିଳିବା, କୋର୍ଟ କେସ୍, ଚାକିରିରେ ଅନିୟମିତତା, ଉତ୍ତରାଧିକାରୀ ପ୍ରମାଣପତ୍ରର ଅଭାବ, ଦାଖଲ କରାଯାଇଥିବା ପେନ୍‌ସନ କାଗଜପତ୍ରରେ ତ୍ରୁଟି ଇତ୍ୟାଦି ରହିଥିବା ଲକ୍ଷ୍ୟ କରାଗଲା। ଫଳରେ ଶହ ଶହ ଶିକ୍ଷକ ଦୀର୍ଘବର୍ଷ ଧରି ପେନ୍‌ସନ ସମେତ ସେମାନଙ୍କ ଅବସରକାଳୀନ ସୁବିଧା ପାଇ ନୁଥିବା ବିଭାଗ ଦୃଷ୍ଟିକୁ ଆସିଥିଲା। ଏଥିଲାଗି ପେନ୍‌ସନ ଅଦାଲତ ମାଧ୍ୟମରେ ଏହି ମାମଲାଗୁଡିକ ତୁରନ୍ତ ଫଇସଲା କରିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ଗ୍ରହଣ କରିଥିବା କୁହାଯାଇଛି। ପେନ୍‌ସନ ଅଦାଲତ ଅନୁଷ୍ଠିତ ହେବା ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀମାନେ ପ୍ରଭାବିତ ପେନ୍‌ସନଧାରୀଙ୍କୁ ଯଥେଷ୍ଟ ପୂର୍ବରୁ ଠିକ୍ ଭାବରେ ଯୋଗାଯୋଗ କରିବେ। ସେମାନଙ୍କ ଉପସ୍ଥିତିକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। କୌଣସି ପେନ୍‌ସନ ଭୋଗୀ ଏହି ଅଦାଲତ ସମ୍ପର୍କରେ ସୂଚନା ପାଇ ନ ଥିବେ ସେମାନେ ତୁରନ୍ତ ଜିଲା ଶିକ୍ଷାଧିକାରୀ କିମ୍ବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ପେନ୍‌ସନ ଅଦାଲତର ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟ ସମ୍ପର୍କରେ ଅବଗତ ହେବାକୁ ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ଅକ୍ଟୋବର ପହିଲାରୁ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ

**ପୁରୀ ଅଫିସ, ୨୭।୯**

ଶ୍ରୀମନ୍ଦିରରେ ସଂସ୍କାର ଆଣିବାକୁ ହେଲେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଅଗ୍ରାଧିକାର ଦେବାକୁ ପଡ଼ିବ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶକୁ ପାଳନ କରିବାକୁ ଯାଉଛି ଶ୍ରୀମନ୍ଦିର ପ୍ରଶାସନ। ଆସନ୍ତା ଅକ୍ଟୋବର ୧ରୁ ପରୀକ୍ଷାମୂଳକଭାବେ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡ଼ିଦର୍ଶନ ବ୍ୟବସ୍ଥା। ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ ଲାଗି ପରିବର୍ତ୍ତନ କରାଯାଇପାରିବ। ଗୁରୁବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଏହି ବ୍ୟବସ୍ଥା ଆରମ୍ଭ ହେଲେ ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରିପାରିବେ। ଏହାପରେ ବାଇଶିପାହାଚ, ଭିତର ଗୁମୁଟ, ସାତପାହାଚ ଦେଇ ନାଟମଣ୍ଡପକୁ ଯିବେ। ନାଟମଣ୍ଡପରୁ ଜଗମୋହନ ମଧ୍ୟରେ ଅସ୍ଥାୟୀ ବ୍ୟାରିକେଡ଼ ବ୍ୟବସ୍ଥା ରହିବ। ନୀତି ସମୟରେ ବ୍ୟାରିକେଡ଼କୁ ହଟାଇ ଦିଆଯିବ। ଦର୍ଶନାର୍ଥୀ ପ୍ରଥମେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିସାରି ବେଢ଼ା ପରିକ୍ରମା କରି ଅନ୍ୟ ତିନିଦ୍ୱାର ଦେଇ ବାହାରିବେ। ଭିତରକାଠ ଦର୍ଶନ ବେଳେ ୩ଟି ଏବଂ ବାହାରକାଠ ଦର୍ଶନ ବେଳେ ୫ଟି ଧାଡ଼ି ହେବାର ସମ୍ଭାବନା ରହିଛି। ଭିତରକାଠ ଦର୍ଶନ ପାଇଁ ଜୟବିଜୟ ଦ୍ୱାର ଦେଇ ପ୍ରବେଶ କରି ବେହେରଣ ଦ୍ୱାରରେ ବାହାରିବେ। ବାହାରକାଠ ଦର୍ଶନ ସମୟରେ ଘଣ୍ଟି ଦ୍ୱାର ଏବଂ ଗାରଦ ଦ୍ୱାର ଦେଇ ବାହାରିବେ।


BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in :
Gold, Diamond & Silver
Gold 24 CT - ₹ 31,400/- 10gm.
Gold 22 CT - ₹ 30,300/- 10gm.
Silver Rate - ₹ 370/- / 10gm.
Making Charge - ₹ 100/- onwards / 1gm.
Condition Apply
Lowest gold Rate & Making Charges



ଓଡ଼ିଶାର ଘରେ ଘରେ ପରିଚିତ ।
ହାଇପାୱାର ®
ସ୍କେବିଡଲ୍
ମଲମ ଓ ଲୋସନ୍
ଯାଦୁ, ପାଣିକଦା ଓ ଗୋଡ଼ଫଟା ପାଇଁ ଫଳପ୍ରଦ



NECC NATIONAL EGG CO-ORDINATION COMMITTEE
27.09.2018
Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 60 | 106 | 116 |

Eggs Retail Price- 47/-Dozen
Issued in the Interest of Consumers
*Conditions Apply


# ଆଜି ୩୦ତମ ଜିଏସ୍‌ଟି କାଉନ୍‌ସିଲ ବୈଠକ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**

ଜିଏସ୍‌ଟି କାଉନ୍‌ସିଲର ୩୦ତମ ବୈଠକ ୨୮ତାରିଖ ପୂର୍ବାହ୍ନ ୧୧ଟା ସମୟରେ ଅନୁଷ୍ଠିତ ହେବ। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ବସିବାକୁ ଥିବା ଏହି ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହେବ। ଏନ୍‌ଆଇସି, ଭୁବନେଶ୍ୱରଠାରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ରାଜ୍ୟ ଅର୍ଥମନ୍ତ୍ରୀ ତଥା ଜିଏସ୍‌ଟି କାଉନ୍‌ସିଲ ସଦସ୍ୟ ଶଶିଭୂଷଣ ବେହେରା ଓଡିଶାରୁ ପ୍ରତିନିଧିତ୍ୱ କରିବେ। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତୁହୀନକାନ୍ତ ପାଣ୍ଡେ, କମିଶନର ଅଫ୍ କମର୍ସିଆଲ ଟ୍ୟାକ୍ସ ଏବଂ ଜିଏସ୍‌ଟି ଶାଶ୍ୱତ ମିଶ୍ରଙ୍କ ସମେତ ବିଭାଗର ଅନ୍ୟ ପଦାଧିକାରୀ ଯୋଗଦେବେ ବୋଲି ଜଣାପଡିଛି।

# ଦୁର୍ଦ୍ଧାନ୍ତ ମାଧବ ଖୁଣ୍ଟିଆ, ୩ ସହଯୋଗୀ ଗିରଫ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**

- ଟିଟୋ, ରାଜା ଆଚାର୍ଯ୍ୟ, ହାଇଦର, ଅନିଲ ଛୋଟରାୟଙ୍କ ଗ୍ୟାଙ୍ଗ୍ ପାଇଁ କାମ କରୁଥିଲେ
- ମାଧବଙ୍କ ନାଁରେ ରହିଛି ୧୩୭ ମାମଲା

ଗ୍ୟାଙ୍ଗଷ୍ଟର ଟିଟୋଙ୍କ ସହଯୋଗୀ ତଥା ଦୁର୍ଦ୍ଧାନ୍ତ ଅପରାଧୀ ସଚ୍ଚିଦାନନ୍ଦ ଖୁଣ୍ଟିଆ ଓରଫ ମାଧବଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଏଥିସହ ମାଧବଙ୍କ ଅନ୍ୟ ୩ ସହଯୋଗୀ କଟକ ଜିଲା ଟାଙ୍ଗୀ ଥାନା ଅଧୀନ ଗୋପାଳପୁର ଅଞ୍ଚଳର ପ୍ରଦୀପ ନାୟକ ଓରଫ ଚଗଲା, ନିଆଳି ଥାନା ଅଞ୍ଚଳର ପ୍ରତାପ ଚନ୍ଦ୍ର ସାହୁ ଏବଂ ବଲାଙ୍ଗୀର ଜିଲା ମଲମୁଣ୍ଡା ଟାଉନ ଅଞ୍ଚଳର ସୟଦ ଇମ୍‌ତିଆଜ ଅଲୀଙ୍କୁ ମଧ୍ୟ ଏସ୍‌ଟିଏଫ ଗିରଫ କରିଛି। ମାଧବଙ୍କ ଘର ନିଆଳିର ରାଣୀତୋଳା ଅଞ୍ଚଳରେ ହୋଇଥିବାବେଳେ କଟକ, ଭୁବନେଶ୍ୱର, ବଲାଙ୍ଗୀର, କେନ୍ଦ୍ରାପଡ଼ା ସମେତ ବିଭିନ୍ନ ଥାନାରେ ତାଙ୍କ ନାମରେ ୧୩୭ଟି ମାମଲା ରହିଛି। ସେ ଟିଟୋ, ରାଜା ଆଚାର୍ଯ୍ୟ, ହାଇଦର, ଅନିଲ ଛୋଟରାୟଙ୍କ ଭଳି ଗ୍ୟାଙ୍ଗଷ୍ଟରମାନଙ୍କ ସହିତ କାମ କରିବା ସହ ସେମାନଙ୍କ ମୁଖ୍ୟ ହାତବାରିସି ଥିଲେ।

ସୂଚନା ମୁତାବକ, ମାଧବ ଦୀର୍ଘ ୩୦ବର୍ଷ ଧରି ଅପରାଧ ଦୁନିଆରେ ସକ୍ରିୟ ଥିଲେ। ଟିଟୋ, ହାଇଦର, ଅନିଲ ଛୋଟରାୟଙ୍କ ଗ୍ୟାଙ୍ଗ ପାଇଁ ସେ ହତ୍ୟା, ଡକାୟତି, ଅପହରଣ, ବୋମାମାଡ଼, ବଟି ଆଦାୟ ଭଳି ଆପରାଧିକ କାର୍ଯ୍ୟର ସୁପାରି ନେଉଥିଲେ। ଏଥିପାଇଁ ତାଙ୍କୁ ମୋଟା ଅଙ୍କର ଅର୍ଥ ମିଳୁଥିଲା। ସେ ନିଜ ସହଯୋଗୀଙ୍କ ସହାୟତାରେ ଏସବୁ କାର୍ଯ୍ୟ କରଉଥିଲେ। ସବୁ ଗ୍ୟାଙ୍ଗ ସହିତ ତାଙ୍କର ଭଲ ସମ୍ପର୍କ ରହିଥିଲା। କେନ୍ଦ୍ରାପଡା, କଟକ, ଭୁବନେଶ୍ୱରର ବିଭିନ୍ନ ଥାନାରେ ଟିଟୋଙ୍କ ସହିତ ମାଧବଙ୍କ ନାମରେ ୩୫ଟି ମାମଲା ରହିଥିବାବେଳେ ଅନିଲ ଛୋଟରାୟଙ୍କ ସହିତ ୧୨ଟି ମାମଲା, ହାଇଦରଙ୍କ ସହିତ ୨୮ ମାମଲା, ରାଜା ଆଚାର୍ଯ୍ୟଙ୍କ ସହ ୩୩ ମାମଲା ଏବଂ ସପୋଙ୍କ ନାମରେ ଥିବା ୧୬ ମାମଲାରେ ତାଙ୍କ ସମ୍ପୃକ୍ତି ରହିଛି। ପୂଜା ପୂର୍ବରୁ କଟକ, ଭୁବନେଶ୍ୱର, ବଲାଙ୍ଗୀର ଓ ସମ୍ବଲପୁର ଅଞ୍ଚଳରେ ବୋମାମାଡ଼ କରି ଡକାୟତି ଓ ଦାଦାବଟି ସଂଗ୍ରହ କରିବାକୁ ମାଧବ ତାଙ୍କ ସହଯୋଗୀଙ୍କ ସହିତ ମିଶି ଯୋଜନା କରୁଥିଲେ। ବଲାଙ୍ଗୀର ଅଞ୍ଚଳରୁ କୋଟିଏ ଟଙ୍କା ଡକାୟତି କରିବା ନେଇ ମଧ୍ୟ ଯୋଜନା ଥିଲା। ଏ ସମ୍ପର୍କରେ ଏସ୍‌ଟିଏଫକୁ ସୂଚନା ମିଳିଥିଲା। ଏସ୍‌ଟିଏଫ୍‌ର ଏକ ଟିମ୍ ତାଙ୍କ ଉପରେ ନଜର ରଖିଥିବାବେଳେ ଗୁରୁବାର ତାଙ୍କୁ ଏବଂ ତାଙ୍କ ୩ ସହଯୋଗୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ନିକଟରୁ ଏକ ପିସ୍ତଲ ସହ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରଯାଇଛି। ଏ ନେଇ ଦଫା ୩୯୯/୪୦୨/ଏବଂ ୨୫/୨୭ ଆର୍ମସ ଆକ୍ଟରେ ଏକ ମାମଲା(୧୭/୧୮) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।




with you hamesha 1800-209-6006
UDAY
10 ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ଆଉ ଅନ୍ୟ ଆକର୍ଷକ ସୁବିଧା ସବୁ କେବଳ ଉଦୟ ମେମ୍ବର୍ସଙ୍କ ପାଇଁ
2600 ସର୍ଭିସ୍ ପଏଣ୍ଟ
ଟେଷ୍ଟ ଡ୍ରାଇଭ୍‌ର ସୁବିଧା ଉପଲବ୍ଧ । ଅଧିକ ସୂଚନା ପାଇଁ ଆପଣଙ୍କ ନିକଟସ୍ଥ ଡିଲରଙ୍କ ସହ ସମ୍ପର୍କ କରନ୍ତୁ କିମ୍ବା SMS କରନ୍ତୁ 'SMT' 5757577 କୁ ।
UTKAL AUTOMOBILES: BHUBANESWAR, CUTTACK, JAGATSINGHPUR, JAJPUR, KENDRAPARA, PURI, NAYAGARH, KHURDA: 9873942631
ADITYA MOTORS: CUTTACK, JAGATSINGHPUR, JAJPUR, PANIKOILI, KENDRAPARA, PURI, NAYAGARH, KHURDA: 7873999023, 7873999040
*Terms & Conditions Apply, Consumer can avail consumer benifits or 3 years maintenance + warranty scheme



ଭାରତୀୟ ବାୟୁସେନାର ଉପମୁଖ୍ୟ ଏୟାର ମାର୍ଶଲ ଏସ୍.ବି. ଦେଓ ବୁଧବାର ଭୁଲବଶତଃ ନିଜକୁ ଗୁଳି କରିଦେଇଛନ୍ତି। ଏବେ ତାଙ୍କର ଚିକିତ୍ସା ଦିଲ୍ଲୀର ମିଲିଟାରି ହସ୍ପିଟାଲରେ ଚାଲିଛି। ବର୍ତ୍ତମାନର ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଜଣାପଡ଼ିଛି। କିଭଳି ଏମିତି ଘଟିଲା ସେ ସମ୍ପର୍କରେ ଜଣାପଡିନାହିଁ। ୨୦୧୭ ଜାନୁୟାରୀରେ ଦେଓ ବାୟୁସେନାର ଉପମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିଲେ।






■ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ସଚେତନତା ରଥର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

ଗରିବ ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରିବା ସକାଶେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଚାର ରଥ ସମଗ୍ର ରାଜ୍ୟରେ ବୁଲିବ। ଏହି ପ୍ରଚାର ରଥକୁ ଗୁରୁବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରେ ବିଜୁ ସ୍ୱାସ୍ଥ୍ୟ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବ। ପ୍ରଥମ ପର୍ଯ୍ୟାୟରେ ଏହି ରଥ ଗଞ୍ଜାମ, ଖୋର୍ଦ୍ଧା, ସମ୍ବଲପୁର, ସୁନ୍ଦରଗଡ଼, କଳାହାଣ୍ଡି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, କଟକ, ବଲାଙ୍ଗୀର ଆଦି ୧୦ ଜିଲାରେ ପ୍ରଚାର କରିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ରଥ ଅନ୍ୟ ଜିଲାଗୁଡ଼ିକରେ ବୁଲି ଲୋକଙ୍କୁ ସଚେତନ କରାଇବ। ଏ ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଏହି ରଥ ମାଧ୍ୟମରେ ଯୋଜନା ବିଷୟରେ ସମସ୍ତ ତଥ୍ୟ ଲୋକମାନଙ୍କ ନିକଟରେ ପହଞ୍ଚାଯିବ। ଗାଁ ଲୋକକଳା ସଂଘ ଓ ସହରାଞ୍ଚଳ ଲୋକକଳା ସଂଘ ସଦସ୍ୟମାନେ ସ୍ଥାନୀୟ ଭାଷାରେ ଅଭିନୟ ମାଧ୍ୟମରେ ଏହି ଯୋଜନାର ମଧ୍ୟ ପ୍ରଚାର କରିବେ। ବିଭିନ୍ନ ବର୍ଗର ଲୋକମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଜିଲା ଚିକିତ୍ସାଳୟ ପର୍ଯ୍ୟନ୍ତ ବିନା ମୂଲ୍ୟରେ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଥିବା ଓଡ଼ିଶାର ୭୦ ଲକ୍ଷ ପରିବାରକୁ ଜଣ ପିଛା ୫ ଲକ୍ଷ ଓ ମହିଳାଙ୍କ କ୍ଷେତ୍ରରେ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ପ୍ରଦାନ କରାଯିବ। ବିଜୁ କୃଷକ କଲ୍ୟାଣ ଯୋଜନା, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା ଏବଂ ଓଡ଼ିଶା ରାଜ୍ୟ ଚିକିତ୍ସା ବୀମା ପାଇଁ ଯୋଗ୍ୟ ବିବେଚିତ ସମସ୍ତ ପରିବାର ଏହି ଯୋଜନାରେ ସାମିଲ ହୋଇଛନ୍ତି। ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଏହି ଯୋଜନା ମାସକ ମଧ୍ୟରେ ୪୫ ଲକ୍ଷ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିବା ମନ୍ତ୍ରୀ କହିଛନ୍ତି।



- **ପ୍ରଥମ ପର୍ଯ୍ୟାୟରେ ୧୦ ଜିଲାରେ ବୁଲିବ**
- **ମାସକ ମଧ୍ୟରେ ୪୫ ଲକ୍ଷ ହିତାଧିକାରୀ ମାଗଣା ସ୍ୱାସ୍ଥ୍ୟସେବା ପାଇଛନ୍ତି**

■ ଅଗରତାଲାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଘଟଣା

# ସୁରକ୍ଷା ପ୍ରତିଶ୍ରୁତି ଦେଲେ ତ୍ରିପୁରା ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର(ବ୍ୟୁରୋ)/ପୁରୀ ଅଫିସ/ ବାଲେଶ୍ୱର ଅଫିସ,୨୭।୯**

ତ୍ରିପୁରାର ଅଗରତାଲାସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରେ ପଢୁଥିବା ଓଡିଶାର ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦିଆଯାଉଛି। ସ୍ଥାନୀୟ ଛାତ୍ର ଏବଂ ଅଣଛାତ୍ର ମିଶି ସେମାନଙ୍କୁ ଆକ୍ରମଣ କରିଛନ୍ତି। ଏ ନେଇ ଭିଡିଓ ଭାଇରାଲ ହେବା ପରେ ଘଟଣାଟି ପଦାକୁ ଆସିଛି। ଏହି ପ୍ରସଙ୍ଗରେ ଓଡ଼ିଶା ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ତ୍ରିପୁରା ପୋଲିସ ଡିଜିଙ୍କ ସହ ଆଲୋଚନା କରିଛନ୍ତି। ଓଡିଆ ପିଲାଙ୍କୁ ସୁରକ୍ଷା ଦେବା ସହିତ ଯେଉଁମାନେ ନିର୍ଯାତନା ଦେଇଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶର୍ମା ତ୍ରିପୁରା ଡିଜିପିଙ୍କୁ ଅନୁରୋଧ କରିଛନ୍ତି। ତ୍ରିପୁରା ଡିଜିପି ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଶର୍ମା କହିଛନ୍ତି। ସେହିପରି ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ଟୁଇଟ୍ କରି କହିଛନ୍ତି, ଓଡିଶାର ଛାତ୍ରୀଛାତ୍ର ହେଉଛନ୍ତି ତ୍ରିପୁରାର ଛାତ୍ରୀଛାତ୍ର। ତ୍ରିପୁରାରେ ଅସାମାଜିକମାନଙ୍କୁ ବରଦାସ୍ତ କରାଯିବ ନାହିଁ। ତ୍ରିପୁରାରେ ଭାରତର ଯେକୌଣସି ରାଜ୍ୟର ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦିଆଯିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗର ଜଣେ ପ୍ରତିନିଧି ଏବଂ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଧାମାଧବ ଦାଶ ତ୍ରିପୁରା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ଘଟଣାକୁ ନେଇ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନକୁ କର୍ତ୍ତୃପକ୍ଷ ୩ଦିନ ପାଇଁ ବନ୍ଦ ଘୋଷଣା କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତ୍ରିପୁରା ମୁଖ୍ୟମନ୍ତ୍ରୀଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ତୁରନ୍ତ ଏହାର ସମାଧାନ କରିବା ସହ ଓଡ଼ିଆ ପିଲାଙ୍କ ସୁରକ୍ଷା ପାଇଁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି। ତ୍ରିପୁରା ମୁଖ୍ୟମନ୍ତ୍ରୀ ଏଥିପ୍ରତି ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ଗୁରୁବାର ସନ୍ଧ୍ୟାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ ଏକ ପ୍ରତିନିଧି ଦଳ ତ୍ରିପୁରା ସଚିବାଳୟରେ ପହଞ୍ଚିଥିଲେ। ଛାତ୍ର ଦୁର୍ଯ୍ୟୋଧନ ବେହେରା, ଅଶୋକ ନାୟକ, ନରସିଂହ ପଟେଲ, ଛାତ୍ରୀ ଅଶାନ୍ତି ସ୍ୱାଇଁ, ସୁଭଦ୍ରା କର, ଶ୍ରଦ୍ଧାଞ୍ଜଳି ନାୟକ ଓ ତପସ୍ୱିନୀ ମହାପାତ୍ର ପ୍ରମୁଖଙ୍କ ସହିତ ତ୍ରିପୁରା ଉଚ୍ଚଶିକ୍ଷା ମନ୍ତ୍ରୀ ଆଲୋଚନା କରିଥିଲେ। ତ୍ରିପୁରାରେ ଥିବା ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ମଧ୍ୟରୁ ବାଲେଶ୍ୱରର ୧୨ ଜଣ ଅଛନ୍ତି। ତେଣୁ ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ ଘଟଣା ସମ୍ପର୍କରେ ଜାଣିବା ପରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନିମନ୍ତେ ସେଠାକାର ପ୍ରଶାସନ ଓ ଏସ୍‌ପିଙ୍କ ସହ ଯୋଗାଯୋଗ କରିବାକୁ ବାଲେଶ୍ୱର ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କୁ ଫୋନ୍ ଯୋଗେ ଜଣାଇଛନ୍ତି।

## ତ୍ରିପୁରା ଡିଜିଙ୍କ ସହ କଥା ହେଲେ ଓଡ଼ିଶା ଡିଜି

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନର ଶିକ୍ଷା ଶାସ୍ତ୍ରୀ ଅଧ୍ୟାପକ ରମାକାନ୍ତ ମିଶ୍ର କୁହନ୍ତି, ଶିକ୍ଷାଶାସ୍ତ୍ରୀରେ ୮୦ ଏବଂ ଶାସ୍ତ୍ରୀ ଓ ପିଜିରେ ୧୦ଜଣଙ୍କୁ ମିଶାଇ ମୋଟ ୯୦ ଓଡ଼ିଆ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରୁଛନ୍ତି। ସ୍ଥାନୀୟ ଛାତ୍ରମାନେ ବିଭିନ୍ନ କାରଣକୁ ନେଇ ଗତ କିଛିଦିନ ହେବ ଓଡ଼ିଆ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦେଇ ଆସୁଛନ୍ତି। ଛାତ୍ର ଦୁର୍ଯ୍ୟୋଧନଙ୍କ କହିଛନ୍ତି, ଗତ ସେପ୍ଟେମ୍ବର ୧୮ରେ କୌଣସି କାରଣକୁ ନେଇ ସ୍ଥାନୀୟ ଛାତ୍ରମାନେ କ୍ୟାମ୍ପସରେ ଆନ୍ଦୋଳନ କରିଥିଲେ। ଆମର ୨ଅଧ୍ୟାପକଙ୍କୁ ନଜର ବନ୍ଦୀ ରଖିଥିଲେ। ଓଡ଼ିଆ ଛାତ୍ରମାନେ ଏହାକୁ ବିରୋଧ କରିବାରୁ ସ୍ଥାନୀୟ ଛାତ୍ରମାନେ କେତେଜଣ ଅଣଛାତ୍ରଙ୍କ ସହାୟତାରେ ଓଡ଼ିଆ ସେମାନଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଉପସ୍ଥିତ ଥିଲେ ବି କୌଣସି ପଦକ୍ଷେପ ନେଇ ନ ଥିଲା। ବୁଧବାର ରାତିରେ କ୍ୟାମ୍ପସ ଆଗରେ ପୁଣି ସେମାନେ ଆକ୍ରମଣ କରିଥିଲେ। ତେଣୁ ଆମେ ସୋସିଆଲ ମିଡିଆର ସାହାରା ନେଇଥିଲୁ।

**କ୍ୟାମ୍ପସରେ ଓଡ଼ିଶାରୁ ଅଛନ୍ତି ୭ ଅଧ୍ୟାପକ**

ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ଅଧକ୍ଷ ରଞ୍ଜିତ କୁମାର ବର୍ମନଙ୍କ କହିବାନୁଯାୟୀ, ଏହି କ୍ୟାମ୍ପସରେ ଓଡ଼ିଶାରୁ ୭ଜଣ ଅଧ୍ୟାପକ କାର୍ଯ୍ୟରତ ଅଛନ୍ତି। ଶିକ୍ଷାଶାସ୍ତ୍ରୀରେ ରମାକାନ୍ତ ମିଶ୍ର, ଜିତେନ୍ଦ୍ର ରାୟଗୁରୁ, ମହେଶ ପାଣିଗ୍ରାହୀ ରହିଛନ୍ତି। ଧର୍ମଶାସ୍ତ୍ରରେ ଇତିଶ୍ରୀ ମହାପାତ୍ର, ପ୍ରିୟଦର୍ଶିନୀ ମେକାପ, ବେଦାନ୍ତରେ ଅଜୟ ଗନ୍ଧା, ସସ୍ମିତ ମହାପାତ୍ର ଏବଂ ଜଣେ କିରାଣି ସୁରେନ୍ଦ୍ର ମହାପାତ୍ର ଅଛନ୍ତି।










# ଜବରଦସ୍ତ ମିଶ୍ରଣ

କେନ୍ଦ୍ର ସରକାର ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକର ସଂଖ୍ୟା ୫୬ରୁ ୩୬କୁ ହ୍ରାସ କରିବାକୁ ଯାଉଛନ୍ତି। ତିନୋଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯଥା ବ୍ୟାଙ୍କ ଅଫ୍ ବରୋଦା, ଦେନା ବ୍ୟାଙ୍କ ଓ ବିଜୟା ବ୍ୟାଙ୍କର ମିଶ୍ରଣ ପାଇଁ ସରକାର ନେଇଥିବା ନିଷ୍ପତ୍ତି ପରିପ୍ରେକ୍ଷୀରେ ଏହି ନିଷ୍ପତ୍ତିର ଗୁରୁତ୍ୱ ରହିଛି। ଦେଶର ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସୁଦୃଢ଼ୀକରଣ ପାଇଁ ବହୁମୁଖୀ ସରକାରୀ କାର୍ଯ୍ୟକ୍ରମର ଏହା ଏକ ଅଂଶବିଶେଷ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ସେବାରୁ ପ୍ରାୟତଃ ବଞ୍ଚିତ ରହୁଥିବା ଗ୍ରାମାଞ୍ଚଳର ଗରିବ, କୃଷି ଶ୍ରମିକ, କୃଷକ, କାରିଗର ପ୍ରଭୃତିଙ୍କୁ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇଦେବା ଲକ୍ଷ୍ୟରେ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ପ୍ରତିଷ୍ଠା କରାଯାଇଥିଲା। ଏହି ବ୍ୟାଙ୍କଗୁଡ଼ିକ ଛୋଟ ଛୋଟ ସହରରେ ପ୍ରତିଷ୍ଠିତ ହୋଇଥିଲା, ଯାହାଫଳରେ ବିଶେଷତଃ ଗ୍ରାମାଞ୍ଚଳର ଲୋକମାନେ ବ୍ୟାଙ୍କ ସେବା ପାଇପାରିବେ। ଏହି ବ୍ୟାଙ୍କଗୁଡ଼ିକ ବାହାରକୁ ସମବାୟ ସଂସ୍ଥା ଭଳି ଦେଖାଯାଉଥିଲେ ମଧ୍ୟ ଆର୍ଥିକ ସେବା ପ୍ରଦାନରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକଠାରୁ କମ୍ ନୁହନ୍ତି। ପ୍ରଶାସନିକ ବିକେନ୍ଦ୍ରୀକରଣ ଭଳି ଏହାକୁ ବ୍ୟାଙ୍କିଙ୍ଗ୍ ସେବାର ବିକେନ୍ଦ୍ରୀକରଣ କହିଲେ ଭୁଲ୍ ହେବ ନାହିଁ। ଦେଶର କେନ୍ଦ୍ରୀୟ ଓ ପୂର୍ବାଞ୍ଚଳରେ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ଉପଯୋଗିତା ସର୍ବାଧିକ ଅନୁଭୂତ ହେଉଥିଲା, କାରଣ ପଶ୍ଚିମ ଓ ଦକ୍ଷିଣ ଭାଗରେ ଅଧିକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଥିଲା।

ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ପୁନର୍ଗଠନର ଏହା ପ୍ରଥମ ପ୍ରୟାସ ନୁହେଁ। ଅତୀତରେ ମଧ୍ୟ ସରକାର ଏପରି ପଦକ୍ଷେପ ଗ୍ରହଣ କରିଥିଲେ। ୧୯୭୦ ଦଶକର ମଧ୍ୟଭାଗରେ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ପ୍ରତିଷ୍ଠା ହେବା ଦିନଠାରୁ ଅନେକ ପର୍ଯ୍ୟାୟରେ ଏଗୁଡ଼ିକର ପୁନର୍ଗଠନ କରାଯାଇଛି। ୨୦୦୬ ମସିହାରେ ସେଗୁଡ଼ିକର ସଂଖ୍ୟା ୧୯୬ରୁ ୧୩୩କୁ କମାଇ ଦିଆଯାଇଥିଲା। ତା'ପରେ ୨୦୧୨ରେ ୮୨କୁ କମାଗଲା ଏବଂ ସବା ଶେଷରେ ୫୬ରେ ସ୍ଥିର ରଖାଗଲା। ବର୍ତ୍ତମାନ ଏଗୁଡ଼ିକର ସଂଖ୍ୟା ଆହୁରି କମାଇ ୩୬ କରାଯିବାକୁ ମସୁଧା କରାଯାଉଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ କେନ୍ଦ୍ର ସରକାରଙ୍କ ଅଧୀନ ହୋଇଥିବା ବେଳେ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ପ୍ରତିଭୂ ବ୍ୟାଙ୍କର ଯୁଗ୍ମ ମାଲିକାନା ଅଧୀନ ହୋଇଥାନ୍ତି। ବର୍ତ୍ତମାନ ଏହି ବ୍ୟାଙ୍କଗୁଡ଼ିକର ସାରା ଦେଶରେ ପ୍ରାୟ ୨୧୦୦୦ ଶାଖା ରହିଛି ଏବଂ ୨୦୧୭ ମାର୍ଚ୍ଚ ସୁଦ୍ଧା ସେମାନଙ୍କର ମୋଟ ପୁଞ୍ଜିର ପରିମାଣ ପ୍ରାୟ ୩.୫ ଲକ୍ଷ କୋଟି ଟଙ୍କା ଥିଲା।

ଓଡ଼ିଶାରେ ଦୁଇ ପ୍ରକାର ଗ୍ରାମ୍ୟ ବ୍ୟାଙ୍କ ଅଛି, ଯଥା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ। ୨୦୧୩ ମସିହାରେ ରାଜ୍ୟ ସରକାର ତିନିଟି ଗ୍ରାମ୍ୟ ବ୍ୟାଙ୍କ, ଯଥା ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ, ବୈତରଣୀ ଗ୍ରାମ୍ୟ ବ୍ୟାଙ୍କ ଓ କଳିଙ୍ଗ ଗ୍ରାମ୍ୟ ବ୍ୟାଙ୍କର ମିଶ୍ରଣ କରି ତାହାର ନାମ ଦେଇଥିଲେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି)। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ୧୩ଟି ଜିଲାରେ ୪୪୫ଟି ଶାଖା ରହିଛି ଏବଂ ଏହି ଜିଲାଗୁଡ଼ିକ ହେଉଛି ମୁଖ୍ୟତଃ ଉପକୂଳ ଓ ଉତ୍ତରାଞ୍ଚଳର ଜିଲା। ସେହିପରି ଋଷିକୁଲ୍ୟା ଗ୍ରାମ୍ୟ ବ୍ୟାଙ୍କ ଓ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ମିଶ୍ରଣ କରି ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ (ୟୁଜିବି) ପ୍ରତିଷ୍ଠା କରାଯାଇଥିଲା। ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଜିଲାଗୁଡ଼ିକରେ ଏହାର ୪୪୨ଟି ଶାଖା ରହିଛି। ମାର୍ଚ୍ଚ ୨୦୧୭ ସୁଦ୍ଧା ରାଜ୍ୟର ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକର ମୋଟ ଶାଖା ସଂଖ୍ୟା ହେଉଛି ୯୮୦, ଯାହା ସେମାନଙ୍କ ୱେବ୍‌ସାଇଟରେ ଉପଲବ୍ଧ।

## ଆଜିର ଅର୍ଥନୀତି

ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକରେ କେନ୍ଦ୍ର ସରକାରଙ୍କ ଅଂଶଧନ ସବୁଠାରୁ ଅଧିକ ଥିବାରୁ ଏଗୁଡ଼ିକର ମିଶ୍ରଣ ଲାଗି ସର୍ବଶେଷ ନିଷ୍ପତ୍ତି ନେବାର ଅଧିକାର ଏହାର ରହିଛି। ଦକ୍ଷତା ଓ ଉତ୍ପାଦକତା ବୃଦ୍ଧି ଲାଗି ଏଗୁଡ଼ିକର ନେଟ୍‌ୱାର୍କ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ଚାହୁଁଛନ୍ତି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକର ମୋଟ ପରିବ୍ୟୟ ହ୍ରାସ ପାଇବା ସହ ପୁଞ୍ଜି ଭିତ୍ତି ମଧ୍ୟ ବୃଦ୍ଧି ପାଇବ। ସରକାରଙ୍କର ଏ ଯୁକ୍ତି ବିରୋଧରେ ଆମର କିଛି କହିବାର ନାହିଁ। କିନ୍ତୁ ସମସ୍ୟା ହେଉଛି, ସମସ୍ତ କର୍ପୋରେଟ୍ ପ୍ରଶାସନିକ ମାନଦଣ୍ଡକୁ ଉପେକ୍ଷା କରି କେନ୍ଦ୍ର ସରକାର ଏକଚାଟିଆ ଭାବେ ଏଭଳି ମିଶ୍ରଣ ପର୍ବ ଆରମ୍ଭ କରିବାକୁ ଯାଉଛନ୍ତି। ଏହା କେନ୍ଦ୍ର ସରକାରଙ୍କର ସମ୍ପୂର୍ଣ୍ଣ ଏକପାଖିଆ ନିଷ୍ପତ୍ତି। ଏହା ମଧ୍ୟ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ। ଅନ୍ୟ ଅଂଶୀଦାର, ଯଥା ରାଜ୍ୟ ସରକାରଗୁଡ଼ିକ ସହ କେନ୍ଦ୍ର ସରକାର ଏ ବିଷୟରେ ଆଦୌ ଆଲୋଚନା କରିନାହାନ୍ତି। କେନ୍ଦ୍ର ସରକାର ନିଜର ଉକ୍ତ ନିଷ୍ପତ୍ତି ସମ୍ବନ୍ଧରେ ସମସ୍ତ ଅଧ୍ୟକ୍ଷ/ପରିଚାଳନା ନିର୍ଦ୍ଦେଶକଙ୍କ ପାଖକୁ ଚିଠି ଲେଖି ଅବଗତ କରାଇଛନ୍ତି। ଯଦି ଏ ନିଷ୍ପତ୍ତି କାର୍ଯ୍ୟକାରୀ ହୁଏ, ତେବେ ସମସ୍ତ ଛୋଟ ଛୋଟ ରାଜ୍ୟର ମାତ୍ର ଗୋଟିଏ ଗ୍ରାମ୍ୟ ବ୍ୟାଙ୍କ ରହିବ ଏବଂ ବଡ଼ ବଡ଼ ରାଜ୍ୟର ଦୁଇଟି। ଓଡ଼ିଶାର ଦୁଇଟି ଗ୍ରାମ୍ୟ ବ୍ୟାଙ୍କ ମଧ୍ୟରୁ ଗୋଟିଏ ରହିବ ବା ଦୁଇଟା ଯାକ ରହିବେ, ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

ଉକ୍ତ ମିଶ୍ରଣ ପର୍ବ ନିମନ୍ତେ ବିଧିବଦ୍ଧ ଭାବେ ଯୋଜନା ନ କରି ନିଷ୍ପତ୍ତି ନିଆଯାଇଛି। ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ମୁଖ୍ୟତଃ ଗରିବ ଗ୍ରାମୀଣ ଗ୍ରାହକଙ୍କୁ ସେବା ଯୋଗାଇଥାନ୍ତି। ତେବେ ଉକ୍ତ ସଂଖ୍ୟା ହ୍ରାସ ଦ୍ୱାରା ଗ୍ରାହକମାନେ ଉପକୃତ ହେବେ କି ନା ସେ ବାବଦରେ ଏକ ପ୍ୟାନେଲ ଗଠନ କରି ଆକଳନ କରାଯାଇ ନାହିଁ। ଆଶଙ୍କା ଉପୁଜୁଛି ଯେ, ଉକ୍ତ କେନ୍ଦ୍ରୀକରଣ ଦ୍ୱାରା ଗ୍ରାମୀଣ ବ୍ୟାଙ୍କଗୁଡ଼ିକର ସ୍ଥାନୀୟ ଚରିତ୍ର ଲୋପ ପାଇବ, ଯାହାଫଳରେ ଗ୍ରାହକମାନେ କ୍ଷତିଗ୍ରସ୍ତ ହେବେ। କେନ୍ଦ୍ର ସରକାର ନିଜର ନିଷ୍ପତ୍ତିକୁ ଲଦି ଦେବା ପୂର୍ବରୁ ଏ ବାବଦରେ ସମସ୍ତ ଅଂଶୀଦାରଙ୍କ ସହ ପରାମର୍ଶ କରିବା ଉଚିତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ଗ୍ରାହକଙ୍କ ସ୍ୱାର୍ଥରକ୍ଷା କରିପାରିବ ତ? ତା' ନ ହେଲେ ଏ ଜବରଦସ୍ତ ମିଶ୍ରଣ ଓ ସଂଖ୍ୟାହ୍ରାସ ଦ୍ୱାରା ସେମାନଙ୍କ ପ୍ରତି ଅନ୍ୟାୟ ହେବ। ବୃହତ୍ତର ସଂସ୍କାର ଲାଗି ଅପେକ୍ଷାରତ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଲାଗି ଏଭଳି ନିଷ୍ପତ୍ତି ଶୁଭ ସୂଚକ ହୋଇ ନ ପାରେ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 8 | 1 | | D | 9 | 3 | | 4 | | B |
| | | | | D | | | | 0 | 4 | | | E | | |
| | 8 | 1 | 4 | | 3 | | | | | | | | 0 | |
| 9 | E | | | C | | | | | | | A | 2 | 8 | |
| | | | | | 0 | | | 4 | E | C | | 1 | 9 | |
| 0 | 2 | | 5 | | | E | A | | D | | C | | B | |
| 7 | A | | | E | | | | 5 | | | | C | 4 | |
| | | 5 | | | | | 3 | | | 7 | | A | | |
| | D | | A | | 9 | 0 | | | 8 | 4 | | | 1 | |
| B | | | | | | D | | 2 | | | 0 | | | |
| | | | 9 | | 2 | 6 | | 7 | | | | | E | |
| | | | | | | | D | C | 0 | B | 1 | | A | |
| | | | | | A | | | B | C | | | 3 | 6 | |
| A | | | | | | 8 | 1 | | | | E | | | |
| C | | | | 7 | 1 | | | | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | B | 7 | 6 | 3 | 8 | 0 | 1 | 2 | D | C | 5 | 9 | 4 |
| C | D | 5 | E | 8 | 9 | 4 | 7 | 3 | A | 6 | B | 1 | 0 | 2 |
| 1 | 4 | 8 | 2 | A | 5 | D | B | 6 | 9 | 7 | 0 | E | 3 | C |
| 7 | 3 | 9 | C | 0 | 4 | A | 5 | 2 | 1 | 8 | E | B | 6 | D |
| 2 | 6 | 0 | B | 1 | D | C | E | 9 | 4 | 3 | 5 | 8 | 7 | A |
| 0 | E | 6 | A | 3 | B | 1 | 9 | 8 | 5 | C | 4 | 2 | D | 7 |
| 8 | 1 | 4 | 0 | D | 2 | 5 | 6 | C | 7 | E | A | 9 | B | 3 |
| 5 | C | D | 9 | 7 | 6 | B | A | 4 | 3 | 1 | 2 | 0 | 8 | E |
| 9 | 2 | 7 | 1 | 4 | E | 3 | D | 0 | 6 | B | 8 | C | A | 5 |
| A | B | 3 | 8 | 5 | C | E | 2 | 7 | 0 | 9 | D | 6 | 4 | 1 |
| B | 9 | A | D | 2 | 1 | 7 | 3 | E | C | 0 | 6 | 4 | 5 | 8 |
| 6 | 5 | E | 4 | C | 8 | 9 | 1 | B | D | A | 3 | 7 | 2 | 0 |
| D | 8 | C | 3 | E | 0 | 6 | 4 | 5 | B | 2 | 7 | A | 1 | 9 |
| 3 | 0 | 1 | 5 | B | 7 | 2 | C | A | 8 | 4 | 9 | D | E | 6 |
| 4 | 7 | 2 | 6 | 9 | A | 0 | 8 | D | E | 5 | 1 | 3 | C | B |

ଗତକାଲିର ଉତ୍ତର

# ଅତୀତର ଆଚାର୍ଯ୍ୟ ଓ ଆଜିର ଶିକ୍ଷକ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

କିଛିଦିନ ତଳେ ଧରିତ୍ରୀରେ ମୋର ଏକ ପ୍ରବନ୍ଧ 'ଗଧରୁ ମଣିଷ' ପ୍ରକାଶ ପାଇଥିଲା। ପ୍ରତ୍ୟେକ ମଣିଷ ବିଦ୍ୟାଳୟକୁ ଯିବା ପୂର୍ବରୁ ଜଣେ ଗଧ (ଅଜ୍ଞାନ ବା ମୂର୍ଖ ଅର୍ଥରେ) ଥାଏ। ଶିକ୍ଷକ ସେହି ଗଧମାନଙ୍କୁ ଶିକ୍ଷାଦାନ କରି ମଣିଷ କରନ୍ତି। ମାତ୍ର ସେହି ଗଧମାନେ ଉଚ୍ଚଶିକ୍ଷିତ ହେଲା ପରେ ମଣିଷ କରିଥିବା ସେହି ଶିକ୍ଷକମାନଙ୍କୁ ଭୁଲିଯାନ୍ତି। ପ୍ରବନ୍ଧଟିର ଏହି ବିଷୟବସ୍ତୁ ପାଠକରି ଜଣେ ପାଠକ ପ୍ରଶ୍ନ କରିଥିଲେ, ଏଭଳି ଘଟିବା ପଛରେ କ'ଣ ଶିକ୍ଷକମାନେ ଦାୟୀ ନୁହନ୍ତି। ଏହି ପ୍ରତିକ୍ରିୟାର ଉତ୍ତର ଦେବା ହେଉଛି ଏହି ନିବନ୍ଧର ଲକ୍ଷ୍ୟ। ପୂର୍ବକାଳରେ ଗୁରୁ-ଶିଷ୍ୟ ସମ୍ପର୍କ ଥିଲା ପିତା-ପୁତ୍ରର ସମ୍ପର୍କ ଭଳି। ଗୁରୁମାନେ ବିଦ୍ୟା ଦାନ କରୁଥିଲେ। ତା' ବଦଳରେ କୌଣସି ଅର୍ଥ ଶିଷ୍ୟମାନଙ୍କ ପାଖରୁ ଗ୍ରହଣ କରୁ ନ ଥିଲେ। ରାଜା ଅମର ଶକ୍ତିଙ୍କ ତିନି ଜଣ ଗଣ୍ଡମୂର୍ଖ ପୁଅଙ୍କୁ ଶିକ୍ଷା ଦାନ କରିବା ପାଇଁ ପଣ୍ଡିତ ବିଷ୍ଣୁଶର୍ମା ରାଜି ହୁଅନ୍ତେ ରାଜା ତାଙ୍କୁ ତାଙ୍କ ପାରିଶ୍ରମିକ ସମ୍ପର୍କରେ ପଚାରିଲେ। ପଣ୍ଡିତ ବିଷ୍ଣୁଶର୍ମାଙ୍କ ଉତ୍ତର ଥିଲା- 'ନାହଂ ବିଦ୍ୟା ବିକ୍ରୟଂ କରୋମି' ଅର୍ଥାତ୍ ମୁଁ ବିଦ୍ୟା ବିକ୍ରୟ କରେ ନାହିଁ। ଉପନିଷଦ୍ ଯୁଗରୁ ପ୍ରବାହିତ ଏହି ଶିକ୍ଷାଧାରାର ପ୍ରତିନିଧି ଥିଲେ ବିଷ୍ଣୁଶର୍ମା। ଆଜି ସମୟ ବଦଳିଯାଇଛି। ବିଦ୍ୟା ଆଉ ଦାନର ବିଷୟ ହୋଇ ନାହିଁ। ବିଦ୍ୟା ଆଜି ଏକ ପଣ୍ୟଦ୍ରବ୍ୟ। ଶିକ୍ଷକମାନେ ଶ୍ରେଣୀଗୃହରେ ସମର୍ପିତ ଭାବେ ଶିକ୍ଷାଦାନ କରୁନାହାନ୍ତି। ସେମାନେ ଖୋଲିଛନ୍ତି କୋଚିଂ ସେଣ୍ଟର, ଯାହାକୁ କୁହାଯାଇପାରେ ବିଦ୍ୟା ବିକ୍ରୟ କେନ୍ଦ୍ର। ଛାତ୍ରୀଛାତ୍ରମାନେ ପ୍ରଭୂତ ଅର୍ଥ ଦେଇ ଏହି କୋଚିଂ ସେଣ୍ଟରରେ ପାଠ ପଢ଼ନ୍ତି। ଏଣୁ ଆଜି ଛାତ୍ର-ଶିକ୍ଷକ ସମ୍ପର୍କ କ୍ରେତା-ବିକ୍ରେତାର ସମ୍ପର୍କରେ ପରିଣତ ହୋଇଛି। ପରବର୍ତ୍ତୀ ସମୟରେ ଛାତ୍ର ଉଚ୍ଚଶିକ୍ଷିତ ହୋଇ ଉଚ୍ଚ ପ୍ରତିଷ୍ଠିତ ହେଲେ ମଧ୍ୟ ଶିକ୍ଷକଙ୍କ ପ୍ରତି ତା'ର ଭକ୍ତି ରହୁନାହିଁ। କାରଣ ସେ ଜାଣେ ଅର୍ଥ ବିନିମୟରେ ସେ ଶିକ୍ଷକଙ୍କଠାରୁ ବିଦ୍ୟା ଲାଭ କରିଛି। ଏଣୁ ତା'ର କୃତଜ୍ଞ ଭାବ ରହୁନାହିଁ।

ଅତୀତରେ ଶିକ୍ଷକମାନଙ୍କୁ ଆଚାର୍ଯ୍ୟ କୁହାଯାଉଥିଲା। 'ଆଲୋଚ୍ୟ ସର୍ବଶାସ୍ତ୍ରାଣି ବିଚାର୍ଯ୍ୟ ଚ ପୁନଃ ପୁନଃ/ସ୍ୱୟଂ ଆଚରତେ ଯସ୍ମାତ୍ ସଃ ଆଚାର୍ଯ୍ୟଃ ଉଦୀରତଃ।' ଅର୍ଥାତ୍ ସମସ୍ତ ଶାସ୍ତ୍ରକୁ ବାରମ୍ବାର ଅଧ୍ୟୟନ କରି ଯିଏ ନିଜେ ତାକୁ ଆଚରଣ କରୁଥିଲେ ସେମାନଙ୍କୁ ଆଚାର୍ଯ୍ୟ କୁହାଯାଏ। ସେମାନେ ଥିଲେ ଉଚ୍ଚାରଣ ଓ ଆଚରଣର ଜୀବନ୍ତ ପ୍ରତୀକ। ପଣ୍ଡିତ ଗୋପବନ୍ଧୁଙ୍କ ସତ୍ୟବାଦୀ ବନବିଦ୍ୟାଳୟରେ ଯେଉଁମାନେ ଶିକ୍ଷକତା କରୁଥିଲେ, ସେମାନଙ୍କୁ ପଣ୍ଡିତ କୁହାଯାଉଥିଲା। କିନ୍ତୁ ସେହି ପଣ୍ଡିତମାନେ ସତ୍ୟବାଦୀରେ ଶିକ୍ଷକତା କରୁଥିବା ହରିହର ଦାସଙ୍କୁ ଆଚାର୍ଯ୍ୟ ବୋଲି ସମ୍ବୋଧନ କରୁଥିଲେ। କାରଣ ସେ ଥିଲେ ଆଚରଣସିଦ୍ଧ। ଥରେ ରଥଯାତ୍ରା ସମୟରେ ପୁରୀରେ ମେହେନ୍ତରମାନେ ନ ଥାନ୍ତି। ସେମାନେ ସୈନ୍ୟ ବିଭାଗରୁ ବେଶି ଟଙ୍କା ପାଇବା ପାଇଁ ସୈନ୍ୟବାହିନୀକୁ ଚାଲିଯାଇଥିଲେ। ରାସ୍ତାଘାଟ ସଫାସୁତୁରା କରିବା ପାଇଁ ମେହେନ୍ତର ଅଭାବ ପଡିଲେ। ସମସ୍ତେ ଚିନ୍ତିତ ହେଲେ କିପରି ରାସ୍ତାଘାଟ ସଫା ହେବ। ହଇଜା ଆଦି ସଂକ୍ରାମକ ରୋଗ ରଥଯାତ୍ରା ସମୟରେ ହେବାର ସମ୍ଭାବନା ଥିବାରୁ ନାଳନର୍ଦ୍ଦମା ପରିଷ୍କାର କରିବା ଆବଶ୍ୟକତା ଥାଏ। ସେତେବେଳେ ଆଚାର୍ଯ୍ୟ ହରିହର ନିଜ ହାତରେ କୋଦାଳ ଓ ଝୁଡ଼ି ଧରି ନର୍ଦ୍ଦମା ସଫା କରିବା ପାଇଁ ବାହାରିପଡିଲେ। ମନରେ ଟିକେ ମାତ୍ର ଘୃଣାଭାବ ନ ଥାଏ। ସେତେବେଳେ ତାଙ୍କର ବୟସ ଥାଏ ଷାଠିଏ। ଜଣେ ଏହି ବୟସରେ ଯେତେବେଳେ ଉତ୍ସାହର ସହ କାମରେ ଲାଗିପଡନ୍ତି, ଅନ୍ୟ ଯୁବକମାନେ ଯିବେ କୁଆଡେ। ଅନ୍ୟ କର୍ମୀମାନଙ୍କୁ ହରିହର କହନ୍ତି, ଏଥିରେ ଲଜ୍ଜା କରିବାର କ'ଣ ଅଛି? ଏ କାମ କଲେ କ'ଣ ସମ୍ମାନ ଚାଲିଯିବ? କାହାରି ପାଇଁ କିଛି ଅଟକେ ନାହିଁ। ମେହେନ୍ତରମାନେ ଯେଉଁ କାମ କରନ୍ତି ସେମାନଙ୍କ ଅନୁପସ୍ଥିତିରେ ସେ କାମ ଆମେ କରିନେବାରେ କ୍ଷତି କ'ଣ? ସେମାନେ ଯଦି ଏ କାମ ସବୁ କରିପାରୁଛନ୍ତି ତେବେ ଆମେ କାହିଁକି ନ କରିବା? ଆଚାର୍ଯ୍ୟ ହରିହର ଯାହା କହୁଥିଲେ ତାହା କରୁଥିଲେ।

ଛାତ୍ରାବାସରେ ରହୁଥିବା ଛାତ୍ରମାନଙ୍କୁ ହରିହର ଏତେ ଆତ୍ମୀୟତା ଭିତରେ ବାନ୍ଧି ରଖିଥାନ୍ତି ଯେ ସେମାନେ ଛୁଟିଦିନରେ ମଧ୍ୟ ଘରକୁ ଯିବା ପାଇଁ ଆଗ୍ରହୀ ହୁଅନ୍ତି ନାହିଁ। ଛାତ୍ରାବାସରେ କାହାକୁ ଜ୍ୱର ହେଲେ ସେ ପିତା ଭଳି ତା'ର ସେବାଶୁଶ୍ରୂଷା କରନ୍ତି। ସେ ଏପରି ସ୍ନେହ ମମତା ଦେଇ ଛାତ୍ରମାନଙ୍କୁ ଭଲପାଆନ୍ତି ଯେ କୌଣସି ଛାତ୍ର ଛାତ୍ରାବାସ ଛାଡି ଘରେ ରହିବାକୁ ପସନ୍ଦ କରନ୍ତି ନାହିଁ। ଆଚାର୍ଯ୍ୟ ହରିହର ଥିଲେ ଜଣେ ଛାତ୍ରବତ୍ସଳ ସମର୍ପିତ ଶିକ୍ଷକ। ଶିକ୍ଷାଦାନ କରିବା ଥିଲା ତାଙ୍କର ବ୍ରତ, ବୃତ୍ତି ନୁହେଁ। ସେ କୌଣସି ପ୍ରତିଷ୍ଠା ପାଇବା ପାଇଁ ଲାଳାୟିତ ନ ଥିଲେ। ଥରେ କେତେଜଣ ଛାତ୍ର ଆଚାର୍ଯ୍ୟ ହରିହରଙ୍କର ଏକ ମାର୍ବଲ ମୂର୍ତ୍ତି ନିର୍ମାଣ କରିବା ପାଇଁ ସିଦ୍ଧାନ୍ତ ନେଲେ। ସେମାନେ ଭଲ ଭାବେ ଜାଣିଥିଲେ ଆଚାର୍ଯ୍ୟ ସେଥିପାଇଁ ଆଦୌ ଆଗ୍ରହୀ ନୁହନ୍ତି। ତଥାପି ଜଣେ ଶିଳ୍ପୀଙ୍କ ସହ ପରାମର୍ଶ କରି କଲିକତାରୁ ଜଣେ ଶିଳ୍ପୀଙ୍କୁ ଡକାଗଲା। ଆଚାର୍ଯ୍ୟଙ୍କୁ ବସାଇ ଶିଳ୍ପୀ ମଡେଲଟିଏ ନିର୍ମାଣ କରିବା ପାଇଁ ପ୍ରସ୍ତୁତ ହେଲେ। ଛାତ୍ରମାନେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠାର ଇତିହାସ ବିଷୟ ଶୁଣିବା ପାଇଁ ଜିଦ୍ ଧରିଲେ। ସେ ଗୋଟିଏ ଚୌକିରେ ବସି ଏହା କହି ଚାଲିଲେ। ଶିଳ୍ପୀ ତାଙ୍କୁ କିଛି ସମୟ ଦେଖିସାରିବା ପରେ ଶରୀରର କିଛି ଅଂଶ ସ୍ୱଚକ୍ଷୁରେ ଦେଖିବା ପାଇଁ ଅପେକ୍ଷା କଲେ। ଛାତ୍ରମାନେ ଆଚାର୍ଯ୍ୟ ବସିଥିବା ଚୌକିକୁ ସାମାନ୍ୟ ବୁଲାଇଦେବାରୁ ଶିଳ୍ପୀ ଜଣକ ତାଙ୍କ ମୁହଁର ସବୁ ଅଂଶ ଦେଖି ପାରିଲେ। ମାତ୍ର ସବୁ ଉଦ୍ୟମ ପଣ୍ଡ ହେଲା। ଆଚାର୍ଯ୍ୟ ହରିହର ଏହା ଜାଣିପାରି ଚୌକିରୁ ଉଠିପଡି ଚାଲିଗଲେ। ତାଙ୍କର ସେହି ମୂର୍ତ୍ତି ନିର୍ମାଣ ଅସମ୍ପୂର୍ଣ୍ଣ ରହିଗଲା।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ବନ ବିଦ୍ୟାଳୟ ଥିଲା ଆଦର୍ଶ ଶିକ୍ଷକମାନଙ୍କ ସାଧନା କେନ୍ଦ୍ର। କେବଳ ଆଚାର୍ଯ୍ୟ ହରିହର ନୁହନ୍ତି, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର ସମସ୍ତେ ଥିଲେ ଉଚ୍ଚଶିକ୍ଷିତ। ସେମାନେ ଚାହିଁଥିଲେ ସେତେବେଳେ ସରକାରୀ ଚାକିରି ପାଇପାରିଥାନ୍ତେ। ମାତ୍ର ସେଥିପ୍ରତି ସେମାନେ ଆଗ୍ରହୀ ନ ହୋଇ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତାକୁ ଗ୍ରହଣ କରି ନେଇଥିଲେ। ସେମାନଙ୍କ ପାଇଁ ଶିକ୍ଷକତା ଏକ ବ୍ରତ ଥିଲା, ବୃତ୍ତି ନୁହେଁ। ଜୀବନ ଥିଲା, ଜୀବିକା ନୁହେଁ। ପଣ୍ଡିତ ଗୋଦାବରୀଶ ମିଶ୍ର ଯେଉଁଦିନ ସତ୍ୟବାଦୀରେ ଶିକ୍ଷକ ଭାବରେ ଯୋଗଦେଲେ ସେଦିନ ଏକ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ସେ ତାଙ୍କର ଅନୁଭବ ବର୍ଣ୍ଣନା କରି କହିଛନ୍ତି, 'ମୋତେ ସେଦିନ ଆଉଥରେ ବ୍ରତ ହେଲାପରି ଲାଗିଲା। ମୋ ଆଖିରୁ ଅବିରତ ଲୁହ ବହିଯାଉଥାଏ। ମାତ୍ର ମୁଁ ପାଟି ଫିଟାଇ କିଛି କହି ପାରିଲି ନାହିଁ। କେବଳ ଯେଉଁ ଗୁରୁଦାୟିତ୍ୱ ମୁଣ୍ଡାଇବାକୁ ଯାଉଥିଲି, ତା' ଭାରରେ ମୋ ମୁଣ୍ଡ ଭାଜି ଯାଉଥାଏ। ଆଜି ୪୧ ବର୍ଷ ପରେ ସେ ଦୃଶ୍ୟ କଳ୍ପନାରେ ଦେଖିଲା ବେଳକୁ ଛାତି ଥରିଯାଉଛି।' ଏହି ବନ ବିଦ୍ୟାଳୟର ଶିକ୍ଷକମାନେ ନିଃସ୍ୱାର୍ଥ ଲୋକସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ଭାର୍ଗବୀ ନଦୀକୂଳରେ ବସି ନୀଳକଣ୍ଠ, ହରିହର, ଗୋପବନ୍ଧୁ ଓ ଅନନ୍ତ ମିଶ୍ର ଶପଥ ଗ୍ରହଣ କରିଥିଲେ- 'ପାଠପଢି କେବେ ସରକାରୀ ଚାକିରି କରିବା ନାହିଁ। ଯାହା ସମ୍ଭବ ତାହା ଦେଶ ପାଇଁ କରିବା। ଜନ୍ମ ସମୟରେ ଦେଶକୁ ଯେପରି ଦେଖିଛନ୍ତି, ମୃତ୍ୟୁ ବେଳକୁ ଉନ୍ନତ ଅବସ୍ଥାରେ ଦେଖିବା।' ଗୋପବନ୍ଧୁ କହୁଥିଲେ, 'ପ୍ରକୃତରେ ଟଙ୍କା ଦରକାର ନାହିଁ। ଟଙ୍କା ମନୁଷ୍ୟ ତିଆରି କରୁଛି। ମନୁଷ୍ୟ ଲୋଡ଼ିଲେ ପାଇବ। ପ୍ରଧାନ ଆବଶ୍ୟକତା ଶିକ୍ଷକ, ଯେଉଁମାନେ କି ନିଜର ସ୍ୱାର୍ଥ ବଳିଦେଇ ସତ୍ୟର ପ୍ରଚାର ନିମନ୍ତେ ଦେଶୋଦ୍ଧାରକୁ ନିଜର ବ୍ରତ କରି ଦେଶର ଲକ୍ଷ ଲକ୍ଷ, କୋଟି କୋଟି ମାନବ ଗଢିଯିବେ। କୁମ୍ଭାର ମାଟିପିଣ୍ଡୁଳା ଧରି ଦେବପ୍ରତିମା କରୁଛି। ମନୁଷ୍ୟ ପିଣ୍ଡରୁ ଶିକ୍ଷକମାନଙ୍କୁ ପ୍ରକୃତ ମନୁଷ୍ୟ ଗଢିବାକୁ ହେବ।' ବାସ୍ତବରେ ଗୋପବନ୍ଧୁ ଗଢିଥିଲେ ଏକ ଆଦର୍ଶ ଶିକ୍ଷକ ଦଳ। ୧୯୧୧ ମସିହା ଜୁଲାଇ ୪ ତାରିଖରେ ଗୋପବନ୍ଧୁ କହିଥିଲେ, ଭାରତର ପ୍ରାଚୀନ ଯୁଗରେ ଛାତ୍ରମାନେ ଶିକ୍ଷା କରୁଥିଲେ କେବଳ ଶିକ୍ଷା ଲାଭ ନିମନ୍ତେ। ପାଣ୍ଡିତ୍ୟ, ଜ୍ଞାନ ବ୍ୟତୀତ ଅଧ୍ୟୟନର ଆଉ କିଛି ସ୍ୱର୍ଣ୍ଣ ସୁଲଭ ଲକ୍ଷ୍ୟ ନ ଥିଲା। ବହୁ ଶ୍ରମରେ ଉପାର୍ଜିତ ବିଦ୍ୟାକୁ ଲୋକେ ଅର୍ଥ ସଙ୍ଗରେ ବିନିମୟ ବା ବିକ୍ରୟ କରୁ ନ ଥିଲେ। ସକଳ ଶ୍ରେଣୀର ଶିକ୍ଷାର ଆଦର୍ଶ ଥିଲା ସରଳ ଜୀବନ ସଙ୍ଗେ ଉଚ୍ଚ ଚିନ୍ତା। ଜୀବନ ନିମନ୍ତେ ବାଳକମାନେ ନିଜ ନିଜର କ୍ରିୟାପୁଞ୍ଜ କଠୋର ନିୟମ ଦ୍ୱାରା ପରିଚାଳିତ କରୁଥିଲେ। ଗୁରୁ ଯେ ଛାତ୍ରମାନଙ୍କର କେବଳ ଅଧ୍ୟୟନ ନିୟନ୍ତ୍ରଣ କରୁଥିଲେ ତାହା ନୁହେଁ। ଚରିତ୍ର ଗଠନରେ ମଧ୍ୟ ପ୍ରଧାନ ସହାୟକ ଥିଲେ। ଆଜି ନାହାନ୍ତି ସେଦିନର ଆଚାର୍ଯ୍ୟ। ଆଚାର୍ଯ୍ୟମାନଙ୍କ ସ୍ଥାନରେ ଅଛନ୍ତି ଶିକ୍ଷକ, ଯେଉଁମାନେ ବିଦ୍ୟା ଦାନ କରନ୍ତି ନାହିଁ, ବିକ୍ରୟ କରନ୍ତି। ଏଣୁ ଏହି ବିଦ୍ୟାବିକ୍ରେତାଙ୍କ ପ୍ରତି ବିଦ୍ୟାକ୍ରେତାମାନଙ୍କ ଭକ୍ତି ରହୁନାହିଁ। ଗଧରୁ ମଣିଷ ହେଲା ପରେ ସେମାନେ ସେହି ଶିକ୍ଷକମାନଙ୍କୁ ଭୁଲିଯାନ୍ତି। ଏବେ ସମୟ ଆସିଛି ଆଜିର ଶିକ୍ଷକମାନେ ସେମାନଙ୍କ ଭୂମିକା ସମ୍ପର୍କରେ ସଚେତନ ହେବେ।

ଟିଟିଲାଗଡ, ମୋ-୯୪୩୭୩୨୯୨୬୩

# ବୌଦ୍ଧ ଦେବୀ ତାରା



ଦେବଦତ୍ତ ପଟ୍ଟନାୟକ

ବୁଦ୍ଧଦେବଙ୍କ ନିର୍ବାଣଲାଭର ହଜାରେ ବର୍ଷ ପରେ ଶେଷରେ ବୌଦ୍ଧମାନେ ଏପରି ଜଣେ ଦେବୀଙ୍କୁ ପାଇଲେ ଯାହାଙ୍କୁ ବୁଦ୍ଧଙ୍କ ପରି ମର୍ଯ୍ୟାଦା ଦିଆଯାଏ। ଏହା ପୂର୍ବରୁ ବୌଦ୍ଧ ସାହିତ୍ୟରେ ଜଣେ ଦେବୀଙ୍କର ଖୁବ୍ ପ୍ରାଧାନ୍ୟ ଥିଲା। ସେ ହେଉଛନ୍ତି ଭାଗ୍ୟଦେବୀ ଶ୍ରୀ। ତାଙ୍କୁ ସାଧାରଣ ଲୋକମାନେ ବୌଦ୍ଧ ପ୍ରତୀକ ଭାବେ ଗ୍ରହଣ କରୁଥିଲେ। ତା'ର ହଜାରେ ବର୍ଷ ପରେ ବୌଦ୍ଧ ଧର୍ମଧାରାରେ ଜଣେ ଦେବୀଙ୍କର ଆବଶ୍ୟକତା ଅନୁଭୂତ ହେଲା ଏବଂ ଆବିର୍ଭୂତ ହେଲେ ତାରା।

ବୌଦ୍ଧଧର୍ମରେ ତାରାଙ୍କ ଆବିର୍ଭାବର ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର। ମହାଯାନ ସମ୍ପ୍ରଦାୟର ଅଭ୍ୟୁତ୍ଥାନ ପରେ ଏବଂ ବୁଦ୍ଧଦେବଙ୍କ ତିରୋଧାନର ପ୍ରାୟ ୫୦୦ ବର୍ଷ ପରେ ନାନା ଭାବରେ ତାଙ୍କର ଆବିର୍ଭାବ ଘଟିଲା। ନୂତନ ବୌଦ୍ଧ ସମ୍ପ୍ରଦାୟରେ ଲୋକମାନେ ବୁଦ୍ଧଙ୍କ ଜ୍ଞାନ ବାହାରେ ତାଙ୍କର କରୁଣା ବିଷୟରେ ପ୍ରଶ୍ନ ପଚାରିଲେ। ଏହି କରୁଣା ବିଷୟକ ପ୍ରଶ୍ନୋତ୍ତରରୁ ବୋଧିସତ୍ତ୍ୱ ଭାବେ ଜଣାଶୁଣା ଏକ ଚରିତ୍ରର ଉଦ୍ଭବ ହେଲା, ଯିଏ ନିର୍ବାଣ ପ୍ରାପ୍ତିରେ ବିଳମ୍ବ ଘଟୁଥିବା ଲୋକମାନଙ୍କ ଦୁଃଖଦୁର୍ଦ୍ଦଶା ଲାଘବ କରିବାରେ ସାହାଯ୍ୟ କରିବେ। ଏଭଳି ଚିନ୍ତାଧାରା ଆସିବା ପରେ କରୁଣା ଓ ଜ୍ଞାନ ବିଷୟକ ଧାରଣା ଆସିଲା। ବୁଦ୍ଧଙ୍କୁ କରୁଣାର ପ୍ରତୀକ ଏବଂ ଦେବୀ ତାରାଙ୍କୁ ଜ୍ଞାନର ପ୍ରତୀକ ଭାବେ କଳ୍ପନା କରାଗଲା। ନାନା ଭାବରେ ଦେବୀ ତାରାଙ୍କୁ ବୈଦିକ ଦେବୀ ବାକ୍ ବା ସରସ୍ୱତୀ ଏବଂ ଜୈନଧର୍ମର କଥୋପକଥନର ଦେବୀ ଶ୍ରୁତ-ଦେବୀଙ୍କ ସହ ଯୋଡ଼ାଗଲା। ପୂର୍ବ ଭାରତରେ ଆମେ ଦେଖୁ ବନ କାଳୀଙ୍କୁ ତାରା କୁହାଯାଏ ଏବଂ ଜ୍ଞାନ ଓ ଶକ୍ତି ନିମନ୍ତେ ତାନ୍ତ୍ରିକମାନେ ତାଙ୍କର ଆବାହନ କରିଥାନ୍ତି। ସୁତରାଂ ଦେବୀ ତାରା ହେଉଛନ୍ତି ଉଭୟ ଜ୍ଞାନର ଦେବୀ ଓ ଶକ୍ତିର ଦେବୀଙ୍କ ସମାହାର। ପ୍ରାଚୀନ ମୂର୍ତ୍ତିକଳାରେ ଜଣେ ସ୍ୱାଧୀନ ଦେବୀ ଭାବେ ପ୍ରତୀକୀକୃତା ତାରାଙ୍କୁ ଆମେ ପଶ୍ଚିମ ଭାରତର ଏଲୋରା ଗୁମ୍ଫାରେ ଦେଖିବାକୁ ପାଉ, ଯାହା ପ୍ରାୟ ୧୩୦୦ ବର୍ଷ ତଳେ ୭ମ ଶତାବ୍ଦୀରେ ନିର୍ମିତ ହୋଇଥିଲା। ଶ୍ରୀଦେବୀ (ଲକ୍ଷ୍ମୀ)ଙ୍କ ପରି ତାଙ୍କ ହାତରେ ପଦ୍ମ ଶୋଭାପାଏ, ଯାହା ସୌଭାଗ୍ୟର ସୂଚକ। କିନ୍ତୁ ପଦ୍ମପାଣି ବୁଦ୍ଧଙ୍କ ହାତରେ ଥିବା ପଦ୍ମ ପ୍ରଜ୍ଞାର ସୂଚକ। ତାରାଙ୍କୁ ବିଭିନ୍ନ ଲୋକ ଭିନ୍ନ ଭାବରେ ଗ୍ରହଣ କରନ୍ତି। ତାହା ନିର୍ଭର କରେ ସେମାନେ କେଉଁ ବୌଦ୍ଧଶାସ୍ତ୍ର ଅଧ୍ୟୟନ କରନ୍ତି, ତା' ଉପରେ। କେତେକେ କହନ୍ତି ଯେ ତାରା ହେଉଛନ୍ତି ବୁଦ୍ଧଙ୍କ ମାତା। କେତେକେ କହନ୍ତି ଯେ ସେ ବୋଧିସତ୍ତ୍ୱଙ୍କ ଝିଅ କାରଣ ବୋଧିସତ୍ତ୍ୱଙ୍କ ଆଖିର ଲୁହରୁ ତାଙ୍କର ଜନ୍ମ। ପୁଣି କେତେକଙ୍କ ମତ ହେଉଛି ଯେ ସେ ବୁଦ୍ଧଙ୍କର, ବିଶେଷତଃ ଧ୍ୟାନୀ ବୁଦ୍ଧ ବା ଶାଶ୍ୱତ ବୁଦ୍ଧଙ୍କ ସହଚରୀ। ଆଉ କେତେକଙ୍କ ମତରେ ଦେବୀ ତାରା ହେଉଛନ୍ତି ବୋଧିସତ୍ତ୍ୱ ଅବଲୋକିତେଶ୍ୱରଙ୍କ ମୂର୍ତ୍ତ ପ୍ରତୀକ। ବଜ୍ରଯାନ ସମ୍ପ୍ରଦାୟରେ ତାରାଙ୍କୁ ବୁଦ୍ଧଙ୍କ ନାରୀ ରୂପ ଭାବେ କଳ୍ପନା କରାଯାଏ। ଅନେକ ସମୟରେ ସେ ଏକ ରୂପକଳ୍ପ ମାତ୍ର, ଯିଏ କି ବୋଧି-ଚିତ୍ତ ବା ପ୍ରଜ୍ଞାର ମୂର୍ତ୍ତ ପ୍ରତୀକ ଏବଂ ଯାହା ମଣିଷକୁ ବୋଧିସତ୍ତ୍ୱରେ ରୂପାନ୍ତରିତ କରିବାରେ ସାହାଯ୍ୟ କରେ।

ଦେବୀ ତାରାଙ୍କୁ ଏକ, ଦୁଇ, ଚାରି ବା ବେଳେବେଳେ ୨୧ ଜଣ ଦେବତାଙ୍କ ସମାହାର ଭାବେ କଳ୍ପନା କରାଯାଏ। ତାଙ୍କର ସବୁଠାରୁ ଲୋକପ୍ରିୟ ରୂପ ହେଉଛି: ଶ୍ୱେତ ତାରା ଏବଂ ସବୁଜ ତାରା। ଏ ଦୁହେଁ ଚାଇନିଜ ଓ ତିବ୍ବତୀୟ ରାଜା, ଯେଉଁମାନେ ତିବ୍ବତରେ ବୌଦ୍ଧଧର୍ମର ପ୍ରଚଳନ କରିଥିଲେ, ତାଙ୍କ ପତ୍ନୀ ଭାବେ ଚିହ୍ନିତ। ସବୁଜ ତାରାଙ୍କର ସାତୋଟି ଆଖି, ତୃତୀୟ ଆଖି କପାଳରେ ଦୁଇ ଭ୍ରୂଲତା ମଧ୍ୟରେ ଅବସ୍ଥିତ ଏବଂ ଅତିରିକ୍ତ ଆଖିଗୁଡ଼ିକ ତାଙ୍କ ହାତ ପାପୁଲି ଓ ପାଦ ତଳିପାରେ ଅଛି, ଯାହା ତାଙ୍କୁ ଲୋକଙ୍କ ଦୁଃଖ ଶୁଣିବାରେ ସାହାଯ୍ୟ କରେ। ଏ ଦୁଇ ତାରାଙ୍କ ମଧ୍ୟରୁ ଜଣେ ବାମ ପଟକୁ ଓ ଅନ୍ୟ ଜଣେ ଦକ୍ଷିଣପଟକୁ ଢଳି ଠିଆ ହୋଇଥାନ୍ତି ଏବଂ ହାତରେ ଗୋଟିଏ ଦରଫୁଟା ଓ ଗୋଟିଏ ପ୍ରସ୍ଫୁଟିତ ପଦ୍ମଫୁଲ ଧରିଥାନ୍ତି। ତାଙ୍କର ଏପରି ଠାଣିର କାରଣ ହେଲା, ବୋଧିସତ୍ତ୍ୱ ଦୁଃଖୀରଙ୍କୀଙ୍କ ଡାକ ଦିନରାତି ଶୁଣିଥାନ୍ତି।

ତାରା ହେଉଛନ୍ତି ବୌଦ୍ଧଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ମାତ୍ର ଏହା ବୌଦ୍ଧଧର୍ମର ପ୍ରାଚୀନ ସମ୍ପ୍ରଦାୟ, ଶ୍ରୀଲଙ୍କା ଓ ମ୍ୟାନ୍‌ମାରରେ ଦେଖାଯାଉଥିବା ଦକ୍ଷିଣ-ପୂର୍ବ ଏସିଆର ଥେରାୱାଡ଼ା ବୌଦ୍ଧଧର୍ମରେ ଦେଖିବାକୁ ମିଳେନାହିଁ, ଯେଉଁଠି ଐତିହାସିକ ବୁଦ୍ଧଙ୍କୁ ସବୁଠୁ ଅଧିକ ଗୁରୁତ୍ୱ ଦିଆଯାଏ।

ଲେଖକଙ୍କ ଇମେଲ୍ ଠିକଣା: devdutt@devdutt.com

## ଏଇ ଭାରତରେ

ଆମେ ଜାଣୁ ଯାତ୍ରୀଙ୍କୁ ପରିବହନ କରିବା ପାଇଁ ମୋଟରଯାନର ବ୍ୟବସ୍ଥା ରହିଛି। କିନ୍ତୁ ପୋଷା ଜୀବଙ୍କୁ ପରିବହନ କରିବା (କାବ୍ ସର୍ଭିସ୍) ପାଇଁ ବି ଆଜିକାଲି ଭଡାଗାଡି ମିଳୁଛି। ଏପରି ଏକ ଅଭିନବ ବ୍ୟବସ୍ଥା କରାଯାଇଛି ବେଙ୍ଗାଲୁରୁଠାରେ। ପୋଷାଜୀବ ଓ ସେମାନଙ୍କ ମାଲିକଙ୍କୁ ଗୋଟିଏ ସ୍ଥାନରୁ ଆଉ ଅନ୍ୟ ସ୍ଥାନକୁ ବୋହିନେବା ପାଇଁ କାବ୍ ସର୍ଭିସ୍ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ମାଲିକମାନେ ପୋଷାଜୀବଙ୍କୁ ପରିବହନ କରିବା କ୍ଷେତ୍ରରେ ଆଉ ଅସୁବିଧାର ସମ୍ମୁଖୀନ ହେବେନାହିଁ। ଅମୃତ ଡୋଗ୍ଗୁ ସର୍ଭିସେସ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ଏହି ସେବାର ଫାଇଦା ଉଠାଇ ପାରିବେ କୁକୁର ଓ ବିଲେଇ ପାଳୁଥିବା ମାଲିକମାନେ। ସେମାନେ ନିଜ ପୋଷାଜୀବଙ୍କୁ ପଶୁ ଚିକିତ୍ସା କେନ୍ଦ୍ର ଓ ପାର୍କକୁ ନେଇପାରିବେ। ପରିବହନ ବିଭାଗ ଦ୍ୱାରା ଧାର୍ଯ୍ୟ ଦର ଅପେକ୍ଷା ଏ ବାବଦ ଭଡା ଅଧିକ ହୋଇଥିଲେ ହେଁ ମାଲିକଙ୍କୁ ଆକୃଷ୍ଟ କରିବା ପାଇଁ ଏଥିରେ କିଛି ପରିବର୍ତ୍ତନ କରାଯାଇଛି। ପୋଷାଜୀବ ପରିବହନରୁ ଅର୍ଜିତ ଆୟ ପଶୁଧନ ସୁରକ୍ଷା ପାଇଁ ବ୍ୟୟ ହେବ। ବିଶେଷକରି ଆହତ ଓ ଦୁର୍ବଳ ବୁଲା କୁକୁରଙ୍କୁ ଚିକିତ୍ସାକେନ୍ଦ୍ରକୁ ନେବା, ଦୁର୍ଘଟଣାରେ ମୃତ ପଶୁଙ୍କୁ ଦାହ କରିବା କିମ୍ବା ପୋତିବା ଲାଗି ଏହି ଅର୍ଥ ବ୍ୟୟ ହେବ। ସ୍ଥାନୀୟ ଲୋକମାନେ ପୋଷାଜୀବ ପରିବହନ ସେବା (କାବ୍ ସର୍ଭିସ) ପାଇବା ଲାଗି ଆପ୍, ପ'କାବ୍ କିମ୍ବା ୱେବ୍‌ସାଇଟ୍ ଜରିଆରେ ବୁକିଂ କରିପାରିବେ। ବାସ୍ତବରେ ପଶୁଧନ ବା ପୋଷାଜୀବଙ୍କ କଲ୍ୟାଣ ନିମନ୍ତେ ଏହି ପରିବହନ ସେବା ଜୀବେ ଦୟାର ଏକ ଜ୍ୱଳନ୍ତ ନମୁନା।

## ଚିରନ୍ତନୀ

ପଉଷ ଶୀତର ନିବିଡ଼ ବେଦନା ପରେ
ବସନ୍ତ କ୍ଷଣେ ବହିଥିଲା କେବେ ଥରେ,
କେବେ ଜୋଛନାର ସଲାଜ ପରଶେ
ପ୍ରାଣ ଉଠିଥିଲା ପୁଲକି ହରଷେ,
କେବେ କେଉଁ ଦିନ ଗୋଧୂଳି ଆଲୋକ ପରେ
ହଳିଆର ଗୀତ ଭାସି ଆସିଥିଲା ଖରେ।
କେବେ ନଦୀକୋଳେ କହି ତା' ବ୍ୟଥିତ ବାଣୀ
ରକତ ଚୁମ୍ବ ରଖିଲା ସନ୍ଧ୍ୟା-ରାଣୀ
ଏକାକୀ ନାଉରୀ ସଙ୍ଗୀତ-ଶୋକେ
ନାବ ବାହୁଥିଲା ଲୋହିତ ଆଲୋକେ,
ଉପରେ ତାହାର ସନ୍ଧ୍ୟାର-ସରମ ଠାଣି
ତଳେ ଜଳରାଶି-ପୀଡ଼ିତ-ମରମ ବାଣୀ।

(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୮ ସେପ୍ଟେମ୍ବର ୧୯୯୩

- ଅର୍ଥନୈତିକ ସହଯୋଗକୁ ଅତି ବ୍ୟାପକ କରିବା ପାଇଁ ଭାରତ ଏବଂ ଭିଏତ୍‌ନାମ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଜୟପୁରର କୋଟାବୀଣା ସେକ୍ସନରେ ଏକ ଟ୍ରେନ ଦୁର୍ଘଟଣାରେ ୭୬ଜଣଙ୍କ ମୃତ୍ୟୁ।
- ପାଲାନୀ ଲୋକ ସଭା ଉପନିର୍ବାଚନରେ ଆନ୍ନା. ଡି.ଏମ୍.କେ. ପ୍ରାର୍ଥୀ ପି. କୁମାରସ୍ୱାମୀ ବିଜୟୀ ଘୋଷିତ।

## ପାଠକ ଶ୍ରେଷ୍ଠ ବିଚାରକ

### ମୁଲୁ ମାଇଲେ ଯିବ ସରି

ମହାଶୟ,

ବିଡିଏ ଏହାର ୩୬ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱରରେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାର ନିଷେଧ କରିବାକୁ ଘୋଷଣା କରିବାର ଖବର ପ୍ରକାଶ ପାଇଛି। ଓଡ଼ିଶା ସରକାର ଆଗାମୀ ଗାନ୍ଧୀ ଜୟନ୍ତୀରୁ ଏହାର ବ୍ୟବହାର ବନ୍ଦ କରିବାକୁ ଘୋଷଣା କରିଥିବା ବେଳେ ସେପ୍ଟେମ୍ବର ପହିଲାରୁ ବିଡିଏ ଏପରି ଆଗୁଆ ପଦକ୍ଷେପ ନେବା ଏବଂ ନିଜ ଅଫିସ, ପାର୍କ, ମାର୍କେଟ କମ୍ପ୍ଲେକ୍ସ ଆଦିକୁ ପ୍ଲାଷ୍ଟିକମୁକ୍ତ କରି ସହରକୁ ସବୁଜସୁନ୍ଦର ଓ ପରିବେଶକୁ ନିର୍ମଳ କରି ରଖିବାକୁ ପ୍ରୟାସ କରିବା ସ୍ୱାଗତଯୋଗ୍ୟ। ତେବେ ପ୍ଲାଷ୍ଟିକ୍ ଓ ପଲିଥିନ୍ ଉତ୍ପାଦନ ଉପରେ କଟକଣା ଲଗାଇଲେ ପ୍ଲାଷ୍ଟିକ୍‌ଜନିତ ପ୍ରଦୂଷଣର ସମ୍ଭାବନା ରହନ୍ତା ନାହିଁ- ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ପା କଳି?

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ଓଡ଼ିଶାରେ ଡାକ୍ତର ମରୁଡ଼ି

ଓଡ଼ିଶା ମେଡିକାଲ ସର୍ଭିସ୍ ଆସୋସିଏଶନ ଦେଇଥିବା ତଥ୍ୟ ଅନୁସାରେ ଆମ ରାଜ୍ୟରେ ଏବେ ମୋଟ ୬,୭୧୯ଟି ଅନୁମୋଦିତ ଡାକ୍ତର ପଦବୀ ମଧ୍ୟରୁ ୩୩୯୦ ଡାକ୍ତର କାର୍ଯ୍ୟରତ ଅଛନ୍ତି ଓ ୩୩୨୯ ପଦବୀ ଖାଲି ପଡିଛି। ମୋଟ ମଞ୍ଜୁରୀପ୍ରାପ୍ତ ପଦବୀର ପାଖାପାଖି ୫୦ ପ୍ରତିଶତ ପଦବୀ ଖାଲିପଡିବା ଉଦ୍‌ବେଗଜନକ। ରାଜ୍ୟରେ ସ୍ୱାସ୍ଥ୍ୟସେବା କେତେ ବିପର୍ଯ୍ୟସ୍ତ, ତାହା ଏଥିରୁ ଅନୁମେୟ। ଏହି ସମସ୍ୟାର ସମାଧାନ ପାଇଁ ଘରୋଇ ଉଦ୍ୟମରେ ପ୍ରତିଷ୍ଠା କରାଯାଉଥିବା ମେଡିକାଲ କଲେଜଗୁଡିକୁ ପ୍ରୋତ୍ସାହନ ଦେବା ସହ ସବୁ ଜିଲା ହସ୍ପିଟାଲକୁ ମେଡିକାଲ କଲେଜରେ ପରିଣତ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ଉଚିତ। ସରକାରୀ ଡାକ୍ତରଙ୍କ ଦରମା, ଭତ୍ତା ଓ ଚାକିରି ସର୍ତ୍ତାବଳୀକୁ ଆକର୍ଷଣୀୟ କରାଯିବା ଆବଶ୍ୟକ। ଆମ ରାଜ୍ୟରେ ମାତ୍ର ୮/୯ଟି ମେଡିକାଲ କଲେଜ ଥିବାବେଳେ ଆନ୍ଧ୍ରରେ ୩୩, କର୍ଣ୍ଣାଟକରେ ୩୮, ତାମିଲନାଡୁରେ ୨୯, କେରଳରେ ୧୯ ଓ ମହାରାଷ୍ଟ୍ରରେ ୪୧ଟି ମେଡିକାଲ କଲେଜ ଅଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ସେପ୍ଟେମ୍ବର, ୨୦୧୮



ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ଅଞ୍ଚଳର ହାତୀଧର ଓ କୁରାବ ରିଜର୍ଭ ଜଙ୍ଗଲରେ ଥିବା ବାଘୁଣୀ ସୁନ୍ଦରୀକୁ ଧରିବାକୁ ଗୁରୁବାର ସ୍ୱତନ୍ତ୍ର ଟିମ୍‌ର ୮ ସଦସ୍ୟ ଉଦ୍ୟମ ଚଳାଇଥିଲେ ବି ସନ୍ଧ୍ୟାଯାଏ ସଫଳ ହୋଇପାରି ନାହାନ୍ତି। ବୁଧବାର ଯେଉଁ ସ୍ଥାନରେ ବାଘୁଣୀ ଥିଲା ସେଠାରୁ ୮ କିଲୋମିଟର କୋର୍ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିବାରୁ ଧରାଯିବାରେ ଅସୁବିଧା ହେଉଛି। ଏହାଛଡ଼ା ସୁନ୍ଦରୀ ଜନ୍ତୁ ଶିକାର କରି ଖାଇଥିବାରୁ ବନ ବିଭାଗ ଯନ୍ତାରେ ବାନ୍ଧିଥିବା ଛେଳି ନିକଟକୁ ଯାଇ ନାହିଁ। ତଥାପି ଜାଲ କିମ୍ବା ଯନ୍ତା ଦ୍ୱାରା କାବୁ କରାଯିବା ପ୍ରକ୍ରିୟା ଜାରି ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ପଦଯାତ୍ରା ପାଇଁ ବିଜେଡିର ବୈଠକ

**ଭୁବନେଶ୍ୱର,୨୭।୯(ବ୍ୟୁରୋ):** ଆଗକୁ ସାଧାରଣ ନିର୍ବାଚନ। ଦଳକୁ ତୃଣମୂଳସ୍ତରରେ ବ୍ୟାପକ ଭାବେ ସଙ୍ଗଠିତ କରିବାକୁ ପଡିବ। ପ୍ରତିବର୍ଷ ଭଳି ଏ ବର୍ଷ ମଧ ବିଜେଡି ପଦଯାତ୍ରା କରିବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀଠାରୁ ଏହା ଆରମ୍ଭ ହୋଇ ମାସେବ୍ୟାପୀ ଚାଲିବ। ପ୍ରତି ଜିଲା ଏବଂ ନିର୍ବାଚନମଣ୍ଡଳୀରେ ଏହାକୁ ବ୍ୟାପକ କରିବା ପାଇଁ ଦଳ ପକ୍ଷରୁ ସ୍ଥିର କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ମହିଳା ବିଜୁ ଜନତା ଦଳର ମଧ କାର୍ଯ୍ୟକ୍ରମ କରାଯିବ। ଦଳର ବିଭିନ୍ନ ସାମ୍ମୁଖ୍ୟ ତଥା ଛାମୁଆ ସଙ୍ଗଠନଗୁଡିକୁ ପଦଯାତ୍ରାରେ ସାମିଲ କରି ଜନସାଧାରଣଙ୍କ ନିକଟତର ହେବାକୁ ବିଜେଡି ପକ୍ଷରୁ ଚେଷ୍ଟା କରାଯିବ। ନିର୍ବାଚନୀ ବର୍ଷ ଥିବାରୁ ସବୁସ୍ତରର କର୍ମୀଙ୍କୁ ଏକାଠି କରିବା ଉପରେ ନେତୃତ୍ୱ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଶୁକ୍ରବାର ନବୀନ ନିବାସରେ ଅପରାହ୍ନ ୫ଟାରେ ଜିଲାୱାରି ପର୍ଯ୍ୟବେକ୍ଷକମାନଙ୍କ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି।

### ଭାଗଚାଷ ଆଇନ କେବେ ହେବ କହିହେବନି: ମହେଶ୍ୱର

**ଭୁବନେଶ୍ୱର, ୨୭।୯(ବ୍ୟୁରୋ):** ଭାଗଚାଷ ଆଇନ ଚୂଡାନ୍ତ ହୋଇନାହିଁ। ଜମି ମାଲିକ ଓ ଚାଷୀ ଉଭୟଙ୍କ ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ଏଥିପାଇଁ ଗଭୀର ଅନୁଧ୍ୟାନର ଆବଶ୍ୟକତା ରହିଛି। ଏଥିସକାଶେ ଗଠନ କରାଯାଇଥିବା ସବ୍ କମିଟି ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରି ନାହିଁ। ଆଇନ ଏବେ ହେବାର ସମ୍ଭାବନା ନାହିଁ ଏବଂ କେବେ ହେବ ସେ ନେଇ କହିହେବନି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି। ପ୍ରକାଶ ଯେ, ଜଣେ ସରକାରୀ ଅଫିସରଙ୍କ ଇଙ୍ଗିତରେ ଭାଗଚାଷ ଆଇନ ରାଜ୍ୟରେ ଲାଗୁ ହୋଇପାରି ନ ଥିବା କିଛିଦିନ ପୂର୍ବେ ବିଜେଡିରୁ ବହିଷ୍କୃତ ନେତା ଡାକ୍ତର ଦାମୋଦର ରାଉତ କହିଥିଲେ। ଏଥିପାଇଁ ଏକ ବୈଠକ ବସିଥିଲା, ଯେଉଁଥିରେ ସେ ଥିଲେ। ଉକ୍ତ ବୈଠକରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପ୍ରମୁଖ ଥିଲେ। ମାତ୍ର ବୈଠକ ପରେ ରାଜସ୍ୱ ଏବଂ ସମବାୟ ମନ୍ତ୍ରୀଙ୍କୁ ପଚାରିବାରୁ ସରକାରୀ ଅଫିସର ମନା କରିଛନ୍ତି। ଭାଗଚାଷ ଆଇନ ରାଜ୍ୟରେ ଲାଗୁ ହେବନି ବୋଲି ସେମାନେ କହିଥିବା ଦାମ ଅଭିଯୋଗ କରିଥିଲେ। ମାତ୍ର ଦାମ ମିଛ କହୁଥିବା ଉଭୟ ରାଜସ୍ୱ ଏବଂ ସମବାୟ ମନ୍ତ୍ରୀ ପରବର୍ତ୍ତୀ ସମୟରେ ପ୍ରତିକ୍ରିୟା ଦେଇଥିଲେ।

### କଠୋର ହୋଇପାରନ୍ତି ରାଜ୍ୟ ସରକାର

**ଭୁବନେଶ୍ୱର,୨୭।୯(ବ୍ୟୁରୋ):** କାମ ନାହିଁ ତ ଦରମା ନାହିଁ। ଦୀର୍ଘଦିନ ଧରି ଆନ୍ଦୋଳନରତ ବିଭାଗୀୟ ମୁଖ୍ୟ ଦପ୍ତର କର୍ମକର୍ତ୍ତାଙ୍କ ଉପରେ ଏପରି କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏନେଇ ଆହୁରି କଠୋର ହେବା ନେଇ ସୂଚନା ଦେଇଛନ୍ତି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା। ସେ କହିଛନ୍ତି ଯେ, ଆନ୍ଦୋଳନ କାରଣରୁ ସାଧାରଣ ଲୋକେ ହଇରାଣ ନ ହୁଅନ୍ତୁ। ଯଦି ଏପରି ହୁଏ, ତେବେ ସରକାର ଆହୁରି କଠୋର ହେବେ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ। ଅପରପକ୍ଷରେ କର୍ମଚାରୀମାନେ କାମ ନାହିଁ ତ ଦରମା ନାହିଁ ନିଷ୍ପତ୍ତିରୁ ସରକାର ଓହରନ୍ତୁ ବୋଲି ଦାବି କରିଛନ୍ତି। ଏକାଧିକ ଥର ସଂଘ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲେ ମଧ ତାହାର କୌଣସି ସୁଫଳ ବାହାରି ପାରିନାହିଁ।

### ରାଜ୍ୟରେ ଉଚ୍ଚଶିକ୍ଷା ବିପର୍ଯ୍ୟସ୍ତ : କଂଗ୍ରେସ

**ଭୁବନେଶ୍ୱର,୨୭।୯(ବ୍ୟୁରୋ):** ରାଜ୍ୟ ସରକାର ନିଜର ପ୍ରଚାର ଓ ପ୍ରସାର ପାଇଁ ବିଜ୍ଞାପନରେ ମାତ୍ରାଧିକ ବ୍ୟୟ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ୨୦୧୩-୧୪ରୁ ଏଯାବତ୍ ଛାତ୍ରୀଛାତ୍ରମାନଙ୍କୁ ୭୫ ହଜାର ଲାପ୍‌ଟପ ପ୍ରଦାନ କରାଯାଇଛି। ଏତଦ୍‌ବ୍ୟତୀତ ଏହି ସବୁ ବଣ୍ଟନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟର ପ୍ରଚାର ପାଇଁ ରାଜ୍ୟ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ବିଜ୍ଞାପନରେ ରାଜ୍ୟ ସରକାର ବାହାବା ନେବାରେ ଲାଗିଛନ୍ତି। ହେଲେ ଉଚ୍ଚଶିକ୍ଷାର ମାନ ଏବଂ ଭିତ୍ତିଭୂମି ଦିନକୁ ଦିନ ଭୁଶୁଡି ଯାଉଥିବା ପିସିସି ଗଣମାଧମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି।

# ପଦାକୁ ଆସୁଛି କଂଗ୍ରେସ କନ୍ଦଳ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**

- ପିଇସିରେ ଜୟଦେବ, ଶ୍ରୀକାନ୍ତ, ଶରତ, କାହ୍ନୁ
- ଚିଠିରେ ଉଲ୍ଲେଖ ହୋଇଛି, ଆବଶ୍ୟକ ପଡିଲେ ଡାକିପାର: ନିରଞ୍ଜନ
- ଦୁର୍ବଳ ହେଉଛି ମହିଳା ସଂଗଠନ

ପ୍ରଦେଶ କଂଗ୍ରେସରେ ଗୋଷ୍ଠୀକନ୍ଦଳ ଉପରକୁ ଜଣାପଡୁ ନ ଥିଲେ ମଧ ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ଦଳର ଛାତ୍ର, ମହିଳା ଏବଂ ବରିଷ୍ଠ ନେତାମାନଙ୍କ ମଧ୍ୟରେ ବିବାଦ ଏବେ କ୍ରମଶଃ ଉଗ୍ରରୂପ ନେବା ଆରମ୍ଭ କରିଛି। ଫଳରେ କଂଗ୍ରେସ ନେତାମାନେ କେବଳ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରିବାରେ ଲାଗିପଡିଛନ୍ତି। ଦଳରେ ମହିଳା ସଭାପତି ପଦ ହାତେଇବା ପାଇଁ ମତଭେଦ ଥିବା କିଛିଦିନ ତଳେ ସାମ୍ନାକୁ ଆସିଥିଲା। ଏବେ ବରିଷ୍ଠ ନେତାଙ୍କ ମଧ୍ୟରେ ଦଳୀୟ କମିଟିକୁ ନେଇ ଚାଲିଥିବା ଲଢେଇ ସାମ୍ନାକୁ ଆସିବାପରେ ଦଳରେ ଯେ ସବୁକିଛି ଠିକ୍ ଚାଲି ନାହିଁ ତା'ର ପ୍ରମାଣ ମିଳୁଛି। ଏଠାରେ ପ୍ରତିଯୋଗିତା କଥା କାହିଁକି କୁହାଯାଉଛି ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କିନ୍ତୁ ପିସିସି ପକ୍ଷରୁ କରାଯାଇଥିବା କମିଟିର ରୂପରେଖ ଦେଖିଲେ ଏହାକୁ ଏଡାଇ ଦିଆଯାଇପାରିବ ନାହିଁ। ବିଗତ ଦିନରେ ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଦଳରେ ସମସ୍ତଙ୍କୁ ଏକାଠି କରିପାରୁ ନ ଥିବା ବହୁ ନେତା ଅଭିଯୋଗ କରିଥିଲେ। ନିରଞ୍ଜନ ପଟ୍ଟନାୟକ ପିସିସି ମଙ୍ଗ ଧରିବାପରେ ଦଳରେ ସବୁକିଛି ଠିକ୍ ହୋଇଯିବ ଏବଂ ତୃଣମୂଳସ୍ତରର କର୍ମୀମାନେ ଆଗ୍ରହରେ ସରକାର ବିରୋଧରେ ଏକଜୁଟ୍ ହୋଇ କାମ କରିବେ ବୋଲି ଏକ ଚର୍ଚ୍ଚା ସୃଷ୍ଟି କରାଗଲା। କିନ୍ତୁ ନିରଞ୍ଜନ ସଭାପତି ପଦରେ ଅବସ୍ଥାପିତ ହେବାପରେ ପୁଣି ଦଳକୁ ପୁରୁଣା ରୋଗ ଫେରି ଆସିଛି।

ପ୍ରଦେଶ କଂଗ୍ରେସର କିଛି ବରିଷ୍ଠ ନେତାଙ୍କୁ ଗୁରୁବାର ପିଇସି(ପ୍ରଦେଶ ଇଲେକ୍ସନ କମିଟି)ରେ ନିଯୁକ୍ତ କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କାହ୍ନୁ ଲେଙ୍କା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏବଂ ଏଆଇସିସି ସମ୍ପାଦକ ଶରତ ରାଉତଙ୍କୁ ଏହି କମିଟିରେ ସ୍ଥାନ ମିଳିଛି। ଦେଢ ମାସ ତଳେ ପିସିସି ପକ୍ଷରୁ ପିଇସି କମିଟି ତାଲିକା ପ୍ରକାଶ କରାଯାଇଥିଲା, ଯେଉଁ କମିଟିରେ ନୂତନଭାବେ ନିଯୁକ୍ତି ପାଇଥିବା ନେତାଙ୍କୁ ବାଦ୍ ଦିଆଯାଇଥିଲା। ତେଣୁ କମିଟିର ପ୍ରଥମ ବୈଠକରେ ଉକ୍ତ ନେତାମାନେ ବିଷୋଦ୍‌ଗାର କରିଥିଲେ। ନିରଞ୍ଜନ ଜାଣିଶୁଣି ପୂର୍ବରୁ ତାଙ୍କ ବିରୋଧୀ ବୋଲି ଚର୍ଚ୍ଚା ହେଉଥିବା ଏହି ନେତାମାନଙ୍କୁ ପିଇସି କମିଟିରେ ସ୍ଥାନ ଦେଇ ନ ଥିବା ଆଲୋଚନା ହୋଇଥିଲା। ଏହା ପ୍ରଥମ ଥର ପାଇଁ ନୁହେଁ, ବରଂ ପୂର୍ବରୁ ନିରଞ୍ଜନ ଯେତେବେଳେ ସଭାପତି ଥିଲେ ସେତେବେଳେ ମଧ ଉପରୋକ୍ତ ନେତାଙ୍କ ମଧ୍ୟରୁ କେତେକଙ୍କୁ ପିଇସିରେ ସ୍ଥାନ ଦେଇ ନ ଥିଲେ। ସୂତ୍ର ଅନୁଯାୟୀ, ପିଇସି କମିଟିରେ ହଠାତ୍ ସ୍ଥାନ ପାଇଥିବା ବରିଷ୍ଠ ନେତାଙ୍କ ମଧ୍ୟରୁ କେତେଜଣ ଦିଲ୍ଲୀ ଯାଇ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ଏଥିପାଇଁ ଆସନ୍ତା ୧ରେ ପିଇସି ଏବଂ ସ୍କ୍ରିନିଂ କମିଟି ବୈଠକ ବସିବାକୁ ଥିବାବେଳେ ତା'ପୂର୍ବରୁ ହଠାତ୍ ଏହି ନେତାଙ୍କୁ ନିର୍ବାଚନ କମିଟିରେ ସାମିଲ କରାଯାଇଛି। ତେବେ ପିଇସିରେ ଅନଭିଜ୍ଞ ନେତାଙ୍କୁ ସ୍ଥାନ ଦେଇ କେତେଜଣ ଅଭିଜ୍ଞ ନେତାଙ୍କୁ ଜାଣିଶୁଣି ବାଦ୍ ଦିଆଯାଇଥିବା ଚର୍ଚ୍ଚା ହେଉଛି। କେବଳ ସେତିକି ନୁହେଁ, ମହିଳା କଂଗ୍ରେସ କ୍ଷେତ୍ରରେ ମଧ ସମାନ ସ୍ଥିତି ସୃଷ୍ଟି ହୋଇଛି।

ପ୍ରଦେଶ ମହିଳା କଂଗ୍ରେସ ସଭାପତି ଥିବା ସସ୍ମିତା ବେହେରାଙ୍କୁ ପଦରୁ ହଟାଯିବା ପାଇଁ ନିରଞ୍ଜନ ତାଙ୍କ ଉପରେ ବିଗତ ଦିନରେ ଚାପ ପକାଇଥିବା ଜଣାପଡିଥିଲା। ଏନେଇ ସସ୍ମିତା ମଧ ପ୍ରତିକ୍ରିୟା ଦେଇ ସ୍ପଷ୍ଟ କରିଥିଲେ। ବରିଷ୍ଠ ମହିଳା ନେତ୍ରୀ ସୁମିତ୍ରା ଜେନାଙ୍କୁ ମହିଳା କଂଗ୍ରେସ ସଭାପତି କରିବାକୁ ନିରଞ୍ଜନ ଚାହୁଁଥିବା ଚର୍ଚ୍ଚା ଜୋର୍ ଧରିଲା। ଏଥିପାଇଁ ନିକଟରେ ଉଭୟ ସସ୍ମିତା ଏବଂ ସୁମିତ୍ରା ଦିଲ୍ଲୀ ଗସ୍ତରେ ଯାଇ ବାରମ୍ବାର କେନ୍ଦ୍ରୀୟ ନେତାଙ୍କୁ ସାକ୍ଷାତ ଆଲୋଚନା ଜାରି ରଖିଥିବା ସୂତ୍ରରୁ ଜଣାପଡିଛି। ମହିଳା ସଭାପତି ପଦରେ ନିରଞ୍ଜନ ନିଜ ସମର୍ଥକଙ୍କୁ ଅବସ୍ଥାପିତ କରିବାକୁ ଚାହୁଁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଧିକାଂଶ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ ମତ ରଖିଛନ୍ତି। ଫଳରେ ଦଳର ମହିଳା ସଙ୍ଗଠନ ଏକପ୍ରକାର ସ୍ଥାଣୁ ପାଲଟି ଯାଇଛି। ଗୋଟିଏପଟେ ରାଜ୍ୟ ସରକାରଙ୍କ ବିରୋଧରେ ଭାଜପା ମହିଳା ମୋର୍ଚ୍ଚା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରି ନିଜକୁ ସଙ୍ଗଠିତ କରିବା ପାଇଁ ଆଉ ଏକ ସୁଯୋଗ ପାଇଯାଇଛି। ଅନ୍ୟପକ୍ଷରେ ମହିଳା କଂଗ୍ରେସର ସ୍ଥିତି ଦୁର୍ବଳ ହେବାରେ ଲାଗିଛି।

ଏନେଇ ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଗୋଟିଏ ଚିଠି ମୋ ନିକଟକୁ ଆସିଛି, ସେଥିରେ ଉଲ୍ଲେଖ ରହିଛି, ଆବଶ୍ୟକ ପଡିଲେ ନୂତନ ନିଯୁକ୍ତି ପାଇଥିବା ୪ ନେତାଙ୍କୁ ପିଇସି ବୈଠକକୁ ଡକାଯାଇପାରିବ। ସେହି ଚିଠିକୁ ଖୁବଶୀଘ୍ର ଦେବେ ବୋଲି ସେ କହିଛନ୍ତି। ମହିଳା ସଭାପତି ସସ୍ମିତା ତାଙ୍କ ପଦରୁ ହଟିଯିବାକୁ ନିରଞ୍ଜନ କହିଥିବା କଥା ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

# ଆନ୍ଦୋଳନରୁ ଓହରିଲେ ଅଗ୍ନିଶମ କର୍ମଚାରୀ

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**

**ଗୃହ ବିଭାଗ ଅତିରିକ୍ତ ସଚିବଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ**

୬ ଦଫା ଦାବିରେ ହାବିଲଦାର ଓ ଅଗ୍ନିଶମ କର୍ମଚାରୀ ସଂଘ ପକ୍ଷରୁ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ଗୁରୁବାର ସଂଘର ୫ଜଣିଆ ସଦସ୍ୟ ଗୃହ ବିଭାଗର ଅତିରିକ୍ତ ସଚିବ ଅସିତ ତ୍ରିପାଠୀଙ୍କ ସହ ଆଲୋଚନା କରିଥିଲେ। ସଚିବ ସେମାନଙ୍କ ଦାବି ପୂରଣ ଲାଗି ପ୍ରତିଶ୍ରୁତି ଦେବା ପରେ ସଂଘ ଆନ୍ଦୋଳନରୁ ଓହରିଯାଇଥିବା ସଂଘର ଆବାହକ ଅକ୍ଷୟ ପ୍ରଧାନ କହିଛନ୍ତି। ଏହାସହ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛି।

ଓଡିଶା ପୋଲିସ କର୍ମଚାରୀଙ୍କ ସହିତ ସମାନ ଦରମା ଓ ଭତ୍ତା, ଜବ୍ ଚାର୍ଟ ନିର୍ଘଣ୍ଟ, ଖାଲି ପଦବୀ ପୂରଣ, ଠିକା ବ୍ୟବସ୍ଥା ଉଚ୍ଛେଦ ତଥା ସଂଘକୁ ସରକାରୀ ପଞ୍ଜୀକରଣ କରିବା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅବସରକାଳୀନ ପ୍ରାପ୍ୟ ପ୍ରଦାନ ଏବଂ କ୍ୟାଡର ପୁନର୍ଗଠନ କରିବା ଦାବି ନେଇ ସଂଘ ପକ୍ଷରୁ ଅନେକ ଥର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ ସରକାର ଏ ଦିଗରେ ପଦକ୍ଷେପ ନ ନେବାରୁ ସଂଘ ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏଥିରେ ରାଜ୍ୟର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ସାମିଲ ହୋଇଥିଲେ। ଅନ୍ୟପଟେ ଏହି ଆନ୍ଦୋଳନ ଯୋଗୁ ଅନେକ ଧନଜୀବନ କ୍ଷତି ହୋଇଛି। ମୟୂରଭଞ୍ଜ ଜିଲା ମୋରଡା ବ୍ଲକ୍ ଡାକୋଇ ଗାଁରେ ଜଣେ ୨ ବର୍ଷର ଶିଶୁପୁତ୍ର ପ୍ରତ୍ୟୁଷ ଘର ନିକଟରେ ଖେଳୁଥିବା ବେଳେ କୂଅରେ ପଡିଯାଇଥିଲେ। ଏ ନେଇ ପରିବାର ଲୋକେ ଅଗ୍ନିଶମ କର୍ମଚାରୀଙ୍କୁ ସହାୟତା ପାଇଁ ଫୋନ କରିଥିଲେ ମଧ ଆନ୍ଦୋଳନ ଚାଲିଥିବାରୁ ସେମାନେ ଯାଇପାରିବେ ନାହିଁ ବୋଲି କହିଥିଲେ। ଫଳରେ ଶିଶୁଟିର ମୃତ୍ୟୁ ଘଟିଥିଲା। ସେହିଭଳି ଦଶପଲ୍ଲା ଥାନା ଅଧୀନ ଶ୍ରୀରାମପୁର ଗାଁରେ ଅଗ୍ନିକାଣ୍ଡ ଘଟିବା ବେଳେ ଗ୍ରାମବାସୀ ଦଶପଲ୍ଲା ଅଗ୍ନିଶମ କର୍ମଚାରୀଙ୍କୁ ଫୋନ୍ କରିଥିଲେ ମଧ କୌଣସି ସହାୟତା ମିଳି ନ ଥିଲା। ଏହି ଘଟଣା ପରେ କାର୍ଯ୍ୟରେ ଅବହେଳା ତଥା ଚାକିରିରେ ବିଶୃଙ୍ଖଳିତ ଆଚରଣ ପାଇଁ ୬ଜଣ ଅଗ୍ନିଶମ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ମୟୂରଭଞ୍ଜ ଜିଲା ଚିତ୍ରଡା ଅଗ୍ନିଶମ କେନ୍ଦ୍ରର ୨ଜଣ, ଦଶପଲ୍ଲାର ୨ଜଣ ଓ ବାଲିଆପାଳର ୨ଜଣ ନିଲମ୍ବିତ ହୋଇଥିଲେ। ତେବେ ସେମାନଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇବା ପାଇଁ ସଂଘ ପକ୍ଷରୁ ଅତିରିକ୍ତ ସଚିବ ଅସିତ ତ୍ରିପାଠୀଙ୍କୁ କୁହାଯାଇଛି। ସେ ଏହା ଉପରେ ବିଚାର କରି ନିଷ୍ପତ୍ତି ନେବେ ବୋଲି କହିଥିବା ଆବାହକ ଅକ୍ଷୟ କହିଛନ୍ତି। ଅନ୍ୟପଟେ ସରକାର ନିଜର ପ୍ରତିଶ୍ରୁତି ପାଳନ ନ କଲେ ସଂଘ ପୁଣି ଥରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି।

# ଗିରଫ ଓପେପା ଅଧିକାରୀ ମା'ଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୨୭।୯(ବ୍ୟୁରୋ)**

- ୪ର୍ଥ ମହଲାରୁ ଡେଇଁପଡ଼ିଲେ
- ଅର୍ଥାଭାବରୁ ମାନସିକ ଚିନ୍ତାରେ ଥିଲେ

କିଛିଦିନ ତଳେ ଲାଞ୍ଚ ନେଇ ଗିରଫ ହୋଇଥିବା ନିଲମ୍ବିତ ଓପେପା ଆକାଉଣ୍ଟ୍‌ସ ଅଧିକାରୀ ନଳିନୀ ପୃଷ୍ଟିଙ୍କ ମା' ଦେବକୀ ପୃଷ୍ଟି ଗୁରୁବାର ଆତ୍ମହତ୍ୟା କରିଛନ୍ତି। ଶହୀଦନଗର ଥାନା ଅନ୍ତର୍ଗତ ଜୟଦେବବିହାରରେ ଥିବା ଉତ୍କଳ ଭିଲ୍ଲା ଆପାର୍ଟମେଣ୍ଟରେ ଦେବକୀ ସ୍ୱାମୀଙ୍କ ସହିତ ରହୁଥିଲେ। ଗୁରୁବାର ଅପରାହ୍ନରେ ସେ ଆପାର୍ଟମେଣ୍ଟର ଚତୁର୍ଥ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ମାମଲା(୬୪/୧୮) ରୁଜୁ କରି ଘଟଣାର ତଦନ୍ତ କରୁଛି। ତାଙ୍କ ଘରୁ ପୋଲିସ ଏକ ଚିଠି ଜବତ କରିଛି। ଅର୍ଥାଭାବ ସାଙ୍ଗକୁ ସ୍ୱାମୀଙ୍କ ପାଇଁ ଔଷଧ କିଣିବା ଏବଂ ପରିବାର ଚଳାଇବା ଲାଗି ଟଙ୍କା ନ ଥିବାରୁ ସେ ମାନସିକ ଚିନ୍ତାରେ ଥିଲେ। ଏଥିପାଇଁ ସେ ଆତ୍ମହତ୍ୟା କରିଥିବା ଚିଠିରେ ଉଲ୍ଲେଖ ରହିଛି ବୋଲି ଡିସିପି ଅନୁପ ସାହୁ କହିଛନ୍ତି।

ସୂଚନା ଅନୁଯାୟୀ, ଦେବକୀଙ୍କ ସ୍ୱାମୀ କିଛିଦିନ ହେବ ରୋଗାକ୍ରାନ୍ତ ଥିଲେ। ଉଭୟେ ଉକ୍ତ ଆପାର୍ଟମେଣ୍ଟରେ ୭ବର୍ଷ ହେବ ରହୁଥିଲେ। ଦେବକୀଙ୍କ ଝିଅ ନଳିନୀ ଓପେପା ଆକାଉଣ୍ଟ୍‌ସ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ସ୍ୱାମୀ ତଥା ନଳିନୀଙ୍କ ସ୍ୱାମୀ ବିଜୟ କେତନ ସାହୁ ଛତ୍ରପୁର ତହସିଲଦାର ଥିଲେ। କିନ୍ତୁ ଗତ କିଛିଦିନ ତଳେ ଲାଞ୍ଚନେବା ଅଭିଯୋଗରେ ଭିଜିଲାନ୍ସ ଉଭୟଙ୍କୁ ଗିରଫ କରିଥିଲା। ସେମାନଙ୍କୁ ଗିରଫ କରିବା ପରେ ଦେବକୀ ଚିନ୍ତାଗ୍ରସ୍ତ ହୋଇପଡ଼ିଥିଲେ। ସେପଟେ ସ୍ୱାମୀ ରୋଗାଗ୍ରସ୍ତ ଥିବାରୁ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡିଥିଲା। ସ୍ୱାମୀଙ୍କ ଚିକିତ୍ସା ପାଇଁ ମଧ୍ୟରେ ପାଖରେ ଟଙ୍କାଟିଏ ନ ଥିଲା। ଏହାକୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ ପାଟିତୁଣ୍ଡ ହେଉଥିଲା, ଯେଉଁଥିପାଇଁ ଦେବକୀ ମାନସିକ ଅଶାନ୍ତିରେ ରହୁଥିଲେ। ଗୁରୁବାର ଅପରାହ୍ନ ପ୍ରାୟ ୧ଟାରେ ସେ ରୋଷେଇ କରିବା ପରେ କିଛି ସମୟ ପାଇଁ ସ୍ୱାମୀଙ୍କ ସହ କଥା ହୋଇଥିଲେ। ଏହା ପରେ ସେ ହଠାତ୍ ଆପାର୍ଟମେଣ୍ଟର ଚତୁର୍ଥ ମହଲାରୁ ଡେଇଁ ପଡିଥିଲେ। ଦେବକୀ ତଳେ ପଡିବା ପରେ ତାଙ୍କ ମୁଣ୍ଡ ଓ ଛାତି ମାଡ ହେବାଦ୍ୱାରା ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।








CLASSIFIED DISPLAY












ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ସେପ୍ଟେମ୍ବର, ୨୦୧୮



"ଅଯୋଧ୍ୟା ମାମଲାର ଚୂଡ଼ାନ୍ତ ରାୟ ଆସିବା ଲାଗି ସୁପ୍ରିମକୋର୍ଟ ବାଟ ଫିଟାଇଦେଇଛନ୍ତି । ତେବେ ଦୀପାବଳି ପୂର୍ବରୁ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଉଚିତ ।

- ସୁବ୍ରମଣ୍ୟମ୍ ସ୍ୱାମୀ, ଭାଜପା ଏମ୍ପି



## ସଂକ୍ଷେପରେ

### ଚୋକ୍ସୀଙ୍କୁ ପ୍ରତ୍ୟର୍ପଣ ଲାଗି ଆଣ୍ଟିଗୁଆର ପ୍ରତିଶ୍ରୁତି



ନ୍ୟୁୟର୍କ,୨୭।୯(ପି.ଟି.)-ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ (ପିଏନ୍‌ବି) ଠକେଇ ମାମଲାର ପଳାତକ ଘୋଷିତ ଭାରତୀୟ ଅର୍ଥନୈତିକ ଅପରାଧୀ ମେହୁଲ ଚୋକ୍ସୀ ଏବେ ଆଣ୍ଟିଗୁଆରେ ଆଶ୍ରୟ ନେଇଛନ୍ତି। ତାଙ୍କୁ ଭାରତ ଆଣିବା ଲାଗି ଜୋର୍‌ଦାର ଉଦ୍ୟମ ଚଳାଇଛି ଭାରତ ସରକାର। ଚୋକ୍ସୀଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବା ଲାଗି ଆଣ୍ଟିଗୁଆ ସରକାରଙ୍କ ପକ୍ଷରୁ ଗୁରୁବାର ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ମିଳିଛି। ମିଳିତ ଜାତିସଂଘ ୭୩ତମ ଜେନେରାଲ ଆସେମ୍ବ୍ଲି ଉପରାନ୍ତେ ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ ଗୁରୁବାର ଆଣ୍ଟିଗୁଆ ଆଣ୍ଡ ବାର୍ବୁଡା ପ୍ରତିପକ୍ଷ ଇ.ପି. ଚେଟ୍ ଗ୍ରୀନ୍‌ଙ୍କୁ ସାକ୍ଷାତ୍ କରିବା କରିବା ପରେ ଏଭଳି ପ୍ରତିଶ୍ରୁତି ମିଳିଥିବା ଜଣାପଡ଼ିଛି। ଏହି ପ୍ରସଙ୍ଗ ଉପରେ ପ୍ରାଧାନ୍ୟ ଦେବା ସହ ଯଥାଶୀଘ୍ର ସମ୍ଭବ ଚୋକ୍‌ସୀଙ୍କୁ ଭାରତ ସରକାରଙ୍କୁ ହସ୍ତାନ୍ତର କରିବା ଲାଗି ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ପଦକ୍ଷେପ ନେବେ ବୋଲି ସୁଷମାଙ୍କୁ ଗ୍ରୀନ୍ ପ୍ରତିଶ୍ରୁତି ଦେଇଛନ୍ତି।

### ଯୋଜନା ଆଣିପାରିବେ ନାହିଁ କାମଚଳା ସରକାର: ଇସି

### 'ବିଧାନସଭା ଭଙ୍ଗହେବା କ୍ଷଣି ଆଚରଣବିଧି ଲାଗୁ ହୁଏ'

ନୂଆଦିଲ୍ଲୀ,୨୭।୯(ପି.ଟି.)-ଯେଉଁ ରାଜ୍ୟଗୁଡ଼ିକରେ ଆଗତୁରା ବିଧାନସଭା ଭଙ୍ଗ ହୋଇଯାଏ ସେଠାରେ ସ୍ୱତଃସ୍ଫୂର୍ତ୍ତ ଭାବେ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଥାଏ। କାମଚଳା ସରକାରଗୁଡ଼ିକ ରାଜ୍ୟରେ କୌଣସି ନୂଆ ଯୋଜନା ଘୋଷଣା କରିପାରିବେ ନାହିଁ ବୋଲି ଗୁରୁବାର ନିର୍ବାଚନ କମିଶନ(ଇସି) କହିଛନ୍ତି। କ୍ୟାବିନେଟ୍ ସଚିବାଳୟକୁ ଜାରି କରିଥିବା ଏକ ବିଜ୍ଞପ୍ତିରେ ଇସି ସ୍ପଷ୍ଟ କରିଛନ୍ତି ଯେ, କାମଚଳା ରାଜ୍ୟ ସରକାର ଏବଂ ସେହି ରାଜ୍ୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ପାଇଁ ମଧ୍ୟ ଆଦର୍ଶ ଆଚରଣବିଧି ଲାଗୁ ହୋଇଥାଏ। ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ସହ ଆଚରଣବିଧି ନିଷ୍କ୍ରିୟ ହୋଇଥାଏ। ଏହି ସମୟ ମଧ୍ୟରେ ନା କାମଚଳା ସରକାର ନା କେନ୍ଦ୍ର ସରକାର, ଉକ୍ତ ରାଜ୍ୟରେ ନୂଆ ଯୋଜନା ଆଣିପାରିବେ। ବେସରକାରୀ କାର୍ଯ୍ୟ ପାଇଁ ସରକାରୀ ସମ୍ବଳର ବ୍ୟବହାର, ନିର୍ବାଚନୀ ଗସ୍ତ ସହ ସରକାରୀ କାର୍ଯ୍ୟକ୍ରମ ସମ୍ପାଦନ କରିବା ଆଦି କଟକଣା ମଧ୍ୟ କାମଚଳା ସରକାର ଏବଂ କେନ୍ଦ୍ରର ସମସ୍ତ ମନ୍ତ୍ରୀ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉପରେ ଲାଗୁହେବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

### ସାବରିମାଳା ମାମଲାର ରାୟ ଆଜି

ନୂଆଦିଲ୍ଲୀ,୨୭।୯(ପି.ଟି.)- ସୁପ୍ରିମକୋର୍ଟରେ ସାବରିମାଲା ମାମଲାର ବହୁପ୍ରତୀକ୍ଷିତ ରାୟ ଶୁକ୍ରବାର ପ୍ରକାଶ ପାଇବ। କେରଳର ସାବରିମାଲା ମନ୍ଦିରରେ ୧୦ରୁ ୫୦ ବର୍ଷୀୟା ମହିଳାଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ଏହାକୁ ଚ୍ୟାଲଞ୍ଜ କରି ଇଣ୍ଡିଆନ୍ ୟଙ୍ଗ୍ ଲୟର୍ସ ଆସୋସିଏଶନ୍ ଓ ଅନ୍ୟ କେତେଜଣ ଆବେଦନକାରୀଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଛି। ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୮ ଦିନ ଧରି ଏହାର ଶୁଣାଣି କରିବା ପରେ ଅଗଷ୍ଟ ୮ରେ ରାୟ ସଂରକ୍ଷିତ ରଖିଥିଲେ।

**ଭ୍ୟାପମ ଦୁର୍ନୀତି**

### କଂଗ୍ରେସ ନେତାଙ୍କ ବିରୋଧରେ ମାମଲା ରୁଜୁ

ଭୋପାଳ,୨୭।୯(ପି.ଟି.)-ମଧ୍ୟପ୍ରଦେଶର ବହୁ ଚର୍ଚ୍ଚିତ ଭ୍ୟାପମ୍ ଦୁର୍ନୀତିରେ ଏକ ସ୍ଥାନୀୟ କୋର୍ଟଙ୍କ ନିର୍ଦ୍ଦେଶ ପରେ କଂଗ୍ରେସ ନେତା ଦିଗବିଜୟ ସିଂ, କମଳନାଥ ଏବଂ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହି ନେତାମାନେ ଭ୍ୟାପମ ମାମଲାରେ କୋର୍ଟରେ ମିଥ୍ୟା ପ୍ରମାଣ ଓ ଜାଲ କାଗଜପତ୍ର ଦାଖଲ କରିଥିବା ଅଭିଯୋଗ ହୋଇଛି। ସ୍ୱତନ୍ତ୍ର ବିଚାରପତି ସୁରେଶ ସିଂ ଏହି ନେତାଙ୍କ ବିରୋଧରେ ମାମଲା ରୁଜୁକରି ଏହାର ରିପୋର୍ଟ ନଭେମ୍ବର ୧୩ ମଧ୍ୟରେ ଦାଖଲ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସନ୍ତୋଷ ଶର୍ମା ନାମକ ଜଣେ ଆଇନଜୀବୀ ଏ ସମ୍ପର୍କରେ ସୋମବାର କୋର୍ଟରେ ଅଭିଯୋଗ ଆଣିଥିଲେ।

## ■ ସୁପ୍ରିମକୋର୍ଟରେ ଅଯୋଧ୍ୟା ମାମଲା

# ବିଚାରର ପାଇଁ ବାଟ ଫିଟିଲା

ନୂଆଦିଲ୍ଲୀ, ୨୭।୯(ଆଇଏଏନ୍ଏସ୍)



ଇସ୍‌ଲାମ ଧର୍ମର ପ୍ରଥା ପାଳନ ପାଇଁ ମସ୍‌ଜିଦ ନିହାତି ଗୁରୁତ୍ୱପୂର୍ଣ୍ଣ ଅଂଶ ନୁହେଁ। ମୁସଲମାନ ଧର୍ମାବଲମ୍ବୀମାନେ କେବଳ ମସ୍‌ଜିଦରେ ନମାଜ ପାଠ କରିବେ, ସେନେଇ କୌଣସି ଧରାବନ୍ଧା ନିୟମ ନାହିଁ। ଖୋଲା ଜାଗାରେ ମଧ୍ୟ ନମାଜ ପଢ଼ିହେବ ବୋଲି ୧୯୯୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ସମୀକ୍ଷା ଲାଗି ଆବେଦନ ହୋଇଥିଲା। ଗୁରୁବାର ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି ସର୍ବୋଚ୍ଚ ଅଦାଲତ। ବୃହତ୍ ସାମ୍ବିଧାନିକ ପୀଠକୁ ଏହି ମାମଲା ହସ୍ତାନ୍ତର କରାଯିବ ନାହିଁ ବୋଲି ୨:୧ ରାୟରେ କୋର୍ଟ ସ୍ପଷ୍ଟ କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ତିନିଜଣିଆ ଖଣ୍ଡପୀଠର ଦୁଇ ସଦସ୍ୟ ସପକ୍ଷରେ ରାୟ ଦେଇଥିବାବେଳେ ଅନ୍ୟଜଣେ ସାମ୍ବିଧାନିକ ପୀଠକୁ ମାମଲା ହସ୍ତାନ୍ତର କରାଯାଉ ବୋଲି ମତ ଦେଇଥିଲେ। ଏହି ରାୟ ପ୍ରକାଶ ପାଇବା ପରେ ଏବେ ଅଯୋଧ୍ୟା ଜମି ବିବାଦର ମୁଖ୍ୟ ମାମଲା ଉପରେ ନ୍ୟାୟିକ ଲଢ଼େଇ ପାଇଁ ପଥ ପରିଷ୍କାର ହୋଇଯାଇଛି। ଏବେ ନୂଆକରି ଗଠନ ହେବାକୁ ଥିବା ତିନିଜଣିଆ ଖଣ୍ଡପୀଠକୁ ମାମଲା ହସ୍ତାନ୍ତର କରାଯିବ। ଏହାପରେ ଅକ୍ଟୋବର ୨୯ରୁ ମୁଖ୍ୟ ମାମଲାର ଶୁଣାଣି ଆରମ୍ଭ ହେବ ବୋଲି ଅଦାଲତ କହିଛନ୍ତି। ଏହି ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।

ଅଯୋଧ୍ୟାରେ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦକୁ ନେଇ ଲାଗିରହିଥିବା ବିବାଦ ତିନି ଦଶନ୍ଧି ଧରି ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ହୋଇରହିଛି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ରାଜନୈତିକ ଦୃଷ୍ଟିରୁ ସମ୍ବେଦନଶୀଳ ଅଯୋଧ୍ୟା ମାମଲାର ସମାଧାନ ହୋଇଯିବ ବୋଲି କୁହାଯାଉଛି। ତେଣୁ ଏହି ମାମଲାର ରାୟ କ'ଣ ହେବ, ସେନେଇ ଦେଶବାସୀଙ୍କ ମନରେ ଉତ୍ସୁକତା ରହିଛି। ଏତିକିବେଳେ ଅଯୋଧ୍ୟା ଜମି ଅଧିଗ୍ରହଣର ଏକ ସୀମିତ ପ୍ରସଙ୍ଗ ଉପରେ ରାୟ ପ୍ରକାଶ କରି ସୁପ୍ରିମକୋର୍ଟ ମତ ସ୍ପଷ୍ଟ କରିଦେଇଛନ୍ତି। ଜଷ୍ଟିସ୍ ଦୀପକ ମିଶ୍ରଙ୍କ ସହ ଏକମତ ଥିବା ଜଷ୍ଟିସ୍ ଅଶୋକ ଭୂଷଣ କହିଛନ୍ତି ଯେ, ୧୯୯୪ ଇସ୍‌ମାଇଲ ଫାରୁକୀ ମାମଲାରେ ଦିଆଯାଇଥିବା ରାୟର ସମୀକ୍ଷା ଲାଗି ଅଯୋଧ୍ୟା ବିବାଦ ସଂକ୍ରାନ୍ତ କୌଣସି ମାମଲା ବୃହତ୍ ପୀଠକୁ ହସ୍ତାନ୍ତର କରାଯିବ ନାହିଁ। ଖାଲି ସେତିକି ନୁହେଁ, ରାଜ୍ୟରେ ସମସ୍ତ ଧର୍ମକୁ ସମ୍ମାନ ଦିଆଯିବା ଉଚିତ। କାହିଁକି ନା ନିଜ ନିଜ ସମ୍ପ୍ରଦାୟ ପାଇଁ ମନ୍ଦିର, ମସ୍‌ଜିଦ ଓ ଚର୍ଚ୍ଚ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଖଣ୍ଡପୀଠ ପ୍ରକାଶ କରିଛନ୍ତି।

ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ମୁସଲମାନ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି କରିଥିବା ଆବେଦନ ଉପରେ ଅଦାଲତ ଉକ୍ତ ରାୟ ଦେଇଛନ୍ତି। ମୁଖ୍ୟ ଆବେଦନକାରୀ ମହମ୍ମଦ ସିଦ୍ଦିକ୍ ଦର୍ଶାଇଥିଲେ ଯେ, ୨୦୧୦ରେ ଆଲ୍ଲାହାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠ ଅଯୋଧ୍ୟାରେ ଥିବା ୨.୭୭ ଏକର ବିଶିଷ୍ଟ ବିବାଦୀୟ ଭୂଖଣ୍ଡକୁ ତିନି ପକ୍ଷ (ରାମ ଲଲ୍ଲା, ନିର୍ମୋହୀ ଆଖଡ଼ା ଏବଂ ସୁନ୍ନି ୱାକଫ୍ ବୋର୍ଡ)ଙ୍କୁ ବଣ୍ଟନ କରିବାକୁ କହିଥିଲେ। ଏହି ଅବସରରେ ହାଇକୋର୍ଟ ୧୯୯୪ରେ ସୁପ୍ରିମକୋର୍ଟର ପାଞ୍ଚଜଣିଆ ଖଣ୍ଡପୀଠ ଦେଇଥିବା ରାୟର କିଛି ପଂକ୍ତି ଦର୍ଶାଇଥିଲେ। ନମାଜ ପାଠ ପାଇଁ କେବଳ ମସ୍‌ଜିଦ ହିଁ ଆବଶ୍ୟକ ନୁହେଁ ବୋଲି କୋର୍ଟ କହିଥିଲେ। ସିଦ୍ଦିକ୍‌ଙ୍କ ମୃତ୍ୟୁ ହୋଇସାରିଥିବାରୁ ତାଙ୍କ ଉତ୍ତରାଧିକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରାଯାଉଛି।

**ଅଦାଲତଙ୍କ ୨:୧ ରାୟ**

- ସାମ୍ବିଧାନିକ ପୀଠକୁ ହସ୍ତାନ୍ତର ହେବନି ମାମଲା
- ୧୯୯୪ ରାୟର ସମୀକ୍ଷା ହେବ ନାହିଁ
- ଜମି ବିବାଦର ଶୁଣାଣି ଅକ୍ଟୋବର ୨୯ରୁ ଆରମ୍ଭ
- ରାୟବେଳେ ଜଷ୍ଟିସ୍ ନଜିରଙ୍କ ଭିନ୍ନ ମତ

ତେବେ ଗୁରୁବାର ରାୟ ପ୍ରକାଶବେଳେ ଜଷ୍ଟିସ୍ ଅବ୍‌ଦୁଲ ନଜିର ଭିନ୍ନ ମତ ଦେଇଥିଲେ। ଇସମାଇଲ ମାମଲାରେ ପୂର୍ବରୁ ସର୍ବୋଚ୍ଚ ଅଦାଲତ ଦେଇଥିବା ରାୟର ତର୍ଜମା ହେବା ଜରୁରୀ। କୌଣସି ଧର୍ମର ଗୁରୁତ୍ୱପୂର୍ଣ୍ଣ ପ୍ରଥା କ'ଣ ରହିବ ତାହା ସାମ୍ବିଧାନିକ ପୀଠ ସ୍ଥିର କରିବା ପରେ ଅଯୋଧ୍ୟା ଜମି ବିବାଦର ବିଚାର ହେବା ଉଚିତ। ତେଣୁ ଏହି ମାମଲାକୁ ସାମ୍ବିଧାନିକ ପୀଠକୁ ହସ୍ତାନ୍ତର କରାଯିବା ସପକ୍ଷରେ ଜଷ୍ଟିସ୍ ନଜିର ମତ ଦେଇଥିଲେ। କିନ୍ତୁ ତାଙ୍କ ସହ ଖଣ୍ଡପୀଠର ଅନ୍ୟ ଦୁଇ ସଦସ୍ୟ ଜଷ୍ଟିସ୍ ଦୀପକ ମିଶ୍ର ଏବଂ ଜଷ୍ଟିସ୍ ଭୂଷଣ ସହମତ ହୋଇ ନ ଥିଲେ। ଶେଷରେ ସଂଖ୍ୟାଗରିଷ୍ଠତା ଭିତ୍ତିରେ ଜଷ୍ଟିସ୍ ନଜିରଙ୍କ ମତ କାଟ୍ ଖାଇଲା। ୨:୧ ରାୟରେ କୋର୍ଟ କହିଛନ୍ତି ଯେ, ଅଯୋଧ୍ୟା ଜମି ବିବାଦକୁ ନେଇ ଆଲ୍ଲାହାବାଦ ହାଇକୋର୍ଟଙ୍କ ୨୦୧୦ ରାୟକୁ ଚ୍ୟାଲେଞ୍ଜ କରି ଉଭୟ ହିନ୍ଦୁ ଏବଂ ମୁସଲମାନଙ୍କ ପକ୍ଷରୁ ଏକାଧିକ ଆବେଦନ ହୋଇଛି। ଏସବୁର ଶୁଣାଣି ଲାଗି ନୂଆକରି ଏକ ତିନିଜଣିଆ ଖଣ୍ଡପୀଠ ଗଠନ ହେବ।

ତେବେ ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି ଯେ, ଇସ୍‌ମାଇଲ ମାମଲାରେ ୧୯୯୪ରେ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଥିଲେ ତାହା କେବଳ ଜମି ଅଧିଗ୍ରହଣ ଉପରେ ପର୍ଯ୍ୟବସିତ। ଏବର ଜମି ବିବାଦ ସମ୍ପର୍କିତ ମାମଲାଗୁଡ଼ିକ ସହ ସୁପ୍ରିମକୋର୍ଟଙ୍କ ପୂର୍ବ ରାୟର କୌଣସି ସମ୍ପର୍କ ନାହିଁ। ପୂର୍ବ ରାୟ ଏହାକୁ ପ୍ରଭାବିତ କରିବ ନାହିଁ। ବିଭିନ୍ନ ସମୟରେ ପାରିପାର୍ଶ୍ୱିକ ସ୍ଥିତିକୁ ବିଚାରକୁ ନେଇ ପୂର୍ବରୁ ଅଦାଲତ ରାୟ ଦେଇଥିଲେ। ଜଷ୍ଟିସ୍ ଭୂଷଣ ଆହୁରି କହିଛନ୍ତି, ଅଯୋଧ୍ୟା ଜମି ବିବାଦ ସଂକ୍ରାନ୍ତ ଆବେଦନଗୁଡ଼ିକରେ ଯେଉଁସବୁ ପ୍ରସଙ୍ଗ ଉଠାଯାଇଛି ତାହା ଗୁରୁତ୍ୱପୂର୍ଣ୍ଣ। ଏହାକୁ ଦୃଷ୍ଟିରେ ରଖି ତିନି ଜଣିଆ ଖଣ୍ଡପୀଠଙ୍କୁ ମାମଲା ହସ୍ତାନ୍ତର କରାଯିବ। ପ୍ରକାଶ ଯେ, ପ୍ରଧାନ ବିଚାରପତି ଦୀପକ ମିଶ୍ର ଅକ୍ଟୋବର ୨ରେ ଅବସର ଗ୍ରହଣ କରିବା ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ତାଙ୍କ କାର୍ଯ୍ୟକାଳ ପୂରିବାକୁ ଆଉ କିଛିଦିନ ବାକି ରହିଥିବାରୁ ଅନ୍ୟ କେତୋଟି ଚର୍ଚ୍ଚିତ ମାମଲାର ରାୟ ମଧ୍ୟ ସେ ପ୍ରକାଶ କରିବେ ବୋଲି କୁହାଯାଉଛି।



ଜଷ୍ଟିସ୍ ଅବଦୁଲ ନଜିର | ସିଜେଆଇ ଦୀପକ ମିଶ୍ର | ଜଷ୍ଟିସ୍ ଅଶୋକ ଭୂଷଣ

## ରାୟକୁ ଭାଜପା, ଆର୍‌ଏସ୍‌ଏସ୍‌ର ସ୍ୱାଗତ

ନୂଆଦିଲ୍ଲୀ, ୨୭।୯(ପି.ଟି.)



ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟ ରାୟ ପ୍ରକାଶ ପାଇବା ପରେ ଶାସକ ଦଳ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏହାକୁ ସ୍ୱାଗତ କରିଛନ୍ତି। ଜମି ବିବାଦର ଚୂଡ଼ାନ୍ତ ରାୟ ଯଥାଶୀଘ୍ର ଆସିବ ବୋଲି ଏହି ଦୁଇ ସଙ୍ଗଠନ ଆଶାବ୍ୟକ୍ତ କରିଛନ୍ତି। ତେବେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସବୁ ପକ୍ଷ ମାନିବା ଉଚିତ ବୋଲି କଂଗ୍ରେସ କହିଛି।

୧୯୯୪ ରାୟର ସମୀକ୍ଷା ଲାଗି ବୃହତ୍ ପୀଠ ଗଠନ କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେବା ପରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ହିନ୍ଦୁତ୍ୱ ନେତା ଯୋଗୀ ଆଦିତ୍ୟନାଥ ଖୁସିବ୍ୟକ୍ତ କରିଛନ୍ତି। ଯଥାଶୀଘ୍ର ଅଯୋଧ୍ୟା ମାମଲାର ବିଚାର ଶେଷ ହେଉ ବୋଲି ଅଧିକାଂଶ ଲୋକ ଚାହୁଁଛନ୍ତି। ସୁପ୍ରିମକୋର୍ଟ ଖୁବ୍‌ଶୀଘ୍ର ଫଇସଲା କରିଦେବେ ବୋଲି ତାଙ୍କର ଆଶା ରହିଛି। ମାମଲାକୁ ବୃହତ୍ ପୀଠକୁ ହସ୍ତାନ୍ତର କରାଯାଉ ବୋଲି ଆବେଦନ କରିଥିବା ମୁସଲମାନ ସଙ୍ଗଠନଗୁଡ଼ିକୁ ସେ ସମାଲୋଚନା କରିଛନ୍ତି। ଚୂଡ଼ାନ୍ତ ରାୟ ପ୍ରକାଶ ପାଉ ବୋଲି କେତେଜଣ ଲୋକ ଚାହୁଁନାହାନ୍ତି। ତେଣୁ ସେମାନେ ଏଭଳି ବିରୋଧ ଜାରି ରଖିଛନ୍ତି। ତେବେ ଯେତେଶୀଘ୍ର କୋର୍ଟ ରାୟ ଦେବେ ସେତେ ଭଲ ହେବ ବୋଲି ଯୋଗୀ କହିଛନ୍ତି।

ସେହିପରି ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ ମଧ୍ୟ କହିଛନ୍ତି ଯେ, ନୂଆ ଖଣ୍ଡପୀଠ ଅଯୋଧ୍ୟା ମାମଲାର ଶୁଣାଣି କରିବେ ବୋଲି ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ଏହାକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଉଛି। ରାମ ମନ୍ଦିର ନିର୍ମାଣକୁ ନେଇ ଚାଲିଥିବା ଆନ୍ଦୋଳନରେ ଭାଗ ନେଇଥିବା ଭାଜପା ନେତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଉମା ଭାରତୀ କହିଛନ୍ତି, ଅଯୋଧ୍ୟା ଏକ ପବିତ୍ର ସ୍ଥାନ। ଏହା କେବଳ ହିନ୍ଦୁଙ୍କ ପାଇଁ ଉଦ୍ଦିଷ୍ଟ, ମୁସଲମାନଙ୍କ ଲାଗି ନୁହେଁ। ଭାଜପାର ହିନ୍ଦୁତ୍ୱ ନେତା ବିନୟ କଟିୟାର ଏବଂ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ଆଲୋକ କୁମାର ଅଦାଲତଙ୍କ ରାୟକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି।

## 'ରାମଙ୍କୁ ବନବାସ ପଠାଇଛି ଭାଜପା'



ନୂଆଦିଲ୍ଲୀ,୨୭।୯(ପି.ଟି.)-ଅଯୋଧ୍ୟା ମାମଲାରେ କଂଗ୍ରେସ ମାପିଚୁପି ପ୍ରତିକ୍ରିୟା ପ୍ରକାଶ କରିଛି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ କହିଛନ୍ତି, ରାମ ମନ୍ଦିର ପ୍ରସଙ୍ଗରେ ଭାଜପା ଦେଶବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ରାମଙ୍କ ନାଁ ନେଇ ଭାଜପା ଭୋଟ ହାତେଇଛି। କିନ୍ତୁ କ୍ଷମତାକୁ ଆସିବା ପରେ ଏହା ପ୍ରଭୁ ରାମଙ୍କୁ ବନବାସକୁ ପଠାଇଦେଇଛି। ସିପିଆଇ ନେତା ଡି. ରାଜା କହିଛନ୍ତି ଯେ, ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କେତେକ ଦଳ ଅଯୋଧ୍ୟା ବିବାଦକୁ ରାଜନୈତିକ ଫାଇଦା ଉଠାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ସେମାନଙ୍କ ଜାଲରେ ଲୋକେ ଫସିବା ଅନୁଚିତ।

## ମାମଲା ସକାରାତ୍ମକ ଦିଗକୁ ଯାଉଛି: ଏଆଇଏମ୍‌ପିଏଲ୍‌ବି



ଲକ୍ଷ୍ନୌ, ୨୭।୯(ପି.ଟି.)- ଅଯୋଧ୍ୟାର ମାମଲାର ରାୟକୁ ଅଲ୍ ଇଣ୍ଡିଆ ମୁସ୍‌ଲିମ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ସ୍ୱାଗତ କରିଛି। ମାମଲା ସକାରାତ୍ମକ ଭାବେ ଆଗେଇଛି। ତେଣୁ ଆଗକୁ ମଧ୍ୟ କେବଳ ବିଶ୍ୱାସ ଆଧାରରେ ବିଚାର ହେବ ନାହିଁ ବୋଲି ଜଣାପଡୁଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି। ମସ୍‌ଜିଦ ଇସ୍‌ଲାମ ଧର୍ମର ଏକ ଅବିଚ୍ଛେଦ୍ୟ ଅଙ୍ଗ ନୁହେଁ ବୋଲି ୧୯୯୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ନେଇ ବିବାଦ ଲାଗିରହିଥିଲା। ଏହାର ସ୍ଥାୟୀ ସମାଧାନ ହୋଇଯାଉ ବୋଲି ଚାହଁଥିବାରୁ ଏଆଇଏମ୍‌ପିଏଲ୍‌ବି ମାମଲାକୁ ବୃହତ୍ ପୀଠକୁ ପଠାଇବାକୁ ଆବେଦନ କରିଥିଲା। ଏଆଇଏମ୍‌ପିଏଲ୍‌ବି ସଦସ୍ୟ ଖଲିଦ୍ ରଶିଦ ଫରାଙ୍ଗୀ ମହାଲି କହିଛନ୍ତି ।

## ବିଏସ୍‌ଏଫ୍, ଏସ୍‌ଏସ୍‌ବି ଡିଜି ନିଯୁକ୍ତ

ନୂଆଦିଲ୍ଲୀ,୨୭।୯(ପି.ଟି.)

ବରିଷ୍ଠ ଆଇପିଏସ୍ ଅଧିକାରୀ ରଜନୀ କାନ୍ତ ମିଶ୍ର ଗୁରୁବାର ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତି ପାଇଥିବାବେଳେ ଏସ୍.ଏସ୍. ଦେଶୱାଲ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି)ର ମୁଖ୍ୟ ନିଯୁକ୍ତ ହୋଇଛନ୍ତି। ୧୯୮୪ ବ୍ୟାଚ୍ ଉତ୍ତରପ୍ରଦେଶ କ୍ୟାଡର୍ ଆଇପିଏସ୍ ଅଧିକାରୀ ବର୍ତ୍ତମାନ ଏସ୍‌ଏସ୍‌ବି ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ତୁଲାଉଛନ୍ତି। ୨୦୧୯ ଅଗଷ୍ଟ ୩୧ ପର୍ଯ୍ୟନ୍ତ (ଅବସର ନେବା ଯାଏ) ସେ ଏହି ପଦରେ ରହିବେ। ଚଳିତମାସ ଶେଷ ବେଳକୁ ଅବସର ନେବାକୁ ଯାଉଥିବା କେ.କେ. ଶର୍ମାଙ୍କ ସ୍ଥାନରେ ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ମିଶ୍ରଙ୍କ ସ୍ଥାନରେ ୧୯୮୪ ବ୍ୟାଚ୍ ହରିୟାଣା କ୍ୟାଡର୍ ଆଇପିଏସ୍ ଅଧିକାରୀ ଦେଶୱାଲଙ୍କୁ ନିଯୁକ୍ତି ମିଳିଛି। ୨୦୨୧ ଅଗଷ୍ଟ ୩୧ରେ ସେବାନିବୃତ୍ତି ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## କଶ୍ମୀରରେ ଏନ୍‌କାଉଣ୍ଟର: ୬ ନିହତ

ଶ୍ରୀନଗର, ୨୭।୯(ପି.ଟି.)

- ଟଳିଲେ ୩ ଆତଙ୍କବାଦୀ, ଜଣେ ଯବାନ ଶହୀଦ
- ଗୁଳିମାଡ଼ରେ ୨ ସାଧାରଣ ନାଗରିକ ମୃତ

ଜମ୍ମୁ-କଶ୍ମୀରର ଅନନ୍ତନାଗ ଏବଂ ବଡଗାମ୍ ଜିଲାରେ ଗୁରୁବାର ବଡ଼ଧରଣର ଏନ୍‌କାଉଣ୍ଟର ଘଟିଛି। ଏଥିରେ ୬ ଜଣଙ୍କ ଜୀବନ ଯାଇଛି। ଗୁଳିମାଡ଼ରେ ହିଜବୁଲ ମୁଜାହିଦ୍ଦିନ୍ ଏବଂ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ୩ ଆତଙ୍କବାଦୀ ନିହତ ହେବା ସହ ଜଣେ ଯବାନ ଶହୀଦ ହୋଇଛନ୍ତି। ସେପଟେ ଶ୍ରୀନଗର ଏବଂ କୁପ୍‌ୱାଡ଼ାରେ ଗୁଳିମାଡ଼ରେ ୨ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି।

ଅନନ୍ତନାଗ ଜିଲାର କାଜିଗଣ୍ଡ ଅଞ୍ଚଳରେ ଆତଙ୍କବାଦୀ ଲୁଚିରହିଥିବା ସୂଚନା ମିଳିଥିଲା। ଏହାପରେ ସୁରକ୍ଷାକର୍ମୀ ସେଠାରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିଲେ। ଏତିକିବେଳେ ଲୁଚିରହିଥିବା ଆତଙ୍କବାଦୀ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ଜବାବୀ ହମ୍‌ଲାରେ ଲଶ୍କର କମାଣ୍ଡର ଅସିଫ୍ ମଲିକ ଟଳିପଡ଼ିଥିଲେ। ଏନ୍‌କାଉଣ୍ଟରବେଳେ ଗୁଳିମାଡ଼ରେ ଯବାନ ହାପି ସିଂ ମଧ୍ୟ ଶହୀଦ ହୋଇଥିବା ସୂଚନା ମିଳିଛି। ଅନ୍ୟପଟେ ବାରମୁଲ୍ଲା ଜିଲାର ପାନଜାନ୍ ଅଞ୍ଚଳରେ ସୁରକ୍ଷାକର୍ମୀ ତଲାସି କରୁଥିବାବେଳେ ମସ୍‌ଜିଦ ଭିତରୁ ଥାଇ ଗୁଳିମାଡ଼ ଆରମ୍ଭ କରିଥିଲେ ଆତଙ୍କବାଦୀ। ପାଲଟା ଆକ୍ରମଣରେ ୨ ହିଜ୍‌ବୁଲ ମୁଜାହିଦ୍ଦିନ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ଜିଲାର କ୍ରୀରି ଅନ୍ତର୍ଗତ ମିର୍ ମୋହଲ୍ଲାରୁ ମଧ୍ୟ ଜଣେ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି।

ସେପଟେ ଶ୍ରୀନଗରର ନୁରବାଗ୍ ଅଞ୍ଚଳରେ ମଧ୍ୟ ସୁରକ୍ଷାକର୍ମୀ ଆତଙ୍କବାଦୀଙ୍କ ତଲାସି ଅଭିଯାନ ଚଳାଇଥିବାବେଳେ ଜଣେ ସାଧାରଣ ନାଗରିକ ନିହତ ହୋଇଛନ୍ତି। ତେବେ ଯବାନଙ୍କ ଗୁଳିମାଡ଼ରେ ତାଙ୍କ ଜୀବନ ଯାଇଛି କିମ୍ବା ଅନ୍ୟ କେହି ହତ୍ୟା କରିଛନ୍ତି, ତାହା ଜଣାପଡ଼ି ନାହିଁ। ଏହି ହତ୍ୟାକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି। କୁପ୍‌ୱାଡ଼ାର କ୍ରାଲ୍‌ପୁର ଅଞ୍ଚଳରେ ମଧ୍ୟ ଆତଙ୍କବାଦୀଙ୍କ ସହ ଏନ୍‌କାଉଣ୍ଟରବେଳେ ସେନାଗୁଳିରେ ଜଣେ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଛି।

## ■ ନାନାଙ୍କ ବିରୋଧରେ ତନୁଶ୍ରୀଙ୍କ ଅଭିଯୋଗ

# ବଲିଉଡ୍‌ରେ ଯୌନ ନିର୍ଯାତନା ବିତର୍କ ଆରମ୍ଭ

ମୁମ୍ବାଇ,୨୭।୯(ପି.ଟି.)



ଅଭିନେତା ନାନା ପାଟେକରଙ୍କ ବିରୋଧରେ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଅସଦ୍ ବ୍ୟବହାର ଅଭିଯୋଗ ଆଣିବା ପରେ ଏହାକୁ ନେଇ ପୁଣିଥରେ ହିନ୍ଦୀ ଫିଲ୍ମ ଜଗତରେ ଯୌନ ନିର୍ଯାତନା ପ୍ରସଙ୍ଗରେ ବିତର୍କ ଆରମ୍ଭ ହୋଇଯାଇଛି। ଏପରି କି ହଲିଉଡ୍ ବହୁଚର୍ଚ୍ଚିତ '#ମି ଟୁ' କାମ୍ପେନ୍ ନେଇ ଯୁକ୍ତି ଆରମ୍ଭ ହୋଇଯାଇଛି।

୨୦୦୮ରେ ଏକ ଫିଲ୍ମ ସେଟ୍‌ରେ ପାଟେକର ତାଙ୍କୁ ଯୌନ ଅଶାଳୀନ ଢଙ୍ଗରେ ସ୍ପର୍ଶ କରିଥିଲେ ବୋଲି ତନୁଶ୍ରୀ ଅଭିଯୋଗ ଆଣିଥିଲେ। ଏହାପରେ ପରିବାର ସହ ତାଙ୍କୁ ଆକ୍ରମଣ ମଧ୍ୟ ହୋଇଥିବା ଦାବି କରିଥିଲେ। ୧୦ ବର୍ଷ ପୁରୁଣା ଉକ୍ତ ଘଟଣା ବିଷୟରେ ଅଭିନେତ୍ରୀ ବୁଧବାର ପୁଣି ମୁହଁ ଖୋଲିବା ପରେ ବଲିଉଡ୍ ସହ ସୋସିଆଲ୍ ମିଡିଆରେ ଚର୍ଚ୍ଚା ସରଗରମ ହୋଇଉଠିଛି। କିନ୍ତୁ ନିଜର ଜଣେ ବରିଷ୍ଠ କଳାକାରଙ୍କ ବିରୋଧରେ ଉଠୁଥିବା ଗମ୍ଭୀର ଅଭିଯୋଗକୁ ନେଇ ନୀରବଦ୍ରଷ୍ଟା ସାଜିଛି ବଲିଉଡ୍। ଏକ କାର୍ଯ୍ୟକ୍ରମ ଅବସରରେ ମେଗାଷ୍ଟାର୍ ଅମିତାଭ ବଚ୍ଚନ ଏବଂ ଆମିର ଖାନ୍‌ଙ୍କୁ ଏ ବିଷୟରେ ପ୍ରଶ୍ନ କରାଯିବା ପରେ ଉଭୟେ ଉତ୍ତର ଦେବାକୁ ଏଡ଼ାଇ ଦେଇଥିଲେ। ଅନ୍ୟପକ୍ଷରେ ତନୁଶ୍ରୀଙ୍କ ସବୁ ଅଭିଯୋଗକୁ ଖଣ୍ଡନ କରିବା ସହ ହସରେ ଉଡ଼ାଇ ଦେଇଛନ୍ତି ପାଟେକର। ଏ ପ୍ରସଙ୍ଗରେ କିଭଳି ଆଇନଗତ ପଦକ୍ଷେପ ନିଆଯାଇପାରିବ ସେ ଦିଗକୁ ଧ୍ୟାନ ଦେବେ ବୋଲି ୬୭ ବର୍ଷୀୟ ନାନା କହିଛନ୍ତି।

# ସର୍ଜିକାଲ୍ ଷ୍ଟ୍ରାଇକ୍‌ର ଭିଡିଓ ରିଲିଜ୍

ନୂଆଦିଲ୍ଲୀ,୨୭।୯(ପି.ଟି.)




ସର୍ଜିକାଲ୍ ଷ୍ଟ୍ରାଇକ୍‌ର ନୂଆ ଭିଡିଓ ରିଲିଜ୍ କଲେ କେନ୍ଦ୍ର ସରକାର। ୨୦୧୬ ସେପ୍ଟେମ୍ବର ୨୯ରେ ଭାରତୀୟ ସେନା କିଭଳି ଭାବେ ଏଲ୍‌ଓସି ଅତିକ୍ରମ କରି ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ପଶି ସେଠାରେ ଥିବା ଆତଙ୍କବାଦୀ ଲଞ୍ଚପ୍ୟାଡ୍ ଧ୍ୱଂସକରିବା ସହ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା ତାହାର କିଛିଟା ଭିଡିଓ କ୍ଲିପ୍ ଗୁରୁବାର ରିଲିଜ୍ କରାଯାଇଛି। ସର୍ଜିକାଲ୍ ଷ୍ଟ୍ରାଇକ୍‌ର ଦୁଇବର୍ଷ ପୂର୍ତ୍ତିର ଠିକ୍ ଦୁଇଦିନ ପୂର୍ବରୁ ଜାରି କରାଯାଇଥିବା ଉକ୍ତ ଭିଡିଓଟି ଏକ ମାନବବିହୀନ ବିମାନ (ୟୁଏଭି)ରେ ଉତ୍ତୋଳନ କରାଯାଇଥିବା ଜଣାପଡୁଛି। ପିଓକେରେ ଥିବା ଏକ ଲଞ୍ଚ ପ୍ୟାଡ୍ ଧ୍ୱଂସ କରାଯାଉଥିବା କିଛିଟା ଦୃଶ୍ୟ ଏଥିରେ ଥର୍ମାଲ୍ ଇମେଜ୍ ଆକାରରେ ଦେଖିବାକୁ ମିଳିଛି। ଜୁନ୍ ମାସରେ ଅନେକ ଟିଭି ଚ୍ୟାନେଲ୍‌ରେ ସର୍ଜିକାଲ୍ ଷ୍ଟ୍ରାଇକ୍‌ର କେତେକ ଭୁଲ୍ ଭିଡିଓ କ୍ଲିପ୍ ପ୍ରସାରଣ ହେଉଥିଲା। କିନ୍ତୁ ଏବେ ରିଲିଜ୍ ହୋଇଥିବା ଭିଡିଓଟି ସମ୍ପୂର୍ଣ୍ଣ ଠିକ୍ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସର୍ଜିକାଲ୍ ଷ୍ଟ୍ରାଇକ୍ ଦ୍ୱିତୀୟ ବର୍ଷ ପୂର୍ତ୍ତିକୁ ବୃହତ୍ ଆକାରରେ ପାଳନ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଥିବାବେଳେ ଭିଡିଓଟିକୁ ସରକାରଙ୍କ ପକ୍ଷରୁ ଜାରି କରାଯାଇଛି।

## 'କୁଲିସ୍' ନୁହେଁ 'କୁଲି'

ନୂଆଦିଲ୍ଲୀ,୨୭।୯(ସ୍ୱ.ପ୍ର.)

ଓଡ଼ିଶାର 'କୁଲି' ସମ୍ପ୍ରଦାୟକୁ 'କୁଲିସ୍'ରେ ଅନ୍ତର୍ଭୁକ୍ତ କରିବା ପାଇଁ ଗୁରୁବାର ସୁପ୍ରିମକୋର୍ଟ ରାୟ ଦେଇଛନ୍ତି। ରାଜ୍ୟରେ 'କୁଲିସ୍' ବୋଲି କୌଣସି ସମ୍ପ୍ରଦାୟ ନାହାନ୍ତି। ସମ୍ବଲପୁର ଅଞ୍ଚଳରେ ବସବାସ କରୁଥିବା ଅନୁସୂଚିତ ଜନଜାତି (ଏସ୍‌ଟି)କୁ ବହୁବଚନରେ ଉଚ୍ଚାରଣ କରିବାକୁ ଯାଇ ରାଷ୍ଟ୍ରପତିଙ୍କ ଆଦେଶ ଏବଂ ପାର୍ଲାମେଣ୍ଟରେ କୁଲିସ୍ ବୋଲି ଉଲ୍ଲେଖ କରାଯାଇଛି ବୋଲି ସୁପ୍ରିମକୋର୍ଟ ବିଚାରପତି ମଦନ ବି. ଲୋକୁର୍ ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ପୀଠ କହିଛନ୍ତି। ରାଜ୍ୟରେ କୁଲି ସମ୍ପ୍ରଦାୟକୁ ଏସ୍‌ଟି ବର୍ଗରେ ସାମିଲ କରାଯାଇଥିବାବେଳେ ଅନୁସୂଚିତ ଜାତି ତାଲିକାରୁ ସମ୍ପ୍ରଦାୟକୁ ବାଦ୍ ଦିଆଯାଇଥିବା ସ୍ପଷ୍ଟ ଜଣାପଡୁଛି। ଓଡ଼ିଶାରେ କୁଲିସ୍ ବୋଲି ସମ୍ପ୍ରଦାୟ ଥିବା ନେଇ ରାଜ୍ୟ ସରକାର ମଧ୍ୟ କୌଣସି ପ୍ରମାଣ ଉପସ୍ଥାପନ କରିପାରି ନ ଥିବା ପୀଠ କହିଛନ୍ତି।

## ରାସ୍ତାକଡ଼ରେ ଶବ ବ୍ୟବଚ୍ଛେଦ

ବାଡ଼ମେର,୨୭।୯(ପି.ଟି.)

ରାସ୍ତାକଡ଼ରେ ହେଲା ଶବ ବ୍ୟବଚ୍ଛେଦ। ରାଜସ୍ଥାନର ବାଡ଼ମେର ଅଞ୍ଚଳରେ ଥିବା ସରକାରୀ ଡାକ୍ତରଖାନାର ଜଣେ କର୍ମଚାରୀ ରାସ୍ତା କଡ଼ରେ ଦୁଇଜଣ ମହିଳାଙ୍କ ଶବ ବ୍ୟବଚ୍ଛେଦ କରୁଥିବା ଅଭିଯୋଗ ହୋଇଛି। ଏହାର ଭିଡିଓ ସୋସିଆଲ୍ ମିଡିଆରେ ପ୍ରକାଶ ପାଇବା ପରେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସ୍ଥାନୀୟ ଗଦରା ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ରାସ୍ତା ଉପରେ ଦୁଇ ମହିଳାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି। ଚାରିପାଖରେ ସବୁଜ କପଡ଼ା ଘେରା ହୋଇଥିଲେ ସୁଦ୍ଧା ଭିଡିଓରେ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା ସ୍ପଷ୍ଟ ଭାବେ ଦେଖାଯାଉଛି। ତେବେ ଆଖପାଖରେ ଶବଗୃହ ନ ଥିବାବେଳେ ପୋଲିସ ଏବଂ ପରିବାର ସଦସ୍ୟଙ୍କ ଅନୁରୋଧ କ୍ରମେ ରାସ୍ତାକଡ଼ରେ ବ୍ୟବଚ୍ଛେଦ କରାଯାଇଥିବା ବାଡ଼ମେର ମୁଖ୍ୟ ମେଡିକାଲ୍ ଓ ସ୍ୱାସ୍ଥ୍ୟ ଅଧିକାରୀ କମଳେଶ ଚୌଧୁରୀ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ସେପ୍ଟେମ୍ବର, ୨୦୧୮



ଭୁଲରେ ବି ନିଜକୁ ପ୍ରଚାର କରିବାକୁ ଯାଅନାହିଁ ବା ନିଜକୁ ପ୍ରଚାର କରିବାକୁ କାହାକୁ ଅନୁରୋଧ କରନାହିଁ। ତା' ହେଲେ ସମସ୍ତେ ତୁମକୁ ଘୃଣା କରିବେ। ଆଉ ତୁମଠାରୁ ଦୂରେଇଯିବେ।
- ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜାତୀୟ ଓପନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଚତୁର୍ଥ ଦିବସ, କଳିଙ୍ଗ ଷ୍ଟାଡିୟମ୍, ସକାଳ ୭ଟାରୁ ଆରମ୍ଭ।
- ଯୁବା ଭାରତ, ଓଡ଼ିଶା ପକ୍ଷରୁ ଯୁବ ଜାଗରଣ ଯାତ୍ରା, ଉତ୍କଳ ଅଡିଟୋରିୟମ୍‌ଠାରୁ ମାଷ୍ଟରକ୍ୟାଣ୍ଟିନ୍ ଛକ, ସକାଳ ୭ଟାରୁ ଆରମ୍ଭ।
- ଓଡ଼ିଶା ଟ୍ରାଫ୍ଟସ୍‌ମ୍ୟାନ ଟ୍ରେସର୍ସ ଓ ଫେରୋପ୍ରିଣ୍ଟ୍ ସଂଘର ଏକାଦଶତମ ଦ୍ୱିବାର୍ଷିକ ସମ୍ମିଳନୀ, ଭାରତୀୟ ଚିକିତ୍ସକ ସଂଘ(ଆଇଏମ୍ଏ ହାଉସ୍), ଚକ୍ଷୁବିଭାଗ ସମ୍ମୁଖ, ୟୁନିଟ୍-୬, ସକାଳ ୮ଟା।
- ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନା, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପରିସର, ପଣ୍ଡିତ ଜବାହରଲାଲ୍ ନେହେରୁ ମାର୍ଗ, ପୂର୍ବାହ୍ନ ୧୦ଟା। ପୁରସ୍କାର ବିତରଣ ଓ ଉଦ୍‌ଯାପନୀ ଉତ୍ସବ, ଅପରାହ୍ନ ୪ଟା।
- କଟନଫାବ୍-୨୦୧୮, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୯ଟା।
- ନ୍ୟାଶନାଲ୍ ସିଲ୍କ ଏକ୍ସପୋ, ହୋଟେଲ ନ୍ୟୁ ମାରିୟନ, ପୂର୍ବାହ୍ନ ୧୦ଟା ୩୦ରୁ ରାତି ୮ଟା ୩୦।
- ସିଲ୍କ ଫାବ୍ ପ୍ରଦର୍ଶନୀ, ହୋଟେଲ କଳିଙ୍ଗ ଅଶୋକ, ଗୌତମ ନଗର, ପୂର୍ବାହ୍ନ ୧୧ଟାରୁ ରାତି ୮ଟା।
- ଓଡ଼ିଶା ୱେଡିଂ ଏକ୍ସପୋ-୨୦୧୮ ଉଦ୍‌ଘାଟନ, ହୋଟେଲ ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୧ଟା।
- ଏଆଇସିସିଟିୟୁ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ରେଲୱେ ଷ୍ଟେଶନ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା, ନିବନ୍ଧକ ସମବାୟ ସମିତି ସମୂହ, ଭୁବନେଶ୍ୱର କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଜଙ୍ଗଲ ଅଧିକାର ଆଇନର ଠିକ୍ କାର୍ଯ୍ୟକାରିତା ଦାବିରେ କ୍ୟାମ୍ପେନ୍ ଫର୍ ସର୍ଭାଇଭାଲ୍ ଆଣ୍ଡ ଡିଗ୍‌ନିଟି, ଓଡ଼ିଶା ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା, ମାଷ୍ଟରକ୍ୟାଣ୍ଟିନ୍, ପୂର୍ବାହ୍ନ ୧୧ଟା।
- ଖାଦ୍ୟ ମହୋତ୍ସବ, ଉତ୍କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୪ଟା।
- ଇସ୍‌କଫ ପକ୍ଷରୁ ଶହୀଦ ଭଗତ୍ ସିଂଙ୍କ ଜନ୍ମବାର୍ଷିକୀ ପାଳନ, ବୁଦ୍ଧ ମନ୍ଦିର, ୟୁନିଟ୍-୯, ଅପରାହ୍ନ ୫ଟା।
- ଓଡ଼ିଶା ବନ ଉନ୍ନୟନ ନିଗମର ୫୭ତମ ପ୍ରତିଷ୍ଠା ଦିବସ ଉତ୍ସବ, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା।
- ସାଂସ୍କୃତିକ ସନ୍ଧ୍ୟା 'ସ୍ମୃତି ସୁମନ୍ତ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଶ୍ରୀ ଶ୍ରୀ ୟୁନିଭର୍ସିଟିର ପଞ୍ଚମ ସମାବର୍ତ୍ତନ ଉତ୍ସବ, ଶ୍ରୁତି ବ୍ଲକ, ୟୁନିଭର୍ସିଟି ପରିସର, ପୂର୍ବାହ୍ନ ୧୦ଟା।
- ରୋଟାରି କ୍ଲବ ଅଫ୍ କଟକ ମିଲେନିୟମ୍ ପକ୍ଷରୁ ନେଶନ ବିଲ୍‌ଡର ଆୱାର୍ଡ ଉତ୍ସବ, ହୋଟେଲ ଶୀତଲ, ଲିଙ୍କ୍‌ରୋଡ, ପୂର୍ବାହ୍ନ ୧୧ଟା ୩୦।
- ଯୋଗଦା ସତ୍‌ସଙ୍ଗ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ 'କ୍ରିୟା ଯୋଗ: ମାନସିକ ଉତ୍ତେଜନା, ଭୟ ଓ ଉଦ୍‌ବିଗ୍ନତାର ବିରୋଧକ' ଶୀର୍ଷକ ଆଲୋଚନା, ଭିଏସ୍ ଟାୱାର, ମହତାବ ରୋଡ୍, ଦୋଳମୁଣ୍ଡାଇ, ସନ୍ଧ୍ୟା ୬ଟାରୁ ଆରମ୍ଭ।
- ଦି ୟୁନିଭର୍ସ ପକ୍ଷରୁ 'ଔଷଧ ଓ ପ୍ରାର୍ଥନା' ଶୀର୍ଷକ ଆଲୋଚନାଚକ୍ର, ମୈତ୍ରୀ ସରଣୀ, ସନ୍ଧ୍ୟା ୬ଟା ୩୦।

## ବଜ୍ରପାତରେ ଯୁବକଙ୍କ ମୃତ୍ୟୁ

**ବେଗୁନିଆ,୨୭।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ସାନପଦର ଗ୍ରାମ ନିକଟରେ ଗୁରୁବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପିଚୁକୁଲି ଗ୍ରାମ ଆଦିବାସୀ ବସ୍ତିର ପ୍ରଫୁଲ ନାୟକ(୩୦)। ପୋଲିସ ସୂଚନା ଅନୁଯାୟୀ, ପ୍ରଫୁଲ ସବୁଦିନ ଭଳି ସାନପଦର ଗ୍ରାମ ନିକଟସ୍ଥ ପାହାଡ ତଳିକୁ ଗୋରୁ ଚରାଇବାକୁ ନେଇଥିଲେ। ସେଠାରେ ସେ ଗୋରୁ ଚରାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଖବରପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୯/୧୮) ରୁଜୁ ହୋଇଛି।

## ଅଜଣା ଗାଡ଼ି ଧକ୍କାରେ ଡ୍ରାଇଭରଙ୍କ ମୃତ୍ୟୁ

**ଝାଁଲା,୨୭।୯(ଡି.ଏନ୍.ଏ.):** ଜଟଣୀ ଥାନା ଝାଁଲା ଫାଣ୍ଡି ଅଧୀନ ତଳଫଟା ଛକ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ପୋଲିସ ପକ୍ଷରୁ ଜଣାପଡିଛି। ସେ ହେଲେ ନୟାଗଡ ଜିଲା କୋସକା ଅଞ୍ଚଳର ଗଦାଧର ଜେନା(୪୦)। ସୂଚନା ଅନୁଯାୟୀ, ଗଦାଧର ରାସ୍ତା ପାର ହେଉଥିବା ବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବ୍ୟଭିଚାର: ରାୟକୁ ନେଇ ମିଶ୍ର ପ୍ରତିକ୍ରିୟା

**ଭୁବନେଶ୍ୱର (ବ୍ୟୁରୋ)/କଟକ ଅଫିସ, ୨୭।୯- ପରକୀୟା ପ୍ରୀତି ଅପରାଧ ନୁହେଁ। ଆଇପିସି ଦଫା ସଂହିତାର ୪୯୭ ଧାରାକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ କହିବା ସହିତ ରଦ୍ଦ କରି ଏପରି ରାୟ ଶୁଣାଇଛନ୍ତି। ଦେଶରେ ୧୫୮ ବର୍ଷ ଧରି ପ୍ରଚଳିତ ଏହି ଆଇନକୁ ଉଚ୍ଛେଦ ସମୟରେ ସୁପ୍ରିମକୋର୍ଟ ଚାଇନା, ଜାପାନ ଓ ବ୍ରାଜିଲ ଭଳି ରାଷ୍ଟ୍ରରେ ପରକୀୟା ପ୍ରୀତି ଅପରାଧ ନୁହେଁ ବୋଲି କହିଛନ୍ତି। ମହିଳାଙ୍କ ଗରିମା ସବୁଠୁ ଉର୍ଦ୍ଧ୍ୱରେ। ତେଣୁ ତାଙ୍କ ସ୍ୱାଧୀନତାକୁ ସମ୍ମାନ ଦେବା ଉଚିତ ବୋଲି ଦେଶର ସର୍ବୋଚ୍ଚ କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି। ଏହି ରାୟକୁ ନେଇ ବିଭିନ୍ନ ମହଲରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।**

### ସାମାଜିକ ଦ୍ୱନ୍ଦ୍ୱ ସୃଷ୍ଟି କରିବ



୧୫୮ ବର୍ଷ ଧରି ପ୍ରଚଳିତ ଏହି ଆଇନର ଉଚ୍ଛେଦ ପରେ ଦେଶରେ ସାମାଜିକ ଦ୍ୱନ୍ଦ୍ୱ ସୃଷ୍ଟି ହେବ ବୋଲି ମୁଁ ଆଶଙ୍କା କରୁଛି। ଆମ ଦେଶର ସ୍ଥିତି ଯାହା ଏବେ ବି ଅଧିକାଂଶ ଲୋକ ସଭ୍ୟତାର ସ୍ୱାଦ ଚାଖିନାହାନ୍ତି। ତେଣୁ ଭାରତ ଭଳି ଦେଶକୁ ଅନ୍ୟ ଦେଶ ସହିତ ତୁଳନା କରିବା ମୋ ମତରେ ସମ୍ପୂର୍ଣ୍ଣ ଠିକ୍ ନୁହେଁ। ଏହି ଆଇନ ଉଚ୍ଛେଦ ଦ୍ୱାରା ପାରିବାରିକ ବିଶୃଙ୍ଖଳା ବଢିବା ସହ ପରିବାର ଅଦାଲତ ଉପରେ ବୋଝ ବଢିବ। ଭାରତୀୟ ପରମ୍ପରା ଅନୁସାରେ ବିବାହ ଏକ ପବିତ୍ର ବନ୍ଧନ। ଏହି ଆଇନ ପୂର୍ବରୁ କେବଳ ମହିଳାଙ୍କୁ ଇଙ୍ଗିତ କରୁଥିଲା, ଯାହା ଆଇନଗତ ହିସାବରେ ଠିକ୍ ନ ଥିଲା। ଯେଉଁଥିପାଇଁ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ବାଧ ହୋଇଥିଲେ। ତେବେ ଭଲ ହୋଇଥାନ୍ତା ଯଦି ମହିଳାଙ୍କ ସହିତ ପୁରୁଷମାନଙ୍କୁ ମଧ ଉତ୍ତରଦାୟୀ କରାଯାଇଥାନ୍ତା।

- ଆଡ୍‌ଭୋକେଟ ପ୍ରସନ୍ନ ନନ୍ଦ, ସୁପ୍ରିମକୋର୍ଟ



ଏହି ଆଇନରେ ପୂର୍ବରୁ ଯେପରି ବିବାହ ବିଚ୍ଛେଦ କ୍ଷେତ୍ରରେ କାରଣ ଭାବେ ଧରାଯାଉଥିଲା ତାହାକୁ ବଳବତ୍ତର ରଖାଯାଇଛି, ଯାହା ସ୍ୱାଗତଯୋଗ୍ୟ। କାରଣ ଏହା ଦ୍ୱାରା ବିବାହର ପବିତ୍ରତା ମଧ ରକ୍ଷା କରାଯାଇ ପାରିଲା।

- ଆଡ୍‌ଭୋକେଟ ଶଙ୍କର ପ୍ରସାଦ ପାଣି, ଭୁବନେଶ୍ୱର

### ଉନ୍ନତ ସମାଜ ଗଠନ କରିବ

ଏକ ବିକାଶଶୀଳ ଏବଂ ଉନ୍ନତ ଚିନ୍ତାଧାରାର ସମାଜ ଗଠନରେ ଏହି ରାୟ ସହାୟକ ହେବ। ସ୍ତ୍ରୀଙ୍କୁ ସ୍ୱାମୀମାନେ ଯେଭଳି ସମ୍ପତ୍ତି ଭାବେ ବ୍ୟବହାର କରୁଥିଲେ ସେଥିରେ ରୋକ୍ ଲାଗିଛି। ପୂର୍ବରୁ ଏହି ଆଇନ ଦ୍ୱାରା ନିଶ୍ଚିତ ଭାବେ ମହିଳାମାନଙ୍କର ଗରିମା କ୍ଷୁଣ୍ଣ ହେଉଥିଲା। ତେବେ

### ବ୍ୟକ୍ତି ସ୍ୱାଧୀନତା ପରିସ୍ଫୁଟ ହେଲା



ଏହି ଆଇନ ଉଚ୍ଛେଦ ଦ୍ୱାରା କୌଣସି ମହିଳାଙ୍କୁ ବ୍ୟଭିଚାରିଣୀ କୁହାଯାଇପାରିବ ନାହିଁ। ଏ କ୍ଷେତ୍ରରେ ପୁରୁଷମାନେ ଯଦି ପରକୀୟା ପ୍ରୀତିରେ ଲିପ୍ତ ରହୁଥିଲେ ତେବେ ସେମାନଙ୍କୁ ଚାରିଖୁଣ ମାଫ୍ ଥିଲା। ମାତ୍ର ଏହି ଆଇନ ଯୋଗୁ ମହିଳାମାନଙ୍କ ସମ୍ମାନ, ଅଧିକାର, ମର୍ଯ୍ୟାଦା ହାନି ଘଟୁଥିଲା। କାରଣ ମହିଳାମାନଙ୍କୁ ନିଜସ୍ୱ ସମ୍ପତ୍ତି ବୋଲି ପୁରୁଷମାନେ ଭାବୁଥିଲେ। ତେଣୁ ସୁପ୍ରିମକୋର୍ଟଙ୍କ ରାୟକୁ ମୁଁ ସ୍ୱାଗତ କରୁଛି।

- ବଦ୍ରିନାରାୟଣ ଦାସ, ସମ୍ପାଦକ, ସିପିଆଇଏମ୍ କଟକ

### ଅପରାଧକୁ ପ୍ରୋତ୍ସାହନ

ପରକୀୟା ପ୍ରୀତି ଅପରାଧ ସମ୍ପର୍କିତ ସର୍ବୋଚ୍ଚ ନ୍ୟାୟିକ ନିଷ୍ପତ୍ତି ସମାଜରେ କ୍ଷତି ପହଞ୍ଚାଇବ। ଏହି ଆଇନ ଉଚ୍ଛେଦ ହେବା ଦ୍ୱାରା ଅପରାଧପ୍ରବଣତା ବୃଦ୍ଧି ପାଇବ। ସାମାଜିକ ଶୃଙ୍ଖଳା ବ୍ୟାଘାତ ହେବ। 'ଏକ ଯୁବତୀ ଶତପତି, ଜୀବର ଅଳପ ଶକତି' ଭାଗବତ ଦର୍ଶନର ଏହି ଆତ୍ମିକ ଓ ଅଧ୍ୟାତ୍ମିକ ଉକ୍ତିକୁ ସୁପ୍ରିମକୋର୍ଟଙ୍କ ରାୟରେ ଦୈହିକ ଦର୍ଶନରେ ରୂପାନ୍ତରିତ କରାଯାଇଛି। ତେଣୁ ଏହି ନିଷ୍ପତ୍ତିକୁ ମୁଁ ପ୍ରତ୍ୟାଖ୍ୟାନ କରୁଛି।



- ଶଙ୍କର୍ଷଣ ପରିଡ଼ା, କବି ଓ ରାଜନେତା, ଭୁବନେଶ୍ୱର

### ଅଧିକାରର ଅପବ୍ୟବହାର ହେବା ଉଚିତ ନୁହେଁ



ପରକୀୟା ପ୍ରୀତି ରଖିବା ଅପରାଧ ନୁହେଁ ବୋଲି ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି, ତାହା ସ୍ୱାଗତଯୋଗ୍ୟ। ମାତ୍ର ଏହାର ଅର୍ଥ ନୁହେଁ ଯେ, ପରକୀୟା ପ୍ରୀତି ରଖିବାକୁ କାହାକୁ ଲାଇସେନ୍ସ ମିଳିଗଲା। ଭାରତୀୟ ସଂସ୍କୃତିରେ କେହି ବି ଆପୋସ ସହମତିରେ ଅନ୍ୟ ସହ ସମ୍ପର୍କ ରଖିବାକୁ ଅନୁମତି ଦେବେନାହିଁ। ନାରୀକୁ ଭୋଗ୍ୟ ବସ୍ତୁ ଭାବେ ଯେଉଁଭଳି ବ୍ୟବହାର କରାଯାଉଥିଲା, ତାହା ଆଉ ହୋଇପାରିବ ନାହିଁ। ସ୍ତ୍ରୀକୁ ସ୍ୱାମୀମାନେ ନିଜର ସମ୍ପତ୍ତି ବୋଲି ଦାବି କରି ପାରିବେନାହିଁ। ତେବେ ପ୍ରତ୍ୟେକ ଜିନିଷର ଭଲ ଓ ଖରାପ ଦୁଇଟି ପାର୍ଶ୍ୱ ରହିଛି, ତେଣୁ ଅଧିକାରର ଅପବ୍ୟବହାର ହେବା ଉଚିତ ନୁହେଁ। ଯେତେବେଳେ ଯୁଗ ଆଗକୁ ବଢ଼ୁଛି, ଆମକୁ ବି ସେଥିରେ ତାଳଦେଇ ସାମାଜିକ ସମସ୍ୟାକୁ ସାମ୍ନାକୁ ଆଣିବା ଦରକାର।

- ଲିଙ୍କନ୍ ସୁବୁଦ୍ଧି, ସାମାଜିକ କର୍ମୀ

### ପୁରୁଷଙ୍କ ଅପେକ୍ଷା ମହିଳା ଘରୋଇ ହିଂସାର ସମ୍ମୁଖୀନ ହେବେ

ସୁପ୍ରିମକୋର୍ଟଙ୍କ ରାୟ ଆଦୌ ଗ୍ରହଣୀୟ ନୁହେଁ। ହିନ୍ଦୁ ପରମ୍ପରାର ୧୬ ସଂସ୍କାର ଭିତରୁ ବିବାହ ଏକ ସଂସ୍କାର। ଏହି ସଂସ୍କାର ଅନୁଯାୟୀ ଜଣେ ନାରୀ ଓ ପୁରୁଷ ପବିତ୍ର ବନ୍ଧନରେ ବାନ୍ଧି ହୋଇଥାଆନ୍ତି। ଯଦି ପୁରୁଷ ବା ସ୍ତ୍ରୀ ପରକୀୟା ପ୍ରୀତି ରଖିବେ, ତେବେ ସ୍ୱାମୀ-ସ୍ତ୍ରୀ ସମ୍ପର୍କର କୌଣସି ଆବଶ୍ୟକତା ନାହିଁ। ବିବାହ ପରେ ଏଭଳି ସମ୍ପର୍କ ସମ୍ପୂର୍ଣ୍ଣ ରୂପେ ଅପରାଧ। ଯଦି ସୁପ୍ରିମକୋର୍ଟ ଏହାକୁ ଅପରାଧମୁକ୍ତ କରୁଛନ୍ତି, ତା' ହେଲେ ଲୋକେ ଆଉ ବିବାହ କରିବା ଦରକାର ନାହିଁ। ଯିଏ ଯେତେବେଳେ ଯାହା ସହ ଚାହିଁବେ, ସମ୍ପର୍କ ରଖିବେ। ଏଭଳି ନିଷ୍ପତ୍ତି ଦ୍ୱାରା ପୁରୁଷଙ୍କ ଅପେକ୍ଷା ମହିଳାମାନେ ଘରୋଇ ହିଂସାଠାରୁ ଆରମ୍ଭ କରି ଅନ୍ୟାନ୍ୟ ବିପଦର ସମ୍ମୁଖୀନ ହେବେ। କାରଣ ପୁରୁଷମାନେ ବାହାରକୁ ଯାଉଛନ୍ତି, ସେଠାରେ ସେମାନେ ଏଭଳି ସମ୍ପର୍କ ରଖିବା ଦ୍ୱାରା ପରିବାରରେ ଅଶାନ୍ତି ହେବ। ପିଲାଙ୍କ ଉପରେ ଏହାର କୁପ୍ରଭାବ ମଧ ପଡ଼ିବ। ତେଣୁ ସମ୍ପୂର୍ଣ୍ଣ ଭାବେ ଏହାକୁ ମୁଁ ବିରୋଧ କରୁଛି।



- ଶୁଭଶ୍ରୀ ଦାସ, ସାମାଜିକ କର୍ମୀ

### କେହି ନିଜ ଖୁସିର ଜୀବନ ଭିତରୁ ବାହାରିଯିବେ ନାହିଁ



ଅନେକଙ୍କ ମତରେ ଏହାଦ୍ୱାରା ସମାଜରେ ବିଶୃଙ୍ଖଳା ସୃଷ୍ଟି ହେବ। ସମସ୍ତେ ଖୁଲମ୍‌ଖୁଲା ପରକୀୟା ପ୍ରୀତି ରଖିପାରିବେ। ମାତ୍ର ଏହା ବାସ୍ତବରେ ହେବ ନାହିଁ। କାରଣ ଆମ ଭାରତୀୟ ସଂସ୍କୃତି ପାରିବାରିକ ବନ୍ଧନରେ ଆବଦ୍ଧ। କେହି ନିଜ ଖୁସିର ଜୀବନ ଭିତରୁ ବାହାରିଯାଇ ଏଭଳି ସମ୍ପର୍କ ପାଇଁ ଆଗ୍ରହୀ ହେବ ବୋଲି ମତେ ଲାଗୁନାହିଁ। ପୂର୍ବରୁ ଯେତେବେଳେ ଲିଭ୍ ଇନ୍ ରିଲେଶନ୍‌କୁ ସ୍ୱୀକୃତି ଦିଆଯାଇଥିଲା, ସେତେବେଳେ ବି ଆପତ୍ତି ଉଠିଥିଲା। ଏହାଦ୍ୱାରା ବିବାହ ଭାଙ୍ଗିଯିବ ବୋଲି ଆଶଙ୍କା କରାଯାଉଥିଲା। ମାତ୍ର ତାହା ହୋଇନାହିଁ। ଏହାଦ୍ୱାରା ବି କୌଣସି ସମସ୍ୟା ଦେଖାଦେବନାହିଁ।

- ସ୍ୱପ୍ନା ପାଣିଗ୍ରାହୀ, ପୂର୍ବତନ ମହିଳା କମିଶନ ସଦସ୍ୟା

# କ୍ରୀଡ଼ା, ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବ ଓଡ଼ିଶା



ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ବାହାରିଥିବା ଶୋଭାଯାତ୍ରାରେ ସାମିଲ ମେଢ଼ ବେଶଧାରୀ।

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

**ବିଶ୍ୱ ପର୍ଯ୍ୟଟନ ଦିବସ**
- ପୁରୁଣା ଭୁବନେଶ୍ୱରରେ ଐତିହ୍ୟର ସଂରକ୍ଷଣ ଲାଗି ଖର୍ଚ୍ଚ ହେବ ୫ କୋଟି: ମନ୍ତ୍ରୀ
- ପ୍ଲାଷ୍ଟିକ୍‌ମୁକ୍ତ, ପରିଚ୍ଛନ୍ନ ଓଡ଼ିଶା ଗଠନ ଉପରେ ଗୁରୁତ୍ୱ

ପ୍ଲାଷ୍ଟିକ୍‌ମୁକ୍ତ ଓଡ଼ିଶା ଗଠନ ଏବଂ ରାଜ୍ୟରେ କ୍ରୀଡ଼ା-ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଛି ରାଜ୍ୟ ପର୍ଯ୍ୟଟନ ବିଭାଗ। ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆଗାମୀ ଦିନରେ ସ୍ପୋର୍ଟସ୍ ଟୁରିଜମ୍‌ର ପ୍ରଚାର ପ୍ରସାର ପାଇଁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶାରେ ବିପୁଳ ପର୍ଯ୍ୟଟନ ସମ୍ଭାବନାକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ରାଜ୍ୟ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଗୁରୁବାର ଉତ୍ସାହ, ଉଦ୍ଦୀପନାର ସହ ପାଳନ କରାଯାଇଥିଲା ବିଶ୍ୱ ପର୍ଯ୍ୟଟନ ଦିବସ। ଏହି ଅବସରରେ ସକାଳେ ପର୍ଯ୍ୟଟନ ପଦଯାତ୍ରା, ଅପରାହ୍ନରେ ଖାଦ୍ୟ ମହୋତ୍ସବ ସାଙ୍ଗକୁ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଦିବସଟିକୁ ସ୍ୱତନ୍ତ୍ର କରିଥିଲା।

ଚଳିତବର୍ଷ 'ଟୁରିଜମ୍ ଆଣ୍ଡ ଦି ଡିଜିଟାଲ ଟ୍ରାନ୍ସଫରମେଶନ' ଥିମ୍‌ରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଥିବା ବେଳେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆୟୋଜିତ ହୋଇଥିଲା ବିଶେଷ କାର୍ଯ୍ୟକ୍ରମ। ସକାଳ ୭ଟାରେ କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଉତ୍କଳ ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଆସନ୍ତା ନଭେମ୍ବରରେ ଓଡ଼ିଶାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ଷ୍ଟାଡିୟମ୍‌ଠାରୁ ପଦଯାତ୍ରା ଆରମ୍ଭ ହୋଇଥିଲା। ଏହି ଅବସରରେ ରାଜ୍ୟରେ କ୍ରୀଡ଼ା-ପର୍ଯ୍ୟଟନ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଓଡ଼ିଶା ପର୍ଯ୍ୟଟନର ପ୍ରତିବଦ୍ଧତା ପ୍ରକାଶ ପାଇଥିଲା। ଏହାବ୍ୟତୀତ ପ୍ଲାଷ୍ଟିକ୍‌ମୁକ୍ତ ଓ ପରିଚ୍ଛନ୍ନ ଓଡ଼ିଶା ଗଠନ ନିମନ୍ତେ ସଂକଳ୍ପ ଗୃହୀତ ହୋଇଥିଲା। ସେହିଭଳି ରାଜ୍ୟରେ ଐତିହ୍ୟ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯିବ ଏବଂ ପୁରୁଣା ଭୁବନେଶ୍ୱରରେ ଥିବା ଐତିହ୍ୟର ସଂରକ୍ଷଣ ଲାଗି ୫ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ମନ୍ତ୍ରୀ ପଣ୍ଡା କହିଥିଲେ।

ପଦଯାତ୍ରାରେ ଛାତ୍ରୀଛାତ୍ର, ଯୁବକ, ବରିଷ୍ଠ ନାଗରିକଙ୍କ ସହ ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏଶନ, ଟ୍ରାଭେଲ ଆସୋସିଏଶନ, ଟୁର୍ ଅପରେଟର୍ସ ଏବଂ ରାଜ୍ୟ ଟୁରିଷ୍ଟ ଗାଇଡ୍ ଆସୋସିଏଶନର ପ୍ରତିନିଧିମାନେ ଭାଗ ନେଇଥିଲେ। ୬ଟି ସ୍ଥାନରେ ପଦଯାତ୍ରୀମାନଙ୍କୁ ସ୍ୱାଗତ ଜଣାଇ ୯ଟି ସାଂସ୍କୃତିକ ଦଳ ପକ୍ଷରୁ ଗୋଟିପୁଅ, ସମ୍ବଲପୁରୀ, ଓଡ଼ିଶୀ, ଆଦିବାସୀ ନୃତ୍ୟ ଓ ମେଢ଼ ନାଚ ପରିବେଷଣ କରାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ମେୟର ଅନନ୍ତ ନାରାୟଣ ଜେନା, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପର୍ଯ୍ୟଟନ ବିଭାଗ କମିଶନର ବିଶାଲ ଦେବ, ବିଭାଗୀୟ ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ ଓ ବିଭାଗର ବରିଷ୍ଠ ପଦାଧିକାରୀମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।

## ଉଦ୍‌ଘାଟିତ ହେଲା 'ଖାଦ୍ୟ ମହୋତ୍ସବ'

### ପାରମ୍ପରିକ ଶୈଳୀରେ ଯାତ୍ରୀଙ୍କୁ ସ୍ୱାଗତ



ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଖାଦ୍ୟ ମହୋତ୍ସବକୁ ଲୋକେ ବୁଲି ଦେଖୁଛନ୍ତି।

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ହୋଇଛି ସ୍ୱତନ୍ତ୍ର ଖାଦ୍ୟ ମହୋତ୍ସବ। ଗୁରୁବାର ଅପରାହ୍ନରେ ବିଭାଗୀୟ ନିର୍ଦ୍ଦେଶକ ଅର୍ଚ୍ଚନା ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରି କହିଥିଲେ, ବେଳାଭୂମି, ଐତିହ୍ୟ ଓ କୀର୍ତ୍ତିରାଜି ପରି ଖାଦ୍ୟ ସଂସ୍କୃତି ଏବଂ ବ୍ୟଞ୍ଜନ ମଧ ସଫଳ ପର୍ଯ୍ୟଟନର ଏକ ଅଙ୍ଗ। ତେଣୁ ଗତ ୩ ବର୍ଷ ହେବ ବିଭାଗ ପକ୍ଷରୁ ଖାଦ୍ୟ ମହୋତ୍ସବର ଆୟୋଜନ କରାଯାଇଆସୁଛି। ଏହି ମହୋତ୍ସବରେ ବିଭିନ୍ନ ହୋଟେଲ ସହ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ, ହୋଟେଲ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ, ଓମ୍‌ଫେଡ୍ ଆଦି ପକ୍ଷରୁ ୨୨ଟି ଷ୍ଟଲ୍ ଖୋଲାଯାଇଛି, ଯେଉଁଠାରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ ଭାରତୀୟ ଓ କଣ୍ଟିନେଣ୍ଟାଲ୍ ଖାଦ୍ୟ ଉପଲବ୍ଧ ହେଉଛି। ଓଡ଼ିଆ ପିଠା ସାଙ୍ଗକୁ ମୋଗ୍‌ଲାଇ, ପଞ୍ଜାବୀ, କବାବ୍, ସି-ଫୁଡ୍, ମିଠା, ବିରିୟାନୀ, ଇଟାଲିୟାନ୍, ସ୍ନାକ୍ସ, ସାଉଥ୍ ଇଣ୍ଡିଆନ୍, ମକ୍‌ଟେଲ୍, କାରବିୟାନ୍, ଥାଇ ଓ ଚାଇନିଜ୍, ଜନଜାତି ଖାଦ୍ୟ, ରାଜସ୍ଥାନୀ ଥାଳି, ପିଜା, ଚକୁଳି, ମାଂସ ଆଦି ମିଳୁଛି। ଏହି ଖାଦ୍ୟମେଳା ଆସନ୍ତା ଅକ୍ଟୋବର ୬ ପର୍ଯ୍ୟନ୍ତ ଚାଲିବ। କେବଳ ଖାଦ୍ୟମେଳା କି ପର୍ଯ୍ୟଟନ ପଦଯାତ୍ରା ନୁହେଁ, ଓଡ଼ିଶା ପର୍ଯ୍ୟଟନ ଆନୁକୂଲ୍ୟରେ ସନ୍ଧ୍ୟାରେ ପର୍ଯ୍ୟଟନ ବିଭାଗ ସାଂସ୍କୃତିକ ପରିଷଦ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚିତ୍ତାକର୍ଷକ ନାଟକ ପରିବେଷିତ ହୋଇଥିଲା। ସେହିପରି 'ଅତିଥି ଦେବୋ ଭବଃ'ର ବାର୍ତ୍ତା ଦେବାକୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଓ ଭୁବନେଶ୍ୱର ରେଳଷ୍ଟେଶନରେ ପାରମ୍ପରିକ ଶୈଳୀରେ ସ୍ୱାଗତ କରାଯାଇଥିଲା। ବିଭାଗୀୟ ଅଧିକାରୀମାନେ ଏଠାରେ ଅବତରଣ କରୁଥିବା ଦେଶୀ, ବିଦେଶୀ ପର୍ଯ୍ୟଟକଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରୁଥିବା ଦେଖିବାକୁ ମିଳିଥିଲା, ଯାହାକି ଏକ ନିଆରା ଦୃଶ୍ୟ ସୃଷ୍ଟି କରିଥିଲା।




## ପର୍ଯ୍ୟଟନ ସ୍ଥଳ ପରିଷ୍କାର କଲା ଓମ୍ ଲିଜର୍ ହଲିଡେଜ୍

**ଭୁବନେଶ୍ୱର, ୨୭।୯:** ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ରାଜ୍ୟର ଅଗ୍ରଣୀ ପର୍ଯ୍ୟଟନ ଓ ଭ୍ରମଣ ପରିଚାଳନା ସଂସ୍ଥା ଓମ୍ ଲିଜର ହଲିଡେଜ୍ ପକ୍ଷରୁ ଖଣ୍ଡଗିରି ଏବଂ ଉଦୟଗିରିର ବିଭିନ୍ନ ସ୍ଥାନରେ ପରିଷ୍କାର ପରିଚ୍ଛନ୍ନ କାର୍ଯ୍ୟ ସମ୍ପାଦିତ ହୋଇଛି। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କୁ ଯଥାରୀତି ସମ୍ମାନ ଦେବା ସହିତ ପର୍ଯ୍ୟଟନ ସ୍ଥଳକୁ ସଫାସୁତରା ରଖି 'ଓମ୍ ଲିଜର୍ ହଲିଡେଜ୍' ପର୍ଯ୍ୟଟନ ଦିବସ ପାଳନ କରିଛି ବୋଲି ପ୍ରକାଶ କରିଛି। ଏହି ଅବସରରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଦେବବ୍ରତ ଦାସ, ନିର୍ଦ୍ଦେଶିକା ପ୍ରଶାନ୍ତି ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ଏଥିରେ ଭୁବନେଶ୍ୱରସ୍ଥିତ ଆଇଆଇଟିଏମ୍‌ର ଅଧକ୍ଷ ଶରତ ଲେଙ୍କା ଓ ଅନୁଷ୍ଠାନର ଛାତ୍ରୀଛାତ୍ର ମଧ ସହଯୋଗ କରିଥିଲେ।

## ଧଉଳିରେ ବିଶ୍ୱ ପର୍ଯ୍ୟଟନ ଦିବସ

**ପୁରୁଣା ଭୁବନେଶ୍ୱର,୨୭।୯(ଡି.ଏନ୍.ଏ.)**

ଓଡ଼ିଶା ଟୁରିଷ୍ଟ ଆସୋସିଏଶନ ପକ୍ଷରୁ ଗୁରୁବାର ଶାନ୍ତିସ୍ତୂପ ଧଉଳି ଶିଳାଲେଖ ପରିସରରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସହ ସ୍ଥାନୀୟ ଯୁବତୀଯୁବକମାନେ ଶିଳାଲେଖ ନିକଟରେ ସଫେଇ କାର୍ଯ୍ୟକ୍ରମ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଟୁରିଷ୍ଟ ଆସୋସିଏଶନ ସଭାପତି ସୁବ୍ରତ ସୁନ୍ଦର ପଟ୍ଟନାୟକଙ୍କ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ସରପଞ୍ଚ ପୂର୍ଣ୍ଣିମା ସାହୁ, ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ସାମଲ ଉପସ୍ଥିତ ଥିଲେ।



ପ୍ରକୃତ କାର୍ଯ୍ୟବ୍ୟସ୍ତ ଲୋକ ଏତେ ବ୍ୟସ୍ତ ଯେ, ସେ କେତେ ବ୍ୟସ୍ତ ତାହା କହିବାକୁ ଅକ୍ଷମ ହୋଇପଡ଼େ।
- ରିଚାର୍ଡ ଆର୍‌ମର



## ସଂକ୍ଷେପରେ

### ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ହେବ ସୌନ୍ଦର୍ଯ୍ୟକରଣ

#### ଭକ୍ତଙ୍କ ପାଇଁ ୧୮ ଫୁଟର ଶେଡ୍

**ପୁରୀ ଅଫିସ, ୨୭।୯:** ଶ୍ରୀମନ୍ଦିର ମେଘନାଦ ପାଚେରି ଚତୁଃପାର୍ଶ୍ୱରେ ଭକ୍ତଙ୍କ ବିଶ୍ରାମ ପାଇଁ ସୁବିଧା ହେବ। ବିଶେଷକରି ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯିବ। ସ୍ୱର୍ଣ୍ଣ ମନ୍ଦିର ଢାଞ୍ଚାରେ ୧୮ ଫୁଟ ଓସାରର ଶେଡ୍ ହେବ। ଏଥିରେ ଏକକାଳୀନ ୩୦ରୁ ୪୦ ହଜାର ଭକ୍ତ ଆଶ୍ରୟ ନେଇ ପାରିବେ। ମେଘନାଦ ପାଚେରିକୁ ଲାଗି ରହି ରହିଥିବା ବଗିଚାର ଓସାର ସବୁ ସ୍ଥାନରେ ୧୨ ଫୁଟ ରହିବ। ୧୮ ଫୁଟ ଓସାରର ଶେଡ୍ ପରେ ଦୁଇ ଚକିଆ ଯାନ ଚଳାଚଳ ପାଇଁ ଏକ ରାସ୍ତା ରହିବ। ଆଗାମୀ ଦିନରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଜମି ଅଧିଗ୍ରହଣ କରି ଆହୁରି ସମ୍ପ୍ରସାରଣ କରାଯିବ। ଦକ୍ଷିଣ ଦ୍ୱାରର ରଙ୍ଗ ମହଲା, ପଶ୍ଚିମ ଦ୍ୱାରର ରାମ ଭବନ ନିକଟରେ ମଲ୍ଟି ଷ୍ଟୋରେଜ୍ ପାର୍କିଂ ଏବଂ ମହିଳାଙ୍କ ପାଇଁ ଶୌଚାଳୟ ଏବଂ କ୍ଲୋକ୍ ରୁମ୍‌ର ବ୍ୟବସ୍ଥା ରହିଛି। ପରିଚାଳନା କମିଟି ବୈଠକରେ ଏ ସମ୍ପର୍କରେ ବୈଷୟିକ କମିଟି ତଥ୍ୟ ଉପସ୍ଥାପନ କରିଛି। ଖୁବ୍‌ଶୀଘ୍ର ବୈଷୟିକ କମିଟି ଏହାର ଡିଜାଇନ ସହ ଏଷ୍ଟିମେଟ୍ ପ୍ରସ୍ତୁତ କରିବ। ଏହାପରେ ଟେଣ୍ଡର କରାଯାଇ କାମ ଆରମ୍ଭ ହେବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

### ଗଙ୍ଗାଧର ମିଶ୍ର ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ

**ପୁରୀ ଅଫିସ, ୨୭।୯:** ମୁକ୍ତିମଣ୍ଡପ ପଣ୍ଡିତ ସଭାର ନୂଆ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି ଗଙ୍ଗାଧର ମିଶ୍ର। ଏ ନେଇ ପଣ୍ଡିତ ସଭା ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମୁକ୍ତି ମଣ୍ଡପ ପଣ୍ଡିତ ସଭାର ସମ୍ପାଦକ ଥିବା ଭଗବାନ ମହାପାତ୍ର ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଇଛନ୍ତି। ଏ ନେଇ ଗତ ୨୩ ତାରିଖରେ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ଅବଶିଷ୍ଟ ସମୟ ପର୍ଯ୍ୟନ୍ତ ସାଧାରଣ ସମ୍ପାଦକ ଭାବେ ପ୍ରତାପ ପୁରୁଷୋତ୍ତମପୁରର ଗଙ୍ଗାଧର ମିଶ୍ରଙ୍କୁ ମନୋନୀତ କରାଯାଇଛି ବୋଲି ମୁକ୍ତି ମଣ୍ଡପ ପଣ୍ଡିତ ସଭା ପକ୍ଷରୁ ସୂଚନା ଦିଆଯାଇଛି।

### ଗାନ୍ଧୀଜୟନ୍ତୀରୁ ଆକାଶବାଣୀରେ ନାଟକ 'ମହାତ୍ମା' ପ୍ରସାରଣ

**କଟକ ଅଫିସ,୨୭।୯-** ଗାନ୍ଧିଜୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଆକାଶବାଣୀ କଟକ କେନ୍ଦ୍ର ପକ୍ଷରୁ ପ୍ରସ୍ତୁତ ହେଉଛି ନାଟକ 'ମହାତ୍ମା'। ଅକ୍ଟୋବର ୨ ସକାଳ ୮ଟା ୩୦ରେ ଏହାର ଶୁଭାରମ୍ଭ କରାଯିବାକୁ ସ୍ଥିର ହୋଇଛି। ଓଡିଶାର ସମସ୍ତ ଆକାଶବାଣୀ କେନ୍ଦ୍ର ଏହାକୁ ରିଲେ କରି ଶୁଣାଇବେ ଓ ଏହି କାର୍ଯ୍ୟକ୍ରମଟି ମଧ ଡିଟିଏଚ୍ ଏବଂ ମୋବାଇଲ ଆପ୍‌ରେ ଉପଲବ୍ଧ ହେବ। ପ୍ରତି ମଙ୍ଗଳବାର ଧାରାବାହିକ ଭାବେ ପ୍ରସାରଣ ହେବାକୁ ଥିବା ଏହି ନାଟକର ରଚନା ଓ ପ୍ରଯୋଜନା ତରୁଣକାନ୍ତି ରାଉତ କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଛନ୍ତି ଓମପ୍ରକାଶ ମହାନ୍ତି। ପୂର୍ବରୁ ୧୯୬୯ରେ ବାପୁଜୀଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତିଙ୍କ ରଚିତ 'ବାପୁ' ନାଟକଟି ୧୨ ଅଧ୍ୟାୟରେ ପ୍ରସାରିତ ହୋଇଥିଲା। ଏହି ନାଟକକୁ ନେଇ ସେତେବେଳେ ଆକାଶବାଣୀ କଟକ ଜାତୀୟ ସ୍ତରରେ ବେଶ୍ ପ୍ରଶଂସା ସାଉଣ୍ଟିଥିଲା।

# ବଂଶାନୁକ୍ରମିକ ସେବାକୁ ମିଳିପାରେ ସର୍ତ୍ତମୂଳକ ଅନୁମତି

**ପୁରୀ ଅଫିସ, ୨୭।୯**



ପରିଚାଳନା କମିଟି ବୈଠକରେ ଉପସ୍ଥିତ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଓ ଅନ୍ୟମାନେ ।

ଶ୍ରୀମନ୍ଦିର ସଂସ୍କାର ମାମଲା ସୁପ୍ରିମ୍‌କୋର୍ଟରେ ରୁଜୁ ହେବା ପରେ ବଂଶାନୁକ୍ରମିକ ସେବା ପ୍ରତି ସୃଷ୍ଟି ହୋଇଛି ବିପଦ। ଆମିକସ୍ କ୍ୟୁରିଙ୍କ ଗସ୍ତ ପରେ ଏହି ସେବାକୁ ସର୍ତ୍ତମୂଳକ ଅନୁମତି ମିଳିବା ସମ୍ଭାବନା ରହିଛି। ଏଥିପାଇଁ ଶ୍ରୀମନ୍ଦିରର ସମସ୍ତ ସେବାୟତ(ସବୁ ନିଯୋଗ)ଙ୍କୁ ଅଣ୍ଡରଟେକିଂ ଦେବାକୁ ପଡିବ। ମହାପ୍ରଭୁଙ୍କ ନୀତିକାନ୍ତି ଶୃଙ୍ଖଳିତ ଏବଂ ସମୟାନୁବର୍ତ୍ତୀ ହେବ। କୌଣସି ପରିସ୍ଥିତିରେ ଦାନ, ଦକ୍ଷିଣା ଗ୍ରହଣ କରିବେ ନାହିଁ କି ଭକ୍ତଙ୍କୁ ଶୋଷଣ କରିବେ ନାହିଁ। ପାନ, ଗୁଟୁଖା ଖାଇ ମନ୍ଦିର ଭିତରକୁ ପ୍ରବେଶ କରିବେ ନାହିଁ ଭଳି ଏକାଧିକ ସର୍ତ୍ତ ମାନିବା ପାଇଁ ସ୍ୱୀକାରୋକ୍ତି ଦେବାକୁ ପଡିବ। ଏ ସଂକ୍ରାନ୍ତରେ ଆମିକସ୍ କ୍ୟୁରି ଗୋପାଳ ସୁବ୍ରମଣ୍ୟମ୍ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିକଟକୁ ଚିଠି ଲେଖିଥିବା ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ଅକ୍ଟୋବର ୨ସୁଦ୍ଧା ଶ୍ରୀମନ୍ଦିର ପ୍ରଶାସନ ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରିବେ ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି।

ଗୁରୁବାର ପୂର୍ବାହ୍ନରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ପରିଚାଳନା କମିଟି ବୈଠକ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ପ୍ରାୟ ୪ ଘଣ୍ଟା ଧରି ଚାଲିଥିଲା। ଶେଷରେ ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଆମିକସ୍ କ୍ୟୁରି ଶ୍ରୀମନ୍ଦିର ସଂସ୍କାର ନେଇ ମୁଖ୍ୟ ପ୍ରଶାସକଙ୍କୁ ଏକ ଚିଠି ଲେଖିଛନ୍ତି। ସେବକ, ଶ୍ରୀମନ୍ଦିର ପରମ୍ପରା ଓ ଶାସ୍ତ୍ର ଉପରେ ସେ ବହୁ ତଥ୍ୟ ଜାଣିବାକୁ ଚାହିଁଛନ୍ତି। ବଂଶାନୁକ୍ରମିକ ସେବାକୁ ଆମିକସ୍ କ୍ୟୁରି ସୁରକ୍ଷା ଦେବାକୁ ଚେଷ୍ଟା କରିବେ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟ ୧୨ଟି ପ୍ରସ୍ତାବ ରଖିଥିଲେ। ବଂଶାନୁକ୍ରମିକ ସେବା ଏବଂ ଶ୍ରୀମନ୍ଦିର ଆଇନରେ ସଂଶୋଧନକୁ ବାଦ୍ ଦେଲେ ବାକି ୧୦ଟି ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ଆମିକସ୍ କ୍ୟୁରି ଚିଠିରେ ଉଲ୍ଲେଖ କରିଛନ୍ତି। ଆମିକସ୍ କ୍ୟୁରିଙ୍କ ଚିଠି ପରେ ୧୦ଟି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ପରିଚାଳନା କମିଟି ନୀତିଗତ ନିଷ୍ପତ୍ତି ନେଇଛି। ଶ୍ରୀମନ୍ଦିରରେ କର୍ମଚାରୀଙ୍କ ସଂଖ୍ୟା ପାଖାପାଖି ୧୦୦ କମାଯିବ। ଆବଶ୍ୟକ ପଡିଲେ ଠିକାରେ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ। ଶ୍ରୀମନ୍ଦିରରେ ବର୍ତ୍ତମାନ ୧୮ଟି ବିଭାଗ ରହିଛି। ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବିଭାଗ ସଂଖ୍ୟା କମି ୧୦ ମଧ୍ୟରେ ସୀମିତ ରହିବ। ସେବକଙ୍କୁ ପରିଚୟପତ୍ର ଦେବା ପାଇଁ ଯେଉଁ ସବ୍ କମିଟି ଗଠନ କରାଯାଇଥିଲା ସେମାନେ ତାଙ୍କର ଗାଇଡ୍ ଲାଇନ ପ୍ରସ୍ତୁତ କରିଦେଇଛନ୍ତି। ଏହାକୁ ଅନୁମୋଦନ ଦିଆଯାଇଛି। ଖୁବ୍‌ଶୀଘ୍ର ସେବକଙ୍କୁ ପରିଚୟପତ୍ର ପ୍ରଦାନ କରାଯିବ। ରୋଷଘର ଚୁଲା ପାଇଁ ଗଠିତ ସବ୍ କମିଟି ତାଙ୍କ ମତାମତ ଦେଇସାରିଛନ୍ତି। ଏହା ଉପରେ ଆଲୋଚନା କରାଯାଇଛି। ଅନୁମୋଦନ ପରେ ଏହା କାର୍ଯ୍ୟକାରୀ କରାଯିବ। ଆନନ୍ଦ ବଜାରରେ କିଛିଦିନ ତଳେ ଯେଉଁ ଦର ତାଲିକା ଲାଗିଥିଲା ସେଥିରେ ଦର ଅଧିକ ରହିଥିବା ଆପତ୍ତି ଉଠିଥିଲା। ଏହାକୁ ପୁଣି ତର୍ଜମା କରାଯିବ। ଏପରି କି ସ୍ଥାନୀୟ ନୃସିଂହ ମନ୍ଦିରରେ ବଡୁ ସୁଆର ସେବକଙ୍କ ଦ୍ୱାରା ମହାପ୍ରସାଦ ପ୍ରସ୍ତୁତ କରାଯିବ। ସମସ୍ତଙ୍କୁ ସୁହାଇଲା ଭଳି ପ୍ରକୃତ ଦର ନିର୍ଦ୍ଧାରଣ କରାଯାଇ ତାଲିକା ଲଗାଯିବ। ଦର ନିର୍ଦ୍ଧାରଣ ଏବଂ ଦର ତାଲିକା ଲଗାଯିବା ପାଇଁ ମୁଖ୍ୟ ପ୍ରଶାସକଙ୍କୁ ଅଧିକୃତ କରାଯାଇଛି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ସବ୍ କମିଟି ଗଠନ କରାଯାଇଥିଲା। ଏହାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଗୁରୁବାର ବୈଠକରେ ଆଉ ଏକ ସବ୍ କମିଟି ଗଠନ କରାଯାଇଛି। ଉକ୍ତ ସବ୍ କମିଟି ଶ୍ରୀମନ୍ଦିର ଆଇନରେ କ'ଣ କ'ଣ ସଂଶୋଧନ ହେବାର ଆବଶ୍ୟକତା ରହିଛି ତାହାର ରିପୋର୍ଟ ଗଜପତିଙ୍କୁ ଅକ୍ଟୋବର ୧୦ ସୁଦ୍ଧା ଦେବେ। ଏହାପରେ ଗଜପତି ମୂଳ ସବ୍ କମିଟି ବୈଠକ ଡକାଇ ଆଲୋଚନା କରିବେ। ଏହାକୁ ପରିଚାଳନା କମିଟି ବୈଠକରେ ଅନୁମୋଦନ ପରେ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ଅନ୍ୟପକ୍ଷରେ ବୈଠକରେ ଆଗାମୀ ଷୋଳପୂଜା ନୀତିକାନ୍ତି ସମ୍ପର୍କରେ ଆଲୋଚନା ହୋଇଥିଲା।

**ଶ୍ରୀମନ୍ଦିର ସଂସ୍କାର ମାମଲା**

- ସୁପ୍ରିମ୍‌କୋର୍ଟଙ୍କ ୧୦ ପ୍ରସ୍ତାବ ପର୍ଯ୍ୟାୟକ୍ରମେ ହେବ କାର୍ଯ୍ୟକାରୀ
- ସବୁ ନିଯୋଗ ଦେବେ ଅଣ୍ଡରଟେକିଂ
- ଶ୍ରୀମନ୍ଦିର କର୍ମଚାରୀଙ୍କ ସଂଖ୍ୟା ୧୦୦ କମିବ
- ଶ୍ରୀମନ୍ଦିର କାର୍ଯ୍ୟାଳୟରେ ରହିବ ୧୦ ବିଭାଗ
- ଅକ୍ଟୋବର ୨ ସୁଦ୍ଧା ସତ୍ୟପାଠ ଦାଖଲ କରିବ ମନ୍ଦିର ପ୍ରଶାସନ

### ଶ୍ରୀମନ୍ଦିର ଜମି ବିକ୍ରି ପ୍ରସଙ୍ଗ

# ସଂଶୋଧିତ ସମାନ ନୀତିକୁ ଅନୁମୋଦନ

**ପୁରୀ ଅଫିସ, ୨୭।୯**

୩୦ ବର୍ଷରୁ ଅଧିକ ସମୟ ଧରି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଜମିକୁ ଦଖଲରେ ରଖିଥିବା ବ୍ୟକ୍ତିଙ୍କୁ ପୂର୍ବରୁ ଏକର ପିଛା ୩ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏଣିକି ୬ ଲକ୍ଷ ଟଙ୍କା ଦେବାକୁ ପଡିବ। ସେହିପରି ୩୦ ବର୍ଷରୁ କମ୍ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଦଖଲରେ ରହିଥିବା ବ୍ୟକ୍ତିଙ୍କୁ ୧ ଏକର ଜମି ପାଇଁ ୪.୫ ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଏଣିକି ଏହାର ଦୁଇଗୁଣ ଅର୍ଥାତ୍ ୯ ଲକ୍ଷ ଟଙ୍କା ଦେବାକୁ ପଡିବ। ସେହିପରି ୨୦ ବର୍ଷରୁ କମ୍ ଏବଂ ୧୨ ବର୍ଷରୁ ଅଧିକ ଦଖଲଦାରଙ୍କୁ ୭.୫ ଲକ୍ଷ ଟଙ୍କା ପରିବର୍ତ୍ତେ ୧୫ ଲକ୍ଷ ଟଙ୍କା ଦେବାକୁ ପଡିବ। ଶ୍ରୀମନ୍ଦିରର ଜମି ବିକ୍ରି ପାଇଁ ରହିଥିବା ସମାନ ନୀତି (ୟୁନିଫର୍ମ ପଲିସି–୨୦୦୩)ରେ ସଂଶୋଧନ କରାଯାଇ ଏଭଳି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ଜମି ବିକି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଣ୍ଠି ବୃଦ୍ଧି କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଲକ୍ଷ୍ୟ ରଖିଛି।

ମହାପ୍ରଭୁଙ୍କ ଜମି ବିକ୍ରି ଲାଗି ରହିଛି ୟୁନିଫର୍ମ ପଲିସି ୨୦୦୩। ୨୦୧୫ ନଭେମ୍ବର ୧୩ ପରିଚାଳନା କମିଟିର ନିଷ୍ପତ୍ତି କ୍ରମେ ୟୁନିଫର୍ମ ପଲିସିରେ ଆବଶ୍ୟକ ସଂଶୋଧନ ଅଣାଯାଇ (ଚିଠି ନମ୍ବର ୮୮୫୪/୨୦୧୬) ଜୁନ୍ ୩୦ରେ ରାଜ୍ୟ ସରକାରଙ୍କ ଆଇନ ବିଭାଗକୁ ଅନୁମୋଦନ ନିମନ୍ତେ ପଠାଯାଇଥିଲା। ଦୀର୍ଘ ୨ ବର୍ଷ ଧରି ଏହି ପ୍ରସ୍ତାବ ଆଇନ ବିଭାଗ ନିକଟରେ ପଡିରହିଥିଲା। ଗତ ୧୭ ତାରିଖରେ ରାଜସ୍ୱ ମନ୍ତ୍ରୀ ଓ ଆଇନ ମନ୍ତ୍ରୀଙ୍କ ଉପସ୍ଥିତିରେ ସଂଶୋଧିତ ୟୁନିଫର୍ମ ପଲିସି ଉପରେ ଆଲୋଚନା କରାଯାଇଥିଲା। ସଂଶୋଧନକୁ ତର୍ଜମା କରି ପୁଣି ରାଜ୍ୟ ସରକାର ପରିଚାଳନା କମିଟିର ଅନୁମୋଦନ ଲାଗି ପଠାଇଥିଲେ। ଗୁରୁବାର ଅନୁଷ୍ଠିତ ପରିଚାଳନା କମିଟିରେ ସେହି ପ୍ରସ୍ତାବଗୁଡ଼ିକ ଉପରେ ଆଲୋଚନା କରାଯାଇ ଅନୁମୋଦନ ହୋଇଛି। ଉପରୋକ୍ତ ନିଷ୍ପତ୍ତି ସହ ଆହୁରି କେତେକ ସଂଶୋଧିତ ପ୍ରସ୍ତାବକୁ ମଧ ଅନୁମୋଦନ ମିଳିଛି। ଏଗୁଡ଼ିକ ମଧ୍ୟରେ ଜଣେ ବ୍ୟକ୍ତିଙ୍କୁ ଘରବାରି ପାଇଁ ଅତି ବେଶିରେ ୧୦ ଡେସିମିଲ ଜମି ରିହାତି ଦରରେ ଦିଆଯାଇପାରିବ। ସମ୍ପୃକ୍ତ ବ୍ୟକ୍ତି ଯଦି ଅଧିକ ଜମି ଚାହୁଁଥିବେ ତେବେ ତାଙ୍କୁ ବେଞ୍ଚ ମାର୍କ ଦର କିମ୍ବା ହାରାହାରି ଜମି ବିକ୍ରି ଦର ମଧ୍ୟରେ ଯିଏ ସର୍ବାଧିକ ଥିବ ସେହି ଦର ହିଁ ଦେବାକୁ ପଡିବ। ୧୯୨୭ ମସିହା ରେକର୍ଡ ଅନୁଯାୟୀ ଜମି ଦଖଲରେ ଏବଂ ମାର୍ଫତଦାର ସ୍ୱତ୍ୱରେ ଥିବେ ସେହି କ୍ଷେତ୍ରରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ରିହାତି ଦରରେ ଯୋଗାଇ ଦିଆଯାଇପାରିବ। ଜଣେ ବ୍ୟକ୍ତି ବ୍ୟବସାୟିକ ଉଦ୍ଦେଶ୍ୟରେ ଜମି କିଣିବାକୁ ଚାହିଁଲେ ତାଙ୍କୁ ବେଞ୍ଚ ମାର୍କ କିମ୍ବା ହାରାହାରି ଜମି ବିକ୍ରି ଦର ଅନୁଯାୟୀ ଦିଆଯିବ। ୨୦୦୩ ମସିହା ପୂର୍ବରୁ ଜମି କିଣାବିକା କରିଥିବା ବ୍ୟକ୍ତିଙ୍କୁ ରିହାତି ମିଳିବ। ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ସ୍ଥାନରେ ଖାଲି ପଡିଥିବା ମହାପ୍ରଭୁଙ୍କ ଜମିକୁ ଚିହ୍ନଟ କରି ତାକୁ ନିଲାମ କରାଯିବ। ଏହି ମର୍ମରେ ଗତ କିଛିଦିନ ତଳେ ଖୋର୍ଦ୍ଧା ଜିଲାପାଳଙ୍କୁ ଚିଠି ଲେଖି ଖାଲି ପଡିଥିବା ଜମିର ତାଲିକା ମଗାଯାଇଛି। ଅନ୍ୟପକ୍ଷରେ ଜମି ଦଲିଲ୍ କରିବା ଲାଗି ରାଜସ୍ୱ ଉପ ପ୍ରଶାସକଙ୍କୁ ଅଧିକୃତ କରାଯାଇଛି।

- ୨ ଗୁଣ ହେଲା ଜମି ଦର
- ଘରବାରି ଲାଗି ସର୍ବାଧିକ ମିଳିବ ୧୦ ଡେସିମିଲ
- ଏଣିକି ତ୍ୱରାନ୍ୱିତ ହେବ ମହାପ୍ରଭୁଙ୍କ ଜମି ବିକ୍ରି

### ଶ୍ରୀମନ୍ଦିର ହୁଣ୍ଡି ବ୍ୟବସ୍ଥାରେ ଆସିବ ସଂସ୍କାର

# ପ୍ରତି ସୋମବାର ଲକରକୁ ଯିବ ହୁଣ୍ଡି ସୁନା, ରୁପା

**ପୁରୀ ଅଫିସ, ୨୭।୯**



ଶ୍ରୀମନ୍ଦିରର ହୁଣ୍ଡି ବ୍ୟବସ୍ଥାରେ ଆସିବ ସଂସ୍କାର। ହୁଣ୍ଡିରେ ପଡୁଥିବା ସୁନା, ରୁପା ଏଣିକି ପ୍ରତି ସୋମବାର ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଲକରରେ ରଖାଯିବ। ପୂର୍ବଭଳି ଆଉ ଶ୍ରୀମନ୍ଦିର ପ୍ରଶାସନ ନାଜିର ଖାନାରେ ସୁନା ରୁପା ବେଶି ଦିନ ରଖାଯିବ ନାହିଁ। ଲକରରେ ଥିବା ସମସ୍ତ ସୁନା ମଧ୍ୟରୁ ୨ରୁ ୨.୫ କେଜି ସୁନା ମହାପ୍ରଭୁଙ୍କ ଅଳଙ୍କାର ମରାମତି ପାଇଁ ରଖାଯିବ। ବାକି ସୁନାକୁ ଗୋଲ୍ଡ ବଣ୍ଡ ଆକାରରେ ରଖାଯିବ। ଫଳରେ ଶ୍ରୀମନ୍ଦିର ପ୍ରଶାସନ ୨.୫ ପ୍ରତିଶତ ସୁଧ ପାଇବ।

ଅନ୍ୟପକ୍ଷରେ ନାଟମଣ୍ଡପରେ ସ୍ଥାପନ ହୋଇଥିବା ହୁଣ୍ଡି ଆଉ ସେଠାରେ ରହିବ ନାହିଁ। ଶ୍ରୀମନ୍ଦିର ପରିସରରେ ୪ଟି ହୁଣ୍ଡି ସ୍ଥାପନ ହେବ। ପିଣ୍ଡିକା ଆଦାୟ ହେବ ନାହିଁ। ମହାପ୍ରଭୁଙ୍କ ସମ୍ମୁଖରେ ଅର୍ପଣ ଲାଗି ଭକ୍ତଙ୍କ ଶ୍ରଦ୍ଧା ରହିଛି। ତେଣୁ ବାହାର କାଠ ଓ ଭିତର କାଠ ନିକଟରେ ୨ଟି ଦାନବାକ୍ସ ସ୍ଥାପନ କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି।

ମୁଖ୍ୟ ପ୍ରଶାସକ ଆହୁରି ମଧ କହିଛନ୍ତି ଯେ, ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର, ମାଧବଚନ୍ଦ୍ର ପୂଜାପଣ୍ଡା, ଜିଲାପାଳ, ଏସ୍‌ପି ଓ ନୀତି ପ୍ରଶାସକଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଉକ୍ତ କମିଟି ଶୁକ୍ରବାର ଶ୍ରୀମନ୍ଦିରକୁ ଯାଇ କେଉଁ କେଉଁ ସ୍ଥାନରେ ହୁଣ୍ଡି ସ୍ଥାପନ ହେବ ଉକ୍ତ ସ୍ଥାନ ଚିହ୍ନଟ କରି ରିପୋର୍ଟ ଦେବେ। ରିପୋର୍ଟ ଅନୁମୋଦନ ପରେ କାର୍ଯ୍ୟକାରୀ କରାଯିବା ଲାଗି ପରିଚାଳନା କମିଟି ବୈଠକରେ ସ୍ଥିର ହୋଇଛି। ଏହାଛଡ଼ା ହୁଣ୍ଡି ଗଣନାକୁ ନେଇ ଏକ ନିୟମାବଳୀ ପ୍ରସ୍ତୁତ ହେବ। ବର୍ତ୍ତମାନ ସିସିଟିଭି ସମ୍ମୁଖରେ ଗଣନା କରାଯାଉଛି। ତାହାକୁ ଖୁବ୍‌ଶୀଘ୍ର ତାଙ୍କ ମୋବାଇଲ ସହ ସଂଯୋଗ କରାଯିବ। ଅର୍ଥାତ ମୁଖ୍ୟ ପ୍ରଶାସକ ମୋବାଇଲରେ ହୁଣ୍ଡି ଗଣତି ଦେଖି ତଦାରଖ କରିପାରିବେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୧୯୮୩ ଅଗଷ୍ଟ ୨୩ ରେ ଶ୍ରୀମନ୍ଦିରରେ ପ୍ରଥମଥର ପାଇଁ ହୁଣ୍ଡି ସ୍ଥାପନ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଗୋଟିଏ ହୁଣ୍ଡି ରହିଥିବା ବେଳେ ଏହି ସଂଖ୍ୟା ଏବେ ୪ ହେବାକୁ ଯାଉଛି।

- ରତ୍ନ ଅଳଙ୍କାର ଲାଗି ଗଚ୍ଛିତ ରହିବ ୨କେଜି ସୁନା
- ଗୋଲ୍ଡ ବଣ୍ଡରେ ରହିବ ସୁନା, ୨.୫ ପ୍ରତିଶତ ସୁଧ ପାଇବ ଶ୍ରୀମନ୍ଦିର
- ବନ୍ଦ ହେବ ପିଣ୍ଡିକା ଆଦାୟ
- ସ୍ଥାପନ ହେବ ୪ ହୁଣ୍ଡି, ବସିବ ୨ ଦାନବାକ୍ସ

### ଅବସରପ୍ରାପ୍ତ ମୁଖ୍ୟ କିରାଣିଙ୍କୁ ୩ ବର୍ଷ ଜେଲ୍

**କଟକ ଅଫିସ, ୨୭।୯**

ଲାଞ୍ଚ ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଖୋର୍ଦ୍ଧା ଜିଲା ଶ୍ରମ କାର୍ଯ୍ୟାଳୟର ଅବସରପ୍ରାପ୍ତ ମୁଖ୍ୟ କିରାଣି ରାହାସ ବିହାରୀ ନରେନ୍ଦ୍ରଙ୍କୁ ଦଣ୍ଡିତ କରିଛନ୍ତି। ୩ବର୍ଷ ସଶ୍ରମ ଜେଲ୍ ସହ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ତାଙ୍କୁ ଅଧିକ ୬ ମାସ ଜେଲ୍ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। କଣ୍ଟ୍ରାକ୍ଟ ଲେବର ଲାଇସେନ୍ସ ଦେବା ପାଇଁ ରାହାସ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବିଶିମତ୍ରି ଗ୍ରାମର ଆଲୋକ କୁମାର ଦାଶ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୩ ହଜାର ୫ଶହ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ୫/୨୦୧୦ରେ ଏକ ମାମଲା ରୁଜୁ ହୋଇଥିଲା। ଆଗତ ମାମଲାର ଶୁଣାଣି କରି ଗୁରୁବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଦଣ୍ଡାଦେଶ ଶୁଣାଇଥିଲେ। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଏଚ୍.କେ. ସ୍ୱାଇଁ ମାମଲା ପରିଚାଳନା କରୁଥିଲେ।

## ସେଲ୍‌ଫି କର୍ନର

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



@ ମୌନୀ



@ ଦେବାଶିଷ



@ ରୋଜାଲିନ



@ ମିତଲ



@ ଲିପ୍‌ସା



@ ଶିବାନୀ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଯେଉଁ ଶିକ୍ଷା ଦ୍ୱାରା ଆତ୍ମସଂଯମ ଲାଭ କରାଯାଇ ପାରେନାହିଁ, ସେ ଶିକ୍ଷାର ପ୍ରୟୋଜନ କ'ଣ?
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ପ୍ରସବ ପରେ ମହିଳାଙ୍କ ମୃତ୍ୟୁ
#### ଡାକ୍ତରଙ୍କ ଅବହେଳା ଅଭିଯୋଗ ଆଣିଲେ ସ୍ୱାମୀ

ପୁରୁଣା ଭୁବନେଶ୍ୱର,୨୭।୯(ଡି.ଏନ୍.ଏ.): ବୁଧବାର ବିଳମ୍ବିତ ରାତିରେ ଜଣେ ମହିଳା ପ୍ରସବ ପାଇଁ ବିଏମ୍ସି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ମାତ୍ର ପ୍ରସବ ପରେ ମହିଳାଙ୍କ ଅବସ୍ଥା ଗୁରୁତର ହୋଇପଡିବାରୁ ତାଙ୍କୁ ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ମହିଳା ହେଉଛନ୍ତି ପୁରୀ ଜିଲା ଡେଲାଙ୍ଗ ଅଞ୍ଚଳର ରୂପାଲି ପଣ୍ଡା। ବିଏମ୍ସି ହସ୍ପିଟାଲର ଡାକ୍ତରଙ୍କ ଅବହେଳା ଯୋଗୁ ରୂପାଲିଙ୍କ ମୃତ୍ୟୁ ଘଟିଲା ବୋଲି ତାଙ୍କ ସ୍ୱାମୀ ସଚିନ୍ଦ୍ର ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବୁଧବାର ରାତିରେ ରୂପାଲିଙ୍କ ପ୍ରସବକାଳୀନ ଯନ୍ତ୍ରଣା ହେବାରୁ ଶ୍ରୀଲିଙ୍ଗରାଜ ଥାନା ଅଧୀନ ବିଏମସି ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡିଥିଲା। ତେବେ ବିଏମ୍ସିର ୨ଜଣ ଡାକ୍ତର ଏବଂ ଜଣେ ନର୍ସଙ୍କ ଅବହେଳା ଯୋଗୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗପତ୍ରରେ ସଚିନ୍ଦ୍ର ଉଲ୍ଲେଖ କରିଛନ୍ତି। ପୋଲିସ ୩୦୪(ଏ) ଧାରାର ନଂ୧୯୫/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଆଇଆଇସି ଜନାର୍ଦ୍ଦନ ପାଢ଼ୀ ସୂଚନା ଦେଇଛନ୍ତି।

### ଲିଙ୍ଗରାଜ ମନ୍ଦିରରେ ଅଭିନେତ୍ରୀଙ୍କ ସେଲ୍ଫି
#### ତଦନ୍ତ ପାଇଁ ଗଠନ ହେଲା ସବ୍ କମିଟି

ପୁରୁଣା ଭୁବନେଶ୍ୱର, ୨୭।୯ (ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ମନ୍ଦିର ଭିତରେ ଜଣେ ଓଡ଼ିଆ ଅଭିନେତ୍ରୀ ସେଲ୍ଫି ନେଇଛନ୍ତି। ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ଆରମ୍ଭ ହୋଇଛି। ଶ୍ରୀଲିଙ୍ଗରାଜ ମନ୍ଦିର ଭିତରକୁ ମୋବାଇଲ ଫୋନ, କ୍ୟାମେରା ଆଦି ପଦାର୍ଥ ନିଷେଧ ଥିବାବେଳେ କିପରି ଅଭିନେତ୍ରୀ ଜଣକ ସେଲ୍ଫି ଉଠାଇଲେ ତାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାର ତଦନ୍ତ ପାଇଁ ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଏକ ସବ୍କମିଟି ଗଠନ କରାଯାଇଛି। ଉକ୍ତ କମିଟି ୨୪ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ କୁହାଯାଇଛି। ଏହାର ରିପୋର୍ଟ ଅକ୍ଟୋବର ୩ରେ ବସିବାକୁ ଥିବା ନ୍ୟାସୀ ମଣ୍ଡଳୀ ବୈଠକରେ ଉପସ୍ଥାପନ କରାଯିବ। ନିଷ୍ପତ୍ତି ଅନୁସାରେ ପଦକ୍ଷେପ ନିଆଯିବ ବୋଲି ବୋର୍ଡ ଜଣାଇଛି।



ଲଣ୍ଡନ ହାଇକୋର୍ଟ ତୋରଣର ମଡେଲ୍।

**ବମିଖାଲ ଦୁର୍ଗା ମଣ୍ଡପ**

- ୭କେଜି ଚାନ୍ଦିରେ ହେବ ମା'ଙ୍କ ମୁକୁଟ
- ପୂଜାମଣ୍ଡପରେ ଲାଗିବ ପଲିଥିନ ନିଷିଦ୍ଧ ହୋର୍ଡିଂ

# ତୋରଣରେ ଲଣ୍ଡନ ହାଇକୋର୍ଟ



**ମା' ଆସୁଛନ୍ତି**

କଟକ ରୋଡ, ୨୭।୯(ଡି.ଏନ୍.ଏ.)

ଭୁବନେଶ୍ୱର ବମିଖାଲ ଦୁର୍ଗାପୂଜା ସମିତି ୫୫ବର୍ଷରେ ପଦାର୍ପଣ କରୁଛି। ପ୍ରତିବର୍ଷ କିଛି ନୂଆ କରିବାର ପ୍ରୟାସ ଜାରି ରଖିଛି ଏହି ଦୁର୍ଗାପୂଜା ସମିତି। ପଶ୍ଚିମବଙ୍ଗ ଅଞ୍ଚଳର କାରିଗରଙ୍କ ଦ୍ୱାରା ଲଣ୍ଡନ ହାଇକୋର୍ଟର ତୋରଣ ଏଥର ଶୋଭା ପାଇବ। ୭ କୁଇଣ୍ଟାଲ ଗୁଆରେ ନିର୍ମାଣ ହେବାକୁ ଥିବା ତୋରଣର ଉଚ୍ଚତା ୧୦୦ଫୁଟ ରହିଥିବା ବେଳେ ଚଉଡା ୮୦ଫୁଟ ରଖାଯାଇଛି। ଏହି ଲଣ୍ଡନ ହାଇକୋର୍ଟ ମୁଖ୍ୟ ଆକର୍ଷଣ ହେବ ବୋଲି ସମିତି ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଜେନା କହିଛନ୍ତି। ଚଳିତବର୍ଷ ଜନସମାଗମକୁ ଦୃଷ୍ଟିରେ ରଖି ପୂଜା ସମିତି ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରବେଶ ଓ ପ୍ରସ୍ଥାନ ପଥ ରଖାଯିବ। ଟ୍ରାଫିକ ନିୟନ୍ତ୍ରଣ ସହ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୂଜା ପେଣ୍ଡାଲ ନିକଟରେ ୭୦ଜଣ ସ୍ୱେଚ୍ଛାସେବୀ ମୁତୟନ ହେବେ। ଅଷ୍ଟମୀରେ ପୂଜାର୍ଚ୍ଚନା ପାଇଁ ଆସିବାକୁ ଥିବା ମହିଳା ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ମହିଳା ସ୍ୱେଚ୍ଛାସେବୀ ମୁତୟନ ହେବେ ବୋଲି କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି। ପୂଜାମଣ୍ଡପରେ ୩୦ ସିସି କ୍ୟାମେରା ଲଗାଯିବ। ଭିନ୍ନକ୍ଷମ ଓ ବୟସ୍କ ନାଗରିକଙ୍କ ପାଇଁ ହୁଇଲ ଚେୟାରର ବ୍ୟବସ୍ଥା କରାଯିବ।

ଚଳିତବର୍ଷ ପୂଜା ବଜେଟ ପାଇଁ ପ୍ରାୟ ୩୫ଲକ୍ଷ ଟଙ୍କା ରଖାଯାଇଥିବା କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି। ୧୬ଫୁଟ ଉଚ୍ଚତାବିଶିଷ୍ଟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ହେବ। ଏହା ସହିତ ମା'ଙ୍କ ପାଇଁ ୭କେଜି ଓଜନର ଚାନ୍ଦିମୁକୁଟ କରାଯିବ। ଅଷ୍ଟମୀ ଓ ନବମୀ ତିଥିରେ ଚରୁଅନ୍ନ ଓ ଦଶମୀରେ ଖିରା, ଖେଚୁଡି ଓ ଦହିପଖାଳ ଭୋଗ ଲାଗି ହେବ। ପ୍ରାୟ ୩ହଜାର ଭକ୍ତଙ୍କ ପ୍ରସାଦ ସେବନ ପାଇଁ ଯୋଜନା କରାଯାଇଛି। ପ୍ରସାଦ ବଣ୍ଟନ ସମୟରେ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବ। ଏପରି କି ପଲିଥିନ ବ୍ୟବହାର ନ କରିବା ପାଇଁ ହୋର୍ଡିଂ ମାଧ୍ୟମରେ ସଚେତନ କରିବାକୁ ସ୍ଥିର ହୋଇଛି। ସପ୍ତମୀ ଠାରୁ ଦଶମୀ ପର୍ଯ୍ୟନ୍ତ କଟକ ଓ ବ୍ରହ୍ମପୁରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଭସାଣି ଉତ୍ସବରେ ବଲାଙ୍ଗୀର ଓ ନୂଆପଡାର ପାରମ୍ପରିକ ବାଦ୍ୟ କଳାକାର ସାମିଲ ହେବା ସହ ଲାଇଟ ରୋବର୍ଟ ଅନ୍ୟତମ ଆକର୍ଷଣ ହେବ ବୋଲି କର୍ମକର୍ତ୍ତା ଆଶା ରଖିଛନ୍ତି।

> ପ୍ରତିବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ ପାଇଁ ସମିତି ଉଦ୍ୟମ ଜାରି ରଖିଛି। ଏକତା ଓ ଭାଇଚାରା ସୃଷ୍ଟି କରିବା କର୍ମକର୍ତ୍ତାଙ୍କ ମୁଖ୍ୟ ଲକ୍ଷ୍ୟ। ଚଳିତବର୍ଷ ନିଆଯାଉଥିବା ୨ଟି ନୂତନ ପଦକ୍ଷେପ ଆମ୍ଭମାନଙ୍କୁ ଅଧିକ ପ୍ରେରଣା ଯୋଗାଇବ।
>
> - ପର୍ଶୁରାମ ଜେନା, ସଭାପତି



> ପୂଜା ଉତ୍ସବକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ସମିତିର ସମସ୍ତ କର୍ମକର୍ତ୍ତା ଯଥେଷ୍ଟ ଯତ୍ନବାନ। ଆଗାମୀ ଦିନରେ ଅଧିକ କିଛି ନୂତନ କରିବା ପାଇଁ ପୂଜା ସମିତି ପ୍ରୟାସ ଜାରି ରଖିଛି।
>
> - ସୁକାନ୍ତ କୁମାର ପ୍ରଧାନ, ସମ୍ପାଦକ



# ରେଭେନ୍ସା ଦୃଷ୍ଟିହୀନ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

- ନ୍ୟୁ ହଷ୍ଟେଲ ନିକଟ ଡ୍ରେନ୍ରୁ ମିଳିଲା ମୃତଦେହ
- ହତ୍ୟା ଅଭିଯୋଗ, ଉଚ୍ଚସ୍ତରୀୟ ତଦନ୍ତ ଦାବି
- ବିଶ୍ୱବିଦ୍ୟାଳୟର ଦୃଷ୍ଟିହୀନ ଛାତ୍ର ସଙ୍ଗଠକ ଥିଲେ

କଟକ ଅଫିସ,୨୭।୯

ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନରେ ପିଏଚ୍ଡି କରୁଥିବା ଦୃଷ୍ଟିହୀନ ଛାତ୍ର କୁଶଧର ବାଗଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଗୁରୁବାର ତାଙ୍କ ମୃତଦେହ ବିଶ୍ୱବିଦ୍ୟାଳୟ ପରିସର ନ୍ୟୁ ହଷ୍ଟେଲ ନିକଟ ଡ୍ରେନ୍ରୁ ମିଳିଛି। ଏହି ଘଟଣାକୁ ନେଇ ରେଭେନ୍ସାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କୁଳପତି ଇଶାନ କୁମାର ପାତ୍ରଙ୍କୁ ଭେଟି ହତ୍ୟା ଅଭିଯୋଗ ଆଣିବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ ମାଲଗୋଦାମ ଥାନା ପୋଲିସ ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। କୁଶଧରଙ୍କ ଘର ବଲାଙ୍ଗୀରରେ ହୋଇଥିବାରୁ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଥାନା ଅଧିକାରୀ ଦେବୀପ୍ରସନ୍ନ ପାତ୍ର କହିଛନ୍ତି।

ସକାଳ ପ୍ରାୟ ୬ଟା ୩୦ରେ ହଷ୍ଟେଲର ଜଣେ ଅନ୍ତେବାସୀ କୁଶଧର ଡ୍ରେନ୍ରେ ପଡ଼ିଥିବା ଦେଖି ଅନ୍ୟମାନଙ୍କୁ ଡାକିଥିଲେ। ଖବର ଥାନାରେ ପହଞ୍ଚିବା ପରେ ପୋଲିସ ପହଞ୍ଚି ତାଙ୍କୁ ଏସ୍ସିବି ମେଡ଼ିକାଲକୁ ନେଇଥିଲା। ସେଠାରେ ଡାକ୍ତର କୁଶଧରଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ତେବେ ଆଗକୁ ଛାତ୍ର ସଂସଦ ନିର୍ବାଚନ ଥିବାରୁ କୁଶଧରଙ୍କ ମୃତ୍ୟୁକୁ ନେଇ ନାନା ଚର୍ଚ୍ଚା ହେଉଛି। ମିଳିଥିବା ସୂଚନାନୁସାରେ, କୁଶଧର ପ୍ରତ୍ୟକ୍ଷ ଛାତ୍ର ରାଜନୀତିରେ ନ ଥିଲେ ମଧ୍ୟ ଜଣେ ଭଲ ଛାତ୍ର ସଙ୍ଗଠକ ଥିଲେ। ବିଶ୍ୱବିଦ୍ୟାଳୟରେ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କୁ ନେଇ ଅନେକ କାର୍ଯ୍ୟକ୍ରମ କରିଛନ୍ତି। ସେ ସବୁବେଳେ ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରୁଥିବାରୁ ବିଶ୍ୱବିଦ୍ୟାଳୟର ଜଣେ ପରିଚିତ ଚେହେରା ଥିଲେ। ସେ ବିଶ୍ୱବିଦ୍ୟାଳୟ ବାହାରେ ରୁହନ୍ତି। ବୁଧବାର ରାତିରେ ସେ ନ୍ୟୁ ହଷ୍ଟେଲ ଆସିଥିଲେ। ତେବେ ସେ କ'ଣ ପାଇଁ ନ୍ୟୁ ହଷ୍ଟେଲକୁ ଆସିଥିଲେ ଏବଂ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେଠାରେ କ'ଣ କରୁଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ଆଧାର କରି ପୋଲିସ ତା'ର ପ୍ରାଥମିକ ତଦନ୍ତକୁ ଆଗକୁ ବଢ଼ାଇଥିବା ଜଣାପଡିଛି। ଘଟଣାକୁ ନେଇ ମାଲଗୋଦାମ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପରିବାର ଲୋକେ ପହଞ୍ଚିବା ପରେ ଅଭିଯୋଗ କରିବା ପରେ ତଦନ୍ତକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ଥାନା ଅଧିକାରୀ ପାତ୍ର ସୂଚନା ଦେଇଛନ୍ତି।



କୁଶଧର ବାଗ।

### ଉଦ୍ଘାଟିତ ହେଲା ସ୍ୱାଭିମାନ ସେଣ୍ଟର
## ୧୬ଜଣଙ୍କୁ 'ରୋଟାରି ନେଶନ ବିଲ୍ଡର ସମ୍ମାନ'

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ରୋଟାରି କ୍ଲବ ଅଫ୍ ଭୁବନେଶ୍ୱର ସେଣ୍ଟିନିଆଲ୍ ପକ୍ଷରୁ ୟୁନିଟ୍-୬ସ୍ଥିତ ବିଏମ୍ସି ସେଲ୍ଟର ହାଉସ୍ଠାରେ ଗୁରୁବାର ସ୍ୱାଭିମାନ ସେଣ୍ଟର ଉଦ୍ଘାଟିତ ହୋଇଯାଇଛି। ଏହା ମାଧ୍ୟମରେ ୧୫ବର୍ଷରୁ ଊର୍ଦ୍ଧ୍ୱ ବୟସର ଝିଅ, ପୁଅ ଏବଂ ବ୍ୟକ୍ତିମାନଙ୍କୁ ସାକ୍ଷର କରିବା ପାଇଁ ଯୋଜନା କରାଯାଇଛି। କ୍ଲବ ସଭାପତି ଶୁଭକାନ୍ତ ସାମନ୍ତସିଂହାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ ତରଫରୁ ୩୦ଜଣ ବାସହୀନ ଲୋକଙ୍କୁ ପାଠପଢ଼ା ସରଞ୍ଜାମ ବଣ୍ଟନ କରାଯାଇଥିଲା। ସେଲ୍ଟର ହାଉସ୍ର ସମ୍ପାଦିକା ଅଭାରାଣୀ ଚୌଧୁରୀ ଏବଂ ଅନ୍ୟ କର୍ମଚାରୀମାନେ ଏହି ବାସହନୀ ଲୋକଙ୍କୁ ଶିକ୍ଷାଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ୧୬ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ 'ରୋଟାରି ନେଶନ ବିଲ୍ଡର ସମ୍ମାନ' ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ରୋଟାରି ଗଭର୍ନର ଭବାନୀ ପ୍ରସାଦ ଚୌଧୁରୀ ଓ ପୂର୍ବତନ ଗଭର୍ନର ରୋଟାରିଆନ୍ ଶିବବ୍ରତ ଦାସ ଯୋଗଦେଇ ମନମୋହନ ମିଶ୍ର, ଲକ୍ଷ୍ମୀଧର ଦାସ, ସଙ୍ଗୀତା ମହାପାତ୍ର, ଶୈଳେନ୍ଦ୍ର କୁମାର ସାବତ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁରେଶ କୁମାର ପଣ୍ଡା, ପଙ୍କଜିନୀ ବେହେରା, ମୀରା ମହାନ୍ତି, ମନୋଜ କୁମାର ବେହେରା, ବିଷ୍ଣୁପ୍ରିୟା ବେହେରା, ଶ୍ରୀକାନ୍ତ ଚନ୍ଦ୍ର ଦାସ, ଅଭିମନ୍ୟୁ ମହାନ୍ତି, ଶରତ ଚନ୍ଦ୍ର ସାହୁ, ମଧୁସ୍ମିତା ଦାସ, ଜୀବନ କୁମାର ପ୍ରଧାନ, ରୁବି ସେଠ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କ୍ଲବର ସୁଶାନ୍ତ କୁମାର ମହାପାତ୍ର, ସୁଧାକର ପତ୍ରୀ, ଆଦିତ୍ୟ ମହାନ୍ତି, ଡ. ଅଜୟ ମିଶ୍ର, ପି.କେ. ମହାନ୍ତି, ସାକ୍ୟସିଂ ଷଡ଼ଙ୍ଗୀ, ଅଜିତ୍ ପାଢ଼ୀ ଓ ବି.କେ. ପାଟଯୋଶୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବତନ ସଭାପତି ଶୁଭକାନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ।




ସ୍ୱାଭିମାନ ସେଣ୍ଟର ଉଦ୍ଘାଟନ ଅବସରରେ ଅତିଥିଙ୍କ ଗହଣରେ ସମ୍ମାନିତ ଶିକ୍ଷୟିତ୍ରୀ, ଶିକ୍ଷକ।

# 'ନାରୀଙ୍କୁ ସମ୍ମାନ ଦେଲେ ରାଷ୍ଟ୍ର ସମୃଦ୍ଧ ହେବ'

କଟକ ଅଫିସ,୨୭।୯

ବିଶ୍ୱରେ ଏପରି କୌଣସି ରାଷ୍ଟ୍ର ନାହିଁ, ଯିଏ ନାରୀଙ୍କୁ ଅସମ୍ମାନ କରି ବିକାଶଆଡକୁ ମୁହାଁଇଛି। ଏଣୁ ନାରୀଙ୍କୁ ସମ୍ମାନ କଲେ ରାଷ୍ଟ୍ର ସମୃଦ୍ଧ ହେବ। ଜଣେ ନାରୀ ଜନ୍ମ ଲାଭ କରେନି, ବରଂ ଅବତୀର୍ଣ୍ଣ ହୁଏ। ଦେବୀ ଭାବେ ଜଣେ ନାରୀ ମର୍ଯ୍ୟାଦା ପାଇବାର ଯୋଗ୍ୟ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ହେରିଟେଜ ହଲ୍ରେ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ କଟକ ଶାଖା ପକ୍ଷରୁ ଗୁରୁବାର ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳନ ତଥା ସ୍ୱାମୀ ବିବେକାନନ୍ଦଙ୍କ ସିକାଗୋ ଅଭିଭାଷଣର ୧୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଉପରୋକ୍ତ ମତ ଦେଇଥିଲେ। ସେ ଆହୁରି କହିଥିଲେ, ବିଶ୍ୱରେ ସବୁଠାରୁ ଅଧିକ ଯୁବକ ଭାରତରେ ରୁହନ୍ତି। ଏଣୁ ଭାରତ ଯୁବଶକ୍ତି କ୍ଷେତ୍ରରେ ଆଗରେ। ଯୁବକମାନେ ନିଜ ଉପରେ ଭରସା କରନ୍ତୁ। ଗୁରୁ ଦ୍ରୋଣ ଓ ଏକଲବ୍ୟଙ୍କ ଉଦାହରଣ ଦେଇ ରାଜ୍ୟପାଳ କହିଥିଲେ, ନିଜ ଉପରେ ଦୃଢ଼ ଆତ୍ମବିଶ୍ୱାସ ରହିଲେ ସମସ୍ତ କାର୍ଯ୍ୟ ସିଦ୍ଧି ହୋଇପାରେ। ତେଜସ୍ୱୀ ପୁରୁଷ ବିବେକାନନ୍ଦଙ୍କ ବାଣୀକୁ ଉଦାହରଣ ଦେଇ ସେ ନିଜ ମଧ୍ୟରେ ଈଶ୍ୱରଙ୍କ ଉପସ୍ଥିତିକୁ ଅନୁଭବ କରିବା ସମ୍ପର୍କରେ ଆଲୋକପାତ କରିଛନ୍ତି। ଶାଖାର କାର୍ଯ୍ୟ ସଂଯୋଜକ ମଳୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ପ୍ରାନ୍ତ ପ୍ରମୁଖ ଅନିଲ କର ବିବେକାନନ୍ଦ କେନ୍ଦ୍ରର କାର୍ଯ୍ୟାବଳୀ ସମ୍ପର୍କରେ ମତ ଦେଇଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଦେଶରେ କେହି ସମ୍ପର୍କର ମୂଲ୍ୟ ବୁଝୁନାହାନ୍ତି ବୋଲି କହିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.ଏସ୍ ନାଇଡୁ ଯୋଗଦେଇ କହିଥିଲେ, ତେଜସ୍ୱୀ ପୁରୁଷ ବିବେକାନନ୍ଦଙ୍କ ସିକାଗୋ ସମ୍ମିଳନୀର ଭାଷଣ ଏତେ ସ୍ୱର୍ଣ୍ଣକାତର ଥିଲା ଯେ ତାହା ସମଗ୍ର ବିଶ୍ୱକୁ ଏକ କରି ଦେଇଥିଲା। ଏହି ଅବସରରେ ଶାଖା ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡ଼ା ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ଛାତ୍ରୀ ମିନତୀ ବିଶ୍ୱାଳ ସିକାଗୋଠାରେ ବିବେକାନନ୍ଦଙ୍କ ଭାଷଣକୁ ଓଡ଼ିଆରେ ଅନୁବାଦ କରି ପାଠ କରିଥିଲେ। ଡ. ଚିତ୍ତରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

**ଚର୍ଚ୍ଚାରେ ରାଜ୍ୟପାଳଙ୍କ ଭାଷଣ**

ଉକ୍ତ ସଭାରେ ରାଜ୍ୟପାଳ ଲାଲ୍ ନିଜ ଭାଷଣକୁ ଓଡ଼ିଆରେ ଆରମ୍ଭ କରିଥିଲେ। ଯାହାକୁ ନେଇ ହେରିଟେଜ ହଲରେ ତାଳିର ବର୍ଷା ହୋଇଥିଲା। ତେବେ ଏହି ଭାଷଣ କୌଣସି କାଗଜ ପଢ଼ି ନୁହେଁ ବରଂ ନିଜ ମନରୁ କହିଥିଲେ। ଭାଷଣଟି ଏହିପରି ଥିଲା– ପ୍ରିୟ ଭାଇ ଭଉଣୀମାନେ ସମସ୍ତଙ୍କୁ ନମସ୍କାର। ମୋର ରାଜ୍ୟ ଓଡ଼ିଶା। ଏହା କରୁଣାର ରାଜ୍ୟ। ସାଂସ୍କୃତିକ, ଆଧ୍ୟାତ୍ମିକ ରାଜ୍ୟ ଭାବେ ପରିଚିତ। ପ୍ରଭୁ ଜଗନ୍ନାଥଙ୍କ କୃପା ଆପଣଙ୍କୁ ମିଳୁଛି, ମିଳୁଥାଉ। ମୁଁ ରାଜ୍ୟର ପ୍ରଥମ ନାଗରିକ ଭାବେ ଆପଣମାନଙ୍କର ଆଶୀର୍ବାଦ ଆଶା କରୁଛି।




କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିବୃନ୍ଦ।




ଗୁରୁବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ପୁରୀ ବେଳାଭୂମିରେ ଉପସ୍ଥିତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି।

### ମହିଳାଙ୍କୁ ଅଶ୍ଲୀଳ ମେସେଜ ପଠାଉଥିବା ଯୁବକଙ୍କୁ ପିଟିଲେ ଲୋକେ

ଭୁବନେଶ୍ୱର, ୨୭।୯(ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ଡମଣା ଅଞ୍ଚଳର ଜଣେ ମହିଳାଙ୍କୁ ମୋବାଇଲରେ ଅଶ୍ଲୀଳ ମେସେଜ ପଠାଇବା ସହ ଫୋନରେ ଗାଳିଗୁଲଜ କରୁଥିବା ଯୁବକଙ୍କୁ ଗୁରୁବାର ନିସ୍ତୁକ ମାଡ଼ମାରି ପୋଲିସ ଜିମା ଦିଆଯାଇଛି। ସୂଚନା ମୁତାବକ, ଉକ୍ତ ମହିଳାଙ୍କର ଏକ ଅଟା କଳ ରହିଛି। ଅଟାକଳ ସାମ୍ନାରେ ଗ୍ରାହକଙ୍କ ପାଇଁ ମୋବାଇଲ ଫୋନ୍ ନମ୍ବର ଲେଖିଛନ୍ତି। ଯୁବକ ଜଣକ ସେଠାରୁ ନମ୍ବର ପାଇ ଗତ ୧୮ତାରିଖରୁ ବାରମ୍ବାର ଫୋନ କରି ମହିଳାଙ୍କୁ ହଇରାଣ କରୁଥିଲେ। ମହିଳା ଜଣକ ଚତୁରତାର ତାଙ୍କୁ ଗୁରୁବାର ରାତି ପ୍ରାୟ ୮ଟାରେ ଘର ନିକଟକୁ ଡକାଇଥିଲେ। ସେ ପହଞ୍ଚିବା ପରେ ମହିଳାଙ୍କ ସମ୍ପର୍କୀୟମାନେ ତାଙ୍କୁ କାବୁ କରି ନିର୍ଦ୍ଦୁମ ମାଡମାରି ଥିଲେ।

### ପାଇଲଟଙ୍କୁ ମିଳିନି ଦରମା
## ଏୟାର ଓଡ଼ିଶା ବିରୋଧରେ ଡିଜିସିଏ ନିକଟରେ ଅଭିଯୋଗ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଝାରସୁଗୁଡା ବିମାନବନ୍ଦରରୁ ବିମାନ ଉଡିବାରେ ସମସ୍ୟା ସୃଷ୍ଟି ହୋଇଛି। ୪ମାସ ତଳେ ନିଯୁକ୍ତ କରାଯାଇଥିବା ୪ ବିଦେଶୀ ପାଇଲଟଙ୍କୁ ଦରମା ମିଳିନାହିଁ। ସେମାନେ ଏ ନେଇ ଏୟାର ଓଡ଼ିଶା ବିରୋଧରେ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ(ଡିଜିସିଏ) ନିକଟରେ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଭେନେଜୁଏଲାର ରୁବେନ କାଲ ଓ ଅନ୍ୟ ୩ ପାଇଲଟଙ୍କୁ ୪ମାସ ତଳେ ଏୟାର ଓଡ଼ିଶା ପକ୍ଷରୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ସେମାନଙ୍କୁ ଦରମା ନ ମିଳିବାରୁ ସେମାନେ କାର୍ଯ୍ୟବନ୍ଦ କରିଥିଲେ। ଫଳରେ ବିମାନ ଚଳାଚଳ ବନ୍ଦ ରହିଥିଲା। ଏୟାର ଓଡ଼ିଶା କର୍ତ୍ତୃପକ୍ଷ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱ ନ ଦେବାରୁ ସେମାନେ ନିରାଶ ହୋଇ ଏହି ଅଭିଯୋଗ କରିଛନ୍ତି। ୩ ପାଇଲଟ୍ ନିଜ ଦେଶକୁ ଫେରିଯାଇଥିବାବେଳେ ଅର୍ଥାଭାବରୁ ରୁବେନ ଯାଇପାରି ନାହାନ୍ତି। ଅନ୍ୟପଟେ ଗୁରୁବାର ବିମାନ ଚଳାଚଳ ଆରମ୍ଭ ହୋଇଛି। ଅପରାହ୍ନ ୩ଟା ୫୮ରେ ଏକ ବିମାନ ୧୦ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ ଝାରସୁଗୁଡ଼ା ଯାଇଥିଲା। ସୂଚନାଯୋଗ୍ୟ, ଗତ ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡା ବିମାନବନ୍ଦରକୁ ଉଦଘାଟନ କରିଥିଲେ। ଉଦ୍ଘାଟନର କିଛିଦିନ ପରେ ଏପରି ସମସ୍ୟା ଦେଖାଦେଇଥିବାରୁ ଏହାର ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।




ଡିଜିସିଏରେ ଅଭିଯୋଗ କରିବାକୁ ଆସିଥିବା ପାଇଲଟ୍।



ଭବିଷ୍ୟତ ପାଇଁ କେଉଁଟା ଶୁଭଦାୟକ ତାହା ଅତୀତ ବିଷୟରେ ହାସଲ କରିଥିବା ଜ୍ଞାନ ହିଁ କହିପାରିବ।
- କନ୍‌ଫୁସିୟସ



# ରେକର୍ଡ ନିଶାରେ ସତ୍ୟପୀର

■ ୧ ମିନିଟ୍‌ରେ ୩୧୨ ପଞ୍ଚ୍ ମାରି ପୁଣି କମାଲ୍ ଦେଖାଇଲେ

ଭୁବନେଶ୍ୱର, ୨୭।୯ (ବ୍ୟୁରୋ)

ମାର୍ଶଲ ଆର୍ଟ ପଞ୍ଚିଂ ଦ୍ୱାରା ପାକିସ୍ତାନର ମହମ୍ମଦ ରସିଦ୍‌ଙ୍କ ପୂର୍ବ ରେକର୍ଡକୁ ଭାଙ୍ଗି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ କରିଥିବା ଓଡ଼ିଆ ପୁଅ ସତ୍ୟପୀର ପ୍ରଧାନ ପୁଣିଥରେ ନିଜର କମାଲ୍ ଦେଖାଇଛନ୍ତି। ପୂର୍ବରୁ ସେ ଗୋଟିଏ ହାତରେ ୧ ମିନିଟ୍‌ରେ ୩୯୩ ଫୁଲ୍ କଣ୍ଟାକ୍ଟ ପଞ୍ଚ୍ ଷ୍ଟ୍ରାଇକ୍ କରି ରେକର୍ଡ ହାସଲ କରିଥିବା ବେଳେ ଏଥର ଏକ କେଜି ଓଜନର ଡମ୍ବେଲ୍ ଧରି ପଞ୍ଚ୍ ଷ୍ଟ୍ରାଇକ୍ କରିଥିଲେ। ଗୁରୁବାର ସୂଚନା ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସତ୍ୟପୀର ଉପସ୍ଥିତ ଦର୍ଶକଙ୍କୁ ଚକିତ କରିଦେଇଥିଲେ। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ଗ୍ରହଣ କରିବା ପାଇଁ ସେ ୧ ମିନିଟ୍‌ରେ ୩୧୨ ପଞ୍ଚ୍ ମାରିଥିଲେ। ପୂର୍ବରୁ ଗିନିଜ୍ ରେକର୍ଡ ନାମରେ ୨୬୦ଟି ପଞ୍ଚ୍ ଥିବା ବେଳେ ଅତି ଚମତ୍କାର ଭାବେ ସେ ଏହାକୁ କାଟିବାରେ ସଫଳ ହୋଇଥିଲେ। ଓଡ଼ିଶାର ଭବାନୀପାଟଣାରେ ଜନ୍ମିତ ସତ୍ୟପୀର ଏହି ଉଦ୍ୟମ ପାଇଁ ୩ ମାସ ପୂର୍ବରୁ ଗିନିଜ୍ ରେକର୍ଡରେ ଆବେଦନ କରିଥିଲେ। ଗତ ପ୍ରାୟ ୧୫ ଦିନ ତଳେ ଏ ନେଇ ତାଙ୍କୁ ଅନୁମତି ମିଳିବା ସହ ଏକ ସ୍ୱତନ୍ତ୍ର ଆଇଡି ଏବଂ ପାସ୍‌ୱାର୍ଡ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ଲିଙ୍କ୍, ଭିଡିଓ ଖୁବ୍‌ଶୀଘ୍ର ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡର ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ ବୋଲି ସତ୍ୟପୀର ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଅଧିକରୁ ଅଧିକ ରେକର୍ଡ କରି କଳାହାଣ୍ଡି ଜିଲାର ନାମକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବାକୁ ସେ ଆଶାବାଦୀ ଅଛନ୍ତି। କାର୍ଯ୍ୟକ୍ରମରେ ଟିମ୍‌ର ଏକ୍ସପର୍ଟ ସାକ୍ଷୀ ସୁଧୀର ଚନ୍ଦ୍ର ଛତ୍ରିଆ, ସ୍ୱାଧୀନ ସାକ୍ଷୀ ହିତେନ୍ଦୁ ଶେଖର ରଣା, ଟାଇମ୍ କିପର ଡ. ଦେବେନ୍ଦ୍ର ବେହେରା, ସସ୍ମିତା ରାଉତରାୟ, ପଞ୍ଚ୍‌ପ୍ୟାଡ୍ ହୋଲ୍‌ଡର ସୁଜ୍ଞାନ କେଶରୀ ପ୍ରଧାନଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।



ସତ୍ୟପୀର ପ୍ରଧାନ ଏକ କେଜି ଓଜନର ଡମ୍ବେଲ୍ ଧରି ପଞ୍ଚ୍ ଷ୍ଟ୍ରାଇକ କରୁଛନ୍ତି।

## ସଂକ୍ଷେପରେ

### ୧୦କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**କଟକ ରୋଡ,୨୭।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ମୋବାଇଲ ସ୍କ୍ୱାଡ ଗୁରୁବାର ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ନୟାଗଡ ଜିଲା ରାଜସୁନାଖଳା ଅଞ୍ଚଳର ମଙ୍ଗରାଜ ରାଜା। ତାଙ୍କଠାରୁ ୧୦କେଜି ୫୦୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନ ପ୍ରାୟ ୯ଟାରେ ମଙ୍ଗରାଜ ଏକ ବାଇକ୍‌ରେ ଗଞ୍ଜେଇ ନେଇ ଫୁଲବାଣୀରୁ ଖଣ୍ଡଗିରି ଥାନା ଅଧୀନ ତପୋବନ ବସ୍ତିରେ ରହୁଥିବା ଘରକୁ ଫେରୁଥିଲେ। ଏ ନେଇ ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷକ ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ ମୋବାଇଲ ସ୍କ୍ୱାଡ ଏସ୍‌ଆଇ ହୃଦୟ ଚନ୍ଦ୍ର ସାମନ୍ତଙ୍କ ସହ କର୍ମଚାରୀ ସୁଜିତ୍ କୁମାର ମୁଦୁଲି ଅଭିଯୁକ୍ତଙ୍କୁ ଖଣ୍ଡଗିରି ଥାନା ନିକଟରୁ କାବୁ କରିଥିଲେ। ଏ ନେଇ ଅବକାରୀ କାର୍ଯ୍ୟାଳୟରେ ମାମଲା(ନଂ.୮୭/୧୮-୧୯)ରୁଜୁ ହୋଇଛି।

### କମ୍ପ୍ୟୁଟର ସାଇନ୍ସ ଛାତ୍ରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ୨୭।୯(ବ୍ୟୁରୋ):** ଚନ୍ଦ୍ରଶେଖରପୁର ଅଞ୍ଚଳରେ ରହୁଥିବା ଜଣେ ଛାତ୍ର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ଜଣକ ହେଲେ ଝାଡଖଣ୍ଡ ସୁନାରି ଅଞ୍ଚଳର ସମର ମହନ୍ତ(୧୯)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏହାସହ ପରିବାର ଲୋକଙ୍କୁ ଖବର ଦିଆଯାଇଛି। ସେମାନେ ଆସିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ସମର ପଟିଆ ଅଞ୍ଚଳରେ ଥିବା ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ କମ୍ପ୍ୟୁଟର ସାଇନ୍ସରେ ତୃତୀୟ ବର୍ଷରେ ପଢୁଥିଲେ। ସେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ଘର ଭଡା ନେଇ ରହୁଥିଲେ। ଗୁରୁବାର ତାଙ୍କ ରୁମ୍‌ମେଟ କଲେଜ ଯାଇଥିବା ବେଳେ ସେ ରୁମ୍‌ରେ ଥିଲେ। ରୁମ୍‌ମେଟମାନେ କଲେଜରୁ ଫେରିବା ପରେ ଘରର କବାଟ ଭିତରପଟୁ ବନ୍ଦ ଥିବା ଦେଖିଥିଲେ। ସେମାନେ କବାଟ ବାଡ଼େଇଥିଲେ ମଧ କେହି ଖୋଲି ନ ଥିଲେ। ସେମାନଙ୍କ ସନ୍ଦେହ ହେବାରୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘରର ଲକ୍ ତାଡିବା ପରେ ସମର ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା। ପରେ ପୋଲିସାଙ୍କ ମୃତଦେହକୁ ଜବତ କରିଥିଲା। ପ୍ରେମଜନିତ କାରଣରୁ ସମର ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଭୁବନେଶ୍ୱରକୁ ବେଷ୍ଟ ସ୍ମାର୍ଟ ସିଟି ପୁରସ୍କାର

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଭୁବନେଶ୍ୱର ସହରକୁ ବେଷ୍ଟ ସ୍ମାର୍ଟ ସିଟି ପୁରସ୍କାର ମିଳିଛି। ରାଜସ୍ଥାନର ଜୟପୁରଠାରେ ଅନୁଷ୍ଠିତ ୩ ଦିନିଆ ସ୍ମାର୍ଟ ସିଟି ଏକ୍ସପୋ ଇଣ୍ଡିଆ-୨୦୧୮ ଅନ୍ତର୍ଜାତୀୟ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସହରରେ ଗୋଷ୍ଠୀଗତ ବିକାଶ ଓ ପ୍ରୋତ୍ସାହନ ପାଇଁ ଭୁବନେଶ୍ୱର ମହାନଗରକୁ ଏହି ପୁରସ୍କାର ମିଳିଛି। ସହରରେ ସାମାଜିକ ସ୍ମାର୍ଟ କାର୍ଯ୍ୟକ୍ରମଗୁଡିକ ମିଳିତ ଭାବେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ଏବଂ ଜାତିସଂଘ ଜନସଂଖ୍ୟା ପାଣ୍ଠି(ୟୁଏନଏଫପିଏ) ଦ୍ୱାରା କରାଯାଉଛି। ଏହି କାର୍ଯ୍ୟକ୍ରମ ବଳରେ ବସ୍ତିରେ ରହୁଥିବା ଯୁବଗୋଷ୍ଠୀଙ୍କ ଉପରେ ସ୍ୱତନ୍ତ୍ର ଫୋକସ କରାଯିବା ସହ ନାବାଳିକା ଓ ମହିଳାମାନଙ୍କ ସୁରକ୍ଷାକୁ ମଧ ଗୁରୁତ୍ୱ ଦିଆଯାଇଛି। ବିଭିନ୍ନ ବସ୍ତିରେ ସୁରକ୍ଷାକୁ ନେଇ ଅଡିଟ କରାଯାଇଛି। ୩୨୦ କିଶୋରୀଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଇଥିବା ବେଳେ ୨୨ଟି ବସ୍ତିରେ ଖୋଲାରେ ମଳତ୍ୟାଗ ନ କରିବା ଦିଗରେ ସ୍ଥାନୀୟ ପ୍ରତିନିଧି ଓ ଗୋଷ୍ଠୀ ସଦସ୍ୟଙ୍କ ଜରିଆରେ ପଦକ୍ଷେପ ନିଆଯାଇଛି। ଏହି ପୁରସ୍କାର ପାଇବା ପରେ ସ୍ମାର୍ଟ ସିଟି ଏକ୍ସପୋ ଇଣ୍ଡିଆ ୨୦୧୮ ପକ୍ଷରୁ ଭୁବନେଶ୍ୱର ସହରକୁ ଟୁଇଟ କରି ସ୍ୱାଗତ କରାଯାଇଛି। ଦେଶରେ ପ୍ରଥମ ଥର ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ବୁଧବାର ଉପରାଷ୍ଟ୍ରପତି ଭେଙ୍କାୟା ନାଇଡୁ ଏହି ଅନ୍ତର୍ଜାତୀୟ କର୍ମଶାଳକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସ୍ମାର୍ଟ ସିଟି କ୍ଷେତ୍ରରେ ନୂତନ ଜ୍ଞାନକୌଶଳ, ସହରୀ ଯୋଜନା, ସାମାଜିକ-ଅର୍ଥନୈତିକ ବିକାଶ ଆଦି ବିଭିନ୍ନ ଦିଗ ଉପରେ ବିଶେଷଜ୍ଞମାନଙ୍କ ଦ୍ୱାରା ଆଲୋଚନା କରାଯାଇଛି।

# କୋଟିପତି ଲାମ୍ପ୍‌ସ ଏମ୍‌ଡି

■ ୪ ସ୍ଥାନରେ ଭିଜିଲାନ୍ସ ଯାଞ୍ଚ
■ ଠାବ ସମ୍ପତ୍ତିର ମୂଲ୍ୟ ୧ କୋଟି ୩୪ଲକ୍ଷ ୬୯୨ ଟଙ୍କା

କଟକ ଅଫିସ, ୨୭।୯

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଲାର୍ଜ ଏରିଆ ମଲ୍‌ଟି ପର୍ପୋଜ କୋଅପରେଟିଭ ସୋସାଇଟି (ଲାମ୍ପ୍‌ସ)ର ପରିଚାଳନା ନିର୍ଦ୍ଦେଶକ ମନସାଇ ପନ୍‌କାଙ୍କ ଘରେ ଗୁରୁବାର ଭିଜିଲାନ୍ସ ଯାଞ୍ଚ କରିଛି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। କୋରାପୁଟ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ପନ୍‌କାଙ୍କ ଘର, ଅଫିସ ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଝରିଗାଁସ୍ଥିତ ଲ୍ୟାମ୍ପସ୍ କାର୍ଯ୍ୟାଳୟ, ଭରାଣ୍ଡିପଡ଼ାଠାରେ ଥିବା ଦୁଇ ମହଲା ବିଶିଷ୍ଟ ଆବାସିକ କୋଠା ଓ ଏକ ମହଲା ବିଶିଷ୍ଟ ଆଉଏକ କୋଠା, ଉମରକୋଟଠାରେ ଥିବା ନିର୍ମାଣାଧୀନ ଘର ରହିଛି। ଯାଞ୍ଚରୁ ମୋଟ ୧ କୋଟି ୩୪ ଲକ୍ଷ ୬୯୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଏହି ସମ୍ପତ୍ତି ପନ୍‌କା ଓ ତାଙ୍କ ପରିବାରବର୍ଗଙ୍କ ନାମରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଭରାଣ୍ଡିପଡ଼ାଠାରେ ଥିବା ଦୁଇ ମହଲା କୋଠାର ମୂଲ୍ୟ ୮୩ ଲକ୍ଷ ୧୦ହଜାର ୭୦୫ ଟଙ୍କା ହୋଇଥିବାବେଳେ ଉମରକୋଟଠାରେ ନିର୍ମାଣାଧୀନ ଏକ ମହଲା କୋଠାର ମୂଲ୍ୟ ୧୪ ଲକ୍ଷ ୮୩ହଜାର ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ସେହିପରି ଭରାଣ୍ଡିପଡ଼ାଠାରେ ପନ୍‌କାଙ୍କର ୨ ଲକ୍ଷ ୯୩ହଜାର ୬୩୫ ଟଙ୍କା ମୂଲ୍ୟର ଗୋଟିଏ ଏକ ମହଲା କୋଠା ଓ ହାଟପଡ଼ା ନିକଟରେ ଥିବା ଗୋଟିଏ ଟିଣ ଘରର ମୂଲ୍ୟକୁ ୨ ଲକ୍ଷ ୫୦ହଜାର ଟଙ୍କାରେ ହିସାବ କରାଯାଇଛି। ସେହିପରି ଭରାଣ୍ଡିପଡ଼ା ନିକଟରେ ତାଙ୍କର ୩ଟି ଘରବାରି ପ୍ଲଟ ଥିବାବେଳେ ତେଲଗାଁ, ଧାନପୁର ଓ ଭରାଣ୍ଡିପଡ଼ା ନିକଟରେ ଚାଷଜମି ରହିଛି। ଉକ୍ତ ପ୍ଲଟ ଓ ଜମିର ମୂଲ୍ୟକୁ ଭିଜିଲାନ୍ସ ୧୦ ଲକ୍ଷ ୧୧ହଜାର ୩୦୦ ଟଙ୍କାରେ ଆକଳନ କରିଛି। ଏହାବାଦ୍ ତାଙ୍କର ୧୪ ଲକ୍ଷ ଟଙ୍କା ମୂଲ୍ୟର ଦୁଇଟି କାର, ୬ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ ଟ୍ରାକ୍ଟର ଓ ୫୨ହଜାର ୪୮୯ ଟଙ୍କା ମୂଲ୍ୟର ଗୋଟିଏ ବାଇକ୍ ରହିଛି। ପନ୍‌କା ବ୍ୟାଙ୍କ ଓ ଏଲ୍‌ଆଇସି ବାବଦରେ ୧ ଲକ୍ଷ ୪୪ହଜାର ୬୮୬ ଟଙ୍କା ଜମା ରଖିଥିବାବେଳେ ତାଙ୍କ ଘରୁ ଦେଢ ଲକ୍ଷ ଟଙ୍କା ମୂଲ୍ୟର ସୁନା, ରୁପା ଗହଣା, ନଗଦ ୧ ଲକ୍ଷ ୩୪ହଜାର ୬୯୨ ଟଙ୍କା ଓ ୭ ଲକ୍ଷ ୨ହଜାର ୭୩୮ ଟଙ୍କା ମୂଲ୍ୟର ଆସବାବପତ୍ର ଭିଜିଲାନ୍ସ ଠାବ କରିଛି।



ଉପାସନା ଅନୁଷ୍ଠାନ ପକ୍ଷରୁ ଗୁରୁବାର ସୂଚନା ଭବନରେ ଆୟୋଜିତ 'ଲତା ମଙ୍ଗେସ୍‌କର ନାଇଟ୍'ରେ ଦୁଇ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଅକ୍ଟୋବର ୧୦ରୁ ଡାଣ୍ଡିଆ ମହୋତ୍ସବ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ନବରାତ୍ରି ଅବସରରେ ଆସନ୍ତା ଅକ୍ଟୋବର ୧୦ରୁ ୧୯ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଯାଉଛି ଡାଣ୍ଡିଆ ମହୋତ୍ସବ ୨୦୧୮। ମେ'ଫେୟାର କନ୍‌ଭେନସନ ହଲ୍‌ରେ ଆୟୋଜିତ ହେବାକୁ ଥିବା ଏହି ଡାଣ୍ଡିଆ ରାସରେ ଚଳିତବର୍ଷ ବଲିଉଡ୍ ଏବଂ ଓଲିଉଡ୍‌ର ବଡ଼ ବଡ଼ ସେଲିବ୍ରିଟି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଗତ କିଛିବର୍ଷ ହେଲା ଭୁବନେଶ୍ୱରବାସୀଙ୍କ ମଧ୍ୟରେ ଡାଣ୍ଡିଆର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ କଣ୍ଠଶିଳ୍ପୀ ସାଗର ତ୍ରିପାଠୀ, ଅର୍ପିତା ଚୌଧୁରୀ, ନାଭ୍ୟା ଜେଟଲୀ, ମନୀଷା କର୍ମକାର, ଦର୍ଶି ବାରେଦିଆ, କପିଲ ଥାପ୍ପା, ପ୍ରିୟା ପତିଦାର, ତରବ ଖାଁ ପ୍ରମୁଖ ଯୋଗଦେବେ। ଏହି ଅବସରରେ ଶ୍ରେଷ୍ଠ ଡ୍ୟାନ୍ସିଙ୍ଗ୍ କପୁଲ୍, ଶ୍ରେଷ୍ଠ ମହିଳା ଓ ପୁରୁଷ ନୃତ୍ୟ ପ୍ରଦର୍ଶନକାରୀ ଏବଂ ଶିଶୁ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସ୍ୱତନ୍ତ୍ର ପୁରସ୍କାର ଦିଆଯିବ ବୋଲି ସମିରନ୍ ଦାସ, ପ୍ରଦୀପ୍ତ ମହାପାତ୍ର, ରମେଶ ବାରିକ ପ୍ରମୁଖ ସୂଚନା ଦେଇଛନ୍ତି।

# ନକଲି ପୁଟି କାରଖାନା ଠାବ, ଜଣେ ଅଟକ

କଟକ ଅଫିସ, ୨୭।୯

ଜଗତ୍‌ପୁର ଶିଳ୍ପାଞ୍ଚଳରୁ ନକଲି ପୁଟି (ପ୍ଲାଷ୍ଟର ଅଫ ପ୍ୟାରିସ୍ ପରେ ଘର କାନ୍ଥରେ ବ୍ୟବହାର ହେଉଥିବା ସାମଗ୍ରୀକୁ ପୁଟି କୁହନ୍ତି) କାରଖାନାକୁ ପୋଲିସ ଠାବ କରିଛି। ପୋଲିସ ଚଢାଉ ସମୟରେ ୬୦୦ ବସ୍ତା ପୁଟି ଜବତ କରିଛି। ଏହି ଘଟଣାର ମୁଖ୍ୟ ସଦାଶିବ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ତାଙ୍କ ନାମରେ ୪୮୨, ୪୨୦ ଆଇପିସି, ୧୦୨, ୧୦୩ ଟ୍ରେଡିଂ ଆକ୍ଟ, ୬୩ କପି ରାଇଟ୍ ଆକ୍ଟ, ୭୯, ୭୮ ପେଡ୍ ମର୍ଚାଣ୍ଟ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ୬ ମାସ ହେବ ଏହି କାରଖାନା ଜଗତ୍‌ପୁର ଶିଳ୍ପାଞ୍ଚଳରେ ଗଢି ଉଠିଥିବା ପୋଲିସ ଅନୁମାନ କରୁଛି। ସଦାଶିବଙ୍କ ସହ ଆଉ କିଛି ସହଯୋଗୀ ଏଥିରେ ସାମିଲ ଥିବା ନେଇ ପୋଲିସ ସନ୍ଦେହ କରୁଛି। ସୂଚନାଯୋଗ୍ୟ, ଜଗତ୍‌ପୁର ଅଞ୍ଚଳରୁ ପୂର୍ବରୁ ନକଲି ସିମେଣ୍ଟ, ନକଲି ତେଲ କାରଖାନା ମଧ ଠାବ ହୋଇଥିଲା। ତେବେ ଜଗତ୍‌ପୁର ଶିଳ୍ପାଞ୍ଚଳରୁ ନିୟମିତ ବ୍ୟବଧାନରେ ନକଲି ସାମଗ୍ରୀ ତିଆରି କାରଖାନା ଠାବ ହେବା ସ୍ପଷ୍ଟ କରୁଛି କି କଟକର ବିଭିନ୍ନ ବଜାର ସମେତ ରାଜ୍ୟର ଅନ୍ୟ କେତେକ ଅଞ୍ଚଳକୁ ମଧ ଏହିଠାରୁ ନକଲି ସାମଗ୍ରୀ ଚାଲାଣ ହେଉଛି। ତେବେ କେବଳ ଚଢ଼ାଉ ନୁହେଁ ଏହିଭଳି ଅସାଧୁ ବ୍ୟବସାୟୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# ପୋଲିସର ପକ୍ଷପାତିତା ପ୍ରତିବାଦରେ ରାସ୍ତାରୋକୋ

■ ବିଧାୟକ, କର୍ପୋରେଟରଙ୍କ ଫଟୋ ପୋଡ଼ିଲେ
■ ଅସମ୍ଭାଳ ହେଲା ଟ୍ରାଫିକ ଜାମ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଗତ ୨୩ ତାରିଖରେ ମୈତ୍ରୀବିହାର ଫାଣ୍ଡି ନିକଟରେ ଥିବା ଜଣେ ଜେରକ୍ସ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଗୁରୁବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ସାଲିଆସାହି ତାରିଣୀ ବସ୍ତିର ବିଶ୍ୱନାଥ ପ୍ରଧାନ। ତେବେ ପୋଲିସ ପକ୍ଷପାତିତା କରି ବିଶ୍ୱନାଥଙ୍କୁ ଗିରଫ କରିବା ଅଭିଯୋଗ କରି ୫ ଶହରୁ ଊର୍ଦ୍ଧ୍ୱ ଲୋକ ଜାଭିୟର ଛକଠାରେ ଟାୟାର ଜାଳି ଜୟଦେବ ବିହାର-ନନ୍ଦନ କାନନ ରାସ୍ତାକୁ ଅବରୋଧ କରିଥିଲେ। ରାଜନୈତିକ ଆକ୍ରୋଶ ରଖି ପୋଲିସ ତାଙ୍କୁ ଗିରଫ କରିଛି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଏପରି କି ରାସ୍ତାରୋକୋ ସ୍ଥଳରେ ସେମାନେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ସ୍ଥାନୀୟ କର୍ପୋରେଟର ଭାରତୀ ସିଂଙ୍କ ଫଟୋ ପୋଡ଼ାଜଳା କରିଥିଲେ। ସୂଚନା ମୁତାବକ, ଗତ ୨୩ ତାରିଖରେ ମୈତ୍ରୀବିହାର ଫାଣ୍ଡି ନିକଟରେ ଜଣେ ଜେରକ୍ସ ଦୋକାନୀଙ୍କୁ ୧୫ରୁ ଊର୍ଦ୍ଧ୍ୱ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିସହ ତାଙ୍କଠାରୁ ୫୦ ହଜାର ଏବଂ ଏକ ମୋବାଇଲ ଲୁଟି ନେଇଥିବା ନେଇ ସମ୍ପୃକ୍ତ ଦୋକାନୀ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଗୁରବାର ବିଶ୍ୱନାଥଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସ୍ଥାନୀୟ ରାଜନେତାଙ୍କ ପ୍ରରୋଚନାରେ ପୋଲିସ ଏହି ପଦକ୍ଷେପ ନେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ରାସ୍ତାରୋକୋ କରିଥିଲେ। ରାସ୍ତାରୋକୋ ଯୋଗୁ ଶହ ଶହ ସଂଖ୍ୟକ ଗାଡ଼ିମୋଟର ରାସ୍ତାରେ ଅଟକି ରହିବା ସହ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଖବର ପାଇ ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଦୀପକ ମିଶ୍ର, ୬ନଂ. ଜୋନ ଏସିପି ରବୀନ୍ଦ୍ରନାଥ ଶତପଥୀଙ୍କ ସହିତ ଅନ୍ୟ ପୋଲିସ ଅଧିକାରୀମାନେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

■ ସ୍କୁଲ ପିଲାଙ୍କ ଜୀବନ ବଞ୍ଚାଇବା ଘଟଣା

# ୧୬ କର୍ମଚାରୀଙ୍କୁ ପୁରସ୍କୃତ କଲେ କମିଶନର

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଭରତପୁର ଛକ ନିକଟରେ ଓଲଟି ପଡ଼ିଥିବା ଅଟୋରୁ ୮ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଉଦ୍ଧାର କରିଥିବା ପିସିଆର ଭ୍ୟାନର କର୍ମଚାରୀଙ୍କ ସମେତ ୧୬ଜଣଙ୍କୁ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ପୁରସ୍କୃତ କରିଛନ୍ତି। ପୁରସ୍କାର ବାବଦରେ ସେମାନଙ୍କୁ କମିଶନର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରିଛନ୍ତି। ପୁରସ୍କୃତ ହୋଇଥିବା ପୋଲିସ କର୍ମଚାରୀ ହେଲେ ହାବିଲଦାର ଦିନେଶ ବିଶ୍ୱାଳ, ଓଏପିଏଫର ମୁକୁନ୍ଦ ନାଳି, ଡ୍ରାଇଭର ଟୁକୁନା ସେଠୀ, ରେଣୁବାଳା ମଲିଆ ପ୍ରମୁଖ ରହିଛନ୍ତି। ସୂଚନାଯୋଗ୍ୟ, ଗତ ୨୫ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ବରମୁଣ୍ଡା ସରସ୍ୱତୀ ଶିଶୁମନ୍ଦିରର ୮ ଛାତ୍ରୀଛାତ୍ର ଏକ ଅଟୋରେ ବସି ନାକାଗେଟରୁ ଭରତପୁର ଅଭିମୁଖେ ଯାଉଥିଲେ। ଭରତପୁର ମଦ ଦୋକାନ ନିକଟରେ ନିଶାସକ୍ତ ଅବସ୍ଥାରେ ଜଣେ ଅଟୋ ଡ୍ରାଇଭର ସ୍କୁଲ ପିଲା ଯାଉଥିବା ଅଟୋକୁ ସାଇଡ୍ ମାରିଥିଲେ। ଫଳରେ ଅଟୋଟି ରାସ୍ତାକଡ଼କୁ ଓଲଟି ପଡ଼ିବାରୁ କେତେଜଣ ପିଲା ଅଟୋ ତଳେ ଚାପି ହୋଇଯାଇଥିଲେ। ଅନ୍ୟ କେତେଜଣ ରାସ୍ତାପାର୍ଶ୍ୱରେ ଥିବା ବଣବୁଦାକୁ ଛିଟିକି ପଡ଼ିଥିଲେ। ଖବରପାଇ ତୁରନ୍ତ ପିସିଆର ଭ୍ୟାନ ସେଠାରେ ପହଞ୍ଚି ପିଲାମାନଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା।

## ଡଙ୍ଗାରୁ ଖସିପଡ଼ି ମହିଳା ଆହତ

କଣାସ,୨୭।୯(ସ୍ୱ.ପ୍ର)

କଣାସ ବ୍ଲକ ଦୟାନଦୀରେ ଗୁରୁବାର ଜଣେ ମହିଳା ଡଙ୍ଗା ପାର ହେଉଥିବାବେଳେ ମଝି ନଦୀରେ ଖସିପଡି ଆହତ ହୋଇଛନ୍ତି। ସେହେଲେ ଗଡିଶାଗୋଦା ପଞ୍ଚାୟତ ବିଲପାଟଣା ଗ୍ରାମର କଇଁ ପରିଡା(୬୫)। ମହିଳା ଜଣକ ଗୋପୀନାଥପୁର ଘାଟରେ ନଦୀପାର ସମୟରେ ମଝି ନଦୀରେ ଡଙ୍ଗାରୁ ଖସିପଡିଥିଲେ। ଏହା ଦେଖି ଅନ୍ୟ ଏକ ଡଙ୍ଗାରେ ଯାଉଥିବା ଗୋପୀନାଥପୁର ଗ୍ରାମର ଅବିନାଶ ସାମନ୍ତରାୟ ଓ ବିକ୍ରମ ପ୍ରଧାନ ଉଦ୍ଧାର କରିନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ।

# ୮ ଥର ଓଡ଼ିଶା ଆସିଥିଲେ ମହାତ୍ମା ଗାନ୍ଧୀ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ମହାତ୍ମା ଗାନ୍ଧୀ ନିଜ ଜୀବନକାଳ ମଧ୍ୟରେ ଓଡ଼ିଶାକୁ ୮ଥର ଗସ୍ତରେ ଆସିଥିଲେ। ୧୯୨୧ରେ ତାଙ୍କର ପ୍ରଥମ ଗସ୍ତକୁ କଟକ ସହରରେ ୯୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ସ୍ୱାଗତ କରାଯାଇଥିଲା। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଉଦ୍ୟମରେ ଆହୂତ କାଠଯୋଡ଼ି ସଭାରେ ଗାନ୍ଧୀଙ୍କ ଉଦ୍‌ବୋଧନକୁ ୫୦ ହଜାର ଲୋକ ଶୁଣିବା ତତ୍‌କାଳୀନ ସମୟର ଏକ ବିସ୍ମୟକର ଘଟଣା ଥିଲା। ଅସ୍ପୃଶ୍ୟତା ନିବାରଣ, ଖଦିର ପ୍ରସାର, ଦାରିଦ୍ର୍ୟ ଦୂରୀକରଣ, ଧର୍ମ ନିରପେକ୍ଷତା, ଅହିଂସା ବାର୍ତ୍ତା ପ୍ରଚାର, ନାରୀ ସ୍ୱାଧୀନତା ଆଦି ପ୍ରସଙ୍ଗକୁ ନେଇ ଗାନ୍ଧିଜୀ ଓଡ଼ିଶା ଆସିଥିଲେ। ମହିଳା, ସାଧାରଣ ନାଗରିକ, ମୁସଲମାନ, ଖ୍ରୀଷ୍ଟିଆନ୍, ଖଦିକର୍ମୀଙ୍କ ସଭାରେ ସେ ପୃଥକ ଭାବେ ବକ୍ତୃତା ଦେଇ ସେମାନଙ୍କୁ ମହାଭାରତୀୟ ଆଦର୍ଶରେ ଅନୁପ୍ରାଣିତ କରିଥିଲେ। ଗାନ୍ଧିଜୀଙ୍କ ଜୀବନ ଥିଲା ଧର୍ମ, ଭାରତୀୟତା ଓ ସଂହତିର ଏକ ମିଶ୍ରିତ ଇତିହାସ, ଯେଉଁଥିପାଇଁ ସେ ଶ୍ରେଷ୍ଠତମ ବ୍ୟକ୍ତିତ୍ୱ ଭାବରେ ପୂଜ୍ୟ ହୋଇଛନ୍ତି ବୋଲି ସର୍ବୋଦୟ ନେତ୍ରୀ ତଥା ସାମାଜିକ କର୍ମୀ କୃଷ୍ଣା ମହାନ୍ତି କହିଛନ୍ତି। ଗୁରୁବାର ରାଜ୍ୟ ଅଭିଲେଖାଗାର ସଭାକକ୍ଷରେ ଆୟୋଜିତ 'ସଂସ୍କୃତି ଚର୍ଚ୍ଚା' କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ 'ଗାନ୍ଧୀବାଦର ପ୍ରାସଙ୍ଗିକତା ସ୍ୱୀକାର୍ଯ୍ୟ' ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନର ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟକ୍ରମ ଭାବେ 'ଓଡ଼ିଶାରେ ବାପୁଜୀ' ଶୀର୍ଷକ ଏକ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ପ୍ରଦର୍ଶନୀ ଓଡ଼ିଶାରେ ଗାନ୍ଧୀଙ୍କ ଗସ୍ତ ସମ୍ପର୍କରେ ଅଧିକ ଆଲୋଚନା ପାଇଁ ଖୋରାକ ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ବିଜୟ କୁମାର ନାୟକ ପୌରୋହିତ୍ୟ ଏବଂ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଭିଲେଖାଗାର ଅଧୀକ୍ଷକ ଶୁଚିସ୍ମିତା ମନ୍ତ୍ରୀ ସ୍ୱାଗତ ଭାଷଣ ଦେଇଥିଲେ।


ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟ ଅଧିକାରୀମାନେ ଫଟୋ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

# ବୈଷୟିକ ପ୍ରଣାଳୀରେ ମାଛଚାଷ କରାଗଲେ ଗ୍ରାମାଞ୍ଚଳରେ ଆର୍ଥିକ ଉନ୍ନତି ଆସିବ

ଭୁବନେଶ୍ୱର, ୨୭।୯ (ବ୍ୟୁରୋ)

ପଞ୍ଚାୟତ ପୋଖରୀଗୁଡ଼ିକୁ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଦୀର୍ଘମିଆଦୀ ସୂତ୍ରରେ ଲିଜ୍‌ରେ ଦେଇ ବୈଷୟିକ ପ୍ରଣାଳୀରେ ମାଛଚାଷ କରାଗଲେ, ଗ୍ରାମାଞ୍ଚଳରେ ଆର୍ଥିକ ଉନ୍ନତି ଆସିବ। ଏଥିସହ ମହିଳାମାନଙ୍କ ସଶକ୍ତୀକରଣ ସମ୍ଭବ ହୋଇପାରିବ। ଏହାଦ୍ୱାରା ଗ୍ରାମାଞ୍ଚଳରେ ପୁଷ୍ଟିହୀନତା ମଧ ଦୂର ହୋଇପାରିବ ବୋଲି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଗୁରୁବାର ରାଜ୍ୟ ମତ୍ସ୍ୟ ବିଭାଗ ଓ ମିଶନ ଶକ୍ତି ସହଯୋଗରେ ଓଡ଼ିଶା ବିଶ୍ୱ ମତ୍ସ୍ୟ ପ୍ରକଳ୍ପ ଆନୁକୂଲ୍ୟରେ 'ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଗ୍ରାମପଞ୍ଚାୟତ ପୋଖରୀରେ ମତ୍ସ୍ୟ ଉତ୍ପାଦନର ଆଭିମୁଖ୍ୟ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରମୁଖ ଶାସନ ସଚିବ ଗର୍ଗ କୁକୁଡ଼ା ପାଳନ, ଗୋ-ପାଳନ, ଛତୁଚାଷ ଆଦି କ୍ଷେତ୍ରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଯୋଗଦାନକୁ ପ୍ରାଧାନ୍ୟ ଦିଆଯିବ ବୋଲି କହିଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ କମିଶନର ବିଶାଲ ଗଗନ କର୍ମଶାଳାରେ ଅଧକ୍ଷତା କରି କହିଥିଲେ, ୨୦୧୯-୨୦ ସୁଦ୍ଧା ପଞ୍ଚାୟତ ପୋଖରୀରେ ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ବୈଷୟିକ ପ୍ରଣାଳୀରେ ମାଛଚାଷ କରାଗଲେ, ଅଧିକ ଉତ୍ପାଦନ ସମ୍ଭବ ହୋଇପାରିବ। ଏହା ରାଜ୍ୟକୁ ମଧୁରଜଳ ମତ୍ସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରାଇବ। ସେହିପରି ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବୈଷୟିକ ପ୍ରଣାଳୀରେ ମାଛଚାଷ ପାଇଁ ଚଳନପୁଞ୍ଜିର ସହାୟତା ସହ ରିହାତି ଦିଆଯିବାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ମତ୍ସ୍ୟ ଉତ୍ପାଦନରେ ଏହି ଯୋଜନା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ୍ ସମସ୍ତ ପଞ୍ଚାୟତ ପୋଖରୀକୁ ଆଧୁନିକ ପ୍ରଣାଳୀରେ ମାଛଚାଷ ନିମନ୍ତେ ୧ ପ୍ରତିଶତ ସୁଧରେ ଚଳନପୁଞ୍ଜି ଋଣ ରାଜ୍ୟ ସରକାର ଯୋଗାଇଦେବେ ବୋଲି କହିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକ ପ୍ରତାପ ଦାଶ ମହିଳା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ପ୍ରୋତ୍ସାହନ ଦେବା ଦିଗରେ ବିଭାଗର ପଦକ୍ଷେପ ପ୍ରଶଂସନୀୟ ବୋଲି କହିଥିଲେ। ପ୍ରାରମ୍ଭରେ ବିଭାଗୀୟ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ସେନାପତି କର୍ମଶାଳାରେ ସ୍ୱାଗତଭାଷଣ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ମତ୍ସ୍ୟଚାଷ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ମତ୍ସ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ମତ୍ସ୍ୟଚାଷରେ ବୈଷୟିକ ଜ୍ଞାନକୌଶଳର ବିନିଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଜିଲାର ମତ୍ସ୍ୟ ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ୱାର୍ଲ୍ଡ ଫିସ୍‌ର ଅଧିକାରୀ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ପ୍ରମୁଖ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୮ ସେପ୍ଟେମ୍ବର, ୨୦୧୮





ବଜରଙ୍ଗ ଦଳର ଦୁଇଜଣ କର୍ମୀଙ୍କୁ ବୁଧବାର ବିଳମ୍ବିତ ରାତିରେ ଆକ୍ରମଣ କରାଯିବା ଘଟଣାରେ ଗୁଜରାଟରେ ଗୁରୁବାର ବନ୍ଦ ପାଳନ କରାଯାଇଛି। ମୋରବି ଜିଲା ଅନ୍ତର୍ଗତ ହଲବାଦରେ ଭବେଶ ଠକ୍କର ଏବଂ ଅଶ୍ଳେଶ ପରେଜିୟାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ଗୁଜରାଟର ବହୁ ଜିଲାରେ ବନ୍ଦବେଳେ ସ୍ଥିତି ନିୟନ୍ତ୍ରଣରେ ରହିଥିଲା ବୋଲି ମୋର୍ବି ଏସ୍‌ପି କରନ୍‌ରାଜ ବାଘେଲା ସୂଚନା ଦେଇଛନ୍ତି।

# ଧର୍ମଗଡ଼ରେ ରାଜ୍ୟର ପ୍ରଥମ କୌଶଳ ବିକାଶ କେନ୍ଦ୍ର ଉଦ୍‌ଘାଟିତ

ଧର୍ମଗଡ଼,୨୭।୯(ଡି.ଏନ.ଏ.)




କୌଶଳ ବିକାଶ କେନ୍ଦ୍ରର ଉଦ୍‌ଘାଟନୀ ଉତ୍ସବରେ ଆଧ୍ୟାତ୍ମିକ ଗୁରୁ ରବିଶଙ୍କର ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

- ରାଜ୍ୟର ସବୁ ଜିଲାରେ ଏହି କେନ୍ଦ୍ର ଖୋଲିବ: ଧର୍ମେନ୍ଦ୍ର
- ଶିକ୍ଷିତ ବେକାର ଯୁବକମାନଙ୍କ ପାଇଁ ସହାୟକ ହେବ: ଶ୍ରୀଶ୍ରୀ ରବିଶଙ୍କର

କଳାହାଣ୍ଡି ଜିଲା ଧର୍ମଗଡଠାରେ ଆର୍ଟ ଅଫ୍ ଲିଭିଂ ଏବଂ ଭାରତ ସରକାରଙ୍କ କୌଶଳ ବିକାଶ ମନ୍ତ୍ରାଣାଳୟର ମିଳିତ ସହଯୋଗରେ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ସହ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ମହାସତ୍‌ସଙ୍ଗର ମଧ୍ୟ ଆୟୋଜନ ହୋଇଥିଲା।

ପଶ୍ଚିମ ଓଡ଼ିଶାର ଯୁବ ଶକ୍ତିର ସମାଜ ଉପଯୋଗୀ, ରୋଜଗାରକ୍ଷମ ଦକ୍ଷତାର ସମ୍ପୂର୍ଣ୍ଣ ବିକାଶରେ ଏହି କେନ୍ଦ୍ର ସହାୟକ ହେବ। ଏହି କେନ୍ଦ୍ରରେ ବିଭିନ୍ନ ବିଭାଗର କୌଶଳ ବିକାଶର ତାଲିମ ପ୍ରଦାନ କରାଯିବ ଏବଂ ଏହି କେନ୍ଦ୍ର କଳାହାଣ୍ଡି ଜିଲାର ବିକାଶଧାରାରେ ଆଉ ଏକ ନୂତନ ଅଧ୍ୟାୟ ଯୋଡିହେଲା। ରାଜ୍ୟର ପ୍ରତି ଜିଲାରେ ଏପରି କେନ୍ଦ୍ର ଖୋଲିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଅବସରରେ କହିଛନ୍ତି। ସେ ପୁଣି କହିଲେ, ତୈଳ ଦର ନିୟନ୍ତ୍ରଣ ପାଇଁ ଓଡିଶା ସମେତ ବିଭିନ୍ନ ରାଜ୍ୟକୁ ଟ୍ୟାକ୍ସ କମାଇବା ପାଇଁ ଅନୁରୋଧ କରାଯାଇଛି। ଟ୍ୟାକ୍ସ କମିଲେ ଦର ନିୟନ୍ତ୍ରଣ ହେବ। କଳାହାଣ୍ଡି ଜିଲାର ଧର୍ମଗଡ ସମେତ ଯେଉଁ ସ୍ଥାନରେ ଗ୍ୟାସ୍ ଏଜେନ୍ସି ବନ୍ଦ ଅଛି ତାହା ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଓଡିଶାର ଯୁବକମାନଙ୍କ ପାଖରେ ବହୁ ପ୍ରତିଭା ରହିଛି। ସେମାନେ ଖୁବ ପରିଶ୍ରମୀ । ଏହି ଯୁବକମାନଙ୍କୁ ନିଯୁକ୍ତି ସୁଯୋଗ ମିଳିଲେ ଆଗକୁ ଯାଇପାରିବେ ବୋଲି ଶ୍ରୀଶ୍ରୀ ରବିଶଙ୍କର କହିଛନ୍ତି। ଏହି କୌଶଳ କେନ୍ଦ୍ର ଏଠାକାର ଶିକ୍ଷିତ ବେକାର ଯୁବକମାନଙ୍କ ପାଇଁ ବହୁ ସହାୟକ ହେବ ବୋଲି ସେ ପ୍ରକାଶ କରିଥିଲେ।

ଏହି ଉଦ୍‌ଘାଟନୀ ଉତ୍ସବ ପାଇଁ ବଣ୍ଟାଯାଇଥିବା ନିମନ୍ତ୍ରଣପତ୍ରରେ ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଏମ୍‌ପି ଅର୍କ କେଶରୀ ଦେଓ ଏବଂ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଦାସଙ୍କ ନାମ ଛପାଯାଇଥିଲା। ଭକ୍ତ ଦାସ ଏହି କାର୍ଯ୍ୟକ୍ରମ ଭାଜପାର ବୋଲି କହି ଆସିବାକୁ ମନା କରି ଦେଇଥିଲେ। ୨ ବିଧାୟକ ଓ ଏମ୍‌ପି ବି ଆସି ନ ଥିଲେ। ଏ ସମ୍ପର୍କରେ ଉଭୟ ବିଧାୟକଙ୍କୁ ପଚାରିବାରୁ ଏହା ଏକ ଆଧ୍ୟାତ୍ମିକ ମହାସତ୍‌ସଙ୍ଗ କାର୍ଯ୍ୟକ୍ରମ ଏବଂ ଗୁରୁଜୀଙ୍କ ପ୍ରତି ଆମର ସମ୍ମାନ ଅଛି। ତାଙ୍କ ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ ହେବା ଉଚିତ୍। ସେଥିପାଇଁ ଆମେ ଆଗରୁ ସେଠାକୁ ଯିବା ପାଇଁ ନିଷ୍ପତ୍ତି ନେଇଥିଲୁ, କିନ୍ତୁ ଏଠାରେ ଭାଜପା ଦଳୀୟ କାର୍ଯ୍ୟକ୍ରମ ଭଳି ମନେହେଲା। ଚାରିଆଡେ ଭାଜପା ପତାକା ଛାଇ ହୋଇଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମକୁ ରାଜନୀତୀକରଣ କରାଗଲା । ସେଥିପାଇଁ ଆମେ ସେଠାକୁ ଯିବା ଉଚିତ ମନେ କଲୁ ନାହିଁ ବୋଲି ବିଧାୟକଦ୍ୱୟ କହିଛନ୍ତି। ଆର୍ଟ ଅଫ୍ ଲିଭିଂର ବରିଷ୍ଠ କର୍ମକର୍ତ୍ତା ଭୋଳାନାଥ ଜେନାଙ୍କୁ ପଚାରିବାରୁ ସେ କହିଲେ, ଏହା ଏକ ଆଧ୍ୟାତ୍ମିକ ମହା ସତ୍‌ସଙ୍ଗ କାର୍ଯ୍ୟକ୍ରମ । ଭାରତ ସରକାରଙ୍କ କୌଶଳ ବିକାଶ ମନ୍ତ୍ରାଣାଳୟର ପକ୍ଷରୁ ଏହା କରାଯାଇଛି। ଆମେ ଜିଲାର ସମସ୍ତ ପୂର୍ବତନ ଏବଂ ବର୍ତ୍ତମାନର ଏମ୍‌ପି, ବିଧାୟକଙ୍କୁ ସମ୍ମାନ ଜଣାଇ ଡାକିଥିଲୁ। କିନ୍ତୁ ସେମାନେ ତାଙ୍କ ବ୍ୟକ୍ତିଗତ କାରଣ ଯୋଗୁ ଆସି ପାରି ନାହାନ୍ତି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସମେତ ପଡୋଶୀ ନବରଙ୍ଗପୁର, କୋରାପୁଟ, ନୂଆପଡା, ବଲାଙ୍ଗୀର ଜିଲା ତଥା ପଡୋଶୀ ଛତିଶଗଡରୁ ଗୁରୁଙ୍କ ବହୁ ଶିଷ୍ୟ ତଥା ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଭୂମିହୀନ ଶହୀଦଙ୍କ ପରିବାରକୁ ମିଳିବ ଘରଡିହ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ପୂର୍ବତନ ସ୍ୱାଧୀନତା ସଂଗ୍ରାମୀ ଏବଂ ଶହୀଦମାନଙ୍କ ମଧ୍ୟରୁ ଭୂମିହୀନ ଓ ଘରଡିହ ନ ଥିବ ଯୋଗ୍ୟ ପରିବାରକୁ ରାଜ୍ୟ ସରକାର ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ କରିବେ। ଏହି ଯୋଜନା ମାଧ୍ୟମରେ ଯୋଗ୍ୟ ପରିବାରଗୁଡିକୁ ସରକାର ଘରଡିହ ଯୋଗାଇବା ପାଇଁ ସର୍ଭେ କରାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସର୍ଭେ କରି ରିପୋର୍ଟ ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କ ନିକଟକୁ ପତ୍ର ଦିଆଯାଇଛି। ବସୁନ୍ଧରା ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ଘରଡିହ ନ ଥିବା ପରିବାରକୁ ସରକାରଙ୍କ ପକ୍ଷରୁ ଘରଡିହ ଯୋଗାଇ ଦିଆଯାଉଛି। ଅନୁସୂଚିତ ଜାତି, ଜନଜାତି ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ନବରଙ୍ଗପୁର ଜିଲାର ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦମାନଙ୍କ ପରିବାର ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତି ସର୍ଭେ କରି ଯୋଗ୍ୟ ବିବେଚିତ ପରିବାରଙ୍କୁ ଘରଡିହ ଯୋଗାଇବା ଲାଗି ମହେଶ୍ୱର ମହାନ୍ତିଙ୍କୁ ପ୍ରସ୍ତାବ ଦେଇଥିଲେ।

# ପୋସ୍କୋ ଜାଗାରେ ମେଗା ଷ୍ଟିଲ୍ ପ୍ଲାଣ୍ଟ କରିବ ଜେଏସ୍‌ଡବ୍ଲ୍ୟୁ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ଜଗତସିଂହପୁର ମେଗା ଷ୍ଟିଲ୍ ପ୍ଲାଣ୍ଟରୁ ପୋସ୍କୋ ଓହରିଯିବା ପରେ ଜେଏସଡବ୍ଲ୍ୟୁ ସେହି ଅଧୁରା କାର୍ଯ୍ୟକୁ ପୂରଣ କରିବାକୁ ଆଗେଇ ଆସିଛି। ଶିଳ୍ପ ମନ୍ତ୍ରୀ ଅନନ୍ତ ଦାସ ଗୁରୁବାର ସଚିବାଳୟଠାରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମେଗା ଷ୍ଟିଲ୍ ପ୍ଲାଣ୍ଟ କରିବା ପାଇଁ ପୋସ୍କୋ ୨,୯୦୦ ଏକର ଜମି ଅଧିଗ୍ରହଣ କରିଥିଲା। ପରେ ପ୍ରକଳ୍ପରୁ ଓହରି ଯିବାରୁ ସେହି ଜମିକୁ ଫେରାଇ ଦେଇଥିଲା। ସେହି ଜମିକୁ ଜେଏସଡବ୍ଲ୍ୟୁକୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। କମ୍ପାନୀ ଏ ପର୍ଯ୍ୟନ୍ତ ପ୍ରକଳ୍ପ କେବେ କାର୍ଯ୍ୟକାରୀ କରିବ ସେ ନେଇ କୌଣସି ସୂଚନା ଦେଇ ନାହିଁ। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନେଇ ଖୁବ୍‌ଶୀଘ୍ର ରାଜ୍ୟ ସରକାରଙ୍କୁ ଜଣାଇବ ବୋଲି ସେ କହିଛନ୍ତି। ଆବଶ୍ୟକ ଅର୍ଥ ଜମା କରିବାକୁ କମ୍ପାନୀକୁ ଜଣାଇ ଦିଆଯାଇଛି। ଟଙ୍କା ପଇଠ କରିବା ପରେ ପ୍ରକଳ୍ପ ପାଇଁ ଜମି ଯୋଗାଇ ଦିଆଯିବ। ଏ ପର୍ଯ୍ୟନ୍ତ ଜେଏସଡବ୍ଲ୍ୟୁ ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରି ନାହିଁ। ଖୁବ୍‌ଶୀଘ୍ର ପ୍ରକଳ୍ପ ରିପୋର୍ଟ ଦାଖଲ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ପୋସ୍କୋ ପାରାଦୀପଠାରେ ୧୨ ନିୟୁତ ଟନ୍‌ର ଏକ ବୃହତ୍ ଇସ୍ପାତ କାରଖାନା ସ୍ଥାପନ କରିବା ପାଇଁ ରାଜ୍ୟ ସରକାରଙ୍କ ସହ ୨୦୦୫ ଜୁନ ୨୨ ତାରିଖରେ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ପ୍ରକଳ୍ପ ପାଇଁ ପୋସ୍କୋ ୬୦୦ ନିୟୁତ ଟନ ଲୁହାପଥର ଆବଶ୍ୟକ କରୁଥିବା ବେଳେ ୫ ହଜାର ଏକର ଜମି ମାଗିଥିଲା। ପରେ ଏହାକୁ ୪୦୦୪କୁ ହ୍ରାସ କରାଯାଇଥିଲା। ଏହି ପ୍ରକଳ୍ପକୁ ସ୍ଥାନୀୟ ଲୋକ ଓ ବିଭିନ୍ନ ସଂଗଠନ ବିରୋଧ କରିବା ସହ ଖଣି ଏବଂ ପରିବେଶ ମଞ୍ଜୁରୀ ମିଳିବାରେ ବିଳମ୍ବ ହୋଇଥିଲା। ପୋସ୍କୋ ଏହି ପ୍ରକଳ୍ପ ପାଇଁ ଏମ୍‌ଓୟୁକୁ ନବୀକରଣ ନ କରି ଓହରିଯିବାକୁ ରାଜ୍ୟ ସରକାରଙ୍କୁ ଜଣାଇବା ସହ ଅଧିକୃତ ଜମିକୁ ମଧ୍ୟ ଫେରାଇ ଦେଇଥିଲା। ସେହି ଜମି ଇଡ୍‌କୋ ଲ୍ୟାଣ୍ଡ ବ୍ୟାଙ୍କରେ ରଖିଛି। ସେହି ଜମିକୁ ଜେଏସଡବ୍ଲ୍ୟୁକୁ ପ୍ରଦାନ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

■ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ

# ୨୦୨ ପଞ୍ଚାୟତ ପାଇଁ ୧୯୫୭ ପ୍ରକଳ୍ପ ମଞ୍ଜୁର

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ୯ଟି ଜିଲାର ୧୦ବ୍ଲକ ପାଇଁ ୪୬.୭୮କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରିଛନ୍ତି। ସୁନ୍ଦରଗଡ ଜିଲାର ବାଲିଶଙ୍କରା, ଜଗତ୍‌ସିଂହପୁର ଜିଲାର ବାଲିକୁଦା, ନୟାଗଡ ଜିଲାର ଓଡଗାଁ, ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା, ସମ୍ବଲପୁର ଜିଲାର ଜୁଜୁମୁରା, କେନ୍ଦୁଝର ଜିଲାର ବାଂଶପାଳ ଓ ଆନନ୍ଦପୁର, ଗଞ୍ଜାମ ଜିଲାର ବେଲଗୁଣ୍ଠା(ସୋରଡା-କୁଲାଡ଼ା), ନବରଙ୍ଗପୁର ଜିଲାର ଡାବୁଗାଁ ଓ କନ୍ଧମାଳ ଜିଲାର ତୁମୁଡିବନ୍ଧ ବ୍ଲକର ବିଭିନ୍ନ ପଞ୍ଚାୟତ ପାଇଁ ୧୯୫୭ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ବାଲିଶଙ୍କରା ବ୍ଲକର ୧୯ପଞ୍ଚାୟତ ପାଇଁ ୩.୮୦କୋଟି ଟଙ୍କାରେ ୧୨୬ପ୍ରକଳ୍ପ, ବାଲିକୁଦା ବ୍ଲକର ୩୦ପଞ୍ଚାୟତ ପାଇଁ ୬.୫୦କୋଟି ଟଙ୍କାରେ ୪୧୬ ପ୍ରକଳ୍ପ, ଓଡଗାଁ ବ୍ଲକର ୩୬ପଞ୍ଚାୟତ ପାଇଁ ୮.୨୫କୋଟି ଟଙ୍କାରେ ୩୭୫ପ୍ରକଳ୍ପ, ଠାକୁରମୁଣ୍ଡା ବ୍ଲକର ୧୮ ପଞ୍ଚାୟତ ପାଇଁ ୪.୫୦କୋଟି ଟଙ୍କାରେ ୨୦୧ ପ୍ରକଳ୍ପ, ଜୁଜୁମୁରା ବ୍ଲକର ୧୮ପଞ୍ଚାୟତ ପାଇଁ ୪.୧୪କୋଟି ଟଙ୍କାରେ ୨୧୭ପ୍ରକଳ୍ପ, ବାଂଶପାଳ ବ୍ଲକର ୨୧ପଞ୍ଚାୟତ ପାଇଁ ୪.୬୨କୋଟି ଟଙ୍କାରେ ୧୪୭ ପ୍ରକଳ୍ପ, ଆନନ୍ଦପୁର ବ୍ଲକର ୧୮ ପଞ୍ଚାୟତ ପାଇଁ ୪.୭୨କୋଟି ଟଙ୍କାରେ ୧୩୦ ପ୍ରକଳ୍ପ, ବେଲଗୁଣ୍ଠା ବ୍ଲକର ୧୯ ପଞ୍ଚାୟତ ପାଇଁ ୪.୭୫କୋଟି ଟଙ୍କାରେ ୧୪୭ପ୍ରକଳ୍ପ, ଡାବୁଗାଁ ବ୍ଲକର ୧୨ ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୧୩୦ପ୍ରକଳ୍ପ ଓ ତୁମୁଡିବନ୍ଧ ବ୍ଲକର ୧୧ ପଞ୍ଚାୟତ ପାଇଁ ୨.୫୦କୋଟି ଟଙ୍କାରେ ୬୪ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ମିଶାଇ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୧୦ବ୍ଲକର ୪୫୭୫ ପଞ୍ଚାୟତର ଜନସାଧାରଣଙ୍କ ସହ ଆଲୋଚନା ମାଧ୍ୟମରେ ୪୧୯୩୨ ପ୍ରକଳ୍ପ ମଞ୍ଜୁର କରିଛନ୍ତି।

# ସ୍ପଷ୍ଟୀକରଣ ଦେଲେ ତୈଳ ବିପଣନ କମ୍ପାନୀ

ଭୁବନେଶ୍ୱର,୨୭।୯

**ଉଜ୍ଜ୍ୱଳା ସଂଯୋଗରେ ଅନିୟମିତତା**

ନିକଟରେ କେନ୍ଦ୍ରାପଡାର ରାଜନଗର ଅଞ୍ଚଳରେ ଉଜ୍ଜଳା ସଂଯୋଗରେ ଜାଲିଆତି ହୋଇଥିବା ଘଟଣା ବିଭିନ୍ନ ଗଣମାଧ୍ୟମରେ ଆସିବା ପରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡିକ ପକ୍ଷରୁ ଏହାକୁ ନେଇ ତଦନ୍ତ ହୋଇଛି। ବ୍ୟକ୍ତିଙ୍କ ନାମ ଜାଲିଆତି କରି ଅନ୍ୟ ନାମରେ ସଂଯୋଗ ପ୍ରଦାନ କରାଯାଇଥିବା ଘଟଣା ନଜରକୁ ଆସିଛି। ଏଭଳି ପ୍ରାୟ ୧୨୦୬ ସଂଯୋଗ ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ କେନ୍ଦ୍ରାପଡାରେ ୨୬ ଏଜେନ୍ସି କାର୍ଯ୍ୟ କରୁଥିବା ବେଳେ ବେଆଇନ୍ କାର୍ଯ୍ୟରେ ଲିପ୍ତ ଥିବା ଗୋଟିଏ ଏଜେନ୍ସିର ଲାଇସେନ୍ସ ରଦ୍ଦ କରାଯାଇଥିବା ଇଣ୍ଡିଆନ ଅଏଲ କର୍ପୋରେଶନର ଚିଫ୍ ଜେନେରାଲ ମ୍ୟାନେଜର ପ୍ରତିଶ ଭରତ ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଭଳି ଜାଲିଆତି ସାମ୍ନାକୁ ଆସିବା ପରେ କେନ୍ଦ୍ରାପଡାରେ ୨୬ଟି ଟିମ୍ ତଦନ୍ତ କରିଥିବା ସେ ସୂଚନା ଦେଇଛନ୍ତି। ଏହି ଘଟଣା ସାମ୍ନାକୁ ଆସିବା ପରେ ଉଜ୍ଜ୍ୱଳାର ନୂଆ ସଂଯୋଗ ପ୍ରଦାନ ପ୍ରାୟ ୪ ଦିନ ବନ୍ଦ ରହିଥିଲା। ମାତ୍ର ଲାଇସେନ୍ସ ବାତିଲ ହୋଇଥିବା ଏଜେନ୍ସି ସ୍ଥାନରେ ବିକଳ୍ପ ଭାବେ ଅନ୍ୟ ୪ ଏଜେନ୍ସିକୁ କାର୍ଯ୍ୟଭାର ପ୍ରଦାନ କରାଯାଇଛି। ଅନ୍ୟ କନେକ୍ସନ ଧାରା ଏବଂ ଡେଲିଭରି ବର୍ତ୍ତମାନ ସ୍ୱାଭାବିକ ରହିଥିବା ସେ ସୂଚନା ଦେଇଛନ୍ତି। ଅଭିଯୋଗ ପରେ ମାର୍କେଟିଂ ଡିସିପ୍ଲିନ ଗାଇଡଲାଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ତଦନ୍ତ ପ୍ରକ୍ରିୟା ଜାରି ରହିଛି। କେନ୍ଦ୍ରାପଡାରେ ବର୍ତ୍ତମାନ ଉକ୍ତ ଯୋଜନାରେ ୧.୧୫ ଲକ୍ଷ ହିତାଧିକାରୀ ରହିଥିବା ବେଳେ ସାରା ରାଜ୍ୟରେ ୩୪ ଲକ୍ଷ ହିତାଧିକାରୀ ରହିଛନ୍ତି। ସାରା ରାଜ୍ୟରେ ବର୍ତ୍ତମାନ ୮୦୬ ଏଜେନ୍ସି ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଜଣାଯାଇଛି।

# ଜମିଜମା ରେଜିଷ୍ଟ୍ରେଶନ୍ କ୍ଷେତ୍ରରେ ଆସିବ ସଂସ୍କାର

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ଜମିଜମା ରେଜିଷ୍ଟ୍ରେଶନ୍ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ଲାଗି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟରେ ଜମିଜମା ରେଜିଷ୍ଟ୍ରେଶନରେ ମଧ୍ୟସ୍ଥମାନଙ୍କ ଭୂମିକାକୁ ବନ୍ଦ କରିବା ଉଦ୍ଦେଶ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଦ୍ୱାରା ଗଠିତ କମିଟିର ସୁପାରିସକୁ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ ମଧ କରାଯିବ। ଇନ୍ସପେକ୍ଟର ଜେନେରାଲ, ରେଜିଷ୍ଟ୍ରେଶନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ସୁପାରିସ ଅନୁଯାୟୀ ସମସ୍ତ ରେଜିଷ୍ଟ୍ରେଶନ କାର୍ଯ୍ୟାଳୟରେ ହେଲ୍ପ ଡେସ୍କ ସ୍ଥାପନକୁ ଏଣିକି ବାଧ୍ୟତାମୂଳକ କରାଯିବ। ଏହି ସହାୟତା କେନ୍ଦ୍ର ଦ୍ୱାରା ରେଜିଷ୍ଟ୍ରେଶନ୍ ପାଇଁ ଆସୁଥିବା ଲୋକଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ। ଯାହାଦ୍ୱାରା ଲୋକମାନେ ଅଯଥାରେ ହଇରାଣ ହେବେ ନାହିଁ। ଅନ୍‌ଲାଇନ ମାଧ୍ୟମରେ ଲୋକମାନେ ଡକ୍ୟୁମେଣ୍ଟ ଦାଖଲ କରିବା ସହ ପଞ୍ଜୀକରଣ ଲାଗି ସବ୍‌ରେଜିଷ୍ଟ୍ରାରଙ୍କ ସହ ସାକ୍ଷାତ ଲାଗି ସମୟ ନିର୍ଦ୍ଧାରଣ କରିପାରିବେ। ଜିଲାପାଳ ତଥା ଜିଲା ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ସେପ୍ଟେମ୍ବର ୩୦ସୁଦ୍ଧା ପରିଚୟପତ୍ର ପ୍ରଦାନ କରାଯିବ।


OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, Mob. No.7328840483,
E-mail: sgmel_uihep@ohpcltd.com
OHPC ISO 9001-14001 18001 Certified
ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963
No. CAD-882

TENDER CALL NOTICE NO.37/2018-19 DTD.26.09.2018

The Sr. General Manager (El), UIHEP, Mukhiguda invites sealed tenders in two parts from Manufacturers / Authorized Dealers / reputed suppliers for the following work.

| Name of Work | Estimated Cost in Rs. | EMD in Rs. | Cost of Tender Paper in Rs. |
|---|---|---|---|
| Procurement, Erection, Testing & Commissioning of 400 KV Capacitor Voltage Transformers. | 36,42,660/- | 36,450/- | Rs. 7,080/- inclusive of GST @ 18% |

The sale of tender paper: from 11:00 Hrs. of 01.10.2018 to 13:00 Hrs. of 15.10.2018
The last date & time of receipt of tenders: up to 13:00 Hrs of 15.10.2018
The date & time of opening of Technical bid : 12:30 Hrs of 26.10.2018
For details of tender documents, Terms and Conditions, Eligibility Criteria and downloading please visit our website www.ohpcltd.com

32136/11/0055/1819 Sd./- Sr. General Manager (El.),UIHEP, Mukhiguda



SHORT TENDER CALL NOTICE
OFFICE OF THE D.G & I.G.
OF POLICE, ODISHA, CUTTACK
No.233-D

1. Sealed tenders are invited from the Original Equipment Manufacturers(OEMs) or their Authorized Dealer / Agent for Repair & Maintenance of different make / models of Night Vision Devices used by Special Force of Odisha Police under State Budget Grant 2018-19 ( QR with terms & conditions is enclosed in Annexure-B).

| Sl. No. | Name of the equipment / item | Quantity |
|---|---|---|
| 1 | Repair & maintenance of Night Vision Devices | 41 sets |

2. Details of tender information may be seen from the Website of the Govt. of Odisha i.e. www.odisha.gov.in. The quantity may vary during indent of the items depending upon budgetary allocation.
3. Date of issue of tender documents from dtd:28.09.2018 at 10.00 AM to dtd:29.10.2018 upto 5 PM.
4. Last date of receipt of sealed tenders on dtd:30.10.2018 up to 5 PM.
5. Date for opening of sealed tenders / technical bids on dtd:31.10.2018 at 11.30 AM in the Office of Commandant, Special Operations Group (SOG) Hdqrs., At / PO - Chandaka, Bhubaneswar, District - Khurda -754005.
6. For further clarification, if any, intending bidder may contact the office of Commandant, SOG, At/ PO - Chandaka, Bhubaneswar, District- Khurda -754005 in his e-mail: comdtsog.orpol@nic.in(Phone- 0674-2466013, Fax-2466009).

A.I.G. of Police (Provisioning),
Odisha, Cuttack.
(Tender Calling Authority)
12018/11/0034/1819



GOVERNMENT OF ODISHA
OFFICE OF THE EXECUTIVE ENGINEER
BHANJANAGAR (R&B) DIVISION, BHANJANAGAR
(Phone/Fax: (06821) 241133 / E -mail: eernbbnqr@yahoo.in
Ltr.No.7079//Dtd.26.09.2018
INVITATIONS FOR BIDS (IFB)
E-Procurement
Bid Identification No.E.E -BNJ-R&B- 22 / 2018-19.
No. 653-B

| | | | |
|---|---|---|---|
| 1. | Name of work | : | Building works. |
| 2. | No. of works | : | Two Nos. Building works |
| 3. | No. of Covers | : | Single Cover |
| 4. | Estimated cost | : | Rs.28.148 to 47.70 lakhs |
| 5. | Period of Completion | : | Four to Nine Calendar Months. |
| 6. | Date of time of availability of bid document in the portal | : | From 12.00 Noon of dated 29.09.2018 to 5.00 PM. of dated 09.10.2018. |
| 7. | Last date/time for receipt of bids in the portal | : | Up to 5.00 PM. of dated 09.10.2018 |
| 8. | Date of opening of bid documents | : | At 11.00A.M. of 10.10.2018. |
| 9. | Class of Contractor | : | "A", "B" & "C" Class |
| 10. | Name and address of officer inviting Bid | : | Executive Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

Sd./- Executive Engineer,
Bhanjanagar (R&B) Division
34015/11/0010/1819



# କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

No.I-59

## ଘୋଷଣା

L.A No. ୦୯/୨୦୧୭-କଟକ-୩୫୨୯/RRCS, Dated ୩୦।୦୮।୨୦୧୮ ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩ (R.F.C.T.L.A.R & R Act-୨୦୧୩) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- କସିକିଆରି, ଥାନା- ବଡମ୍ବା ନଂ.୧୨୧, ତହସିଲ- ବଡମ୍ବା, ଜିଲ୍ଲା- କଟକରେ ନିମ୍ନ ସୂଚୀତ (କ) ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ନରସିଂହପୁର ଶାଖା କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩(R.F.C.T.L.A.R & R Act-୨୦୧୩) ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୬୭୪ ତା୨୮।୦୨।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କସିକିଆରି, ଥାନା- ବଡମ୍ବା ନଂ.-୧୨୧, ତହସିଲ- ବଡମ୍ବା, ଜିଲ୍ଲା- କଟକ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର - ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କସିକିଆରି ଥାନା- ବଡମ୍ବା, ନଂ.-୧୨୧, ତହସିଲ- ବଡମ୍ବା, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟରେ ଓ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ ନଂ- IV, ଆଠଗଡ଼, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

### ତଫସିଲ-କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କଟକ　　ତହସିଲ- ବଡମ୍ବା

| ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| କସିକିଆରି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୨.୩୪୫ | ଏ. ୭.୯୪୦ | |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ　　ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଧକ ପାଇଁ ଉଦ୍ଦିଷ୍ଟ।

| ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନାର ବୈଧ ତାରିଖ ୦୬।୦୪।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

### ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ

ମୌଜା- କସିକିଆରି　　ଥାନା- ବଡମ୍ବା ନଂ.-୧୨୧
ତହସିଲ- ବଡମ୍ବା ନଂ.-୧୨୧　　ଜିଲ୍ଲା- କଟକ

କେନାଲର ନାମ- 1. ନରସିଂହପୁର ଶାଖା କେନାଲ, ଦୂରତା- ୨୮୬୩୫ ମି. ରୁ ୨୯୦୩୪ ମି.

ଭୂମି ଅନୁସୂଚୀ

| କ୍ର. ନଂ. | ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | ପ୍ଲଟର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତା/ସ୍ୱାମୀଙ୍କର ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୨ | ୧୨୩୯ | ୦.୧୨୦ | ୦.୦୩୦ | ଅଚ୍ୟୁତା ନନ୍ଦ ପାତ୍ର, ରାମଚନ୍ଦ୍ର ପାତ୍ର, ପି: ଗୋପାଳ ପାତ୍ର |
| ୨ | ୧୭ | ୧୨୬୪ | ୦.୩୯୦ | ୦.୩୯୦ | ଅଭିମନ୍ୟୁ ସାହୁ, ପି: ଲୋକନାଥ ସାହୁ, ଗଣ୍ଡେଇ ସାହୁ, ସ୍ୱା: ଲୋକନାଥ ସାହୁ |
| ୩ | ୫୯ | ୧୩୧୩ | ୦.୧୧୦ | ୦.୦୬୦ | କୈଳାସ ସେଠ, ପି: ରାମ ସେଠ |
| ୪ | ୯୮ | ୧୩୧୨ | ୦.୧୩୦ | ୦.୧୩୦ | ଚୌଧୁରୀ ସେଠ, ପି: ଭଗବାନ ସେଠ |
| ୫ | ୧୨୬ | ୧୩୦୪ | ୦.୦୮୦ | ୦.୦୪୦ | ଦୁର୍ଯ୍ୟୋଧନ ସେଠ, ନରସିଂହ ସେଠ, ପି: କଟକ ସେଠ |
| ୬ | ୧୩୮ | ୧୨୪୭ | ୦.୨୯୦ | ୦.୨୭୦ | ଧର୍ମୁ ସାହୁ, ପି: ଆନନ୍ଦ ଅଚଳସିଂହ |
| ୭ | ୧୪୪ | ୧୩୧୫ | ୦.୧୨୫ | ୦.୦୨୦ | ନଟବର ନନ୍ଦି, ପି: ମସୁ ସାନ୍ତରା |
| ୮ | ୧୯୩ | ୧୨୨୭ | ୦.୪୨୦ | ୦.୪୨୦ | ପ୍ରେମଲତା ନାହା, ସ୍ୱା: ଲୋକନାଥ ନାହା |
| | | ୧୨୩୦ | ୦.୦୮୦ | ୦.୦୮୦ | |
| | | ୧୨୩୧ | ୦.୦୯୦ | ୦.୦୯୦ | |
| | | ୧୨୩୨ | ୦.୧୫୦ | ୦.୧୫୦ | |
| ୯ | ୨୩୬ | ୧୨୪୬ | ୦.୨୯୦ | ୦.୧୯୦ | ବିଚିତ୍ର ସେଠ, ଗନ୍ଧର୍ବ ସେଠ, ସଂସାରୀ ସେଠ, ଝୁଲ ସେଠ, ଯଶୋଦା ସେଠ, ପି: ଖଲି ସେଠ |
| ୧୦ | ୨୪୩ | ୧୨୩୩ | ୦.୧୬୦ | ୦.୧୬୦ | ବିପ୍ର ଚରଣ ପ୍ରଧାନ, ପି: ଲିଙ୍ଗରାଜ ପ୍ରଧାନ |
| ୧୧ | ୨୫୧ | ୧୩୧୪ | ୦.୧୮୦ | ୦.୦୭୦ | ବିଶୁନ ଦାସ, ପି: ସନେଇ ପାଇକରା |
| ୧୨ | ୨୫୬ | ୧୩୦୩ | ୦.୨୩୦ | ୦.୦୮୦ | ବେଣୁଧର ସେଠ, ପୀରବ ସେଠ, ପି: ଗୋବର୍ଦ୍ଧନ ସେଠ |
| ୧୩ | ୨୬୪ | ୧୩୧୨/୨୦୫୧ | ୦.୧୯୦ | ୦.୧୯୦ | ଭରତ ସେଠ, ପି: କହ୍ନେଇ ସେଠ |
| ୧୪ | ୨୭୨ | ୧୨୪୦ | ୦.୧୭୦ | ୦.୦୯୦ | ଭିକାରି ସାହୁ, ନିହଲି ସାହୁ, ନିମ ସାହୁ, ପି: ଚିନ୍ତା ସାହୁ |
| ୧୫ | ୨୯୪ | ୧୨୬୩ | ୦.୧୨୦ | ୦.୧୨୦ | ରଘୁନାଥ ଉଦୟ ଭାନୁ, ପି: ଧନେଶ୍ୱର ସାମନ୍ତ ସିଂହାର, ଜା: ଓଡ ପାଇକ, ବା: ନିଜଗାଁ |
| | | ୧୨୪୮ | ୦.୭୨୦ | ୦.୨୬୦ | |
| ୧୬ | ୩୩୬ | ୧୨୨୬ | ୦.୨୫୦ | ୦.୨୫୦ | ଲୋକନାଥ ନାହା, ପି: ବାଉରିବନ୍ଧୁ ଅତବୁଦ୍ଧି |
| | | ୧୨୨୯ | ୦.୧୮୦ | ୦.୧୮୦ | |
| | | ୧୨୪୨ | ୦.୧୯୦ | ୦.୧୯୦ | |
| | | ୧୨୪୩ | ୦.୧୮୦ | ୦.୧୬୦ | |
| | | ୧୨୪୪ | ୦.୨୧୦ | ୦.୧୬୦ | |
| ୧୭ | ୩୪୬ | ୧୨୬୦ | ୦.୬୨୦ | ୦.୨୦୦ | ସତ୍ୟାନନ୍ଦ ସାହୁ, ବଙ୍ଗାଳି ସାହୁ, ଚୈତନ୍ୟ ସାହୁ, ପି: ରଘୁନାଥ ଉଦେଭାନୁ |
| ୧୮ | ୩୬୨ | ୧୩୧୦ | ୦.୦୮୦ | ୦.୦୮୦ | ସହଦେବ ଜେନା, ନିରଞ୍ଜନ ଜେନା, ଶତ୍ରୁଘନ ଜେନା, ପି: ମୂଷା ଜେନା |
| ୧୯ | ୩୭୯ | ୧୨୬୯ | ୦.୧୦୦ | ୦.୦୧୦ | ସୀତା ପଧାନ, ପି: ବାସୁ ପଧାନ |
| ୨୦ | ୪୨୨/୩ | ୧୨୩୮ | ୦.୨୯୦ | ୦.୨୬୦ | ପ୍ରତାପ ଚନ୍ଦ୍ର ନାହା, ପ୍ରକାଶ ଚନ୍ଦ୍ର ନାହା, ପି: ଲୋକନାଥ ନାହା, ଜା: ଖଣ୍ଡାୟତ, ବା: ଧନାପଲି |
| | | ୧୨୪୧ | ୦.୨୮୦ | ୦.୨୮୦ | |
| | | ୧୨୪୫ | ୦.୨୬୦ | ୦.୨୬୦ | |
| | | ୧୨୬୬ | ୦.୩୫୦ | ୦.୨୩୦ | |
| | | ୧୨୯୩/୨୧୯୧ | ୦.୨୦୦ | ୦.୧୭୦ | |
| | | ୧୨୯୩/୨୧୯୫ | ୦.୪୮୦ | ୦.୧୪୦ | |
| ୨୧ | ୪୨୨ / ୫୯ | ୧୩୦୭ | ୦.୧୨୦ | ୦.୦୭୦ | ପ୍ରଭାକର ଦାସ, ପି: ମଧୁସୂଦନ ଦାସ, ଜା: ସରାକ, ବା: ମାଣିଆବନ୍ଧ |
| | | ୧୩୦୮ | ୦.୨୬୦ | ୦.୨୬୦ | |
| | | ୧୩୦୯ | ୦.୨୨୦ | ୦.୨୨୦ | |
| ୨୨ | ୪୨୨/୬୬ | ୧୨୨୮ | ୦.୨୦୦ | ୦.୦୯୦ | ଲୋକନାଥ ନାହା, ପି: ବାଉରିବନ୍ଧୁ ଅତବୁଦ୍ଧି, ଜା: ସରାକ, ବା: ଧନାପଲି |
| ୨୩ | ୪୨୨/୭୯ | ୧୨୬୫ | ୦.୨୫୦ | ୦.୨୫୦ | ପ୍ରତାପଚନ୍ଦ୍ର ନାହା, ପ୍ରକାଶଚନ୍ଦ୍ର ନାହା, ପି: ଲୋକନାଥ ନାହା |
| | | ୧୨୨୫ | ୦.୬୧୦ | ୦.୫୩୦ | |
| ୨୪ | ୪୨୨/୧୦୯ | ୧୨୩୫ | ୦.୩୨୦ | ୦.୧୮୦ | ପ୍ରତାପଚନ୍ଦ୍ର ନାହା, ପ୍ରକାଶଚନ୍ଦ୍ର ନାହା, ପି: ଲୋକନାଥ ନାହା |
| ୨୫ | ୪୨୨/୧୪୯ | ୧୨୩୪ | ୦.୩୯୦ | ୦.୦୩୦ | ସନାତନ ମହାପାତ୍ର, ପି: ବୃନ୍ଦାବନ ମହାପାତ୍ର |
| ୨୬ | ୪୨୨/୧୫୪ | ୧୨୬୨ | ୦.୫୨୦ | ୦.୨୦୦ | ସ୍ନେହଲତା ମିଶ୍ର, ସ୍ୱା: ରବିନ୍ଦ୍ର କୁମାର ମିଶ୍ର |
| ୨୭ | ୪୨୨/୧୮୩ | ୧୨୯୩ | ୦.୨୦୦ | ୦.୦୧୦ | କନ୍ଦର୍ପ କୁମାର ସାହୁ, ବିପିନି ବିହାରୀ ସାହୁ, ଜୟାନନ୍ଦ ସାହୁ, ପି: ଭିକାରୀ ସାହୁ |
| ୨୮ | ୪୨୨/୨୦୨ | ୧୨୬୧ | ୦.୧୯୦ | ୦.୧୯୦ | ଅରିକ୍ଷିତ ଦାସ, ପି: ଅଲେଖ ଦାସ |
| ୨୯ | ୪୨୨/୨୦୮ | ୧୩୧୨/୨୨୩୯ | ୦.୦୮୦ | ୦.୦୮୦ | ପ୍ରକାଶ ଚନ୍ଦ୍ର ନାହା, ପି: ଲୋକନାଥ ନାହା |
| ୩୦ | ୪୨୨/୨୪୯ | ୧୨୬୦/୨୨୨୧ | ୦.୪୨୦ | ୦.୩୭୦ | ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପି: ଅନ୍ତର୍ଯ୍ୟାମୀ ପ୍ରଧାନ |
| ୩୧ | ୪୨୨/୨୬୨ | ୧୨୫୯ | ୦.୭୫୦ | ୦.୦୫୦ | ସୂର୍ଯ୍ୟକାନ୍ତ ପ୍ରଧାନ, ପି: ବନମାଳୀ ପ୍ରଧାନ |
| | | ମୋଟ ରକବା | ୧୨.୩୪୫ | ୭.୯୪୦ | |

24178/13/0043/1819



ନିର୍ମଳ କୁମାର ମିଶ୍ର

ଘରୋଇ ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫି ଆରମ୍ଭ ହୋଇଛି। କୋଚ୍ ରଶ୍ମିରଞ୍ଜନ ପରିଡ଼ାଙ୍କ ତତ୍ତ୍ୱାବଧାନ ଓ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଓଡ଼ିଶା ପ୍ରଥମ ଦୁଇଟି ମ୍ୟାଚ ହାତଛଡ଼ା କରିବା ପରେ ତୃତୀୟ ମ୍ୟାଚ ବର୍ଷା ଯୋଗୁ ବାତିଲ ହୋଇଥିଲା। ତେବେ ଚତୁର୍ଥ ମ୍ୟାଚ୍‌ରେ ଓଡ଼ିଶା ଶକ୍ତିଶାଳୀ ଦିଲ୍ଲୀକୁ ହରାଇ ପ୍ରଥମ ବିଜୟ ହାସଲ କରିଛି। ନକ୍ ଆଉଟରେ ସ୍ଥାନ ହାସଲ କରିବାକୁ ହେଲେ ବାକି ମ୍ୟାଚଗୁଡିକରେ ଓଡ଼ିଶାକୁ ଭଲ ପ୍ରଦର୍ଶନ କରିବାକୁ ହେବ।

# ଅଗ୍ନି ପରୀକ୍ଷାରେ ଟିମ୍ ଓଡ଼ିଶା

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ପରିଚାଳିତ ଏକଦିବସୀୟ ଫର୍ମାଟର ଶ୍ରେଷ୍ଠ ଘରୋଇ ଟୁର୍ନାମେଣ୍ଟର ବିଜୟ ହଜାରେ ଟ୍ରଫି ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ଓଡ଼ିଶା ସିନିୟର ଦଳ ମଧ୍ୟ ଏହି ଟୁର୍ନାମେଣ୍ଟରେ ଅଭିଯାନ ଆରମ୍ଭ କରି ପ୍ରଥମ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ଓଡ଼ିଶା ଆନ୍ଧ୍ର ଓ କେରଳଠାରୁ ସହଜରେ ପରାସ୍ତ ହୋଇଛି। ଉତ୍ତରପ୍ରଦେଶ ବିପକ୍ଷ ତୃତୀୟ ମ୍ୟାଚ୍ ବର୍ଷାଯୋଗୁ ବାତିଲ ହୋଇଥିବାବେଳେ ଚତୁର୍ଥ ମ୍ୟାଚ୍‌ରେ ଓଡ଼ିଶା ଦିଲ୍ଲୀକୁ ୯ ରନରେ ହରାଇ ବିପର୍ଯ୍ୟୟ ଘଟାଇବା ସହ ପ୍ରତ୍ୟାବର୍ତ୍ତନ କରିଛି ଓ ଟୁର୍ନାମେଣ୍ଟରେ ରୋମାଞ୍ଚ ଆଣିଛି।

ଓଡ଼ିଶା କ୍ରିକେଟ ଆସୋସିଏଶନ୍ (ଓସିଏ) ପକ୍ଷରୁ ଚୟନ କମିଟିର ଅଧ୍ୟକ୍ଷ ପୂର୍ବତନ ରଣଜୀ ଖେଳାଳି ବିଷ୍ଣୁଦେବ ମହାନ୍ତିଙ୍କ ଘୋଷଣା କ୍ରମେ ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଶକ୍ତିଶାଳୀ ତଥା ସନ୍ତୁଳିତ ଦଳ ଘୋଷଣା କରିଥିଲା। ଓସିଏ ଦ୍ୱାରା ପରିଚାଳିତ ଶ୍ରେଷ୍ଠ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ପ୍ରଦର୍ଶନ ଅନୁସାରେ ଏଥର ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ପାଇଁ ୪ଜଣ ଯୁବ କ୍ରିକେଟର ରଘୁନାଥ ମଲ୍ଲ, ପ୍ରୀତ୍ କନ୍‌ୱର ସିଂ, ରାଜେଶ ମହାନ୍ତି ଏବଂ ପପୁ ରାୟ ନିଜ ନିଜର ଦଳ ପାଇଁ ଏବଂ ସିନିୟର କ୍ୟାମ୍ପରେ ଭଲ ପ୍ରଦର୍ଶନ କରିଥିବାରୁ ସୁଯୋଗ ପାଇବା ବାସ୍ତିବକ୍ ଖୁସିର କଥା। ସେମାନେ ସେମାନଙ୍କର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ଦଳରେ ସାମିଲ ହେବା ଏବଂ ମ୍ୟାଚ ଖେଳିବା ପାଇଁ ସୁଯୋଗ ପାଇବା ନିଶ୍ଚିତ ଭାବେ ଅନ୍ୟ ଯୁବ ଖେଳାଳିମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବ। କ୍ଲବ କ୍ରିକେଟ ମ୍ୟାଚଗୁଡିକରେ ମଧ୍ୟ ଏହି ଯୁବ ଖେଳାଳିମାନେ ବେଶ୍ ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ଚୟନକର୍ତ୍ତାମାନଙ୍କୁ ପ୍ରଭାବିତ କରିଥିଲେ। ମୋଟ ଉପରେ ଦେଖିବାକୁ ଗଲେ ଅଭିଜ୍ଞ ରଶ୍ମି ରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଦଳ ପ୍ରଥମ ଥର ଲାଗି ଏକ ବଡ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛି। ଜଣେ ସଫଳ ବ୍ୟାଟ୍ସମ୍ୟାନ ରୂପେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି ଏବଂ ସେ ରାଜସ୍ଥାନ, ତ୍ରିପୁରା ଏବଂ ଓଡ଼ିଶା ପାଇଁ ରଣଜୀମ୍ୟାଚ୍ ଖେଳି ଯଥେଷ୍ଟ ଅଭିଜ୍ଞତା ହାସଲ କରିଛନ୍ତି। ଦେବାଶିଷ ମହାନ୍ତି ବିସିସିଆଇ ଜୁନିୟର ସିଲେକସନ୍ କମିଟିରେ ସ୍ଥାନ ପାଇବା ପରେ ଏହି ଅଭିଜ୍ଞ ରଣଜୀ ଖେଳାଳିଙ୍କ ନେତୃତ୍ୱରେ ଦଳ କିପରି ପ୍ରଦର୍ଶନ କରୁଛି ତାହା ଦେଖିବାର କଥା। ଗତ ଦୁଇ ସିଜନ୍ ପରି ଚଳିତ ବର୍ଷ ମଧ୍ୟ ଟିମ୍ ଓଡ଼ିଶା ଏଲିଟ୍ ଗ୍ରୁପରେ ସ୍ଥାନ ପାଇଛି। ଆନ୍ଧ୍ରପ୍ରଦେଶ, କେରଳ, ଉତ୍ତର ପ୍ରଦେଶ, ଦିଲ୍ଲୀ, ମଧ୍ୟପ୍ରଦେଶ, ସୌରାଷ୍ଟ୍ର, ହାଇଦ୍ରାବାଦ ଏବଂ ଛତିଶଗଡ ପରି ଶକ୍ତିଶାଳୀ ଗ୍ରୁପରେ ସ୍ଥାନ ପାଇଥିବାରୁ ଟିମ୍ ଓଡିଶା ପାଇଁ ଶ୍ରେଷ୍ଠ ପ୍ରଦର୍ଶନର ଆବଶ୍ୟକତା ରହିଛି। ଦଳରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ, ଗୋବିନ୍ଦ ପୋଦ୍ଦାର, ଅନୁରାଗ ଷଡଙ୍ଗୀ, ରାଜେଶ ଧୂପର, ଶୁଭ୍ରାଂଶୁ ସେନାପତିଙ୍କ ପରି ପ୍ରତିଭାବାନ୍ ବ୍ୟାଟ୍ସମ୍ୟାନ ରହିଥିବା ବେଳେ ବୋଲିଂରେ ସୂର୍ଯ୍ୟକାନ୍ତ ପ୍ରଧାନ, ଦୀପକ ବେହେରା ଏବଂ ଦେବବ୍ରତ ପ୍ରଧାନ ପେସ ବୋଲିଂର ଦାୟିତ୍ୱ ବହନ କରିବେ। ଯୁବ ବ୍ୟାଟ୍ସମ୍ୟାନ ରଘୁନାଥ ମଲ୍ଲ ଏବଂ ଶାନ୍ତନୁ ମିଶ୍ର ମଧ୍ୟ ଭଲ ଫର୍ମରେ ରହିଛନ୍ତି। ସେହିପରି ସ୍ପିନ ବୋଲର ରୂପେ ଅଭିଷେକ ରାଉତ ଏବଂ ପପୁ ରାୟ ଏଥର କଳାହାଣ୍ଡି କପ୍‌ରେ ଭଲ ପ୍ରଦର୍ଶନ କରିଛନ୍ତି। ଶୁଭ୍ରାଂଶୁ ସେନାପତି ଏଥର କଳାହାଣ୍ଡି କପ୍‌ରେ ସବୁଠାରୁ ଆକ୍ରମଣାତ୍ମକ ବ୍ୟାଟିଂ ମାଧ୍ୟମରେ ୨ଟି ଶତକୀୟ ଇନିଂସ ମାଧ୍ୟମରେ ସର୍ବାଧିକ ରନ୍ ସଂଗ୍ରହ କରିଛନ୍ତି। ମାତ୍ର ଦଳ ଏକ ଶକ୍ତିଶାଳୀ ଗ୍ରୁପରେ ରହିଥିବାରୁ ସମସ୍ତ ବିଭାଗରେ ଭଲ ପ୍ରଦର୍ଶନ କଲେ ନକ ଆଉଟ୍ ପର୍ଯ୍ୟାୟକୁ ଯିବା ସମ୍ଭାବନା ରହିଛି।

ଏଥର ରଣଜୀ ଫର୍ମାଟ ଏବଂ ବିଜୟ ହଜାରେ ଟ୍ରଫି ନୂତନ ଫର୍ମାଟରେ ଖେଳାଯିବାକୁ ଥିବା ବେଳେ ଓଡ଼ିଶା ଗ୍ରୁପ 'ବି'ରେ ସ୍ଥାନ ପାଇଛି ଏବଂ ଏହି ଗ୍ରୁପରେ ଶ୍ରେଷ୍ଠ ୫ଟି ଦଳ ମଧ୍ୟରେ ସ୍ଥାନ ପାଇଲେ ଓଡ଼ିଶା ନକ୍ ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବ। କାରଣ ଗ୍ରୁପ-ଏ ରୁ ୫ଟି, ଗ୍ରୁପ୍-ବି ରୁ ୫ଟି, ଏବଂ ଗ୍ରୁପ୍-ସିରୁ ଶ୍ରେଷ୍ଠ ୨ଟି ଦଳ ସହ ନୂତନ ଭାବେ ରଣଜୀ ଫର୍ମାଟରେ ସ୍ଥାନ ପାଇଥିବା ୯ଟି ଦଳ ମଧ୍ୟରୁ ଶ୍ରେଷ୍ଠ ଦଳ ନକଆଉଟ୍ ପର୍ଯ୍ୟାୟକୁ ଉନ୍ନତି କରିବାର ବ୍ୟବସ୍ଥା ରହିଛି।

ଭାରତୀୟ କ୍ରିକେଟ ଇତିହାସର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିଜୟ ହଜାରେଙ୍କ ସ୍ମୃତିରେ ଆୟୋଜିତ ଏକଦିବସୀୟ ଟୁର୍ନାମେଣ୍ଟର ଏହି ୧୭ତମ ସଂସ୍କରଣ ୨୦୦୨-୦୩ରୁ ଆରମ୍ଭ ହୋଇଥିବାବେଳେ ତାମିଲନାଡୁ ସର୍ବାଧିକ ୫ଥର ଏବଂ କର୍ଣ୍ଣାଟକ ୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଗତ ୧୬ତମ ସଂସ୍କରଣରେ ୨୮ଟି ଘରୋଇ ଦଳ ଭାଗନେଇଥିବା ବେଳେ ମୋଟରେ ୯୧ଟି ମ୍ୟାଚ ଖେଳାଯାଇଥିଲା ଏବଂ ଫାଇନାଲ ମ୍ୟାଚ୍‌ରେ ବିଜୟୀ ହୋଇ କର୍ଣ୍ଣାଟକ ଚାମ୍ପିୟନ ହୋଇଥିବା ବେଳେ ସୌରାଷ୍ଟ୍ର ରନର୍ସଅପ୍ ହୋଇଥିଲା। ସାରା ଟୁର୍ନାମେଣ୍ଟରେ କର୍ଣ୍ଣାଟକର ଷ୍ଟାର ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ୍ ୭୨୩ ରନ୍ ସଂଗ୍ରହ କରିବା ସ ହି ତ ବର୍ତ୍ତମାନ ଜାତୀୟ ଦଳରେ ସ୍ଥାନ ପାଇଥିବା ହାଇଦ୍ରାବାଦ ପେସ ବୋଲର ମହମ୍ମଦ ସିରାଜ ମୋଟ ୨୩ଟି ଉଇକେଟ୍ ନେଇଥିଲେ। ପ୍ରତ୍ୟେକ ଦଳ ୬ଟି ଲେଖାଏଁ ମ୍ୟାଚ ଖେଳିବାର ସୁଯୋଗ ପାଇଥିବା ବେଳେ ଗ୍ରୁପ-ଏ ରୁ ବରୋଦା ଏବଂ କର୍ଣ୍ଣାଟକ, ଗ୍ରୁପ୍-ବି ରୁ ମହାରାଷ୍ଟ୍ର ଏବଂ ଦିଲ୍ଲୀ, ଗ୍ରୁପ-ସି ରୁ ଆନ୍ଧ୍ର ଏବଂ ମୁମ୍ବାଇ ଏବଂ ଗ୍ରୁପ୍-ଡି ରୁ ହାଇଦ୍ରାବାଦ ଏବଂ ସୌରାଷ୍ଟ୍ର ନକ୍ ଆଉଟ୍ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଗ୍ରୁପ-ଏ' ଏଲିଟ୍ ଗ୍ରୁପରେ ସ୍ଥାନ ପାଇଥିବା ଓଡ଼ିଶାର ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ଗ୍ରୁପ୍-ଏ'ରେ ପଞ୍ଚମ ସ୍ଥାନ ଅଧିକାର କରିଥିଲା ଟିମ୍ ଓଡ଼ିଶା। ୨ଟି ବିଜୟ ଏବଂ ୪ଟି ପରାଜୟ ସହ ନକ୍ ଆଉଟ୍ ପର୍ଯ୍ୟାୟ ପୂର୍ବରୁ ଓଡ଼ିଶା ବିଦାୟ ନେଇଥିଲା। ଦଳ ବିଦର୍ଭ, ବରୋଦା, ହରିୟାଣା, ପଞ୍ଜାବ, ରେଲୱେ, ଆସାମ ସହ ଗ୍ରୁପ୍-ଏ ରେ ସ୍ଥାନ ପାଇଥିଲା। ଟିମ୍ ଓଡ଼ିଶା ଶକ୍ତିଶାଳୀ ହରିୟାଣା ଏବଂ ଆସାମକୁ ହରାଇବାକୁ ସକ୍ଷମ ହୋଇଥିବା ବେଳେ କର୍ଣ୍ଣାଟକ, ବରୋଦା, ରେଲୱେ ଏବଂ ପଞ୍ଜାବ ଠାରୁ ହାରିଯାଇଥିଲା। ଦଳରେ ଖେଳାଳି ପରିବର୍ତ୍ତନ ବାରମ୍ବାର କରାଯିବା ଦ୍ୱାରା ଦଳରେ ସ୍ଥିରତା ନଥିଲା ଏବଂ ଦଳ ଖରାପ ପ୍ରଦର୍ଶନ କରିଥିଲା। ଗୋବିନ୍ଦ ପୋଦ୍ଦାର, ବିପ୍ଳବ ସାମନ୍ତରାୟ, ଅନୁରାଗ ଷଡଙ୍ଗୀ, ପ୍ରୟାସ ସିଂ ଠାକୁର, ଦେବବ୍ରତ ପ୍ରଧାନ, ଜୟନ୍ତ ବେହେରା, ରାଜେଶ ଧୂପର, ଦୀପକ ବେହେରା, ଶାନ୍ତନୁ ମିଶ୍ରଙ୍କ ପ୍ରଦର୍ଶନ ସନ୍ତୋଷଜନକ ରହିଥିଲା।

କୌଣସି ବ୍ୟାଟ୍ସମ୍ୟାନ ଶତକ ହାସଲ କରିବାକୁ ସକ୍ଷମ ହୋଇ ନ ଥିବା ବେଳେ ଅନୁରାଗ ଷଡଙ୍ଗୀ, ଗୋବିନ୍ଦ ପୋଦାର, ରାଜେଶ ଧୂପର ୨ଟି ଲେଖାଁଏ ଅର୍ଦ୍ଧଶତକ ଏବଂ ବିପ୍ଳବ ସାମନ୍ତରାୟ, ପ୍ରୟାସ ସିଂ ଠାକୁର ଗୋଟିଏ ଲେଖାଁଏ ଅର୍ଦ୍ଧଶତକ ହାସଲ କରିଥିଲେ। ସେହିପରି ଅଲରାଉଣ୍ଡର ଦୀପକ ବେହେରା ସର୍ବାଧିକ ୧୪ଟି ଉଇକେଟ ଏବଂ ଦ୍ରୁତ ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୮ଟି ଉଇକେଟ ନେଇଥିଲେ। ୬ଟି ମ୍ୟାଚ୍ ଖେଳି ଅନୁରାଗ ଷଡଙ୍ଗୀ ସର୍ବାଧିକ ୨୦୫ରନ୍ ସଂଗ୍ରହ କରିଥିବାବେଳେ ରାଜେଶ ଧୂପର ୧୬୪ରନ୍ (୪ଟି ମ୍ୟାଚ) ଏବଂ ଗୋବିନ୍ଦ ପୋଦାର ୧୨୭ ରନ୍ (୩ଟି ମ୍ୟାଚ) ସଂଗ୍ରହ କରିଥିଲେ। ଏକମାତ୍ର ବୋଲର ରୂପେ ଦୀପକ ବେହେରା ୫ରୁ ଅଧିକ ଉଇକେଟ୍ ହରିୟାଣା ବିପକ୍ଷରେ ନେଇଥିଲେ।

ଏଥର ଗ୍ରୁପ-ବି'ରେ ସ୍ଥାନ ପାଇଥିବା ଓଡ଼ିଶା କଡା ଟକ୍କରର ସମ୍ମୁଖୀନ ହେବା ସମ୍ଭାବନା ରହିଛି। କାରଣ ଗ୍ରୁପ୍‌ରେ ଉତ୍ତରପ୍ରଦେଶ, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ମଧ୍ୟ ପ୍ରଦେଶ, ସୌରାଷ୍ଟ୍ର, ହାଇଦ୍ରାବାଦ, ଛତିଶଗଡ ପରି ଶକ୍ତିଶାଳୀ ଟିମ୍ ରହିଛନ୍ତି। ଯଦିଓ ନୂତନ ଫର୍ମାଟ ଅନୁସାରେ ୫ଟି ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ନକ୍ ଆଉଟ୍ ପର୍ଯ୍ୟାୟକୁ ପଏଣ୍ଟ ଟେବୁଲ ଆଧାରରେ ଉନ୍ନୀତ ହେବେ ଏହାର ସୁଯୋଗ ନେଇ ଓଡ଼ିଶା ଦଳ ନିଜର ଶ୍ରେଷ୍ଠ ପ୍ରଦର୍ଶନ ମାଧ୍ୟମରେ ନକ୍ ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଗୋବିନ୍ଦ ପୋଦ୍ଦାର ନେତୃତ୍ୱାଧୀନ ଏହି ଯୁବ ଦଳ ପାଇଁ ଏହା ହେବ ଅଗ୍ନିପରୀକ୍ଷା ସଦୃଶ। ଯୁବ ଖେଳାଳିମାନେ ଅଭିଜ୍ଞ ଖେଳାଳିମାନଙ୍କୁ ସହାୟତା କରିବା ଆବଶ୍ୟକ। ଦଳ ତାର ସମସ୍ତ ମ୍ୟାଚ ନୂଆଦିଲ୍ଲୀର ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଖେଳିବ। ଦଳର ଅଫିସିଆଲ୍, ଫିଜିଓ, କୋଚ ଏବଂ ଖେଳାଳିମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ଦଳ ନିଶ୍ଚିତ ରୂପେ ଭଲ ପ୍ରଦର୍ଶନ କରିବାର ଆଶା ରହିଛି। ଏହି ଏକଦିବସୀୟ ଟୁର୍ନାମେଣ୍ଟର ଫଳାଫଳ ଉପରେ ଆଗକୁ ଆରମ୍ଭ ହେବାକୁ ଥିବା ରଣଜୀ ଟ୍ରଫିକୁ ବେଶ୍ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ଖେଳାଳିମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବେ।



କୋଚ୍ ରଶ୍ମିରଞ୍ଜନ ପରିଡ଼ା



ଅଧିନାୟକ ଗୋବିନ୍ଦ ପୋଦ୍ଦାର

## ବିଜୟ ହଜାରେ ଟ୍ରଫିଃ ଓଡ଼ିଶାର କାର୍ଯ୍ୟସୂଚୀ

| ତାରିଖ | ଦଳ | ଭେନ୍ୟୁ |
|---|---|---|
| ୨୦।୯ | ଆନ୍ଧ୍ରଠାରୁ ୬ ଉଇକେଟରେ ପରାସ୍ତ | ନୂଆଦିଲ୍ଲୀ |
| ୨୧।୯ | କେରଳଠାରୁ ୬ ଉଇକେଟରେ ପରାସ୍ତ | ନୂଆଦିଲ୍ଲୀ |
| ୨୩।୯ | ଉତ୍ତରପ୍ରଦେଶ ବିପକ୍ଷ ମ୍ୟାଚ୍ ବାତିଲ | ନୂଆଦିଲ୍ଲୀ |
| ୨୬।୯ | ଦିଲ୍ଲୀ ବିପକ୍ଷରେ ୯ ରନରେ ବିଜୟୀ | ନୂଆଦିଲ୍ଲୀ |
| ୨୮।୯ | ବନାମ ମଧ୍ୟ ପ୍ରଦେଶ | ନୂଆଦିଲ୍ଲୀ |
| ୦୨।୧୦ | ବନାମ ଛତିଶଗଡ | ନୂଆଦିଲ୍ଲୀ |
| ୦୪।୧୦ | ବନାମ ସୌରାଷ୍ଟ୍ର | ନୂଆଦିଲ୍ଲୀ |
| ୦୬।୧୦ | ବନାମ ହାଇଦ୍ରାବାଦ | ନୂଆଦିଲ୍ଲୀ |

---

# ଡିସ୍‌କସ୍ ତାରକା ପାର୍ବତୀ

ପିଲାଟିବେଳୁ ସ୍କୁଲରେ ଟେକା ଫିଙ୍ଗିବା ବେଳେ ପିଇଟିଙ୍କ ନଜରରେ ଆସିଥିଲେ । ତୁଳସୀ ଦୁଇ ପତ୍ରରୁ ବାସିବା ଭଳି ତାଙ୍କ ପ୍ରତିଭା ପିଲାଟଦିନରୁ ହିଁ ଜଣାପଡ଼ିଥିଲା । ଦୂରକୁ ଟେକା ଫିଙ୍ଗିପାରୁଥିବା ଝିଅଟି ଦିନେ ଡିସ୍‌କସ୍ ଓ ସଟ୍‌ପୁଟ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିପାରିବ ବୋଲି ପିଇଟିଙ୍କ ଭରସା ଥିଲା ଓ ସେ ତାଙ୍କୁ ଉତ୍ସାହିତ କରିଥିଲେ । ଏବେ ରାଜ୍ୟ ପାଇଁ ସେ ଗୌରବ ଆଣିଛନ୍ତି । ଚଳିତ ମାସ ୭ରୁ ୧୫ରେ ମାଲେସିଆରେ ଅନୁଷ୍ଠିତ ଏସିଆ ପ୍ୟାସିଫିକ୍ ମାଷ୍ଟର୍ସ ଗେମ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ସହ ଡିସ୍‌କସ୍ ଥ୍ରୋରେ ସ୍ୱର୍ଣ୍ଣ ଓ ଶଟ୍‌ପୁଟ୍‌ରେ ରୌପ୍ୟ ବିଜୟୀ ହୋଇଛନ୍ତି । ରାଜ୍ୟର ଏହି ପ୍ରତିଭା ଜଣଙ୍କ ହେଲେ ପାର୍ବତୀ ସେଠୀ । ମହିଳା ଡିସ୍‌କସ ଇଭେଣ୍ଟରେ ରାଜ୍ୟର ପ୍ରଥମ ଖେଳାଳି ଭାବେ ପାର୍ବତୀ ପଦକ ବିଜୟୀ ହୋଇଛନ୍ତି । ଏହି ଅବସରରେ ପାର୍ବତୀଙ୍କ ସହ ସାକ୍ଷାତ୍‌କାର...

**ପ୍ର– ମାଲେସିଆରେ ଅନୁଷ୍ଠିତ ଏସିଆ ପେସିଫିକ୍ ମାଷ୍ଟର୍ସ ଗେମ୍‌କୁ ନେଇ ପ୍ରସ୍ତୁତି କିପରି ରହିଥିଲା?**

■ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରୁଥିବାରୁ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲି । ଡିସକସ୍ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ମଙ୍ଗୋଲିଆ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ଉଚ୍ଚକୋଟୀର ରହିଥିଲା । ହେଲେ ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବା ସହ ସ୍ୱର୍ଣ୍ଣ ବିଜୟୀ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ଭାରତୀୟ ଦଳର ଫ୍ଲାଗମାର୍ଚ୍ଚ ସମୟରେ ମୋତେ ଜାତୀୟ ପତାକା ଧରିବାକୁ ସୁଯୋଗ ମଧ୍ୟ ଦିଆଯାଇଥିଲା । ଯାହା ମୋ ପାଇଁ ଏକ ଭିନ୍ନ ଅନୁଭୂତି ପ୍ରଦାନ କରିଥିଲା ।

**ପ୍ର– ସଫଳତା ପରେ ସରକାରୀ ସ୍ତରରୁ କିଛି ପ୍ରୋତ୍ସାହନ ମିଳିଛି କି?**

■ ଏଯାଏଁ ମିଳିନାହିଁ । ପୂର୍ବରୁ ମଧ୍ୟ ମିଳି ନ ଥିଲା । ହେଲେ ସରକାର ଏ ଦିଗରେ ଦୃଷ୍ଟି ଦେବା ଦରକାର । ସରକାରୀ ସ୍ତରରୁ ପ୍ରୋତ୍ସାହନ ମିଳିଲେ ଆଗାମୀ ଦିନରେ ଅନ୍ୟ ଅନ୍ତର୍ଜାତୀୟ ଚାମ୍ପିୟନଶିପଗୁଡ଼ିକରେ ଭାଗ ନେଇ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବି।

**ପ୍ର– ଏକ ସଙ୍ଗରେ କ୍ରୀଡ଼ା, ପରିବାର ଓ ଚାକିରୀ ଜୀବନକୁ କିପରି ସନ୍ତୁଳନ କରୁଛନ୍ତି ?**

■ କ୍ରୀଡ଼ା କ୍ଷେତ୍ରରେ କ୍ୟାରିୟର ଗଢ଼ିବାକୁ ହେଲେ ନିଜକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବାକୁ ହୋଇଥାଏ । ଏହା ମଧ୍ୟରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଲେ ମଧ୍ୟ ଖେଳ ପାଇଁ ସମୟ କାଢ଼ିବାକୁ ହୋଇଥାଏ । ନିଜର ଅଭ୍ୟାସ ପାଇଁ ଷ୍ଟେସନ ନିକଟସ୍ଥ ନିଜ କ୍ୱାର୍ଟରରେ ଏକ ଡିସ୍‌କସ୍ କୋର୍ଟ ତିଆରି କରିଛି । ବର୍ତ୍ତମାନ ସୁଦ୍ଧା ସମସ୍ତ କାର୍ଯ୍ୟ ସନ୍ତୁଳିତ ଭାବେ ଚାଲିଛି । ଚାକିରୀ ଜୀବନରେ ମଧ୍ୟ ମୋର ରେଲୱେ ଅଧିକାରୀମାନେ ସହଯୋଗ କରୁଛନ୍ତି ।

**ପ୍ର– ଦୀର୍ଘ ୨୦ବର୍ଷ ଧରି ଓଡ଼ିଶା ପକ୍ଷରୁ ଡିସ୍‌କସ୍ ଥ୍ରୋରେ ପ୍ରତିନିଧିତ୍ୱ କରି ଆସୁଥିବା ପାର୍ବତୀ ରାଜ୍ୟର ମହିଳା ଡିସ୍‌କସ୍ ଥ୍ରୋର ଭବିଷ୍ୟତକୁ କିପରି ଦେଖୁଛନ୍ତି ?**

■ ରାଜ୍ୟରେ ଡିସ୍‌କସ୍ ଖେଳ ନିମନ୍ତେ ଭିତ୍ତିଭୂମିର ଅଭାବ ରହିଛି। ଏଠାରେ ଖେଳାଳିଙ୍କୁ ପ୍ରୋତ୍ସାହନ ମିଳିବା ତ ଦୂରର କଥା ପଦକ ଜିତିଲେ ବି କେହି ପଚାରନ୍ତିନି । ଅନ୍ୟ ରାଜ୍ୟର ଡିସ୍‌କସ୍ ଖେଳକୁ ତୁଳନା କରାଗଲେ ସେଠାରେ ସରକାରୀ ସ୍ତରରେ ଅନେକ ମାତ୍ରାରେ ପ୍ରୋତ୍ସାହନ ମିଳୁଥିବା ଜଣାପଡ଼େ । ପଞ୍ଜାବ, ହରିୟାଣା ଭଳି ରାଜ୍ୟରେ ଜୁନିୟର ବର୍ଗରୁ ଖେଳାଳିମାନଙ୍କୁ ଅତ୍ୟାଧୁନିକ ପ୍ରଶିକ୍ଷଣ ଦିଆଯାଏ । ଯାହା ଓଡ଼ିଶାରେ ହେଉନାହିଁ ।



ପାର୍ବତୀ ସେଠୀ

**ପ୍ର– ରାଜ୍ୟରେ ଡିସ୍‌କସ ଖେଳର ବିକାଶ ଦିଗରେ କ'ଣ ପଦକ୍ଷେପ ନିଆଯିବା ଉଚିତ?**

■ ପ୍ରଥମତଃ ଜୁନିୟର ବର୍ଗରୁ କିପରି ଖେଳାଳି ସୃଷ୍ଟି କରାଯିବ ସେ ଦିଗରେ ଧ୍ୟାନ ଦିଆଯାଉ । ରାଜ୍ୟରେ ଭଲ କୋଚ୍ ନାହାନ୍ତି । ଡିସ୍‌କସ୍ କୋଚ୍‌ଙ୍କୁ ନିୟୋଜିତ କରାଯାଉ । ପ୍ରତିଭା ଚୟନ କାର୍ଯ୍ୟକ୍ରମ ମାନ କରାଯାଇ ଖେଳାଳି ବାଛି ଅଣାଯିବା ସହ ସେମାନଙ୍କୁ ପ୍ରଶିକ୍ଷଣ ଦିଆଗଲେ ନିଶ୍ଚିତ ଭାବେ ରାଜ୍ୟରେ ଏହି ଖେଳର ଭବିଷ୍ୟତ ଉଜ୍ଜ୍ୱଳ ହେବ । ପ୍ରତ୍ୟେକ ବର୍ଗର ଖେଳାଳିଙ୍କୁ କିଛି ପ୍ରୋତ୍ସାହନ ରାଶି ଦିଆଗଲେ ସେମାନେ ଖେଳ ପ୍ରତି ଅଧିକରୁ ଅଧିକ ଉତ୍ସାହିତ ହେବେ ।

**ପ୍ର– ନିଜର ଏହି ସଫଳତା ନିମନ୍ତେ ଶ୍ରେୟ କାହାକୁ ଦେବେ?**

■ କଟକର କାଜିବଜାର ହାଇସ୍କୁଲରେ ପଢ଼ିବା ବେଳେ ଯିଏ ମୋର ପ୍ରତିଭାକୁ ଚିହ୍ନି କ୍ରୀଡ଼ା କ୍ଷେତ୍ରରେ ଆଗକୁ ଯିବାକୁ କହିଥିଲେ ତଥା ଶିବାନୀ ଗୁରୁମାଙ୍କୁ ପ୍ରଥମ ଶ୍ରେୟ ଦେବି । ପରେ ମୋର କୋଚ୍ ଅରୁଣ ଦାସ ମଧ୍ୟ ମୋର ସଫଳତାର ଭାଗୀଦାରି ।

**ପ୍ର– ୨୦୦୬ ମସିହାରେ ଆପଣଙ୍କର ବିବାହ ହୋଇ ଥିଲା । ଏହା ପରେ ମଧ୍ୟ ଖେଳରେ ନିଜକୁ କିପରି ଜଡ଼ିତ ରଖି ପାରିଛନ୍ତି ?**

■ ସ୍ୱାମୀ କୁବେର ବେହେରା ଜଣେ ଜାତୀୟ ଫୁଟବଲ ଖେଳାଳି । ଖେଳାଳିଙ୍କ ସହ ବିବାହ କରିବା ପରେ ଖେଳ ସହ ଜଡ଼ିତ ରହିବା ସ୍ୱାଭାବିକ କଥା । ସେ ମଧ୍ୟ ମୋତେ ଖେଳ ନ ଛାଡିବାକୁ ସବୁବେଳେ କହି ଆସୁଛନ୍ତି । କୁବେର ନିଜ ଛୁଟିଦିନଗୁଡ଼ିକ ମଧ୍ୟ ମୋ ଖେଳର ଉନ୍ନତି ପାଇଁ ନଷ୍ଟ କରନ୍ତି । ପରିବାର, ଚାକିରି ଓ ଖେଳକୁ ସନ୍ତୁଳନ କରିବାରେ ତାଙ୍କର ଭୂମିକା ରହିଛି ।

ରିପୋର୍ଟ– **କୁମାରଶ୍ରୀ**

---

## ଯୋଡ଼ି

**ବ୍ୟା**ଡମିଣ୍ଟନ ଷ୍ଟାର ଖେଳାଳି ସାଇନା
ନେହ୍ୱାଲର ବାହାଘର
ଲଭର ପ୍ଲେୟାର ପାରୁପାଲ୍ଲୀ କାଶ୍ୟପ
ହବ ସାଇନାର ବର
ଏକୋଇଶ ଡିସେମ୍ବର
ହାଇପ୍ରୋଫାଇଲ ରିସେପସନ ଭୋଜି
ଯିବାକୁ ବୁକିଂ କର ।।୧

ଶିଖର ଧାୱନ– ରୋହିତ ମାଡ଼ରେ
ପାକିସ୍ତାନ ହେଲା ବୋକା
ଏସିଆ କପ୍ ସୁପର ଫୋର ମ୍ୟାଚ୍‌ରେ
ଦୁଇ ଯୋଡ଼ି ଦେଲା ଧୋକା
ଧକା ଦେଲା ପୁଣି ଡାକା
ମାଶ୍ରାଫି– ରୋହିତ ଲଢ଼େଇରେ ହିରୋ
ଦେଖ ରାତି ପାହୁ କକା ।।୨



ପୁରୁଷ ସିଙ୍ଗଲ୍ସ ଟେନିସ ଖେଳାଳି
ରୋଜର– ନୋଭାକ ଯୋଡି
ଲାଭର କପ୍‌ରେ ହାରିଲେ ବି ୱାର୍ଲ୍ଡ
ଟିମ୍‌ଠୁ ଆଗୁଆ ଗାଡ଼ି
ଦମ୍ଭ ତାଙ୍କ ବଢ଼ି, ବାଢ଼ି
ଭାଇ ସଙ୍ଗେ ଭାଇ ଯୋଡ଼ିଟିଏ ଥିଲେ
ବିଜୟ ଆଣନ୍ତି ଲଢ଼ି ।।୩

–ସୁବାସ ଚନ୍ଦ୍ର ପ୍ରଧାନ

ଯଦି ଆପଣ ଭିଡ଼ଭିତରେ ଭିନ୍ନ ହେବାକୁ ଚାହୁଁଛନ୍ତି ତେବେ ଭିଡ଼ଭିତରେ ସମସ୍ତଙ୍କ ଠାରୁ ଭିନ୍ନ ପ୍ରଦର୍ଶନ କରିବାକୁ ପଡ଼ିବ।
– ଜନ ଟେମ୍ପେଲଟନ୍, ବ୍ୟାଙ୍କର



ପ୍ରାୟତଃ ଅଧିକାଂଶ ନିବେଶକ କାମଟିକୁ ଆଜି କରନ୍ତି, ଯାହାକି ସେମାନଙ୍କୁ ପ୍ରକୃତରେ ଗତ କାଲି କରିବାର ଥିଲା।
– ଲ୍ୟାରି ସମର୍ସ, ଅର୍ଥନୀତିଜ୍ଞ



## ସଂକ୍ଷେପରେ

### ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ବଦଳିବ ଏଚଆର ଢାଞ୍ଚା

ନୂଆଦିଲ୍ଲୀ, ୨୭-୯(ପି.ଟି.): ଦେଶରେ ଅର୍ଥନୈତିକ ଏବଂ ବ୍ୟବସାୟିକ ବାତାବରଣରେ ପରିବର୍ତ୍ତନ ଆଣିବା ପାଇଁ ସରକାର ପ୍ରୟାସ କରୁଛନ୍ତି। ଏଥିପାଇଁ ସମସ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକୁ ଏକ ନିର୍ଦ୍ଦେଶନାମା ଜାରି କରି ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ ସରକାର ଯୋଜନା କରୁଛନ୍ତି। ଏ ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକରେ କାର୍ଯ୍ୟଦକ୍ଷତା ବୃଦ୍ଧି ତଥା ବର୍ତ୍ତମାନର ଦୋଷତ୍ରୁଟିରେ ସୁଧାର ଆଣିବା ପାଇଁ ଏଭଳି ଚିନ୍ତା କରାଯାଉଛି। ଏହା ଦ୍ୱାରା ଅର୍ଥନୀତି, ବାଣିଜ୍ୟ ବ୍ୟବସାୟ ଏବଂ ସାମାଜିକ ସ୍ଥିତିରେ ମଧ୍ୟ ସୁଧାର ଆସିବ ବୋଲି ବିଭାଗୀୟ ସଚିବ ସୀମା ବହୁଗୁଣା ସୂଚନା ଦେଇଛନ୍ତି।

### ସୁରକ୍ଷା ବୈଶିଷ୍ଟ୍ୟ ଅନୁସାରେ କାର୍‌ଗୁଡ଼ିକୁ ମିଳିବ ଷ୍ଟାର୍



ନୂଆଦିଲ୍ଲୀ, ୨୭-୯(ପି.ଟି.): ସୁରକ୍ଷା ବୈଶିଷ୍ଟ୍ୟ ଅନୁସାରେ ଯାନଗୁଡ଼ିକୁ ମିଳିବ ଷ୍ଟାର ସାର୍ଟିଫିକେଟ୍। ଯାନର ସୁରକ୍ଷା ନିରାପତ୍ତାକୁ ବୃଦ୍ଧି କରିବା ପାଇଁ ଏଭଳି କରାଯିବ। ଯେଉଁ ମଡେଲର ସୁରକ୍ଷା ବୈଶିଷ୍ଟ୍ୟ ଅପେକ୍ଷାକୃତ ଭଲ ସେଗୁଡ଼ିକୁ ମିଳିବ ଷ୍ଟାର୍ ମାନ୍ୟତା। ଏଭଳି ବ୍ୟବସ୍ଥା କରିବା ପାଇଁ ସରକାର ଚିନ୍ତା କରୁଛନ୍ତି। ଏଥିପାଇଁ ଏକ ସ୍ୱତନ୍ତ୍ର ଏଜେନ୍ସି ସ୍ଥାପନ କରାଯିବ। ଏହାର ନାମ ନ୍ୟୁ ଭେଇକିଲ୍ ଆସେସମେଣ୍ଟ ପ୍ରୋଗ୍ରାମ୍ ରଖାଯିବ। ସଡକ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏଭଳି ପ୍ରସ୍ତାବ ରଖିଛି। ଏବେ ସରକାର କାର୍‌ଗୁଡ଼ିକରେ ଏୟାର ବ୍ୟାଗ, ଆଣ୍ଟି-ଲକ୍ ବ୍ରେକିଙ୍ଗ୍ ସିଷ୍ଟମ(ଏବିଏସ୍), ପେଡେଷ୍ଟ୍ରିଆଲ୍ ସେଫ୍ଟି ଫିଚର ଆଦି ବାଧ୍ୟତାମୂଳକ କରିବା ପ୍ରକ୍ରିୟାରେ ଅଛନ୍ତି ବୋଲି ଏ ସମ୍ପର୍କରେ ଖବର ରଖିଥିବା ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

# ବାଣିଜ୍ୟ ଅଭିବୃଦ୍ଧି ଆକଳନ ହ୍ରାସ କଲା ଡବ୍ଲ୍ୟୁଟିଓ

ନୂଆଦିଲ୍ଲୀ,୨୭-୯

- ୨୦୧୮ରେ ଅଭିବୃଦ୍ଧି ୪%ରୁ କମ୍ ରହିବ
- ଭାରତ ଉପରେ ପଡ଼ିବନି ବିଶେଷ ପ୍ରଭାବ
- ରାଜନୈତିକ-ଭୌଗୋଳିକ କାରଣ ଦାୟୀ ରହିବ

ସାରା ବିଶ୍ୱର ବାଣିଜ୍ୟ ତଥା ବ୍ୟବସାୟିକ ଅଭିବୃଦ୍ଧି ୨୦୧୮ରେ ୪%ରୁ କମ୍ ରହିବ। ଚଳିତବର୍ଷ ଏହା ୪.୪% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ପୂର୍ବରୁ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ) ଆକଳନ କରିଥିବା ବେଳେ ଏହାକୁ ଏବେ ୩.୯%କୁ ଖସାଇ ଦେଇଛି। କିନ୍ତୁ ଏହା ଦ୍ୱାରା ଭାରତ ଭଳି ବିକାଶଶୀଳ ଦେଶ ପାଇଁ କୌଣସି ନକାରାତ୍ମକ ପ୍ରଭାବ ଆଣିବ ନାହିଁ ବୋଲି ଏହା ଦର୍ଶାଇଛି।

ଡବ୍ଲ୍ୟୁଟିଓର କହିବା ଅନୁସାରେ ବର୍ତ୍ତମାନର ବାଣିଜ୍ୟିକ ଚାପ ଏବଂ ପୁଞ୍ଜିବଜାର ସ୍ଥିତି ହିଁ ଅଭିବୃଦ୍ଧି ପଥରେ ବାଧକ ସାଜିବ। ଏହା ୨୦୧୯ ପର୍ଯ୍ୟନ୍ତ ମଧ୍ୟ ଜାରି ରହିପାରେ। ଯଦିଓ ଅଭିବୃଦ୍ଧି ଜାରି ରହିବ ଏହା ଆଶାନୁରୂପ ହେବ ନାହିଁ। ପୂର୍ବରୁ ବାଣିଜ୍ୟିକ ଅଭିବୃଦ୍ଧି ୪.୪%ରହିବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ସମ୍ଭବ ହେବ ନାହିଁ ବୋଲି ବିଶ୍ୱ ବାଣିଜ୍ୟ ସଂଗଠନ ପ୍ରକାଶ କରିଛି। ୨୦୧୮ରେ ଏହା ୩.୯% ମଧ୍ୟରେ ସୀମିତ ରହିବା ସହିତ ୨୦୧୯ରେ ଏହା ୩.୭%କୁ ଖସି ଆସିବ। ଚଳିତ କ୍ୟାଲେଣ୍ଡର ବର୍ଷ ପାଇଁ ଡବ୍ଲ୍ୟୁଟିଓ ବିଶ୍ୱର ବାଣିଜ୍ୟ ଅଭିବୃଦ୍ଧି ହାରକୁ ୪.୪% ପର୍ଯ୍ୟନ୍ତ ଆକଳନ କରିଥିବାବେଳେ ଏଥିରେ ସଂଶୋଧନ କରି ଏଭଳି ଦର୍ଶାଇଛି।

ଏ ସମ୍ପର୍କରେ ଡବ୍ଲ୍ୟୁଟିଓର ମହାନିର୍ଦ୍ଦେଶକ ରୋବର୍ଟ ଜାଭେଦୋ କହିଛନ୍ତି, ବାଣିଜ୍ୟ ଅଭିବୃଦ୍ଧି ସ୍ଥିତି ଭଲ ରହିଛି, କିନ୍ତୁ ବାଣିଜ୍ୟିକ ସହଯୋଗୀଙ୍କ ମଧ୍ୟରେ ରହିଥିବା ଦ୍ୱନ୍ଦ୍ୱ ହିଁ ଅଭିବୃଦ୍ଧିର ପରିପନ୍ଥୀ ହେବ। ଖାଲି ସେତିକି ନୁହେଁ ରାଜନୈତିକ ଓ ଭୌଗୋଳିକ କାରଣ ମଧ୍ୟ ଏଥିପାଇଁ ଦାୟୀ ରହିବ। ସୂଚନା ଅନୁସାରେ ୨୦୧୧-୧୨ ପରଠାରୁ ଭାରତର ରପ୍ତାନି ୩୦୦ ବିଲିୟନ ଡଲାର ପାଖାପାଖି ରହିଛି। ୨୦୧୭-୧୮ରେ ଏଥିରେ ପ୍ରାୟ ୧୦% ବୃଦ୍ଧି ଘଟି ୩୦୩ ବିଲିୟନ ଡଲାରରେ ପହଞ୍ଚିଥିଲା।

# ଭୁବନେଶ୍ୱରରେ 'ଇଜି ବାଏ'ର ପ୍ରଥମ ଷ୍ଟୋର




ଭୁବନେଶ୍ୱର,୨୭-୯

ଦୁବାଇ ଲ୍ୟାଣ୍ଡମାର୍କ ଗ୍ରୁପର ଆପାରେଲ ଭାଲ୍ୟୁ ରିଟେଲ ଫର୍ମାଟ 'ଇଜି ବାଏ'ର ପ୍ରଥମ ଷ୍ଟୋର ଭୁବନେଶ୍ୱର ଜନପଥରେ ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ ଅଭିନେତ୍ରୀ ଅର୍ଚ୍ଚିତା ସାହୁ ଉଦ୍‌ଘାଟନ କରିଥିଲେ। ନୂଆ ଷ୍ଟୋରଟି ୫୮ ଜନପଥ, ଅଶୋକ ନଗରରେ ଖୋଲିଛି। ପୂର୍ବାଞ୍ଚଳରେ ଏହା କମ୍ପାନୀର ପ୍ରଥମ ଷ୍ଟୋର ହୋଇଥିବା ବେଳେ ଭାରତରେ ୬୦ତମ ଷ୍ଟୋର। ଷ୍ଟୋରଟି ୫,୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ଅବସ୍ଥିତ। ଗ୍ରାହକଙ୍କ ଫ୍ୟାଶନ ଆବଶ୍ୟକତାକୁ ଧ୍ୟାନରେ ରଖି ଏଠାରେ ବିଭିନ୍ନ ଟ୍ରେଣ୍ଡି ଫ୍ୟାଶନ ଉପଲବ୍ଧ ହେବ।

ସମ୍ପୂର୍ଣ୍ଣ ପରିବାର ଲାଗି ଗୋଟିଏ ଛାତ ତଳେ ସମସ୍ତ ଫ୍ୟାଶନ ତଥା ପୋଷାକ ପତ୍ର ଏଠାରେ ମିଳିବ। ଏଠାରେ ପୁରୁଷ, ମହିଳା, କିଡ୍ସ ବର୍ଗ ଲାଗି ସ୍ୱତନ୍ତ୍ର ଜୋନ ମାନ ରହିଛି। ନୂଆ ଷ୍ଟୋର ଶୁଭାରମ୍ଭ ଦ୍ୱାରା ପୂର୍ବାଞ୍ଚଳ ବଜାରରେ ପ୍ରବେଶ କରିବାକୁ ସକ୍ଷମ ହୋଇଛୁ ବୋଲି ଇଜିବାଏର ବାଣିଜ୍ୟ ମୁଖ୍ୟ ଆନନ୍ଦ ଆୟର ସୂଚନା ଦେଇଛନ୍ତି। ଏଠାରେ ପ୍ରାୟ ୧୦୦୦ ଷ୍ଟାଇଲର ଅଫରିଂ ଉପଲବ୍ଧ ହେଉଥିବା ବେଳେ ୬୯ ଟଙ୍କାରୁ ୬୯୯ ରେଞ୍ଜ ମଧ୍ୟରେ ସାମଗ୍ରୀ ଉପଲବ୍ଧ ହେଉଛି। ସେହିଭଳି ପାର୍ବଣ ଏବଂ ଶରତ ସମୟକୁ ଧ୍ୟାନରେ ରଖି ବିଭିନ୍ନ କଲେକ୍ସନ ସ୍ଥାନିତ ରହିଛି। ନୂଆ ଷ୍ଟୋର ଶୁଭାରମ୍ଭ ଅବସରରେ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଥିବା ଶୋ'ରୁମ ପକ୍ଷରୁ ପ୍ରକାଶ। କାର୍ଯ୍ୟକ୍ରମରେ ଫ୍ରାଞ୍ଚାଇଜ ପାର୍ଟନର ତଥା ପଣ୍ଡା ଟ୍ରାଭେଲ ମାର୍ଟର ନିର୍ଦ୍ଦେଶକ ଶିବ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅକ୍ଟୋବର ୩୧ରୁ ଆଇଏମ୍ଏମ୍ଇ-୨୦୧୮

ଭୁବନେଶ୍ୱର,୨୭-୯




ଖଣି କ୍ଷେତ୍ର ଲାଗି ଦେଶର ସର୍ବବୃହତ୍ ପ୍ରଦର୍ଶନୀ 'ଇଣ୍ଟରନ୍ୟାଶନାଲ ମାଇନିଂ ଆଣ୍ଡ ମେଶିନେରି ଏକଜିବିଶନ'(ଆଇଏମ୍ଏମ୍ଇ) ୨୦୧୮ ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଯାଉଛି। କନଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି(ସିଆଇଆଇ) ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କଲିକତାର ରଜାରହାଟ ଇକୋପାର୍କଠାରେ ଅକ୍ଟୋବର ୩୧ରୁ ନଭେମ୍ବର ୩ ଯାଏ କାର୍ଯ୍ୟକ୍ରମକୁ ଆୟୋଜନ କରାଯିବ। ଏହା ଆଇଏମ୍ଏମ୍ଇର ୧୪ତମ ସଂସ୍କରଣ ହୋଇଥିବା ବେଳେ ଖଣି ଶିଳ୍ପକୁ ନଜରରେ ରଖି ଏହାକୁ ଆୟୋଜନ କରାଯାଉଛି। ସିଆଇଆଇ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଏ ନେଇ ଆୟୋଜିତ ରୋଡ ଶୋ'ରେ ଏହି ସମ୍ପର୍କରେ ସୂଚନା ଦିଆଯାଇଛି। ପ୍ରଦର୍ଶନୀରେ ଖଣି ମେଶିନେରିର ବିଭିନ୍ନ ରେଞ୍ଜ ସହ ସଦ୍ୟତମ ଟେକ୍ନୋଲୋଜି ଏଠାରେ ସ୍ଥାନ ପାଇବ।

ଏହା ବାଦ ଶିଳ୍ପ ସହ ଜଡିତ ବିଭିନ୍ନ ଇକ୍ୱିପମେଣ୍ଟ, ଅତ୍ୟାଧୁନିକ ଟେକ୍ନୋଲୋଜି ସଲ୍ୟୁଶନ, ସର୍ଭିସ, ଦେଶ ତଥା ବିଦେଶୀ କମ୍ପାନୀଗୁଡ଼ିକର ସପ୍ଲାଇ ଏଠାରେ ସ୍ଥାନିତ ହେବ। ୧୯୮୪ ପରଠାରୁ ଆଇଏମ୍ଏମ୍ଇ ଖଣି କ୍ଷେତ୍ରରେ ଏକ ପ୍ରମୁଖ ଏକଜିବିଶନ ହୋଇପାରିଛି। ଏହି ଅବସରରେ ଏକ ଗ୍ଲୋବାଲ ମାଇନିଂ ସମିଟ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ଅବସରରେ ସିଆଇଆଇ ଓଡ଼ିଶା ଅଫିସ ଷ୍ଟେଟ ହେଡ୍ ସୁପର୍ନ ନନ୍ଦ, ଫେରୋ ଆଲଏଜ୍ କର୍ପୋରେଶନ ଲିମିଟେଡ୍ ରେସିଡେଣ୍ଟ ଡାଇରେକ୍ଟର ଏମ୍.ଭି ରାଓ, ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ ରେସିଡେଣ୍ଟ ଏଡିଟର ଏସ୍.ଏସ୍ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ଥିଲେ।

# ସାମ୍‌ସଙ୍ଗର ନୂଆ ଗାଲାକ୍ସି ଏ୭

ନୂଆଦିଲ୍ଲୀ,୨୭-୯




ପ୍ରମୁଖ ସ୍ମାର୍ଟଫୋନ କମ୍ପାନୀ ସାମସଙ୍ଗ ପକ୍ଷରୁ ବଜାରକୁ ଆସିଛି ନୂଆ ଗାଲାକ୍ସି ଏ୭। ଆକର୍ଷଣୀୟ ରଙ୍ଗର ଏହି ମୋବାଇଲରେ ଗ୍ରାହକମାନେ ଶକ୍ତିଶାଳୀ କ୍ୟାମେରା ଲାଭ କରିବାକୁ ସକ୍ଷମ ହେବେ। ଗ୍ରାହକଙ୍କ ଫ୍ରଣ୍ଟ କ୍ୟାମେରା ଚାହିଦାକୁ ଧ୍ୟାନରେ ରଖି ପଶ୍ଚାତ ପାର୍ଶ୍ୱରେ ୩ଟି କ୍ୟାମେରା ରଖାଯାଇଛି। ଏଥିରେ ଅତିରିକ୍ତ ୮ ଏମ୍ପି ୧୨୦ ଡିଗ୍ରୀ ଅଲଟ୍ରା ୱାଇଡ ଲେନସ୍ ସୁବିଧା ଉପଲବ୍ଧ। ସେହିଭଳି ଏଥିରେ ପିକ୍ସେଲ ବିନିଂ ଟେକ୍ନୋଲୋଜି ଦ୍ୱାରା କମ୍ ଆଲୋକରେ ମଧ୍ୟ ଫଟୋ ଉଠାଇବା ସୁବିଧା ଉପଲବ୍ଧ ହେବ। ନୂଆ ମଡେଲରେ ଅଭିନବ ବ୍ୟବସ୍ଥାମାନ ରହିଥିବା ସାମସଙ୍ଗ ଇଣ୍ଡିଆ ମୋବାଇଲ ବ୍ୟବସାୟ ନିର୍ଦ୍ଦେଶକ ସୁମିତ ୱାଲିଆ କହିଛନ୍ତି। ମଡେଲଟିରେ ସୁପର ଆମୋଲେଡ ଇନଫିନିଟି, ୩,୩୦୦ ଏମଏଏଚ୍ ବ୍ୟାଟେରି, ୬ ଜିବି ରାମ ୧୨୮ ଜିବି ରମ୍, ୪ ଜିବି ରାମ୍ ଏବଂ ୬୪ ଜିବି ରମ୍ ସୁବିଧା ରହିଛି। ଏହାର ମୂଲ୍ୟ ଯଥାକ୍ରମେ ୨୮,୯୯୦ ଏବଂ ୨୩,୯୯୦ ଟଙ୍କା ରହିଛି। ନୀଳ,କଳା ଏବଂ ସୁନେଲି ରଙ୍ଗରେ ଏହା ଉପଲବ୍ଧ। ଏଚ୍‌ଡିଏଫସି ବ୍ୟାଙ୍କ ଡେବିଟ ତଥା କ୍ରେଡିଟ କାର୍ଡ ଦ୍ୱାରା କ୍ରୟ କ୍ଷେତ୍ରରେ ଗ୍ରାହକମାନେ ୨୦୦୦ ଟଙ୍କାର କ୍ୟାଶବ୍ୟାକ ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ହୋଣ୍ଡା ସିବି ସାଇନ୍ ବିକ୍ରିରେ ରେକର୍ଡ

ନୂଆଦିଲ୍ଲୀ,୨୭-୯



ସ୍କୁଟର ବିକ୍ରି କ୍ଷେତ୍ରରେ ନିଜର ସ୍ଥିତିକୁ ଦୃଢ଼ କରିଥିବା ହୋଣ୍ଡା ୧୨୫ ସିସି ମୋଟର ସାଇକେଲ ବିକ୍ରି କ୍ଷେତ୍ରରେ ନୂଆ ରେକର୍ଡ ସ୍ଥାପନ କରିଛି। ସିବି ସାଇନ ଭାରତରେ ବିକ୍ରି ହେଉଥିବା ୧ ନମ୍ବର ମୋଟର ସାଇକେଲ ବୋଲି କମ୍ପାନୀ ପ୍ରକାଶ କରିଛି। ଏହା ଏକମାତ୍ର ଏକଜିକ୍ୟୁଟିଭ୍ ମୋଟରସାଇକେଲ ଯାହାର ବିକ୍ରି ତୃତୀୟ ଥର ପାଇଁ ଏକ ଲକ୍ଷ ଟପିଛି। ୨୦୧୮ ଅଗଷ୍ଟରେ କମ୍ପାନୀ ୧.୦୮ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ୨୦୧୭ ଅଗଷ୍ଟରେ ଏହା ୯୪ ହଜାର ୟୁନିଟ ରହିଥିଲା। ସିବି ସାଇନ ଏବଂ ସିବି ସାଇନ ଏସ୍‌ପିର ଦୃଢ଼ ଅଭିବୃଦ୍ଧି ଦ୍ୱାରା କମ୍ପାନୀ ୧୨୫ ସିସି ମୋଟର ସାଇକେଲ ବର୍ଗରେ ୧୪% ଅଭିବୃଦ୍ଧି ହାସଲ କରିଛି। କମ୍ପାନୀର ଗତ ବର୍ଷ ୪.୩୨ ଲକ୍ଷ ୟୁନିଟ ଯାନ ବିକ୍ରି ତୁଳନାରେ ଚଳିତ ବର୍ଷ ୪.୯୫ ଲକ୍ଷ ୟୁନିଟ ଯାନ ବିକ୍ରି ହୋଇ ସାରିଛି। ସିବି ସାଇନ ଗ୍ରାହକଙ୍କ ଭଲ ପାଇବା ଲାଭ କରିବା ଫଳରେ ଏହାର ବିକ୍ରି ଅଭିବୃଦ୍ଧି ଉନ୍ନତ ରହିଛି। ଏହି ବର୍ଗରେ ହୋଣ୍ଡାର ବଜାର ଅଂଶ ୬% ବୃଦ୍ଧି ଘଟି ୫୨% ଛୁଇଁଛି। ଦେଶରେ ବିକ୍ରି ହେଉଥିବା ପ୍ରତ୍ୟେକ ଦ୍ୱିତୀୟ ୧୨୫ ସିସି ମୋଟର ସାଇକେଲ ମଧ୍ୟରେ ଏହା ସାମିଲ ରହିଛି। ପୂଜା ପୂର୍ବରୁ ଏଭଳି ସଫଳତା ଆମର ବିଶ୍ୱାସକୁ ବୃଦ୍ଧି କରିବାରେ ବିଶେଷ ଭାବେ ସହାୟକ ହୋଇଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

# 'ଇରାନ୍‌ରୁ ତୈଳ ଆମଦାନୀ ଜାରି ରଖିବ ଭାରତ'

ନୂଆଦିଲ୍ଲୀ,୨୭-୯: ଇରାନ୍‌ରୁ ଭାରତ ଅଶୋଧିତ ତୈଳ ଆମଦାନୀ ଜାରି ରଖିବ। ଏଥି ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ। ଏଥି ସହିତ ଦୁଇ ଦେଶ ମଧ୍ୟରେ ଆର୍ଥନୈତିକ ସହଯୋଗ ଜାରି ରହିବ। ଇରାନ୍‌ର ବୈଦେଶିକ ମନ୍ତ୍ରୀ ମହମ୍ମଦ ଜାଭେଦ୍ ଜରିଫ୍ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଏଭଳି କହିଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସହ ତାଙ୍କର ଆଲୋଚନା ହୋଇଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସୂଚନା ଅନୁସାରେ ମହମ୍ମଦ କହିଛନ୍ତି, ଆର୍ଥନୈତିକ ସହଯୋଗ କ୍ଷେତ୍ରରେ ଭାରତ ଇରାନ୍ ପାଇଁ ସର୍ବଦା ସ୍ୱତନ୍ତ୍ର। ଇରାନ୍ ଭାରତକୁ ଅଶୋଧିତ ତୈଳ ଆମଦାନୀ କ୍ଷେତ୍ରରେ ସହଯୋଗ କରିବ କି ନାହିଁ ପ୍ରଶ୍ନରେ ସେ କହିଛନ୍ତି, ଭାରତ ଏଥିପାଇଁ ପ୍ରତିଶ୍ରୁତି ବଦ୍ଧ। ଚାଇନା ପରେ ଭାରତ ହେଉଛି ଇରାନ୍‌ର ଦ୍ୱିତୀୟ ବୃହତ ତୈଳ ଆମଦାନିକାରୀ ରାଷ୍ଟ୍ର। ଭାରତ ସହିତ ଆମର ଉତ୍ତମ ସହଯୋଗିତା ରହିଛି। ଶକ୍ତି କ୍ଷେତ୍ରରେ ମଧ୍ୟ ସମାନଧାରା ଜାରି ରହିବ।

# ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛ ପଖୱାଡା

ଭୁବନେଶ୍ୱର,୨୭-୯

ଚଳିତ ବର୍ଷ ସେପ୍ଟେମ୍ବର ୧୫ଠାରୁ ଅକ୍ଟୋବର ୨ ଯାଏ ଭାରତୀୟ ରେଳ ପକ୍ଷରୁ ସ୍ୱଚ୍ଛତା ହି ସେୱା ପଖୱାଡା ପାଳନ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ରେଲୱେ ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ଏହାକୁ ଧ୍ୟାନରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ସ୍ୱଚ୍ଛତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ଅନ୍ତର୍ଗତ ରେଲୱେ ପକ୍ଷରୁ ଷ୍ଟେଶନ ପରିସର, ଟ୍ରେନ, ଅଫିସ, ୱାର୍କଶପ, ମେଣ୍ଟେନାନ୍ସ ଡିପୋ, ରେଲୱେ ହସ୍ପିଟାଲ ଏବଂ ରେଲୱେ ରେସିଡେନସିଆଲ ଏରିଆକୁ ପରିଷ୍କାର କରାଯିବା ନେଇ ପଦକ୍ଷେପ ନିଆଯାଇଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ



ଉମେଶ ସିଂ ରେଲୱେ ଇଣ୍ଡୋର ସ୍ପୋର୍ଟ କମ୍ପ୍ଲେକ୍ସ ଚତୁଃପାର୍ଶ୍ୱ ଅଞ୍ଚଳରେ ସଫେଇ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୧୭୦୦ କୋଟି ଋଣ ପରିଶୋଧ କରିନି ଭିଏମ୍‌ସି ସିଷ୍ଟମ

ନୂଆଦିଲ୍ଲୀ, ୨୭-୯

**ସିବିଆଇ ହାତରେ ଆଉ ଏକ ବ୍ୟାଙ୍କ ଠକେଇ**

୧୭୦୦ କୋଟି ଟଙ୍କାର ଆଉ ଏକ ବ୍ୟାଙ୍କ ଠକେଇରେ ସମ୍ପୃକ୍ତ କମ୍ପାନୀ ଏବଂ ଏହାର ମାଲିକଙ୍କୁ ଧରିବାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ସଫଳ ହୋଇଛି। ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ(ପିଏନ୍‌ବି)ର ଅଭିଯୋଗ କ୍ରମେ ସିବିଆଇ ହାଇଦ୍ରାବାଦର ତିନୋଟି ସ୍ଥାନରେ ଚଢାଉ କରି ଉକ୍ତ କମ୍ପାନୀର ବିଭିନ୍ନ ଅଫିସ୍ ଜବତ କରିବା ସହ ଏହାର ମାଲିକଙ୍କୁ ଧରିବାରେ ସଫଳ ହୋଇଛି। ସିବିଆଇର ସୂଚନା ଅନୁସାରେ ହାଇଦ୍ରାବାଦରୁ ପରିଚାଳିତ 'ଭିଏମ୍‌ସି ସିଷ୍ଟମ' ଟେଲିକମ୍ ଇକ୍ୟୁପ୍‌ମେଣ୍ଟ କମ୍ପାନୀ ବିଭିନ୍ନ ବ୍ୟାଙ୍କରୁ ପ୍ରାୟ ୧୭୦୦ କୋଟି ଟଙ୍କାର ଋଣ ନେଇ ପରିଶୋଧ କରି ନାହିଁ। ଏହି କମ୍ପାନୀର ମାଲିକ ଭି.ଏଚ.ବିନ୍ଦୁ, ଭି.ଭି ରାମା ରାଓ ଏବଂ ଭି.ଭି. ରମଣଙ୍କ ନାମରେ ଏକାଧିକ ମାମଲା ରୁଜୁ ହୋଇଛି। ପିଏନବିର ଅଭିଯୋଗ ଅନୁସାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, କର୍ପୋରେଶନ ବ୍ୟାଙ୍କ, ଆନ୍ଧ୍ର ବ୍ୟାଙ୍କ ଏବଂ ଜେଏମ୍ ଫାଇନାନ୍ସିଆଲ୍ ଏସେଟ୍ ରିକନଷ୍ଟ୍ରକ୍‌ଶନ କମ୍ପାନୀ ଠାରୁ ଭିଏମ୍‌ସି ଋଣ କରିଛି। କିନ୍ତୁ ମିଥ୍ୟା ସୂଚନା ଦେଇ କହିଥିଲା ଯେ, ଭାରତ ସଞ୍ଚାର ନୀଗମ ଲିମିଟେଡ୍(ବିଏସ୍‌ଏନ୍‌ଏଲ୍) ଉପରେ ଏହାର ମାତ୍ରାଧିକ ବାକି ପଡିଥିବାରୁ ଋଣ ପରିଶୋଧ କରି ପାରିବ ନାହିଁ। କିନ୍ତୁ ପରେ ଜଣା ପଡିଥିଲା, ବିଏସ୍‌ଏନଏଲ୍ ଉପରେ ଏହାର ମାତ୍ର ୩୩ କୋଟି ଟଙ୍କା ବାକି ପଡିଛି।

# 'ବିଶ୍ୱର ସର୍ବବୃହତ୍ ହୋଟେଲ ଚେନ୍ ହେବ ଓୟୋ'

ବାଙ୍ଗାଲୋର, ୨୭-୯

ନିଜ ମନ ପସନ୍ଦର ହୋଟେଲ୍‌ରୁମ୍ ବୁକ୍ କରିବା ପାଇଁ ଅନ୍‌ଲାଇନ୍ ସୁବିଧା ପ୍ରଦାନ କରିଥିବା ମୋବାଇଲ୍ ଆପ୍ଲିକେଶନ ଓୟୋ ଏବେ ଭାରତରେ ଏ କ୍ଷେତ୍ରରେ ଏକ ପରିଚିତ ଏବଂ ଲୋକାଦୃତ ବ୍ରାଣ୍ଡ୍ ହୋଇସାରିଲାଣି। ଏହାର ପ୍ରତିଷ୍ଠାତା ୨୪ ବର୍ଷୀୟ ଓଡ଼ିଆ ଯୁବକ ରିତେଶ ଅଗ୍ରୱାଲ ନିଜ ସେବାକୁ ବିଦେଶରେ ମଧ୍ୟ ପହଞ୍ଚାଇ ସାରିଲେଣି। ଗତ ନଭେମ୍ବରରେ ଚାଇନାରେ ଓୟୋ ପ୍ରବେଶ କରିଥିବା ବେଳେ ଗତ ସପ୍ତାହରେ ଲଣ୍ଡନ୍‌ରେ ମଧ୍ୟ ଏହାର ବ୍ୟବସାୟ ଆରମ୍ଭ କରିଛି। ନୂଆଦିଲ୍ଲୀରେ ଏକ ଗଣମାଧ୍ୟମକୁ ସାକ୍ଷାତକାର ଦେବା ଅବସରରେ ଅଗ୍ରୱାଲ କହିଛନ୍ତି, ୨୦୨୩ ବେଳକୁ ଓୟୋ ବିଶ୍ୱର ସର୍ବବୃହତ୍ ହୋଟେଲ୍ ଚେନ୍‌ରେ ପରିଣତ ହେବ। ଏହି ଲକ୍ଷ୍ୟ ପଥରେ ବର୍ତ୍ତମାନ କମ୍ପାନୀ ଅଗ୍ରସର ହେଉଛି। ୨୦୧୩ରେ ରିତେଶ ତାଙ୍କ ପରିକଳ୍ପନାକୁ ବାସ୍ତବ ରୂପ ଦେଇଥିବା ବେଳେ ମାତ୍ର ୫ ବର୍ଷ ମଧ୍ୟରେ ପ୍ରାୟ ୫ ବିଲିୟନ ଡଲାରର ବ୍ୟବସାୟ କରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଅନୁସାରେ ନିକଟରେ ସଫ୍ଟବ୍ୟାଙ୍କ ଭିଜନ ଫଣ୍ଡ୍ ସମେତ କେତେକ ନିବେଶକ ଓୟୋକୁ ପ୍ରାୟ ୧୦୦ କୋଟି ଡଲାରର ପୁଞ୍ଜି ପ୍ରଦାନ ପାଇଁ ଚୁକ୍ତି କରିଛନ୍ତି। ଏବେ ସୁଦ୍ଧା କେବଳ ଭାରତରେ ଓୟୋ ୧୬୦ଟି ସହରରେ ଥିବା ୧୦ ହଜାର ହୋଟେଲ ସହିତ ଚୁକ୍ତି କରିଛି। ୧୨୫ ହଜାର ହୋଟେଲ ରୁମ୍ ବୁକ୍ କରିବାର କ୍ଷମତା ଓୟୋ ହାତରେ ରହିଛି।





## ଓଡିଶା ଉଠାଜଳସେଚନ ନିଗମ କାର୍ଯ୍ୟାଳୟ

(ଓଡିଶା ସରକାରଙ୍କ ଏକ ସଂସ୍ଥା)
ଏନ-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର
Website: www.odishalift.co.in

CAD - 883

### ଡିପ୍ ବୋରୱେଲ ସେଚ କାର୍ଯ୍ୟକ୍ରମ

ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗ, ଉଠାଜଳ ସେଚନ ନିଗମ ଜରିଆରେ ଡିପ୍ ବୋରୱେଲ୍ ସେଚ କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୪-୧୫ ବର୍ଷ ପର୍ଯ୍ୟନ୍ତ ସ୍ଥାପନ କରଯାଇଥିବା ବୋରୱେଲ୍ ହିତାଧିକାରୀମାନେ ନିଜର ବକେୟା ଅଂଶଧନ ବାବଦକୁ ୧୯୦୦୦ ଟଙ୍କା **(ବି.ପି.ଏଲ ତାଲିକା ଭୁକ୍ତ SC/ST ଚାଷୀଙ୍କ ପାଇଁ ୯୦୦୦ଟଙ୍କା)** ଦାଖଲ କରିବା ପାଇଁ ତା-୩୦.୦୬.୨୦୧୮ ରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଥିଲା । ତଥାପି କିଛି ହିତାଧିକାରୀ ସେମାନଙ୍କର ବକେୟା ଅଂଶଧନ ଏ ପର୍ଯ୍ୟନ୍ତ ଦାଖଲ କରିନାହାନ୍ତି । ତେଣୁ ଉକ୍ତ ଡିପ୍ ବୋରୱେଲ୍ ଗୁଡିକୁ ବିଦ୍ୟୁତ୍ ସଂଯୋଗ କରାଯାଇପାରୁନାହିଁ । **ଯେଉଁ ହିତାଧିକାରୀଙ୍କର ବୋରୱେଲ୍ କାର୍ଯ୍ୟକ୍ଷମ ଅବସ୍ଥାରେ ରହିଥିବ, କେବଳ ସେହି ପ୍ରକଳ୍ପ ଗୁଡିକର ବିଦ୍ୟୁତୀକରଣ କାର୍ଯ୍ୟ ହାତକୁ ନିଆଯିବ ।** ଉକ୍ତ ଅଂଶଧନ ଦାଖଲ ପାଇଁ କୌଣସି ଜାତୀୟକରଣ ବ୍ୟାଙ୍କ (Nationalised Bank) ଦ୍ୱାରା Demand Draft in favour of FA & CAO OLIC drawn at Bhubaneswar ଜରିଆରେ ଦେବା ପାଇଁ ନିର୍ଦ୍ଧାରଣ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ଉକ୍ତ ହିତାଧିକାରୀ ମାନଙ୍କୁ ଜଣାଇଦିଆଯାଉଅଛି ଯେ ସେମାନେ ସେମାନଙ୍କର ହିତାଧିକାରୀ ଅଂଶଧନ (Demand Draft) ନିକଟସ୍ଥ ଉଠାଜଳସେଚନ କାର୍ଯ୍ୟାଳୟରେ **ତା-୦୧.୧୦.୨୦୧୮ ରିଖ ଠାରୁ ତା - ୩୧.୧୨.୨୦୧୮ ରିଖ ମଧ୍ୟରେ ଦାଖଲ କରିବେ ।** ଏହାର ଖିଲାପ ହେଲେ ଉକ୍ତ ହିତାଧିକାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

32135/11/0017/1819

**ପରିଚାଳନା ନିର୍ଦ୍ଦେଶକ**

ବର୍ତ୍ତମାନ ପିଢ଼ିରେ ଭାରତୀୟ ଆଥଲେଟମାନଙ୍କୁ କ୍ରୀଡ଼ାର ମୌଳିକ ସୁବିଧା ପାଇଁ ସଂଘର୍ଷ କରିବାକୁ ପଡୁନାହିଁ ।

–ପୁଲେଲା ଗୋପୀଚାନ୍ଦ, ଜାତୀୟ ବ୍ୟାଡ୍‌ମିଣ୍ଟନ କୋଚ୍



ରଷିଆନ ଫର୍ମୁଲାୱାନ ଗ୍ରାଁ ପ୍ରିରେ ଫେରାରି ଓ ରେଡ୍‌ବୁଲ ଆମ ବିଜୟଧାରାକୁ ଭଙ୍ଗ କରିବାକୁ ଚେଷ୍ଟା କରିବେ ।

–ଟୋଟୋ ଓଲ୍ଫ, ମର୍ସିଡିଜ ଟିମ୍ ମୁଖ୍ୟ



## ସଂକ୍ଷେପରେ

### ଢାକା ଗଲେ ରାଜେଶ



ଭୁବନେଶ୍ୱର, ୨୭।୯ (କ୍ରୀଡ଼ା ପ୍ରତିନିଧି): ୧୯ ବର୍ଷରୁ କମ୍ ଏସିଆ କପ୍ ଖେଳିବା ପାଇଁ ଗୁରୁବାର ଢାକା ଯାତ୍ରା କରିଛନ୍ତି ଓଡ଼ିଶାର ରାଜେଶ ମହାନ୍ତି। ସେ ପୂର୍ବରୁ ଲକ୍ଷ୍ନୌରେ ଚତୁଃରାଷ୍ଟ୍ରୀୟ ସିରିଜ ଖେଳି ୩ ମ୍ୟାଚରୁ ୬ ଉଇକେଟ ହାସଲ କରିଥିଲେ। ରାଜେଶ ଓଡ଼ିଶା ପକ୍ଷରୁ ରଣଜୀ ଟ୍ରଫି, ବିଜୟ ହଜାରେ ଟ୍ରଫିରେ ମଧ ଖେଳିବାର ଅଭିଜ୍ଞତା ରଖିଛନ୍ତି। ରାମେଶ୍ୱର ସ୍ପୋର୍ଟିଂ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ରାଜେଶଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ଜାତୀୟ ଜୁନିୟର ଥ୍ରୋ ବଲ: କ୍ୱାର୍ଟର ଫାଇନାଲରେ ଓଡ଼ିଶା

ଭୁବନେଶ୍ୱର, ୨୭।୯ (ସ୍ପୋର୍ଟସ ବ୍ୟୁରୋ): ତାମିଲନାଡୁର ଝରିପୁରଠାରେ ଚାଲିଥିବା ଜାତୀୟ ଜୁନିୟର ଥ୍ରୋ ବଲ ଚାମ୍ପିୟନଶିପ୍‌ର ଉଭୟ ବାଳିକା ଓ ବାଳକ ବିଭାଗରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବାଳିକା ବିଭାଗରେ ଦିଲ୍ଲୀଠାରୁ ୧୦-୧୫ ଓ ୧୨-୧୫ ବ୍ୟବଧାନରେ ହାରିବା ପରେ ଓଡ଼ିଶା ମଧ୍ୟପ୍ରଦେଶକୁ ୧୫-୩, ୧୫-୪ରେ ହରାଇଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ପଞ୍ଜାବ(୧୫-୮, ୧୫-୫) ଓ ଉତ୍ତରାଖଣ୍ଡ(୧୫-୫, ୧୫-୩)କୁ ହରାଇ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ସ୍ଥାନ ପାଇଛି। ସେହିଭଳି ବାଳକ ଦଳ ପ୍ରଥମ ମ୍ୟାଚ୍‌ରେ କର୍ଣ୍ଣାଟକକୁ ୧୭-୧୫, ୧୫-୧୩ରେ ଏବଂ ଦ୍ୱିତୀୟ ମ୍ୟାଚ୍‌ରେ କେରଳକୁ ୧୫-୯, ୧୫-୫ ବ୍ୟବଧାନରେ ହରାଇଥିଲା। ଏହାପରେ ଲାକ୍ଷାଦ୍ୱୀପକୁ ୧୫-୩, ୧୫-୭ରେ ପରାସ୍ତ କରି ଓଡ଼ିଶା ବାଳକ ଦଳ ଅନ୍ତିମ-୮ ପର୍ଯ୍ୟାୟରେ ପ୍ରବେଶ କରିଛି।

# ସପ୍ତମ ଟାଇଟଲ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ




ଦୁବାଇ, ୨୭।୯(ପି.ଟି.)

ଏସିଆ କପ୍ ଟାଇଟଲ ପାଇଁ ଶୁକ୍ରବାର ଭାରତ ଓ ବାଂଲାଦେଶ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ପୁଣି ଥରେ ଏସିଆ ମହାଦେଶରେ ଭାରତ ତା'ର ଆଧିପତ୍ୟ ବଜାୟ ରଖିବାର ସୁଯୋଗ ହାସଲ କରିଛି। ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଫାଇନାଲ ମ୍ୟାଚରେ ଭାରତ ଫେଭରାଇଟ ବିବେଚିତ ହେଉଛି। ଅନ୍ୟପଟେ ଆଘାତ ସମସ୍ୟା ଜର୍ଜରିତ ବାଂଲାଦେଶ କିଛି ଚମତ୍କାର ଆଶାରେ ଭାରତକୁ ଚକ୍‌ମା ଦେବା ଲକ୍ଷ୍ୟରେ ରହିଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଟାଇଟଲ ଲଢେଇ ହେବ ବୋଲି ଆଶା କରାଯାଉଥିଲା। ତେବେ ବୁଧବାର ଆଘାତ ସମସ୍ୟା ଯୋଗୁ କେତେକ ପ୍ରମୁଖ ଖେଳାଳିଙ୍କ ଅନୁପସ୍ଥିତି ସତ୍ତ୍ୱେ ବାଂଲାଦେଶ ପାକିସ୍ତାନକୁ ୩୭ ରନରେ ପରାସ୍ତ କରି ଫାଇନାଲକୁ ଉଠିଥିଲା।

କାଗଜ କଲମରେ ଭାରତ କ୍ଲିୟାର ଫେଭରାଇଟ ମନେହେଉଛି ଓ ରେକର୍ଡ ସପ୍ତମଥର ପାଇଁ ଏସିଆ କପ୍ ଟାଇଟଲ ହାସଲ କରିବ ବୋଲି ଆଶା କରାଯାଉଛି। ଅନ୍ୟପଟେ ବାଂଲାଦେଶ ତୃତୀୟଥର ପାଇଁ ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଯେକୌଣସି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଭିନ୍ନ ପ୍ରକାରର ହୋଇଥାଏ। ଟୁର୍ଣ୍ଣାମେଣ୍ଟରେ ଯେତେ ଭଲ ଖେଳିଥାନ୍ତୁ ପଛେ ଫାଇନାଲ ଖେଳିବା ପୂର୍ବରୁ ଶକ୍ତିଶାଳୀ ଦଳଗୁଡ଼ିକ ବିଶେଷ ଭାବେ ପ୍ରସ୍ତୁତି କରିବା ସହ ଭିନ୍ନ ଯୋଜନା ଆପଣେଇଥାନ୍ତି। ସ୍ଥିର ପ୍ରଦର୍ଶନ କରିଥିବା ଶକ୍ତିଶାଳୀ ଦଳଗୁଡ଼ିକ ମଧ ଫାଇନାଲରେ ଝୁଣ୍ଟିବାର ଏକାଧିକ ନଜିର ରହିଛି। ପୁଣି ଗତ କିଛି ବର୍ଷ ମଧ୍ୟରେ ଭାରତ ଓ ବାଂଲାଦେଶ ଭିତରେ କ୍ରିକେଟ ପ୍ରତିଦ୍ୱନ୍ଦ୍ୱିତାରେ ଯଥେଷ୍ଟ ଉନ୍ନତି ଘଟିଛି। ବାଂଲାଦେଶ ମଧ ଏକ ଶକ୍ତିଶାଳୀ ଦଳ ରୂପେ ଉଭା ହୋଇଛି। ଏପରିସ୍ଥଳେ ବାଂଲାଦେଶକୁ ଭାରତ ଆଦୌ ହାଲକା ଭାବେ ନେବ ନାହିଁ। ଇଞ୍ଜୁରି ସମସ୍ୟା ବାଂଲାଦେଶ ପାଇଁ ଚିନ୍ତା ସୃଷ୍ଟି କରିଛି। ଦଳର ଦୁଇଜଣ ତାରକା ତଥା ଅଭିଜ୍ଞ ଖେଳାଳି ବାଦ୍ ପଡ଼ିଛନ୍ତି। ଷ୍ଟାର ବ୍ୟାଟ୍ସମ୍ୟାନ ତାମିମ ଇକ୍‌ବାଲ ହାତ ଭାଙ୍ଗିବା ଓ ଅଲରାଉଣ୍ଡର ସାକିବ-ଅଲ- ହାସନ ଅଙ୍ଗୁଳି ଭାଙ୍ଗିବା କାରଣରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି।

ଅପରପକ୍ଷରେ ଭାରତ ପାଇଁ ଏହି ନିର୍ଣ୍ଣାୟକ ମ୍ୟାଚ୍ ଏକ ଭିନ୍ନ ପ୍ରକାର ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି। ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଟାଇଟଲ ହାସଲ କରିପାରିଲେ ଭାରତ ପାଇଁ ଏକ ବଡ଼ ସଫଳତା ସାବ୍ୟସ୍ତ ହେବ ଓ ଆଗାମୀ ବିଶ୍ୱକପ୍ ପୂର୍ବରୁ ଭାରତର ପ୍ରସ୍ତୁତିକୁ ଦୁଇପାଦ ଆଗକୁ ନେବ। ପୁଣି ଗତ ଇଂଲଣ୍ଡ ଗସ୍ତରେ ଭାରତ ୪-୧ରେ ଟେଷ୍ଟ ସିରିଜ ପରାଜୟ ବରଣ କରିଥିଲା। ତେଣୁ ଏସିଆ କପ୍ ଟାଇଟଲ ଜିତିଲେ ଭାରତକୁ ନିଶ୍ଚିତ ଭାବେ କିଛିଟା ଆତ୍ମସନ୍ତୋଷ ମିଳିବ ଓ ଇଂଲଣ୍ଡ ଗସ୍ତର ବିଫଳତାକୁ କିଛି ପରିମାଣରେ ଲୁଚାଇବାକୁ ସକ୍ଷମ ହେବ।

ଦିନିକିଆରେ ମଧ ଭାରତର ପ୍ରଦର୍ଶନ ବେଶ୍ ଉତ୍ସାହଜନକ ରହିଛି। ଆଫଗାନିସ୍ତାନ ବିପକ୍ଷ ସୁପର -୪ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଭାରତ ଦଳର ନିୟମିତ ୫ ଖେଳାଳିଙ୍କୁ ବିଶ୍ରାମ ଦେଇଥିଲା। ତେବେ ଫାଇନାଲ ମ୍ୟାଚରେ ଭାରତ ତା'ର ଶ୍ରେଷ୍ଠ ଦଳକୁ ଖେଳାଇବ।

ଅଧିନାୟକ ରୋହିତ ଶର୍ମା ଓ ତାଙ୍କ ଡେପୁଟି ଶିଖର ଧାୱନଙ୍କୁ ନେଇ ଗଠିତ ଭାରତୀୟ ଓପନିଂ ଯୋଡି ପୁଣି ଥରେ କମାଲ କରିବା ଆଶା କରାଯାଉଛି। ସେହିପରି ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର ଓ ୟୁଜବେନ୍ଦ୍ର ଚହଲ ମଧ ବୋଲିଂରେ ଦମ୍ ଦେଖାଇ ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେବେ ବୋଲି ଆଶା କରାଯାଉଛି। ମିଡଲ ଅର୍ଡରରେ ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଅସ୍ଥିର ପ୍ରଦର୍ଶନ ଜାରି ରହିଥିବା ବେଳେ ସବୁକିଛି ରୋହିତ ଓ ଧାୱନଙ୍କ ଉପରେ ନିର୍ଭର କରୁଛି। ରୋହିତ ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୨୬୯ ଓ ଧାୱନ ୩୨୭ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ଥିବା ସୂଚନା ଦେଇଛନ୍ତି। ଅମ୍ବାତି ରାୟୁଡୁ ଭଲ ଖେଳୁଥିଲେ ମଧ ମ୍ୟାଚ୍ ଫିନିଶ୍ କରିବାରେ ବିଫଳ ହୋଇଛନ୍ତି। ସେହିପରି ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଓ କେଦାର ଯାଦବ ମିଡଲ ଓଭରରେ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଉଛି। ଧୋନୀଙ୍କ ଫର୍ମ ନେଇ ଟିମ୍ ମ୍ୟାନେଜମେଣ୍ଟ ବେଶ୍ ଚିନ୍ତିତ। ତେଣୁ ପଛରେ ବ୍ୟାଟିଂ କଲେ ଭାରତୀୟ ମିଡଲ ଅର୍ଡରର ପ୍ରକୃତ ପରୀକ୍ଷା ହେବ। ଗତ ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଓପନିଂ ଯୋଡି ଲୋକେଶ ରାହୁଲ ଓ ରାୟୁଡୁଙ୍କ ଶତକୀୟ ଭାଗୀଦାରି ସତ୍ତ୍ୱେ ଭାରତୀୟ ମିଡଲ ଅର୍ଡର ସଫଳ ପ୍ରଦର୍ଶନ କରିପାରି ନ ଥିଲା। ତେଣୁ ଧୋନୀ ୪ ନମ୍ବରରେ ବ୍ୟାଟିଂ କରିବେ ଓ ଅଧିକ ବଲର ସମ୍ମୁଖୀନ ହୋଇ ବଡ଼ ସ୍କୋର କରିବା ଆଶା କରାଯାଉଛି।

ଦିନିକିଆ ଫର୍ମାଟରେ ବାଂଲାଦେଶର ବୋଲିଂ ବେଶ ଶକ୍ତିଶାଳୀ ମନେହେଉଛି। ମୁସ୍ତାଫିଜୁର ରହମାନ, ରୁବେଲ ହୋସେନ ଓ ମାଶ୍ରାଫି ମୋର୍ତ୍ତାଜା ଭାରତକୁ ସମସ୍ୟାରେ ପକାଇବାକୁ ଚେଷ୍ଟା କରିବେ। ତେବେ ସାକିବଙ୍କ ଅନୁପସ୍ଥିତି ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ସେହିପରି ବ୍ୟାଟିଂରେ ଦଳ ମୁଶଫିକର ରହିମ ଓ ସଙ୍କଟମୋଚକ ମହମୁଦୁଲ୍ଲାଙ୍କ ଉପରେ ଅତ୍ୟଧିକ ଭାବେ ନିର୍ଭରଶୀଳ ହୋଇପଡ଼ିଛି। ଇନ୍‌ଫର୍ମ ଯଶପ୍ରୀତ ବୁମରା, ଭୁବନେଶ୍ୱର କୁମାର, କୁଲଦୀପ ଯାଦବ, ୟୁଜବେନ୍ଦ୍ର ଚହଲ ଓ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ବାଂଲାଦେଶ ବ୍ୟାଟ୍ସମ୍ୟାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରିନ୍ତି। ଏହି ଫାଇନାଲ ମ୍ୟାଚ୍ ବେଶ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

## ଭାରତ ପଲା ଭାରି

ନୂଆଦିଲ୍ଲୀ, ୨୭।୯

ଭାରତ ଓ ବାଂଲାଦେଶ ମଧ୍ୟରେ ଶୁକ୍ରବାର ଏସିଆ କପ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ଖେଳାଯିବ। ଏସିଆ କପ୍‌ରେ ଦୁଇ ଦେଶ ପରସ୍ପର ବିପକ୍ଷରେ ଏକାଧିକବାର ମ୍ୟାଚ୍ ଖେଳିଥିବାବେଳେ ଚଳିତ ସଂସ୍କରଣର ସୁପର୍ ଫୋର୍‌ରେ ଅନ୍ତିମଥର ଲାଗି ମୁହାଁମୁହିଁ ହୋଇଥିଲେ। ଏଥିରେ ଭାରତ ୭ ଉଇକେଟ୍‌ରେ ବିଜୟ ହାସଲ କରିଥିଲା। ମୋଟ୍ ଉପରେ ଏସିଆ କପ୍‌ରେ ଦୁଇ ଦେଶର ରେକର୍ଡକୁ ନଜର ପକାଇଲେ ଉଭୟ ପରସ୍ପରକୁ ୧୩ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରେ ଭାରତ ୧୨ଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିବାବେଳେ ବାଂଲାଦେଶ ମାତ୍ର ଗୋଟିଏ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚାଖିଛି। ବିଜୟ/ପରାଜୟ ଅନୁପାତ ଭାରତର ୧୨ ରହିଛି। ତେଣୁ ଫାଇନାଲ ମ୍ୟାଚ୍‌ରେ ଭାରତକୁ ଫେଭରାଇଟ୍ ବିବେଚନା କରାଯାଉଛି। କିନ୍ତୁ ସୁପର୍ ଫୋର୍‌ର ଅନ୍ତିମ ମ୍ୟାଚ୍‌ରେ ପାକିସ୍ତାନ ପରି ଶକ୍ତିଶାଳୀ ଦଳକୁ ଚକ୍‌ମା ଦେଖାଇଥିବା ବାଂଲାଦେଶ ମଧ ଫାଇନାଲରେ କିଛି କରିସ୍ମା କରିବା ଲକ୍ଷ୍ୟରେ ରହିଛି।

**ଏସିଆ କପ୍ କ୍ରିକେଟ ଫାଇନାଲ ଆଜି**

**ଭାରତ** ବନାମ **ବାଂଲାଦେଶ**

ସ୍ଥାନ- ଦୁବାଇ, ସମୟ- ସନ୍ଧ୍ୟା ୫ଟା

ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ

## ଛ' ଦିନ ଶୋଇପାରି ନ ଥିଲେ ସର୍ଫରାଜ

ଦୁବାଇ,୨୭।୯(ଏଏଫ୍‌ପି)

ଚଳିତ ଏସିଆ କପ୍‌ରେ ପାକିସ୍ତାନ ଦଳର ନିମ୍ନମାନର ପ୍ରଦର୍ଶନ ଯୋଗୁ ଅଧିନାୟକ ସର୍ଫରାଜ ଅହମ୍ମଦ ଛ' ଦିନ ଶୋଇପାରି ନ ଥିଲେ ବୋଲି କହିଛନ୍ତି। ଫାଇନାଲରେ ପ୍ରବେଶ କରିବା ଲାଗି ନିଶ୍ଚିତ ବିଜୟ ଆବଶ୍ୟକ ଥିବା ବାଂଲାଦେଶ ବିପକ୍ଷ ସୁପର-୪ ମ୍ୟାଚ୍‌ରେ ପାକିସ୍ତାନ ୩୭ ରନ୍‌ରେ ପରାଜିତ ହୋଇଥିଲା। ଯାହାଫଳରେ ଶୁକ୍ରବାର ଖେଳାଯିବାକୁ ଥିବା ଫାଇନାଲରେ ଭାରତ ଓ ବାଂଲାଦେଶ ପରସ୍ପରକୁ ଭେଟିବେ। ପୂର୍ବରୁ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ କ୍ରମାଗତ ଦୁଇଟି ପରାଜିତ ହୋଇଥିବାବେଳେ ପାକ୍ ଦଳ ଆଫଗାନିସ୍ତାନ ବିପକ୍ଷରେ ଅଳ୍ପକେ ପରାଜୟରୁ ବର୍ତ୍ତି ଯାଇଥିଲା। ''ଦଳର ନେତୃତ୍ୱ ନେଲେ ସର୍ବଦା ଚାପର ସମ୍ମୁଖୀନ ହେବାକୁ ପଡ଼େ। ଦଳ ହାରୁଥିବାବେଳେ ଅଧିନାୟକଙ୍କ ଉପରେ ଚାପ ବୃଦ୍ଧି ପାଏ। କିନ୍ତୁ ସତ ହେଲା ଯେ, ମୁଁ ଗତ ଛ' ଦିନ ହେଲା ଶୋଇ ପାରିନାହିଁ। ମାତ୍ର ମୋ ଉପରେ କେହି ଭରସା କରିବେ ନାହିଁ। ଏହା ଜୀବନର ଏକ ଅଂଶ ଏବଂ ଚାଲୁ ରହିବ'' ବୋଲି ସର୍ଫରାଜ କହିଛନ୍ତି। ଏଥିସହିତ ଗତବର୍ଷ ସମସ୍ତ ଫର୍ମାଟର ଅଧିନାୟକ ପଦରେ ନିଯୁକ୍ତ ହୋଇଥିବା ସର୍ଫରାଜ ପିସିବି ଚୟନକର୍ତ୍ତାଙ୍କୁ କୌଣସି ପ୍ରକାର ବଡ଼ ନିଷ୍ପତ୍ତି ନ ନେବାକୁ କହିଛନ୍ତି। ଆମକୁ ଖେଳାଳିଙ୍କ ଉପରେ ବିଶ୍ୱାସ ରଖିବାକୁ ପଡ଼ିବ। ମୁଁ ଭଲ ପ୍ରଦର୍ଶନ କରି ନ ପାରିବାରୁ ଦଳ ହାରିଛି। ମୋତେ ଅଧିନାୟକ ଭାବେ ଖେଳିବାର ଥିଲା। ମାତ୍ର ମୁଁ ବିଫଳ ହୋଇଥିଲି, ଯାହାକି ଆମ ପରାଜୟର କାରଣ।

**OFFICE OF THE COLLECTOR & DISTRICT MAGISTRATE, KHORDHA (ST & SC DEVELOPMENT SECTION)**

Tel. No-06755-221169 (0)
E-mail: dwokhordha@gmail.com
Notification No. 2175 /Date : 26.09.2018

**SHORT QUOTATION CALL NOTICE**

No.54-V: Sealed tenders in prescribed format are invited from the Authorised Dealers/Distributor/ Manufacturer/Co-Operative Societies & Order Suppliers for supply of school uniform both for boys and girls of SC & ST students reading in Class IX & X in the SSD Deptt. School of Khordha District. The last date of submission of tender paper is 05.10.2018. The details of application form, terms & conditions can be accessed from the District Website i.e. www.khordha.nic.in. The tender paper is to be submitted through Regd. Post or Speed Post only. The earlier Short Quotation-cum-Notice No.1748 Dtd.02.08.2018 of this office is hereby cancelled.
The authority reserves right for cancellation / modification of the Tender Call Notice without assigning any reason thereof.

26012/11/0007/1819 **Sd./- District Welfare Officer, Khordha**



କଟକ: ଜାତୀୟ ସିନିୟର ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### ଜାତୀୟ ସିନିୟର ମହିଳା ଫୁଟବଲ

## ସେମିରେ ରେଲୱେ-ମଣିପୁର, ଓଡ଼ିଶା-ତାମିଲନାଡୁ

କଟକ ଅଫିସ, ୨୭।୯

କଟକରେ ଚାଲିଥିବା ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପର ୪ଟି ଯାକ କ୍ୱାର୍ଟରଫାଇନାଲ ମ୍ୟାଚ୍ ଗୁରୁବାର ଖେଳାଯାଇଥିଲା। ଏଥିରେ ରେଲୱେ, ମଣିପୁର, ଓଡ଼ିଶା ଓ ତାମିଲନାଡୁ ବିଜୟୀ ହୋଇ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ୨୯ ତାରିଖରେ ୨ଟି ଯାକ ସେମିଫାଇନାଲ ମ୍ୟାଚ୍ ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯିବ। ପ୍ରଥମ ସେମିଫାଇନାଲ ରେଲୱେ ଓ ମଣିପୁର ମଧ୍ୟରେ ହେବ। ଘରୋଇ ଓଡ଼ିଶା ଦଳ ଦ୍ୱିତୀୟ ସେମିମୁକାବିଲାରେ ତାମିଲନାଡୁକୁ ଭେଟିବ। ବିଡ଼ାନାସୀ ଗ୍ରାଉଣ୍ଡରେ ଖେଳାଯାଇଥିବା କ୍ୱାର୍ଟରଫାଇନାଲରେ ଓଡ଼ିଶା ୧-୦ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧର ଖେଳ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୭୭ତମ ମିନିଟରେ ଓଡ଼ିଶା ପକ୍ଷରୁ ଅଞ୍ଜୁ ତମାଙ୍ଗ ଏକମାତ୍ର ଗୋଲ ସ୍କୋର କରିଥିଲେ। ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ରେଲୱେ ୪-୦ ଗୋଲରେ ହରିୟାଣାକୁ ପରାସ୍ତ କରିଥିଲା। ତାମିଲନାଡୁ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚର ଫଳାଫଳ ଟାଇବ୍ରେକର ପଦ୍ଧତିରେ ନିର୍ଣ୍ଣୟ କରାଯାଇଥିଲା। ତାମିଲନାଡୁ ପକ୍ଷରୁ ୪୮ତମ ମିନିଟରେ ଓ ଦିଲ୍ଲୀ ପକ୍ଷରୁ ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ହୋଇଥିଲା। ପରେ କୌଣସି ଗୋଲ ନ ହେବା ଯୋଗୁ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲା। ଏଥିରେ ତାମିଲନାଡୁ ୩-୨ ଗୋଲରେ ଦିଲ୍ଲୀକୁ ପରାସ୍ତ କରିଛି। ସେହିପରି ମଣିପୁର ୪-୧ ଗୋଲରେ ପଞ୍ଜାବକୁ ହରାଇଛି। ମଣିପୁର ପକ୍ଷରୁ ଡି. ଗ୍ରେସ୍ ୨ଟି ଗୋଲ ସ୍କୋର କରିଥିଲେ।

### ଫାଓ ଲିଗ୍: ମ୍ୟାଚ୍ ଡ୍ର

କଟକ ଅଫିସ,୨୭।୯

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ର ଗୁରୁବାର ମଙ୍ଗଳା କ୍ଲବ ଓ ରାଧାଗୋବିନ୍ଦ କ୍ଲବ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ରାଧାଗୋବିନ୍ଦ କ୍ଲବ ପକ୍ଷରୁ ନରେନ ସୁନା (୨୨ତମ ମିନିଟ) ଓ ମଙ୍ଗଳାକ୍ଲବ ପକ୍ଷରୁ ସାଗର ରାଉତ (୬୧ତମ ମିନିଟ)ରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ ।

**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଅଧିସୂଚନା**

No. RDM-LAA-JAJ-0014-2018/29343 R&DM, Dated 8 Aug. 2018

No.: XXIV-61: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଲୀ ବାମ ପାର୍ଶ୍ୱ କେନାଲର ସୁକିନ୍ଦା ଶାଖା କେନାଲ, ହାତିବାରି ମାଇନର, ନିମାପାଲି ମାଇନର ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- କରଡ଼ାପାଳ (ଅତିରିକ୍ତ), ଥାନା- ସୁକିନ୍ଦା ସଂ.୧୮୦, ତହସିଲ- ସୁକିନ୍ଦା, ଜିଲ୍ଲା- ଯାଜପୁରରେ ନିମ୍ନ ତଫସିଲମତେ ପ୍ରାୟ ଏ.୦.୦୬ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;
ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।
ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ ନଂ.-୩, ଡୁବୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଲୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଯାଜପୁର | ସୁକିନ୍ଦା | କରଡ଼ାପାଳ (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୦.୧୨ | ଏ.୦.୦୬ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ଅଭୟ କୁମାର ନାୟକ)**
**ଯୁଗ୍ମ ଶାସନ ସଚିବ**

**ଜମି ଅନୁସୂଚୀ**

ଗ୍ରାମର ନାମ- କରଡ଼ାପାଳ (ଅତିରିକ୍ତ), ଥାନାର ନାମ- ସୁକିନ୍ଦା ନଂ.୧୮୦, ତହସିଲ- ସୁକିନ୍ଦା, ଜିଲ୍ଲା- ଯାଜପୁର
ଜମି ଅଧିଗ୍ରହଣ କେସ୍ ନଂ.:

| କ୍ରମିକ ନଂ. | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକରରେ) | ଅଧିସୂଚିତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୩୮୨ | ୨୫୫୦ | ୦.୧୨ | ୦.୦୬ | ଫକୀର ଦୋରା ଓଗେର, ପିତା- ଲୋକନାଥ ଦୋରା, ଜା: ଖଣ୍ଡାୟତ, ବା: ନିଜଗାଁ | |
| | | | ମୋଟ | ୦.୦୬ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧(ଏକ), ମୋଟ ଅଧିଗୃହୀତ ଜମି: ୦.୦୬ ଏକର।

24001/14/0294/1819

**OFFICE OF THE REGULATED MARKET COMMITTEE, BARGARH**

At- Bargarh, Po - Bargarh
Dist - Bargarh (Odisha), PIN - 768028
Tender Call Notice No. 716 / RMC Dated : 26.09.2018
Bid Identification No. 4/RMC-Bargarh/2018-19

**E-Procurement Notice IFB (Invitation for bids)**

| Sr. No. | Item | | Details |
|---|---|---|---|
| 1. | The A.D.M., Bargarh-Cum-Chairman RMC Bargarh invites percentage rate bids in Double cover system in ONLINE MODE only for work as detailed below: | | |
| 2. | Nature of the Work | : | Consutruction of Developmental Work, Cover shed and repairs and renovation of existing infrasture in different Market Yards under RMC, Bargarh. |
| 3. | Bid Cost | : | Rs. 10000.00 online transfer |
| 4. | Value of Tender | : | Rs. 535.67 Lakhs |
| 5. | Class of Contractor | : | A & Special Class |
| 6 | Availability of Bid Documents in the website | : | Dt. 28.09.2018 to 23.10.2018 |
| 7 | Last date / time of Receipt of bids in the portal | : | Dt. 23.10.2018 upto 5.00 P.M. |
| 8 | Date of opening of Bid | : | Dt. 25.10.2018 at 3.00 P.M. |
| 9 | The Bidders have to participate in ONLINE bidding only. Further details can be seen from the website : https://tendersorissa.gov.in. Any Addendum / Corrigendum/ Cancellation of the Tender etc can also be seen in the website : https://tendersorissa.gov.in | | |

**Sd./- A.D.M., Bargarh-cum-Chairman, RMC, Bargarh**

**BERHAMPUR MUNICIPAL CORPORATION, GANJAM**

No.282-C

**INVITATION FOR BIDS (IFB)**

L. No. 15538/X-E-3-31/2017 Date: 26.09.18

**Invitation for Bids**
**Bid Identification No. BMC (BAM) 176 / 2018-19**

| | | |
|---|---|---|
| 1. | The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A". | |
| 2. | Nature of work | Civil works and others |
| 3. | No. of work | 8 |
| 4. | Bid cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5. | E.M.D | The bidders shall remit online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6. | Class of contractor | As per the Annexure "A" |
| 7. | Availability of bid documents in the website | **From 15.05 hrs. of Dt.29.09.18 to 17.00 hrs. of 11.10.18** |
| 8. | Date of opening of bid | 11.30 hrs. onwards on Dt.12.10.18 |
| 9. | Mode of submission of tender | Tender should submitted online in **www.tendersorissa.gov.in**. |
| 10. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum / corrigendum / cancellation of tender can also be seen in the said website only. | |

**Sd./- Commissioner**
**Berhampur Municipal Corporation**
**Berhampur, Odisha**

13035/11/0119/1819

> ଦୌଡ଼ରେ 'ହିଜାବ' ମୋ ପାଇଁ ସମସ୍ୟା ସୃଷ୍ଟି କରୁନାହିଁ । ତେଣୁ ଏହାକୁ ନେଇ ଆଲୋଚନା ହେବା ଉଚିତ୍ ନୁହେଁ ।
> –ମାରିଆମ ଫରିଦ୍, କାତାର ଆଥଲେଟ



> ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଆମ ଦଳର ପ୍ରଦର୍ଶନ ବିଶ୍ୱକପ୍ ଟିମ୍‌ଗୁଡ଼ିକ ଲାଗି ଏକ ସତର୍କଘଣ୍ଟି ଭଳି ।
> –ଅସ୍‌ଗର ଆଫଗାନ, ଆଫଗାନିସ୍ତାନ କ୍ରିକେଟ ଅଧିନାୟକ










କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସ ମହିଳା ପୋଲଭଲ୍ଟ ଅବସରରେ ଜଣେ ପ୍ରତିଯୋଗୀ । ମହିଳା ୪x୧୦୦ ମିଟର ରିଲେ ରେସ୍‌ର କୃତୀ ପ୍ରତିଯୋଗୀମାନେ ପୋଡିୟମରେ ପଦକ ସହ । ମହିଳା ୫୦୦୦ ମିଟର ରେସ୍ । (ଫଟୋ: ମୌସମ)

## ସଂକ୍ଷେପରେ

### ସୋହିନୀଙ୍କୁ ତ୍ରିମୁକୁଟ

ଭୁବନେଶ୍ୱର, ୨୭ା୯(କ୍ରୀଡ଼ା ପ୍ରତିନିଧି): ଓଡ଼ିଶା ଟେନିସ ପ୍ରତିଭା ସୋହିନୀ ଏସ.ମହାନ୍ତି ହରିୟାଣାର କର୍ନାଲଠାରେ ଅନୁଷ୍ଠିତ ୧୨ ଓ ୧୪ ବର୍ଷରୁ କମ୍ ଟେନିସ ଟୁର୍ନାମେଣ୍ଟରେ ତ୍ରିମୁକୁଟ ହାସଲ କରିଛନ୍ତି। ଫରହାନ ଟେନିସ ଏକାଡେମୀରେ ପ୍ରଶିକ୍ଷଣପ୍ରାପ୍ତ ସୋହିନୀ ୧୨ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଏବଂ ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସରେ ଟାଇଟଲ ବିଜୟୀ ହୋଇଥିଲେ। ୧୨ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ସେ ଦିଲ୍ଲୀର ଦିବ୍ୟା ଉନ୍‌ଗ୍ରିଶଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ୧୪ ବର୍ଷରୁ କମ୍ ସିଙ୍ଗଲ୍ସ ଫାଇନାଲରେ ମଧ୍ୟ ସେ ଦିବ୍ୟାଙ୍କୁ ୬-୦, ୬-୧ ସେଟ୍‌ରେ ହରାଇ ଦେଇଥିଲେ। ଡବଲ୍ସରେ ସେ ଦିବ୍ୟାଙ୍କୁ ସାଥିକରି ସାଇଜାନି ଓ ମାର୍ଲିନ ସ୍ୱିଟି ଯୋଡ଼ିଙ୍କୁ ୬-୦, ୫-୭(୧୦-୫) ସେଟ୍‌ରେ ପରାସ୍ତ କରିଥିଲେ।

### କୋରିଆ ଓପନ୍ କ୍ୱାର୍ଟରରେ ସାଇନା

ସିଓଲ, ୨୭ା୯(ପି.ଟି.): ତାରକା ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ସାଇନା ନେହ୍‌ୱାଲ ଏଠାରେ ଚାଲିଥିବା ୬ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ କୋରିଆ ଓପନ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିଶ୍ୱର ପ୍ରାକ୍ତନ ଏକ ନମ୍ବର ସଟ୍‌ଲର ସାଇନା ୨୧-୧୮, ୨୧-୧୮ ସିଧାସଳଖ ଗେମ୍‌ରେ କୋରିଆର କିମ୍ ଗା ଉନ୍‌ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱମାନ୍ୟତାର ୧୦ମ ସ୍ଥାନରେ ରହିଥିବା ସାଇନାଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୩୭ ମିନିଟ୍ ସମୟ ଲାଗିଥିଲା। ପରବର୍ତ୍ତୀ ରାଉଣ୍ଡରେ ସାଇନାଙ୍କ ମୁକାବିଲା ୨୦୧୭ ବିଶ୍ୱ ଚାମ୍ପିୟନ ନାଜୋମି ଓକୁହାରାଙ୍କ ସହ ହେବ।

### ଦୋହାରେ କୁଲିଂ ସିଷ୍ଟମ ସହ ପିଙ୍କ୍ ଟ୍ରାକ୍

ଦୋହା, ୨୭ା୯ (ପି.ଟି.)-ଆଉ ବର୍ଷକ ପରେ ମଧ୍ୟପ୍ରାଚ୍ୟରେ ପ୍ରଥମ ଥର ଆଇଏଏଏଫ୍ ୱାର୍ଲ୍ଡ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଦୋହାସ୍ଥିତ ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଏହା ଆୟୋଜିତ ହେବ। ଏଥିରେ ନୂଆ ପିଙ୍କ୍ ଟ୍ରାକ ବିଛା ହୋଇଥିବାବେଳେ କୁଲିଂ ସିଷ୍ଟମ କରାଯାଇଛି। ଗୁରୁବାର ଏହାର ଉନ୍ମୋଚନ କରାଯାଇଛି। ଏକ ଆଉଟ୍‌ଡୋର ଷ୍ଟାଡିୟମରେ ପ୍ରଥମ ଥର ଏୟାର କଣ୍ଡିଶନିଂ ବ୍ୟବସ୍ଥା କରାଯାଇଛି। ଆଥ୍‌ଲେଟ୍‌ମାନେ ଏହାର ଅଭିଜ୍ଞତା ହାସଲ କରିବେ। ଦୋହାର ୪୦ ଡିଗ୍ରୀ ସେଲସିୟସ ତାପମାତ୍ରା ଆଥଲେଟମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାନ୍ତା। ତେଣୁ ଏଥିଲାଗି ଏସି ନୋଜଲ୍ସର ବ୍ୟବସ୍ଥା କରିଛନ୍ତି। ଏଗୁଡ଼ିକ ଷ୍ଟାଡିୟମ ଭିତରକୁ ଥଣ୍ଡା ପବନ ପ୍ରବାହିତ କରିବେ। ଏହାଦ୍ୱାରା ତାପମାତ୍ରା ୨୪ରୁ ୨୬ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇବ। ଖଲିଫା ଷ୍ଟାଡିୟମର ଆସନ ସଂଖ୍ୟା ୪୮,୦୦୦ ରହିଛି। ପ୍ରତିଯୋଗିତା ସମୟରେ ଏସି ନୋଜଲ୍ସଗୁଡ଼ିକ ବ୍ଲକ୍ କରିଦିଆଯିବାର ବ୍ୟବସ୍ଥା କରାଯିବ। ଏସିରୁ ନିର୍ଗତ ଥଣ୍ଡା ପବନ ସିଧାସଳଖ ଛଡ଼ା ନ ଯାଇ ଉପରମୁହାଁ କରିଦିଆଯିବ। ତେବେ ଜାଭେଲିନ ଥ୍ରୋ ବେଳେ ଏହି ସିଷ୍ଟମକୁ କିଛି ସମୟ ପାଇଁ ବନ୍ଦ କରିଦିଆଯିବ। ବିଶ୍ୱ ଚାମ୍ପିୟନଶିପ୍ ପୂର୍ବରୁ ଦୋହାରେ ହେବାକୁ ଥିବା ଏସିଆନ ଚାମ୍ପିୟନଶିପ୍‌ରେ ନୂଆ ବ୍ୟବସ୍ଥାର ପରୀକ୍ଷା ହେବ। ନୂଆ ବ୍ୟବସ୍ଥା ଯଦି ସଫଳତାର ସହ କାର୍ଯ୍ୟ କରେ ତେବେ ୨୦୨୨ ଫିଫା ବିଶ୍ୱ କପ୍ ଆୟୋଜନ ସମୟରେ ଏହି ଅଭିଜ୍ଞତା ବିଶେଷ ଉପଯୋଗୀ ହେବ ବୋଲି ଆଇଏଏଏଫ୍ ଉପସଭାପତି ଏବଂ ସ୍ଥାନୀୟ ଆୟୋଜକ କମିଟି ମହାନିର୍ଦ୍ଦେଶକ ଦହଲାନ ଅଲ୍ ହମାଦ ପ୍ରକାଶ କରିଛନ୍ତି।

### ଲା ଲିଗାରେ ବିପର୍ଯ୍ୟୟ

ମାଡ୍ରିଡ୍, ୨୭ା୯(ଏଏଫ୍‌ପି): ସ୍ପାନିଶ ଲା ଲିଗାରେ ବୁଧବାର ରାତିରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ତାରକା ଖଚିତ ବାର୍ସିଲୋନା ଓ ରିୟଲ ମାଡ୍ରିଡ ଦଳ ନିଜ ନିଜ ମ୍ୟାଚ୍‌ରେ ପରାଜୟର ସାମ୍ନା କରିଛନ୍ତି। ପଏଣ୍ଟ ଟେବୁଲର ନିମ୍ନରେ ରହିଥିବା ଲେଗାନେସ ୬୮ ସେକେଣ୍ଡ ମଧ୍ୟରେ ଦୁଇଟି ଗୋଲଦେଇ ଟେବୁଲ ଟପ୍ପର ବାର୍ସିଲୋନାକୁ ଚକ୍‌ମା ଦେଖାଇଥିଲା। ପ୍ରତିଯୋଗିତାରେ ବାର୍ସିଲୋନାର ୬ଷ୍ଠ ମ୍ୟାଚ୍‌ରୁ ଏହା ପ୍ରଥମ ପରାଜୟ ଥିଲା। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ସେଭିଲା ପ୍ରଥମାର୍ଦ୍ଧରେ ତିନୋଟି ଗୋଲସ୍କୋର କରି ରିୟଲ ମାଡ୍ରିଡ୍‌କୁ ୩-୦ରେ ହରାଇ ଦେଇଛି। ପର୍ତ୍ତୁଗାଲର ୨୨ ବର୍ଷୀୟ ଫରୱାର୍ଡ ଆନ୍ଦ୍ରେ ସିଲ୍‌ଭା ଡବଲ ଗୋଲ (୧୭ ଓ ୨୧ତମ ମିନିଟ୍) ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଫାଇନାଲରେ ଅମିୟ, ଶ୍ରୀଶଙ୍କରଙ୍କ କୀର୍ତ୍ତିମାନ

**ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୭ା୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୫୮ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ପାଇଁ ପ୍ରଥମ ପଦକ ସମ୍ଭାବନା ସୃଷ୍ଟି କରିଛନ୍ତି ଧାବକ ଅମିୟ କୁମାର ମଲିକ। ଗୁରୁବାର ଅନୁଷ୍ଠିତ ପୁରୁଷ ୨୦୦ ମିଟର ସେମିଫାଇନାଲରେ ସେ ୨୧.୬୫ ସେକେଣ୍ଡ ସମୟ ନେଇ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରତିଯୋଗିତାର ଅନ୍ତିମ ଦିବସ ଅର୍ଥାତ୍ ଶୁକ୍ରବାର ୨୦୦ ମିଟର ଫାଇନାଲ ଅନୁଷ୍ଠିତ ହେବ। ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ କେରଳର ଏମ୍.ଶ୍ରୀଶଙ୍କର ଜାତୀୟ ରେକର୍ଡ ଭାଙ୍ଗିବା ଥିଲା ତୃତୀୟ ଦିବସର ସବୁଠାରୁ ଚର୍ଚ୍ଚିତ ଘଟଣା। ୨୦୦ ମିଟର ଯୋଗ୍ୟତା ପର୍ଯ୍ୟାୟ ଅର୍ଥାତ୍ ପ୍ରଥମ ରାଉଣ୍ଡ ହିଟ୍ ନମ୍ବର ୨ରେ ଅମିୟ ୨୧.୭୧ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହିବା ସହ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ହିଟ୍‌ରେ ଅନ୍ୟ ସମସ୍ତ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଅମିୟଙ୍କ ଟାଇମିଂ ଭଲ ଥିଲା। ସେମିଫାଇନାଲରେ ସେ ଟାଇମିଂରେ ଉନ୍ନତି ଆଣିଥିବାରୁ ଫାଇନାଲରେ ଭଲ ସ୍ଥିତିରେ ରହି ପଦକ ପାଇବା ଆଶା ରହିଛି। ୨୦୦ ମିଟର ଫାଇନାଲରେ ପ୍ରବେଶ କରିଥିବା ଅନ୍ୟ ପ୍ରତିଯୋଗୀମାନେ ହେଲେ କର୍ଣ୍ଣାଟକର ସୁହାସ ଏସ.ଗୌଡ଼ା(୨୧.୯୨), ଏମ.ଜେ. ଅଶ୍ୱିନ(୨୧.୯୪), ସର୍ଭିସେସର କେ.ଅଶୋକ(୨୧.୫୩), ସଞ୍ଜିତ (୨୧.୨୩), ବିଦ୍ୟାସାଗର (୨୧.୪୪), ପଞ୍ଜାବର ଗୁରଲାଲ ସିଂ (୨୧.୭୫) ଓ ମଣିପୁରର ଅକ୍ଷୟ ଫାଦ୍(୨୨.୦୧)।

ପୁରୁଷ ଜାଭେଲିନ ଥ୍ରୋରେ କିନ୍ତୁ ନିରାଶ କରିଛନ୍ତି ଓଡ଼ିଶାର ଚିନ୍ମୟ ରଞ୍ଜନ ଜେନା। ସେ ଯୋଗ୍ୟତା ପର୍ଯ୍ୟାୟରେ ୬୨.୮୭ ମିଟର ଦୂରକୁ ଥ୍ରୋ କରି ୧୪ତମ ସ୍ଥାନରେ ରହିଥିଲେ। ଶ୍ରେଷ୍ଠ ୧୨ ସ୍ଥାନରେ ରହିଥିବା ପ୍ରତିଯୋଗୀ ଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଓଏନଜିସି ପକ୍ଷରୁ ପ୍ରତିନିଧିତ୍ୱ କରିବାକୁଥିବା ଅନ୍ୟତମ ଓଡ଼ିଆ ପ୍ରତିଯୋଗୀ ଜଉନା ମୁର୍ମୁ ମହିଳା ୪୦୦ ମିଟର ହର୍ଡଲ୍ସରୁ ଶେଷ ମୁହୂର୍ତ୍ତରେ ଓହରି ଯାଇଥିଲେ। ଅଭ୍ୟାସ ବେଳେ ଆହତ ହେବାରୁ ସେ ଏହି ଇଭେଣ୍ଟରୁ ଓହରି ଯାଇଥିବା ଜଉନା ପ୍ରକାଶ କରିଛନ୍ତି।




୨୦୦ ମିଟର ରେସ୍ ଅବସରରେ ଓଡ଼ିଶାର ଅମିୟ ମଲ୍ଲିକ (ଡାହାଣ)।

**ମହିଳା ୨୦ କି.ମି. ଚାଲି**

ହରିୟାଣାର ରବିନା ମହିଳା ୨୦ କିଲୋମିଟର ଚାଲିରେ ୧:୪୨.୩୨ ସେକେଣ୍ଡ ସମୟ ନେଇ ତୃତୀୟ ଦିବସରେ ପ୍ରଥମ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ରେଲୱେର ପ୍ରିୟଙ୍କା ୧:୪୫.୩୨ ସେକେଣ୍ଡ ସହ ରୌପ୍ୟ ଓ ଚଣ୍ଡିଗଡ଼ର ବନ୍ଦନା ୧:୪୯.୨୫ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି।

**ମହିଳା ଡିସ୍‌କସ୍ ଥ୍ରୋ**

ଅପରାହ୍ନରେ ଅନୁଷ୍ଠିତ ମହିଳା ଡିସ୍‌କସ୍ ଥ୍ରୋ ଫାଇନାଲରେ ରେଲୱେ ପ୍ରତିଯୋଗୀମାନେ ସୁଇପ୍ କରିଛନ୍ତି। କମଲପ୍ରୀତ କୌର ୫୬.୧୧ ମିଟର ସହିତ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ନଭଜିତ କୌର ଧିଲୋନ ୫୪.୮୧ ଓ ସନ୍ଦୀପ କୁମାରୀ ୫୩.୯୬ ମିଟର ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଅଧିକାର କରିଛନ୍ତି।

**ମହିଳା ପୋଲଭଲ୍ଟ**

ମହିଳା ପୋଲଭଲ୍ଟରେ କର୍ଣ୍ଣାଟକର ଖ୍ୟାତି ଭଖରିଆ ୪ ମିଟର କ୍ଲିୟର କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ରେଲୱେର କ୍ରିଷ୍ଣା ରଚନ ୩.୯୫ ଓ କର୍ଣ୍ଣାଟକର ମାରିଆ ଜୟସନ ୩.୭୦ ମିଟର ସହ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

**ପୁରୁଷ ହାମର ଥ୍ରୋ**

ସର୍ଭିସେସ୍‌ର ତରନବୀର ସିଂ ପୁରୁଷ ହାମର ଥ୍ରୋରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୬୩.୧୨ ମିଟର ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓଏନଜିସିର ଦମନୀତ ସିଂ ୬୨.୨୭ ମିଟର ସହ ରୌପ୍ୟ ଓ ରେଲୱେର ସୁଖଦେବ ସିଂ ୬୧.୫୬ ମିଟର ସହିତ ବ୍ରୋଞ୍ଜ ପଦକ ପାଇଥିଲେ।

**ପୁରୁଷ ଶଟ୍‌ପୁଟ୍**

ସର୍ଭିସେସର ପ୍ରବୀଣ ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ନିଜ ଦ୍ୱିତୀୟ ଉଦ୍ୟମରେ ୧୮.୭୬ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପଞ୍ଜାବର ଯଶଦୀପ ସିଂ(୧୮.୭୩) ରୌପ୍ୟ ଓ ରେଲୱେର ସୁନୀଲ କୁମାର (୧୮.୦୯) ବ୍ରୋଞ୍ଜ ପଦକ ଜିତିଛନ୍ତି।

**ପୁରୁଷ ୫୦୦୦ ମିଟର**

ଗୁଜରାଟର ମୁରଲୀ କୁମାର ଗାଭିତ୍ ପୁରୁଷ ୫୦୦୦ ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେ ୧୪:୩୫.୩୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ରେଲୱେର ଅଭିଷେକ ପାଲ୍ (୧୪:୩୬.୬୨) ରୌପ୍ୟ ଓ ସର୍ଭିସେସର ମାନ୍ ସିଂ(୧୪:୩୭.୧୮) ବ୍ରୋଞ୍ଜ ପଦକ ଜିତିଥିଲେ।

**ରେସ୍ ଶେଷ କରିପାରିଲେନି ସମସାଦ**

ମହିଳା ୫୦୦୦ ମିଟରରେ ରେସ୍ ଶେଷ କରିପାରି ନାହାନ୍ତି ଓଡ଼ିଶାର ସମସାଦ ଆରା ବେଗମ। ଏହି ଇଭେଣ୍ଟରେ ରେଲୱେର ଏଲ.ସୂର୍ଯ୍ୟା ୧୬:୧୦.୩୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରେଲୱେର ପାରୁଲ ଚୌଧାରୀ ୧୬:୧୩.୮୮ ସେକେଣ୍ଡ ସହ ରୌପ୍ୟ ଏବଂ ଏଲଆଇସିରୁ ପ୍ରତିନିଧିତ୍ୱ କରୁଥିବା ମୋନିକା ଆଥାରେ ୧୬:୨୪.୪୨ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ।

**ମହିଳା ୪x୧୦୦ ମିଟର ରିଲେ**

ତାମିଲନାଡୁ ଦଳ ମହିଳା ୪x୧୦୦ ମିଟର ରିଲେ ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହି ଦଳ ୪୬.୦୩ ସେକେଣ୍ଡ ସମୟ ନେଇଥିବାବେଳେ ରେଲୱେ ଦଳ ୪୬.୩୮ ସେକେଣ୍ଡ ସହ ରୌପ୍ୟ ଏବଂ ମହାରାଷ୍ଟ୍ର ଟିମ୍ ୪୭.୧୨ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛି।

**ପୁରୁଷ ୪x୧୦୦ ମିଟର ରିଲେ**

ମହାରାଷ୍ଟ୍ର ଦଳ ପୁରୁଷ ୪x୧୦୦ ମିଟର ରିଲେରେ ୪୦.୫୪ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଛି। ପଞ୍ଜାବ ୪୦.୭୯ ଓ ମଣିପୁର ୪୦.୯୬ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛି।

## ପୁରୁଷ ଲଙ୍ଗଜମ୍ପରେ ଜାତୀୟ ରେକର୍ଡ

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ଲଙ୍ଗଜମ୍ପ ଇଭେଣ୍ଟରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି କେରଳର ଏମ.ଶ୍ରୀଶଙ୍କର। ସେ ୮.୨୦ ମିଟର ଦୂର ଲମ୍ଫ ପ୍ରଦାନ କରି ସ୍ୱର୍ଣ୍ଣ ପଦକ ହାସଲ ସହ ଉଭୟ ଜାତୀୟ ଓ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ପୁରୁଷ ଲଙ୍ଗଜମ୍ପରେ ଏପର୍ଯ୍ୟନ୍ତ ଜାତୀୟ ରେକର୍ଡର ଅଧିକାରୀ ଥିଲେ ଅଙ୍କିତ ଶର୍ମା। ସେ ୨୦୧୬ ଜୁନ ୨୬ରେ କାଜାଖସ୍ତାନର ଅଲ୍‌ମାଟିରେ ୮.୧୯ ମିଟର ଜମ୍ପ କରିଥିଲେ। ଅଙ୍କିତ ପୂର୍ବରୁ ମିଟ୍ ରେକର୍ଡର ମଧ୍ୟ ଅଧିକାରୀ ଥିଲେ। ସେ ୨୦୧୪ରେ ନୂଆଦିଲ୍ଲୀଠାରେ ୭.୮୭ ମିଟର ଡେଇଁ ଏହି କୃତିତ୍ୱ ଅର୍ଜନ କରିଥିଲେ। ଭୁବନେଶ୍ୱରରେ ଶ୍ରୀଶଙ୍କର ପ୍ରଥମ ଉଦ୍ୟମରେ ୭.୯୫ ମିଟର ଡେଇଁଥିବାବେଳେ ଦ୍ୱିତୀୟ ଉଦ୍ୟମ ଫାଉଲ୍ ହୋଇଥିଲା। ତୃତୀୟ ଉଦ୍ୟମରେ ସେ ୮.୧୧ ମିଟର କ୍ଲିୟର କରିଥିବାବେଳେ ୪ର୍ଥ ଉଦ୍ୟମରେ ଫାଉଲ୍ କରିଥିଲେ। ୫ମ ଉଦ୍ୟମରେ କ୍ୟାରିୟର ଶ୍ରେଷ୍ଠ ୮.୨୦ ମିଟର ଡେଇଁ ଜାତୀୟ ରେକର୍ଡ ଭାଙ୍ଗିଥିଲେ। ସର୍ଭିସେସର ଜିନେଶ ଭୋ ୭.୯୫ ମିଟର ଡେଇଁ ରୌପ୍ୟ ଏବଂ ହରିୟାଣାର ସାହିଲ ମହାବଳୀ ୭.୮୧ ମିଟର ଜମ୍ପ କରି ବ୍ରୋଞ୍ଜ ପଦକ ହାସଲ କରିଥିଲେ।




ଏମ.ଶ୍ରୀଶଙ୍କର

## ଜାତୀୟ ରୋଇଂ ପାଇଁ ଓଡ଼ିଶା ଦଳ

କଟକ ଅଫିସ, ୨୭ା୯

ମଧ୍ୟପ୍ରଦେଶର ଭୋପାଳଠାରେ ଅକ୍ଟୋବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ୩୯ତମ ଜୁନିୟର ଜାତୀୟ ରୋଇଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ବାଳକ ବର୍ଗରେ ପ୍ରୀତିବନ୍ତ ଜେନା, ଲାଜରୁସ ଧନୱାର, ଅଲବିନ ଟପ୍ପୋ, ରାକେଶ ତିର୍କୀ ଓ ଆଲୋକ ମିଞ୍ଜ, ବାଳିକା ବର୍ଗରେ ରେଶ୍ମା କୁମାରୀ ମିଞ୍ଜ, ଅସ୍ମିତା କେରକେଟା, ସୋନାଲିକା ଦାସ, ରିତୁ କୌଦି, ସୋନାଲୀ ସ୍ୱାଇଁ, ଦୀପିକା ଖେସ୍, ରେଶ୍ମା ଲାକ୍ରା, ରିଚେଲ ଲାକ୍ରା, ସବିତା ସୋରେଙ୍ଗ ଓ ନୂତ ସାଇନି ତିର୍କି ପ୍ରତିଯୋଗିତାରେ ଭାଗନେବେ। ବାଳକମାନେ ପ୍ରତିଯୋଗିତାର ୨ଟି ଇଭେଣ୍ଟରେ ଓ ବାଳିକାମାନେ ୪ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ। କୋଚ୍ ପି.ଟି. ପାଲୁସଙ୍କ ନେତୃତ୍ୱରେ ଦଳ ୩୦ ତାରିଖରେ ଭୋପାଳ ଅଭିମୁଖେ ଯାତ୍ରା କରିବ। ଓଡ଼ିଶା ଆସୋସିଏଶନ ଫର୍ ରୋଇଂ ଆଣ୍ଡ୍ ସ୍କଲିଂର ସଭାପତି ବିନୋଦ ଦାସ, ସମ୍ପାଦକ ଅମରଜ୍ୟୋତି ସିଂ ଦେଓ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।



ଜାତୀୟ ରୋଇଂ ଚାମ୍ପିୟନଶିପ ପାଇଁ ମନୋନୀତ ଓଡ଼ିଶା ଦଳ।

## ଭାରତରେ ହେବ ଡିଫ୍ ଟି୨୦ ବିଶ୍ୱକପ୍

ନୂଆଦିଲ୍ଲୀ, ୨୭ା୯(ପି.ଟି.)

ଆସନ୍ତା ନଭେମ୍ବରରେ ଭାରତରେ ଡିଫ୍ (ବଧିର) ଆଇସିସି ଟି୨୦ ବିଶ୍ୱକପ୍ ଅନୁଷ୍ଠିତ ହେବ। ଗୁରୁଗାଁଓଠାରେ ନଭେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି ବିଶ୍ୱକପ୍ ଖେଳାଯିବ ବୋଲି ଆୟୋଜକ ଡିଫ୍ କ୍ରିକେଟ ସୋସାଇଟି (ଡିସିଏସ୍) ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି। ଆଠଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଆୟୋଜକ ଭାରତ ସମେତ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ନେପାଳ, ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକାର ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଆଠଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିବାବେଳେ ପ୍ରତି ଗ୍ରୁପ୍‌ର ଦୁଇଟି ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଡିଫ୍ କ୍ରିକେଟ ସୋସାଇଟି (ଡିସିଏସ୍) ଭାରତରେ ଡିଫ୍ କ୍ରିକେଟର ଉନ୍ନତି ପାଇଁ କାର୍ଯ୍ୟ କରୁଛି। ଡିଫ୍ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନସିଲ (ଡିଫ୍ ଆଇସିସି) ସହ ଡିସିଏସ୍ ଅନୁବନ୍ଧିତ ହୋଇଛି। 'କ୍ରିକେଟ ବର୍ତ୍ତମାନ ବି ଭାରତରେ ଏକ ସବୁଠାରୁ ଲୋକପ୍ରିୟ ଖେଳ ହୋଇ ରହିଛି। ୨୦୧୭ରେ ୭୧୭ ମିଲିୟନ ଲୋକ ଟିଭିରେ ମ୍ୟାଚ୍ ଉପଭୋଗ କରିଥିଲେ।

## ୧୬ବର୍ଷ ପରେ କ୍ୱାର୍ଟରରେ ଭାରତ

କଟକ ଅଫିସ, ୨୭ା୯

ମାଲେସିଆଠାରେ ଚାଲିଥିବା ଏଏଫ୍‌ସି ୧୬ବର୍ଷରୁ କମ୍ ଫୁଟବଲ ଚାମ୍ପିୟନଶିପ୍‌ରେ ଭାରତ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ଦୀର୍ଘ ୧୬ ବର୍ଷ ପରେ ଭାରତକୁ ଏହି ସଫଳତା ମିଳିଥିବା ବେଳେ ଜାତୀୟ ଦଳରେ ଦୁଇ ଓଡ଼ିଆ ଖେଳାଳି ରହିଛନ୍ତି। ଏହି ଦୁଇ ଜଣ ହେଲେ ବିକି ଓରାମ ଓ ସମୀର କେରକେଟା। ପ୍ରତିଯୋଗିତାର ଗ୍ରୁପ୍-ସି'ରେ ସ୍ଥାନ ପାଇଥିବା ଭାରତ ୩ଟି ମ୍ୟାଚ୍‌ରୁ ୫ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଥିଲା। ଅକ୍ଟୋବର ୧ରେ ଦକ୍ଷିଣ କୋରିଆ ସହ ଭାରତ କ୍ୱାର୍ଟରଫାଇନାଲ ମ୍ୟାଚ୍ ଖେଳିବ। ଭାରତ ଯଦି ଏଥିରେ ବିଜୟଲାଭ କରେ ତେବେ ଆସନ୍ତା ୨୦୧୯ରେ ହେବାକୁଥିବା ୧୭ବର୍ଷରୁକମ୍‌ବିଶ୍ୱକପ୍‌ନିମନ୍ତେସିଧାସଳଖ ଯୋଗ୍ୟତା ହାସଲ କରିବ। ଜାତୀୟ ଦଳରେ ଥିବା ଦୁଇ ଓଡ଼ିଆ ଖେଳାଳି ଓରାମ ଓ ସମୀରଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।




ବିକି ଓରାମ
ସମୀର କେରକେଟା

# ୬୬ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ


ଓଡ଼ିଶା ପୋଲିସ ବାହିନୀର ବୃତ୍ତିଗତ ପ୍ରତିଯୋଗିତା ପରେଡ୍‌ରେ ଭାଗ ନେଇଥିବା ପୋଲିସଙ୍କ ସହ ଶ୍ୱାନ ବାହିନୀ।

**କଟକ ଅଫିସ, ୨୭।୯**

ଓଡ଼ିଶା ପୋଲିସ ବାହିନୀର ୬୬ତମ ବୃତ୍ତିଗତ ପ୍ରତିଯୋଗିତା ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ବକ୍ସିବଜାର ରିଜର୍ଭ ପୋଲିସ ପଡିଆଠାରେ ଆରମ୍ଭ ହୋଇଛି। ଅତିରିକ୍ତ ଡିଜିପି ତଥା ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନୀଲ କୁମାର ରାୟ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ରାୟ କହିଲେ, ଅପରାଧ ଅନୁସନ୍ଧାନ ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ସମୟର ପରିବର୍ତ୍ତନ ସହିତ ପୋଲିସ ନୂଆ ସମସ୍ୟା, ଆହ୍ୱାନ ଏବଂ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଏପରିସ୍ଥଳେ ପୋଲିସ କର୍ମଚାରୀମାନଙ୍କୁ ଅତ୍ୟାଧୁନିକ ଅନୁସନ୍ଧାନ ଓ ତଦନ୍ତ ପ୍ରକ୍ରିୟାକୁ ଆପଣେଇବାକୁ ହେବ। ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀଙ୍କ ସମେତ ଜିଲା ଓ ଥାନା ସ୍ତରରେ କାର୍ଯ୍ୟ କରୁଥିବା ପୋଲିସ ଅଫିସର ଓ କର୍ମଚାରୀଙ୍କୁ ସେମାନଙ୍କର ବୃତ୍ତିଗତ ଦକ୍ଷତାରେ ଉନ୍ନତି ଆଣି ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହେବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ କୁମାର ଉପାଧ୍ୟାୟ, ପୂର୍ବତନ ପୋଲିସ ଡିଜି ସଞ୍ଜୀବ ମାରିକ୍ ପ୍ରମୁଖ ଯୋଗ ଦେଇ ସେମାନଙ୍କ ମତ ରଖିଥିଲେ।

ଏହି ପ୍ରତିଯୋଗିତାରେ ରାଜ୍ୟର ୩୭ଟି ପୋଲିସ ଜିଲା ଏବଂ ପ୍ରତିଷ୍ଠାନର ୧୬୭ ଜଣ ପୁରୁଷ ଓ ୨୮ ଜଣ ମହିଳାଙ୍କୁ ମିଶାଇ ମୋଟ ୧୯୫ ପ୍ରତିଯୋଗୀ ଭାଗ ନେଇଛନ୍ତି। ୩ ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଫଟୋଗ୍ରାଫି, ଅଙ୍ଗୁଳିଛାପ, ବୈଜ୍ଞାନିକ ପଦ୍ଧତିରେ ଅନୁସନ୍ଧାନ, କମ୍ପ୍ୟୁଟର ଜ୍ଞାନକୌଶଳ ଦକ୍ଷତା, ସାଇବର ଅପରାଧ, ମେଡିକୋ-ଲିଗାଲ, ପୋଲିସ ଆଇନ୍‌କାନୁନ, ପୋଲିସ ଶ୍ୱାନ କୌଶଳ ପ୍ରଦର୍ଶନ ଓ ନିରୀକ୍ଷଣ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗିତାମାନ ଆୟୋଜିତ ହେବ। ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ସର୍ବଭାରତୀୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟତା ହାସଲ କରିବେ। ଆସନ୍ତା ୨୯ ତାରିଖ ସନ୍ଧ୍ୟାରେ ଏହାର ଉଦଯାପନୀ କାର୍ଯ୍ୟକ୍ରମରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।


ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ସୁନୀଲ କୁମାର ରାୟ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

TANISHQ
PROMISES.
ଗୋଟିଏ ବ୍ରାଣ୍ଡ, ଯାହାକୁ ଆପଣ ବିଶ୍ୱାସ କରିପାରିବେ ବର୍ତ୍ତମାନ ଓ କାଳକାଳକୁ ।

**ଗ୍ୟାରଣ୍ଟିଯୁକ୍ତ ଶୁଦ୍ଧତା ସାଙ୍ଗକୁ ୪%ରୁ ଆରମ୍ଭ ହେଉଥିବା ମଜୁରୀ ।**
ଅତ୍ୟାଧୁନିକ କ୍ୟାରେଟ୍‌ମିଟର ପ୍ରତି ତନିଷ୍କ ଷ୍ଟୋର୍‌ରେ ଥାଏ, ଯାହା ସୁନାର ଶୁଦ୍ଧତା ମାପିବାର ଅତି ସଠିକ୍ ଉପାୟ ଅଟେ। ଏହି ଉପାୟରେ, ଆପଣ ଘରକୁ ନେଉଥିବା ସୁନା ଯଥାଯୋଗ୍ୟ ଶୁଦ୍ଧ ବୋଲି ଆମେ ନିଶ୍ଚିତ କରିଥାଉ। କେବଳ ସେତିକି ନୁହେଁ, ଆମର ମଜୁରୀ ଆରମ୍ଭ ହୋଇଥାଏ ମାତ୍ର ୪% ରୁ ଆଉ ଆମ ରିଜିଅନାଲ୍ ଡିଜାଇନ ଗୁଡ଼ିକ କେବଳ 5 ଗ୍ରାମ୍ ରୁ ଆରମ୍ଭ ହୋଇଥାଏ, ମାନେ ଆପଣ ଯେବେବି ଅଳଙ୍କାର କିଣିବାକୁ ଚାହିଁବେ, ବିଶ୍ୱସନୀୟ ତନିଷ୍କ ଅଳଙ୍କାର ସୁନିଶ୍ଚିତ ବାଛିପାରିବେ।

**ପ୍ରତି ଗୋଷ୍ଠୀ ପାଇଁ ବିସ୍ତୀର୍ଣ୍ଣ ବର୍ଗମାଳା**
ତନିଷ୍କରୁ, ଆପଣ ନିଶ୍ଚିତ ଭାବେ ନିଜ ପସନ୍ଦର ଅଳଙ୍କାର ନେଇ ଯାଇପାରିବେ। କାରଣ, ଆମେ ପର୍ଯ୍ୟାପ୍ତ ବର୍ଗମାଳାର ଡିଜାଇନ ଅଫର୍ କରିଥାଉ, ତେଣିକି ଆପଣଙ୍କ ଗୋଷ୍ଠୀ ଯାହାବି ହେଉ।

**ଆପଣଙ୍କ ପୁରୁଣା ସୁନାର ସର୍ବୋତ୍ତମ ମୂଲ୍ୟ।**
ଆମର ପ୍ରତି ଶୋରୁମ୍ ରେ ପୁରୁଣା ସୁନା ଆପଣଙ୍କ ଆଖି ଆଗରେ ହିଁ ତରଳା ଯାଇଥାଏ, ଆପଣ ଗ୍ୟାରଣ୍ଟୀପୂର୍ବକ ସୁନାର ସର୍ବୋତ୍ତମ ବିନିମୟ ମୂଲ୍ୟ ପାଇଥାଆନ୍ତି। ଆପଣ ଡାଇମଣ୍ଡ, ପୋଲ୍‌କି, ରୁବୀ ବା ଏମେରାଲ୍‌ଡ ବିନିମୟ କଲାବେଳେ ତନିଷ୍କ ଆପଣଙ୍କୁ ସର୍ବୋତ୍ତମ ମୂଲ୍ୟ (ପ୍ରଚଳିତ ଦରରେ) ଦେଇଥାଏ।



TANISHQ
INDIA'S MOST LOVED JEWELLER
150 ବର୍ଷର ଟାଟା,
20 ବର୍ଷର ତନିଷ୍କ,
5 ନିୟୁତ ଗ୍ରାହକ,
266 ଷ୍ଟୋର୍,
164 ସହର।

A TATA PRODUCT
ରେଞ୍ଜ୍ ଆରମ୍ଭ ହେଉଛି ₹10,000 ରୁ।

ତନିଷ୍କ, ଗୋଟିଏ ଟାଟା ବ୍ରାଣ୍ଡ ରୂପେ ଉତ୍ତରାଧିକାର ସୂତ୍ରରେ ପାଇଛି ସେହି ମୂଲ୍ୟାୟନ, ଯାହାକୁ ନେଇ ଟାଟା ଗଢ଼ିଉଠିଛି । ବିଶ୍ୱାସ, ପାରଦର୍ଶିତା ଓ ସାଧୁତା ଆମକୁ ଏଭଳି ମୂଳଦୁଆ ପକାଇବାରେ ସାହାଯ୍ୟ କରିଛି, ଯାହା ଆମର ପ୍ରତିଟି କାର୍ଯ୍ୟ ବତାଇଦିଏ, ଅଳଙ୍କାର ନିର୍ମାଣ ଠାରୁ କଷ୍ଟମର୍ କେଆର୍ ପର୍ଯ୍ୟନ୍ତ ।

Shop online at www.titan.co.in/tanishq • www.tanishq.co.in • Follow us on: • Give a missed call on 1800 3010 5002 to know more.

Visit a Tanishq store near you.
For store location information visit tanishq.co.in/stores | Call: 1800 258 2598.

MARUTI SUZUKI

Maruti Suzuki Presents
Sona Chandi Utsav

THIS SEPTEMBER, BEGIN A NEW JOURNEY.
Book your favourite Maruti Suzuki Car and win Gold / Silver coins*

Hurry!!! Last 3 days



Scratch & win Contest
GET UPTO 10g GOLD/ SILVER COIN
ALTO 800 SAVE UP TO ₹ 50,000* | CELERIO SAVE UP TO ₹ 50,000* | WAGONR SAVE UP TO ₹ 65,000*

E-BOOK TODAY AT WWW.MARUTISUZUKI.COM. VISIT YOUR NEAREST MARUTI SUZUKI DEALERSHIP.
ALTO 800 | CELERIO | WAGONR

**NARAYANI MOTORS**
• BHUBANESWAR: 7381094890/0674-2588474, 0674-2588475, 0674-2588473
• PURI: 9583022035
• PARADEEP:9583022034/06722-228044

**ODYSSEY MOTORS**
• ANGUL: 7752076136,9776901481
• PALLAHARA: 7873565435,9437831123

**JYOTE MOTORS**
• BHUBANESWAR: LEWIS ROAD - 9776615020, 9776615035, 9776615032 NAYAPALLI - 7381355999, 7381366999 • KEONJHAR: 8599019854, 7064493469 • BARIPADA: 9437102597 • BHADRAK: 7381064240 • NAYAGARH: 7381028515 • BALASORE: 7064499108

**SKY AUTOMOBILES**
• BHUBANESWAR: 9776645711
• CUTTACK: 9776677771, 7381873818
• DHENKANAL: 9776900005 • JAJPUR: 9776900777

*Terms and conditions applicable. The Terms and Conditions are subject to change without any prior notice. All offers are brought to you by Maruti Suzuki Dealers only. Car models and accessories shown may vary from the actual product. Images used are for illustration purpose only. Savings mentioned include applicable consumer offer and exchange bonus. The savings mentioned are of Alto 800, WagonR AGS and Celerio AGS. Scratch & Win offer is valid on all models except Eeco and under this scheme, customers can win Gold coin upto 10 gm or silver coin upto 50 gm. This offer is valid till 30th Sept. 2018. All offers and the savings given above are applicable for the month of Sep'18 only. Offers as shown above may change without any prior notice.

35
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଭବିଷ୍ୟତ ପାଇଁ କେଉଁଟା ଶୁଭଦାୟକ ତାହା ଅତୀତ ବିଷୟରେ ହାସଲ କରିଥିବା ଜ୍ଞାନ ହିଁ କହିପାରିବ।
- କନ୍‌ଫୁସିୟସ



## ସଂକ୍ଷେପରେ

### ଖୋଲା ପଡ଼ିଆରୁ ଉଦ୍ଧାର ଶିଶୁପୁତ୍ର ଶିଶୁଭବନରେ ମୃତ

**ତିଗିରିଆ,୨୭।୯(ଡି.ଏନ୍.ଏ.):** କଟକ ଜିଲା ତିଗିରିଆ ଥାନା ମାନପୁର ଗ୍ରାମ ଅନ୍ତର୍ଗତ କଇଁଚି ପୋଖରୀ ନିକଟ ଏକ ପଡ଼ିଆରୁ ବୁଧବାର ଏକ ନବଜାତ ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିଲା। ଚିକିତ୍ସା ନିମନ୍ତେ ତାକୁ କଟକ ଶିଶୁ ଭବନରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁଟିର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ମାନପୁର ଗ୍ରାମର ସାରଙ୍ଗଧର ପାତ୍ରଙ୍କ ସ୍ତ୍ରୀ ପ୍ରତିମା ପାତ୍ର ସକାଳେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପଡିଆରେ ଏକ ଶିଶୁ କାନ୍ଦୁଥିବା ଶୁଣି ସେଠାକୁ ଯାଇଥିଲେ। ପଡିଆରେ ଏକ ନବଜାତ ଶିଶୁପୁତ୍ରକୁ ଦେଖିଥିଲେ। ସେ ତାକୁ ଉଦ୍ଧାର କରି ପ୍ରଥମେ ତିଗିରିଆ ନିଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରିଥିଲେ। ଘଟଣା ସମ୍ପର୍କରେ ପ୍ରତିମା କଟକସ୍ଥିତ ଲାଲବାଗ ଥାନାକୁ ଅବଗତ କରାଇଥିଲେ।

### ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ମୃତ୍ୟୁ

**ମାହାଙ୍ଗା,୨୭।୯(ସ୍ୱ.ପ୍ର.):** ସଡକ ଦୁର୍ଘଟଣାରେ ଗୁରୁତର ହୋଇଥିବା ଜଣେ ଯୁବକଙ୍କୁ ବୁଧବାର କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ମାହାଙ୍ଗା ବ୍ଲକ୍ ଜଳେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନପୁର ଗ୍ରାମର ମନୋଜ କୁମାର ଦାଶ(୪୫)। ବୁଧବାର ସନ୍ଧ୍ୟାରେ ସେ ଚାହାପଡା-କାହ୍ନପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ଗଙ୍ଗପୁରଠାରେ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଚିକିତ୍ସା ନିମନ୍ତେ ମନୋଜଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତାଙ୍କ ମୃତ୍ୟୁ ଖବର ମିଳିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ କଂଗ୍ରେସ ଦଳର ଯୁବ ସଂଗଠକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ମୃତ୍ୟୁ ଖବରପାଇ ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲି, ପ୍ରଦେଶ କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ ଦାସ, କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର କୁମାର ସାହୁ, ସମ୍ପାଦକ ଦୀପକ କୁମାର ମହାନ୍ତି, ସଂଗ୍ରାମ ସାମଲ, ରବୀନ୍ଦ୍ର ପରିଡା ଓ ରବି ନାରାୟଣ ସାହ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ନୂତନ ଭୋଟର ହେବାକୁ ସଚେତନତା

**ରଘୁନାଥପୁର,୨୭।୯(ଡି.ଏନ୍.ଏ.):** ରାଜ୍ୟରେ ନୂତନ ଭୋଟର ତଥା ଯୁବବର୍ଗଙ୍କୁ ଭୋଟର କାର୍ଯ୍ୟକ୍ରମ ପ୍ରକ୍ରିୟା ଉପରେ ସଚେତନ ପାଇଁ ସରକାର ସଚେତନତା କାର୍ଯ୍ୟକ୍ରମମାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ତିନିଶହ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ସୃଷ୍ଟି କରାଯାଇଛି। ଏହି ବୈଠକରେ କଲେଜ ଅଧକ୍ଷ ସରୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ବିଡିଓ ପଞ୍ଚାନନ ପଟାୟତ, ଏବିଡିଓ ଅଶୋକ କୁମାର ମହାନ୍ତି ଓ ଜିପିଓ ଧନେଶ୍ୱର କିଶାନ ଅତିଥି ଭାବେ ଯୋଗଦେଇ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ୧/୧/୨୦୧୯ ସୁଦ୍ଧା ୧୮ବର୍ଷ ହେଉଥିବା ସମସ୍ତ ଛାତ୍ରୀଛାତ୍ର ନିଜ ନାମକୁ ପଞ୍ଜୀକରଣ କରିବା ପାଇଁ ବିଡିଓ ପଟାୟତ ପରାମର୍ଶ କରିଛନ୍ତି। ଯାହାଦ୍ୱାରା ଭୋଟ ଦେବା ଅଧିକାର ସାବ୍ୟସ୍ତ କରିବା ସହ ନିଜର ପରିଚୟ ପତ୍ର ହାସଲ କରିପାରିବେ ବୋଲି ଏବିଡିଓ ମହାନ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାପକ ପ୍ରଶନ୍ନ କୁମାର ତ୍ରିପାଠୀ, ପ୍ରଧାପିକା ବିରସ କୁମାରୀ ନାୟକ, ସୌମ୍ୟାଶ୍ରୀ ମହାନ୍ତି, ଲୋପାମୁଦ୍ରା ମହାପାତ୍ର, ସ୍ମିତାରାଣୀ ପ୍ରଧାନ, ସ୍ୱାଗତିକା ଦାସ, ଡ.ଜାଜ୍ଞସେନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅଧାପକ ପ୍ରତାପ କୁମାର ଲେଙ୍କା ଧନ୍ୟବାଦ ଦେଇଥିଲେ।

### ଆଶା ସାଥୀଙ୍କ ସମୀକ୍ଷା ବୈଠକ

**ଆଠଗଡ, ୨୭।୯ (ସ୍ୱ.ପ୍ର.):** ଆଠଗଡ ଉପଖଣ୍ଡ ସରକାରୀ ଡାକ୍ତରଖାନା ବୈଠକ ଗୃହରେ ଗୁରୁବାର ଆଶା ସାଥୀଙ୍କ କାର୍ଯ୍ୟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। କଟକ ଜିଲା ସହକାରୀ ତଥ୍ୟ ପରିଚାଳକ ଲୋକନାଥ ମହାପାତ୍ର, ସହକାରୀ ଆଶା ପରିଚାଳକ ନୃସିଂହ ଭୂୟାଁ ଓ ସହକାରୀ ପ୍ରଜନନ ଶିଶୁ ସ୍ୱାସ୍ଥ୍ୟ ପରିଦର୍ଶିକା ସନ୍ଧ୍ୟାରାଣୀ ପଣ୍ଡା ଯୋଗଦେଇ ଆଶା ସାଥୀଙ୍କ କାର୍ଯ୍ୟାବଳୀର ସମୀକ୍ଷା କରିଥିଲେ। ଗର୍ଭବତୀ ମହିଳା, ନବଜାତ ଶିଶୁଙ୍କ ଯତ୍ନ ଓ ଚିକିତ୍ସା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଆଠଗଡ, ତିଗିରିଆ ଓ ବାଙ୍କୀ ବ୍ଲକରେ କାର୍ଯ୍ୟରତ ଆଶା ସାଥୀମାନେ ଯୋଗ ଦେଇଥିଲେ।

# ବିନା ଲାଇସେନ୍ସରେ ପେଟ୍ ଡଗ୍

**କଟକ ଅଫିସ, ୨୭।୯**

କଟକର ବହୁ ଲୋକଙ୍କ ଘରେ ରହିଛି ପୋଷା କୁକୁର (ପେଟ୍ ଡଗ୍)। ମାତ୍ର ହାତଗଣତି କେତେଜଣ ଡଗ୍ ଲାଇସେନ୍ସ କରିଥିଲେ ମଧ ଅଧିକାଂଶ ବେଆଇନ ଭାବେ କୁକୁର ରଖିଛନ୍ତି। ପୋଷା କୁକୁରକୁ ନେଇ ଆଇନଗତ ଦିଗ ସମ୍ପର୍କରେ କେହି ଅବଗତ ନାହାନ୍ତି। ବିନା ଲାଇସେନ୍ସରେ କୁକୁର ପୋଷିଲେ ବେଆଇନ ବୋଲି କୁହାଯିବ। କାରଣ ଓଡିଶା ମ୍ୟୁନିସିପାଲ ଆକ୍ଟ ୧୯୫୦ ଧାରା ୧୬୭ ରୁଲ ନଂ.୧୫୪ ଅନୁଯାୟୀ ଘରେ ପୋଷା କୁକୁର ରଖୁଥିଲେ ଲାଇସେନ୍ସ କରିବା ବାଧ୍ୟତାମୂଳକ। ଲାଇସେନ୍ସ କରିବା ପାଇଁ କୁକୁରର ଦୁଇଟି ଫଟୋ ସହ ଫି ଦାଖଲ କରିବାକୁ ପଡିବ। ଏହି ଲାଇସେନ୍ସ ଫି ୨୫ ଟଙ୍କାରୁ ବୃଦ୍ଧି ପାଇ ଏବେ ୧୦୦ ଟଙ୍କାରେ ପହଞ୍ଚିଛି। ସେହିପରି ଲାଇସେନ୍ସ ଥିଲେ କୁକୁରର ବୀମା କରିହେବ। କୁକୁର ବେକରେ ସବୁବେଳେ ଲାଇସେନ୍ସ ଟ୍ୟାଗ୍ ରହିବ। ଯଦି କୌଣସି କାରଣରୁ କୁକୁରଟି ବାହାରକୁ ଚାଲିଯାଏ କିମ୍ବା କେହି ତାକୁ ନେଇଥାଏ ଲାଇସେନ୍ସ ଥିଲେ ତାହାକୁ ମାଲିକ ପାଇପାରିବେ। ସେହିଭଳି କୁକୁରଟିର ମୃତ୍ୟୁ ଘଟିଲେ କିମ୍ବା କାହାକୁ କାମୁଡିଦେଲେ ବୀମା ଚୁକ୍ତି ଅନୁସାରେ କ୍ଷତିପୂରଣ ପାଇପାରିବାର ସୁବିଧା ରହିଛି। ଏହି ନିୟମ ବାଧ୍ୟତାମୂଳକ ହୋଇଥିଲେ ମଧ କଟକ ମହାନଗର ନିଗମ (ସିଏମ୍‌ସି) ଏବେ ଏହାକୁ ସମ୍ପୂର୍ଣ୍ଣ ଏଡାଇ ଯାଇଛି। ସହରରେ ଯେତିକି ପୋଷା କୁକୁର ରହିଛି, ତାହାକୁ ହିସାବକୁ ନେଲେ ଡଗ୍ ଲାଇସେନ୍ସ ବାବଦକୁ ସିଏମ୍‌ସି ବାର୍ଷିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛି।





- ସଚେତନତା ନାହିଁ କି ପଦକ୍ଷେପ ନାହିଁ
- ବାର୍ଷିକ ରାଜସ୍ୱ ହରାଉଛି ସିଏମସି

ଏ ସଂକ୍ରାନ୍ତରେ ସିଏମସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟିରେ ସଦସ୍ୟ ଥିବା କର୍ପୋରେଟର ନିରୋଦ ପଣ୍ଡା କୁହନ୍ତି, ସହରବାସୀ ଡଗ୍ ଲାଇସେନ୍ସ ବିଷୟରେ ସଚେତନ ନାହାନ୍ତି। ସଚେତନ କରାଇବା ଦାୟିତ୍ୱ ସିଏମସିର। ଏବେ ସହରରେ ନେତାଙ୍କଠାରୁ ଆରମ୍ଭ କରି ବହୁ ବଡ଼ବଡ଼ିଆଙ୍କ ଘରେ ପୋଷା କୁକୁର ରହିଛନ୍ତି। କିନ୍ତୁ ଗତ ଦୁଇ ବର୍ଷ ମଧ୍ୟରେ ମାତ୍ର ୧୨ଟି ଡଗ୍ ଲାଇସେନ୍ସ ହୋଇଛି। ସିଏମସି ଲାଇସେନ୍ସ ବିଭାଗର ଜଣେ କର୍ମଚାରୀଙ୍କ କହିବା କଥା ହେଲା, କାଁ ଭାଁ କେତେବେଳେ କେହି ସାଧାରଣ ଲୋକ କୌଣସି କାମରେ ସିଏମସି କାର୍ଯ୍ୟାଳୟ ଆସିଥିଲେ ଆମେ ତାଙ୍କୁ ଏହି ବିଷୟରେ କହୁ। ହେଲେ ପରବର୍ତ୍ତୀ ସମୟରେ ଲୋକେ ଏହାକୁ ଗୁରୁତ୍ୱ ନ ଦେଇ ଚାଲିଯାଆନ୍ତି। ତେବେ ଯଦି ଏକ ଆକଳନ କରିବା ତେବେ ବର୍ଷକୁ ବହୁ ଲକ୍ଷ ଟଙ୍କାର ରାଜସ୍ୱ ସିଏମ୍‌ସି ହରାଉଛି। ତେବେ କାହାଘରେ କେତେ କୁକୁର ଅଛନ୍ତି ଏ ବିଷୟରେ ସିଏମସି ଜାଣିବ କେମିତି ବୋଲି ମେୟର ମିନାକ୍ଷୀ ବେହେରା କହିଛନ୍ତି। ମେୟରଙ୍କ ଏଭଳି ହାଲ୍‌କା ମନ୍ତବ୍ୟରୁ ଡଗ୍ ଲାଇସେନ୍ସ ଉପରେ ସିଏମ୍‌ସି ଖାମଖିଆଲ ଆଭିମୁଖ୍ୟ ଗ୍ରହଣ କରୁଥିବାପରି ମନେ ହେଉଛି। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ଏହାକୁ ଗୁରୁତ୍ୱର ସହ ନେଇ କହିଛନ୍ତି ଯେ, କିଛି ଟଙ୍କା ବ୍ୟୟ କରି କୌଣସି ସର୍ଭେ ସଂସ୍ଥା ଦ୍ୱାରା ଆଗକୁ ସହରରେ କେତେ ଲୋକଙ୍କ ଘରେ ପୋଷା କୁକୁର ଅଛନ୍ତି ପ୍ରଥମେ ଜାଣିବାକୁ ଚେଷ୍ଟା କରାଯିବ। ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ସହ ଏଥିରୁ କିପରି ରାଜସ୍ୱ ମିଳିବ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ନାୟକ କହିଛନ୍ତି।





ଶିବିରରେ ମାଜିଷ୍ଟ୍ରେଟ୍ ମାନସ ରଞ୍ଜନ ସାମନ୍ତରାୟ ଓ ଅନ୍ୟମାନେ।

## ଆଇନ ସଚେତନତା ଶିବିର

**ନରସିଂହପୁର,୨୭।୯(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ବନ୍ଧହୁଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକଦିବସୀୟ ନିଃଶୁଳ୍କ ଆଇନ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ବିଚାର ବିଭାଗ ଅଦାଲତ ଅଧୀନରେ ଥିବା ତାଲୁକ ଆଇନ ସେବା କମିଟି ତରଫରୁ ଆୟୋଜିତ ଏହି ଶିବିରରେ କେନ୍ଦ୍ରର ଅଧକ୍ଷ ମାଜିଷ୍ଟ୍ରେଟ୍ ମାନସ ରଞ୍ଜନ ସାମନ୍ତରାୟ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ଦଳିତ, ଆଦିବାସୀ, ମହିଳା ଓ ଶିଶୁମାନଙ୍କୁ ଆଇନଗତ ସହାୟତା ଦେବା ସମ୍ପର୍କରେ ବୁଝାଇଥିଲେ। ଶିଶୁ ଶ୍ରମିକ, ମହିଳାଙ୍କ ପ୍ରତି ପାରିବାରିକ ହିଂସା ଓ ଯୌତୁକ ନିର୍ଯାତନା ବିରୋଧରେ ବିଭିନ୍ନ ପ୍ରକାର ଆଇନଗତ ସହାୟତା ନିମନ୍ତେ ଅଦାଲତ ପରିସରରେ ଏକ ଲିଗାଲ ସେଲ୍ ରହିଛି ବୋଲି ସାମନ୍ତରାୟ କହିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ତ୍ରିଲୋଚନ ମହାପାତ୍ର, ଗୋଲୋକ ବିହାରୀ ମିଶ୍ର, ଦେବଦତ୍ତ ମଳୟ କୁମାର ବରାଳ ଓ ସରପଞ୍ଚ ପ୍ରତିନିଧି ବିମ୍ବାଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ଅଦାଲତ କର୍ମଚାରୀ ସବ୍ୟସାଚୀ ବସନ୍ତରା ଓ ଦିବ୍ୟଜ୍ୟୋତିଦାସ ପରିଚାଳନା କରିଥିଲେ।

## ରାଣୀ ଶୁକଦେଈ ଛାତ୍ରୀନିବାସରେ ସ୍ୱାଗତ ଉତ୍ସବ



ସ୍ୱାଗତ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ବାଙ୍କୀ,୨୭।୯ (ସ୍ୱ.ପ୍ର.)**

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଣୀ ଶୁକଦେଈ ଛାତ୍ରୀନିବାସରେ ନୂତନ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଗୁରୁବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ସଭାପତିତ୍ୱ କରି ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ଅମରେନ୍ଦ୍ର ମିଶ୍ର, ମୁଖ୍ୟବକ୍ତାଭାବେ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ କଲେଜ ପରିଚାଳନା କମିଟି ସଦସ୍ୟ ସମରେନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଅଧାପକ ଯୋଗିନାଥ ମଲ୍ଲିକ, ବିଶ୍ୱରଞ୍ଜନ ସାହୁ, ଡ.ଶ୍ରୀକାନ୍ତ ଦାଶ, ବୃନ୍ଦାବନ ପ୍ରଧାନ ଓ ସୁର୍‌ଜିତ୍ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ପାଠପଢା, ଶାନ୍ତିଶୃଙ୍ଖଳା ଏବଂ ଗୁରୁଜନମାନଙ୍କୁ ଭକ୍ତି କରିବା ଉପରେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ତତ୍ତ୍ୱାବଧାରିକା ଅଧାପିକା ଗାୟତ୍ରୀ ନାୟକ ଯୋଗଦେଇ ଛାତ୍ରୀନିବାସକୁ ସ୍ୱଚ୍ଛ ନିର୍ମଳ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀନିବାସର ସାଧାରଣ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାଶ୍ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ସହ ତତ୍ତ୍ୱାବଧାରିକା ଲୋପାମୁଦ୍ରା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମହାବିଦ୍ୟାଳୟ ଗୃହବିଜ୍ଞାନ ବିଭାଗର ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ବିଭାଗର ୨ୟ ଏବଂ ୩ୟ ବର୍ଷର ଛାତ୍ରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଭାବେ ପରୀକ୍ଷା ନିୟନ୍ତ୍ରକ ଡ.ଅମରେନ୍ଦ୍ର ମିଶ୍ର ଯୋଗଦେଇଥିଲେ।

## ଭୀମଭୋଇ ସାମର୍ଥ୍ୟ ଶିବିର ପାଇଁ ଜରୁରୀ ବୈଠକ

**ରଘୁନାଥପୁର,୨୭।୯(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ସଭାକକ୍ଷରେ ଆସନ୍ତା ୨୯ରେ ଭୀମଭୋଇ ସାମର୍ଥ୍ୟ ଶିବିର ପାଇଁ ବିଡିଓ ପଞ୍ଚାନନ ପଟାୟତଙ୍କ ଅଧକ୍ଷତାରେ ଏକ ଜରୁରୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଏବିଇଓ ନରହରି ମିଶ୍ର, ସିଆର୍‌ସିସି ମହମ୍ମଦ ଓସାମା ଓ ଭାସ୍କର ଚନ୍ଦ୍ର ମୁଦୁଲୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ଅନ୍ୟାନ୍ୟ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କେଉଁ ଅଧିକାରୀ ରହିବେ ତଥା କାର୍ଯ୍ୟ କରିବେ ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଶିବିର ରଘୁନାଥପୁର ୟୁପି ସ୍କୁଲରେ ହେବା ପାଇଁ ସ୍ଥିର ହୋଇଥିବାବେଳେ, ପ୍ରତି ଗ୍ରାମର ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ ସହ ଜଡିତ ସମସ୍ତ କର୍ମଚାରୀ ଦାୟିତ୍ୱର ସହ କାର୍ଯ୍ୟନିର୍ବାହ ପାଇଁ ବିଡିଓ ପଟାୟତ ଆଶା ପ୍ରକଟ କରିଥିଲେ।

### ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ

**ବାଙ୍କୀ,୨୭।୯ (ସ୍ୱ.ପ୍ର.)**

ବାଙ୍କୀ କଲେଜର ଜାତୀୟସେବା ଯୋଜନା (ଏନଏସ୍‌ଏସ) ଆନୁକୂଲ୍ୟରେ ‘ସ୍ୱଚ୍ଛତା ହିଁ ସେବା’ କାର୍ଯ୍ୟକ୍ରମ ବୁଧବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ଡ.ବାବାଜୀ ଚରଣ ଶତପଥୀ ଉଦ୍‌ଘାଟନ କରିଥିଲେ। ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମର ସଫଳ କାମନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧାପକ ସତ୍ୟଜିତ୍ ଦାଶ ଓ ଅଧାପିକା ବିଷ୍ଣୁପ୍ରିୟା ପ୍ରଧାନଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସ୍ୱେଚ୍ଛାସେବୀ ପ୍ରଭାସ ମଲ୍ଲିକ୍, ପୁଷ୍ପାଞ୍ଜଳି ସାହୁ, ରଞ୍ଜିତା ରାଣୀ ବେହେରା, ପୂର୍ଣ୍ଣିମା ଦଳେଇ, ଉପେନ୍ଦ୍ର ମନ୍ତ୍ରୀ ଓ ପୂର୍ଣ୍ଣିମା ଦାଶ ପ୍ରମୁଖ ସହଯୋଗ କରିଥିଲେ।



ଏନଏସ୍‌ଏସ୍ କର୍ମୀ ସଫେଇ କରୁଛନ୍ତି।

## ବ୍ଲକ୍‌ସ୍ତରୀୟ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ





ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ମାହାଙ୍ଗା,୨୭।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍‌ସ୍ତରୀୟ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା କାର୍ଯ୍ୟକ୍ରମ ଗୁରୁବାର ମାହାଙ୍ଗା ବ୍ଲକ୍ ଗୋକନ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଜଳ ଯୋଗାଣ ଓ ପରିମଳ ମିଶନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ କାଳୁଚରଣ ବେହେରା ସଭାପତିତ୍ୱ କରିଥିଲେ। ଏହି ସଚେତନତା ସଭାରେ ମୁଖ୍ୟଅତିଥିଭାବେ ବ୍ଲକ୍ ଅଧକ୍ଷ ଶରତ ନାୟକ, ସମ୍ମାନିତ ଅତିଥିଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଜିଲା ଜଳଯୋଗାଣ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ସାମଲ, ମାହାଙ୍ଗା ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଏବିଡିଓ ମହେଶ୍ୱର ସେଠୀ, ସିଡିପିଓ ବିଜୟଲକ୍ଷ୍ମୀ ମହାପାତ୍ର, ବିଇଓ ସୁଶାନ୍ତ କୁମାର ସ୍ୱାଇଁ ଓ ବ୍ଲକ୍ ଉପାଧକ୍ଷା ରଶିଦା ବେଗମ ପ୍ରମୁଖ ଯୋଗଦେଇଥିଲେ। ସଭାରେ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥିଙ୍କ ସମେତ ବହୁ ସରକାରୀ ଅଧିକାରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସ୍ୱୟଂ ସହାୟକ ମହିଳା ପ୍ରମୁଖ ଯୋଗଦେଇ ଗୋକନ ଦୁର୍ଗା ମଣ୍ଡପ ପରିସର ସହ ଗ୍ରାମ୍ୟ ରାସ୍ତା ସଫେଇ କରିଥିଲେ। ଏଥିରେ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ରାଉତ, ସହକାରୀ ଯନ୍ତ୍ରୀ ନଳିନୀ ମହାପାତ୍ର, କନିଷ୍ଠଯନ୍ତ୍ରୀ ବିଷ୍ଣୁପ୍ରିୟା ସାହୁ ଓ ସିଆରସିସି ରମାକାନ୍ତ ଦାସ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା କରାଯାଇ ଗୋକନ, ବରାହିପୁର, ଓଷଙ୍ଗ ଆଦି ପଞ୍ଚାୟତରେ ଜନସଚେତନତା ସୃଷ୍ଟି କରାଯାଇଥିଲା।

## ସରକାରୀ କାର୍ଯ୍ୟାଳୟରେ ତାଲା ପକାଇଲା ଓକିଲ ସଂଘ

**ନିଶ୍ଚିନ୍ତକୋଇଲି, ୨୭।୯ (ସ୍ୱ.ପ୍ର.)**

ହାଇକୋର୍ଟର ଜଣେ ଆଇନଜୀବୀଙ୍କୁ ପୋଲିସ ଗାଳିଗୁଲଜ ସହ ମାଡ ମାରିଥିଲା। ସମ୍ପୃକ୍ତ ପୋଲିସକୁ ଗିରଫ କରିବା ଦାବି ନେଇ ସାରା ରାଜ୍ୟରେ ଆଇନଜୀବୀଙ୍କ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସାଲେପୁର ବାର ଆସୋସିଏଶନ ପକ୍ଷରୁ ଗୁରୁବାର ସାଲେପୁର କୋର୍ଟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ନିଶ୍ଚିନ୍ତକୋଇଲି ତହସିଲ କାର୍ଯ୍ୟାଳୟକୁ ବନ୍ଦ କରିଦିଆଯାଇଥିଲା। ସାଲେପୁର ବାର ଆସୋସିଏଶନ ସଭାପତି ବିଜୟ କେତନ ନାୟକ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ବେହେରା, ସହ ସମ୍ପାଦକ ଜୟପ୍ରକାଶ ନାରାୟଣ ସେଠୀ, କୋଷାଧକ୍ଷ କରୁଣାକର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ବନ୍ଦ କରାଯାଇଥିଲା।

**ଆଠଗଡ଼,(ସ୍ୱ.ପ୍ର.)–** ରାଜ୍ୟବ୍ୟାପୀ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଆଠଗଡ ଓକିଲ ସଂଘ ପକ୍ଷରୁ ସମର୍ଥନ କରାଯାଇଛି। ଓକିଲ ସଂଘ ସଭାପତି ସତ୍ୟେନ ପଣ୍ଡା ଓ ସମ୍ପାଦକ ବନବିହାରୀ ସାହୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନରେ ପ୍ରସନ୍ନ କୁମାର ରାଉତ, ଶଶିଭୂଷଣ ଦାଶ, ଓ ସୁଜିତ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ବାଙ୍କୀ,(ସ୍ୱ.ପ୍ର.)–** ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମର୍ଥନ କରି ବାଙ୍କୀ ଓକିଲ ସଂଘ ପକ୍ଷରୁ କୋର୍ଟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପିକେଟିଂ କରି ବନ୍ଦ କରିଦିଆଯାଇଥିଲା। ବାଙ୍କୀ ଓକିଲ ସଂଘ ସଭାପତି ଗୌରୀଶଙ୍କର ନନ୍ଦଙ୍କ ନେତୃତ୍ୱରେ ସଂଘ ସମ୍ପାଦକ ବିଶ୍ୱରଞ୍ଜନ ପଣ୍ଡା, ଧର୍ମପ୍ରସାଦ ମଙ୍ଗରାଜ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

**ବଡ଼ମ୍ବା,(ଡି.ଏନ୍.ଏ.)–** ବଡ଼ମ୍ବା ଓକିଲ ସଂଘର ସଭାପତି ଆଇନଜୀବୀ ଅମିୟକୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ପରେଶ ମହାନ୍ତି, ବରଦାଚରଣ ପଟ୍ଟନାୟକ, ହରିହର ବଳବନ୍ତରାୟ, ଅମୂଲ୍ୟ କୁମାର ପାଣିଗ୍ରାହୀ ଓ ବରିଷ୍ଠ ଆଇନଜୀବୀ ଦୁର୍ଗାମାଧବ ରଥ ପ୍ରମୁଖ ସାମିଲ ହୋଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ବନ୍ଦ କରିଥିଲେ।

**ନରସିଂହପୁର,(ଡି.ଏନ୍.ଏ.)–** ନରସିଂହପୁର ଓକିଲ ସଂଘ ତରଫରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ବାହାରିଥିଲା। ଓକିଲ ସଂଘ ସଭାପତି ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ପ୍ରକାଶ କୁମାର ମହାପାତ୍ର, ନିର୍ମଳେନ୍ଦୁ ମିଶ୍ର, ସହ ସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳ ଓ ପବିତ୍ର କୁମାର ଘୋଷ ପ୍ରମୁଖ ଯୋଗଦେଇଥିଲେ।



ଆନ୍ଦୋଳନରେ ସାମିଲ ହୋଇଥିବା ଆଠଗଡ଼ ଓକିଲ ସଂଘର ସଦସ୍ୟ।

### ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ମାହାଙ୍ଗା,୨୭।୯(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ପୁଷ୍ପଗିରି ମହାବିଦ୍ୟାଳୟ ପରିସରରେ ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାପତି ଶରତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ବ୍ଲକ୍ ଅଧକ୍ଷ ଶରତ ନାୟକ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏବିଡିଓ ମହେଶ୍ୱର ସେଠୀ, କଲେଜ ଅଧକ୍ଷ ବିଜୟ ବାରିକ, ବ୍ଲକ୍ ସଂଯୋଜକ ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ଆଠଗଡ଼ରେ ବିଜେଡିର ମହିଳା ସମାବେଶ

# ସ୍ୱାବଲମ୍ବୀ ମହିଳାଙ୍କ ଦ୍ୱାରା ବିକାଶ ସମ୍ଭବ

**ଆଠଗଡ,୨୭।୯ (ସ୍ୱ.ପ୍ର.)**

ସ୍ୱାବଲମ୍ବୀ ମହିଳାଙ୍କ ଦ୍ୱାରା ଜନସାଧାରଣଙ୍କ ବିକାଶ ସମ୍ଭବ। ମହିଳାମାନେ ରୋଜଗାରକ୍ଷମ ହୋଇପାରିଲେ ପରିବାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ। ଏଥିପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଗୁରୁବାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଉଷାଦେବୀ ମତବ୍ୟକ୍ତ କରିଛନ୍ତି। ଆଠଗଡ ବ୍ଲକ ଓ ଏନଏସିର ବିଜୁ ମହିଳା ଜନତା ଦଳ ଆନୁକୂଲ୍ୟରେ ମହୋତ୍ସବ ପଡିଆରେ ମହିଳା ସମାବେଶ ଅନୁଷ୍ଠିତ ହେଉଛି। ଏଥିରେ ମନ୍ତ୍ରୀ ଉଷାଦେବୀ ଉଦ୍‌ବୋଧନ ଦେଇ ଏହା ପ୍ରକାଶ କରିଥିଲେ। କଟକ ଜିଲା ବିଜେଡି ମହିଳା ସଭାନେତ୍ରୀ ସୁଭଦ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଏହି ସଭାର ଆୟୋଜନ କରାଯାଇଥିଲା। ସଭାରେ ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ବିଧାୟିକା ପ୍ରମିଳା ମଲ୍ଲିକ ଓ ସ୍ଥାନୀୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ପୂର୍ବାହ୍ନରେ ଆଠଗଡ ବ୍ଲକ୍ ଅଧୀନ ୩ଟି ଜୋନର ବିଜେଡି ମହିଳା କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ନାରାବାଜି ଦେଇଥିଲେ। ପରେ ମହୋତ୍ସବ ପଡିଆରେ ସଭା ଆୟୋଜନ କରାଯାଇଥିଲା। ଏହି ସଭାରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ସ୍ଥାନୀୟ ବିଧାୟକ ସ୍ୱାଇଁ ଏହି ସଭାକୁ ସଂଯୋଜନା କରିଥିଲେ। ସଭାରେ ଜିଲା ଉପସଭାନେତ୍ରୀ ଅଶାନ୍ତି ବେହେରା, ପୂର୍ବତନ ଏନଏସି ଅଧକ୍ଷା ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ବ୍ଲକ ବିଜେଡି ସଭାନେତ୍ରୀ ବାସନ୍ତୀ ରାଉଳ, ଏନଏସି ସଭାନେତ୍ରୀ ରଞ୍ଜିତା ଭକ୍ତା, ଏନଏସି ଅଧକ୍ଷା ସୁଚିତ୍ରା ସାହୁ, ଜିଲା ପରିଷଦ ସଭ୍ୟା ଜାନକୀଲତା ନାୟକ, ତିଗିରିଆ ବ୍ଲକ୍ ଅଧକ୍ଷା ରୂପା ଦଳେଇ ଓ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସବିତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ୍ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉତ, ବ୍ଲକ୍ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ, ଜିଲା ପରିଷଦ ଉପାଧକ୍ଷ ସୁନୀଲ ପରିଡା, ଜିଲା ପରିଷଦ ସଭ୍ୟ କେଶବଚନ୍ଦ୍ର ଦଳେଇ, ନୃସିଂହ ଚରଣ ମହାପାତ୍ର ଓ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।





ମହିଳା ସମାବେଶରେ ଯୋଗଦେଇଥିବା ଅତିଥିମାନେ।



ଭବିଷ୍ୟତ ପାଇଁ କେଉଁଟା ଶୁଭଦାୟକ ତାହା ଅତୀତ ବିଷୟରେ ହାସଲ କରିଥିବା ଜ୍ଞାନ ହିଁ କହିପାରିବ।
- କନ୍‌ଫୁସିୟସ



## ସଂକ୍ଷେପରେ

### ମହାନଦୀକୁ ଡେଇଁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ

**କଟକ ସଦର, ୨୭।୯(ଡି.ଏନ.ଏ.):** କନ୍ଦରପୁର ଥାନା ଅଧୀନ ଦାମୋଦରପୁର-୨ ନିକଟ ମହାନଦୀକୁ ଡେଇଁ ଗୁରୁବାର ରାତିରେ ଜଣେ ଯୁବତୀ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ତାଙ୍କୁ ପାଣିରୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ। ଆତ୍ମହତ୍ୟା ଉଦ୍ୟମବେଳେ ଯୁବତୀଙ୍କ ସହ ଜଣେ ଯୁବକ ସେଠାରେ ଉପସ୍ଥିତ ଥିବା ଲୋକମାନେ କହିଛନ୍ତି। ସ୍ଥାନୀୟ ପୋଲିସ ଉଭୟ ଯୁବତୀଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବିବାହ ପାଇଁ ଯୁବକ ଜଣଙ୍କ ରାଜି ନ ହେବାରୁ ସମ୍ପୃକ୍ତା ଯୁବତୀ ଏଭଳି ପଦକ୍ଷେପ ନେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଉଭୟଙ୍କ ଘର କିଶୋର ନଗର ଥାନା ଅଞ୍ଚଳରେ ବୋଲି ଜଣାପଡିଛି। ତେଣୁ କିଶୋର ନଗର ପୋଲିସର ସହାୟତା କନ୍ଦରପୁର ପୋଲିସ ଲୋଡିଥିବା ଜଣାପଡିଛି।

### ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଚୌଦ୍ୱାର, ୨୭।୯(ଡି.ଏନ.ଏ.):** କରଞ୍ଜି ପଞ୍ଚାୟତ ଅଧୀନ ଝିଙ୍କଖାତ ଡ୍ୟାମ୍ ନିକଟ ରାସ୍ତାପାର୍ଶ୍ୱରୁ ଗୁରୁବାର ଅପରାହ୍ନରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କ ବୟସ ପ୍ରାୟ ୫୫ ବର୍ଷ ହେବ ବୋଲି ଅନୁମାନ କରାଯାଉଥିବାବେଳେ ସେ ଦୀର୍ଘଦିନ ହେବ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିବା ଲୋକେ କହିଛନ୍ତି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତେବେ ରାସ୍ତାପାର୍ଶ୍ୱରେ ମୃତଦେହ ପଡିଥିବା ଦେଖି ଗ୍ରାମବାସୀ ଚୌଦ୍ୱାର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡଡାକ୍ତରଖାନା ପଠାଇବା ସହ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୨/୧୮) ରୁଜୁ କରି ତଦନ୍ତ ଚଳାଇଛି।

### ଘରେ ପଶି ଟଙ୍କା ଚୋରି

**ଖୁଣ୍ଟୁଣୀ, ୨୭।୯(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅଧୀନ ଦମ୍ପତିପୁର ଗ୍ରାମର ବୁଦ୍ଧୁରାମ ସୋରେନ୍‌ଙ୍କ ଘରୁ ଚୋରି ହୋଇଥିବା ଗୁରୁବାର ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୯୦/୧୮) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବୁଦ୍ଧୁରାମ ନିଜର ମେଡିକାଲ ଚେକ୍‌ଅପ୍ ପାଇଁ ସ୍ତ୍ରୀଙ୍କ ସହ କଟକ ଯାଇଥିଲେ। ହେଲେ ରାତି ହେବାରୁ ସେ ଘରକୁ ଫେରି ନ ଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଙ୍କ ଘରର କବାଟ ଭାଙ୍ଗି ବାକ୍ସରେ ଥିବା ୧୫,୦୦୦ ଟଙ୍କା, ଅଧ କୁଇଣ୍ଟାଲ ଚାଉଳ ଓ ଅନ୍ୟ ସାମଗ୍ରୀ ଚୋରିକରି ନେଇଥିଲେ। ଗୁରୁବାର ସକାଳେ ବୁଦ୍ଧୁରାମ ଘରେ ପହଞ୍ଚି ଚୋରି ହୋଇଥିବା ଦେଖିବା ପରେ ଥାନାରେ ଅଭିଯୋଗ କରିଥିଲେ।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ପରଲୋକ

**କଟକ ଅଫିସ, ୨୭।୯:** ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷୟିତ୍ରୀ ଶୈଳବାଳା ପଣ୍ଡିତ(୮୨)ଙ୍କ ହୃଦ୍‌ଘାତରେ ବାଦାମବାଡ଼ି ଜଗନ୍ନାଥ ଲେନ୍‌ସ୍ଥିତ ତାଙ୍କ କନ୍ୟାଙ୍କ ବାସଭବନରେ ଗତ ମଙ୍ଗଳବାର ପରଲୋକ ଘଟିଛି। ଉକ୍ତ ଦିନ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଉକ୍ତ କାର୍ଯ୍ୟରେ ତାଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶୈଳବାଳା ଦୀର୍ଘ ୩୯ ବର୍ଷ ଧରି ରେଭେନ୍ସା ଉଚ୍ଚ ବାଳିକା ବିଦ୍ୟାଳୟରେ ଶିକ୍ଷକତା କରି ୧୯୯୫ ମସିହାରେ ଅବସର ନେଇଥିଲେ। ସେ ଓଡ଼ିଶାରେ ହିନ୍ଦୀ ଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ଅନେକ ଗଠନମୂଳକ କାର୍ଯ୍ୟ କରିଥିଲେ।

### ବିଶ୍ୱ ପର୍ଯ୍ୟଟନ ଦିବସ

**କଟକ ଅଫିସ, ୨୭।୯ :** ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ମର୍କତନଗରସ୍ଥିତ ଡିଏଭି ସ୍କୁଲ୍ ପରିସରରେ ଗୁରୁବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବିଷୟରେ ଅବଗତ କରାଇବା ସହ ଏଥିପ୍ରତି ଆକୃଷ୍ଟ କରାଇବା ଉଦ୍ଦେଶ୍ୟରେ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରୀଛାତ୍ରମାନେ 'ଦେଖା ଅପ୍‌ନା ରାଜ୍ୟ' କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୁନି ପିଲାମାନେ ଓଡ଼ିଶୀ ନୃତ୍ୟ ଓ ପ୍ଲାକାର୍ଡ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ସୂଚନା ଦେବା ସହିତ ଏହାର ଭରପୂର ମଜା ନେବା ନିମନ୍ତେ ଉତ୍ସାହିତ କରିଥିଲେ। ଏହି ଅବସରରେ ପାରମ୍ପରିକ ପୋଷାକ ପରିଧାନ କରି ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରି ବିଦ୍ୟାଳୟ ଚତୁଃପାର୍ଶ୍ୱ ପରିକ୍ରମା କରିବା ସହିତ ଏକତା ଓ ସଦ୍‌ଭାବନାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷା ନମିତା ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ଥିଲେ।

# ବିନା ଲାଇସେନ୍ସରେ ପେଟ୍ ଡଗ୍

**କଟକ ଅଫିସ, ୨୭।୯**

କଟକର ବହୁ ଲୋକଙ୍କ ଘରେ ରହିଛି ପୋଷା କୁକୁର (ପେଟ୍ ଡଗ୍)। ମାତ୍ର ହାତଗଣତି କେତେଜଣ ଡଗ୍ ଲାଇସେନ୍ସ କରିଥିଲେ ମଧ୍ୟ ଅଧିକାଂଶ ବେଆଇନ ଭାବେ କୁକୁର ରଖିଛନ୍ତି। ପୋଷା କୁକୁରକୁ ନେଇ ଆଇନଗତ ଦିଗ ସମ୍ପର୍କରେ କେହି ଅବଗତ ନାହାନ୍ତି। ବିନା ଲାଇସେନ୍ସରେ କୁକୁର ପୋଷିଲେ ବେଆଇନ ବୋଲି କୁହାଯିବ। କାରଣ ଓଡିଶା ମ୍ୟୁନିସିପାଲ ଆକ୍ଟ ୧୯୫୦ ଧାରା ୧୭୭ ରୁଲ ନଂ.୧୫୪ ଅନୁଯାୟୀ ଘରେ ପୋଷା କୁକୁର ରଖୁଥିଲେ ଲାଇସେନ୍ସ କରିବା ବାଧ୍ୟତାମୂଳକ। ଲାଇସେନ୍ସ କରିବା ପାଇଁ କୁକୁରର ଦୁଇଟି ଫଟୋ ସହ ଫି ଦାଖଲ କରିବାକୁ ପଡିବ। ଏହି ଲାଇସେନ୍ସ ଫି ୨୫ ଟଙ୍କାରୁ ବୃଦ୍ଧି ପାଇ ଏବେ ୧୦୦ ଟଙ୍କାରେ ପହଞ୍ଚିଛି। ସେହିପରି ଲାଇସେନ୍ସ ଥିଲେ କୁକୁରର ବୀମା କରିହେବ। କୁକୁର ବେକରେ ସବୁବେଳେ ଲାଇସେନ୍ସ ଟ୍ୟାଗ୍ ରହିବ। ଯଦି କୌଣସି କାରଣରୁ କୁକୁରଟି ବାହାରକୁ ଚାଲିଯାଏ କିମ୍ବା କେହି ତାକୁ ନେଇଥାଏ ଲାଇସେନ୍ସ ଥିଲେ ତାହାକୁ ମାଲିକ ପାଇପାରିବେ। ସେହିଭଳି କୁକୁରଟିର ମୃତ୍ୟୁ ଘଟିଲେ କିମ୍ବା କାହାକୁ କାମୁଡିଦେଲେ ବୀମା ଚୁକ୍ତି ଅନୁସାରେ କ୍ଷତିପୂରଣ ପାଇପାରିବାର ସୁବିଧା ରହିଛି। ଏହି ନିୟମ ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ କଟକ ମହାନଗର ନିଗମ (ସିଏମ୍‌ସି) ଏବେ ଏହାକୁ ସମ୍ପୂର୍ଣ୍ଣ ଏଡାଇ ଯାଇଛି। ସହରରେ ଯେତିକି ପୋଷା କୁକୁର ରହିଛି, ତାହାକୁ ହିସାବକୁ ନେଲେ ଡଗ୍ ଲାଇସେନ୍ସ ବାବଦକୁ ସିଏମ୍‌ସି ବାର୍ଷିକ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛି।

ଏ ସଂକ୍ରାନ୍ତରେ ସିଏମସି ଲାଇସେନ୍ସ ଷ୍ଟାଣ୍ଡିଂ କମିଟିରେ ସଦସ୍ୟ ଥିବା କର୍ପୋରେଟର ନିରୋଦ ପଣ୍ଡା କୁହନ୍ତି, ସହରବାସୀ ଡଗ୍ ଲାଇସେନ୍ସ ବିଷୟରେ ସଚେତନ ନାହାନ୍ତି। ସଚେତନ କରାଇବା ଦାୟିତ୍ୱ ସିଏମସିର। ଏବେ ସହରରେ ନେତାଙ୍କଠାରୁ ଆରମ୍ଭ କରି ବହୁ ବଡ଼ବଡ଼ିଆଙ୍କ ଘରେ ପୋଷା କୁକୁର ରହିଛନ୍ତି। କିନ୍ତୁ ଗତ ଦୁଇ ବର୍ଷ ମଧ୍ୟରେ ମାତ୍ର ୧୨ଟି ଡଗ୍ ଲାଇସେନ୍ସ




■ସଚେତନତା ନାହିଁ କି ପଦକ୍ଷେପ ନାହିଁ

■ବାର୍ଷିକ ରାଜସ୍ୱ ହରାଉଛି ସିଏମସି

ହୋଇଛି। ସିଏମସି ଲାଇସେନ୍ସ ବିଭାଗର ଜଣେ କର୍ମଚାରୀଙ୍କ କହିବା କଥା ହେଲା, କାଁ ଭାଁ କେତେବେଳେ କେହି ସାଧାରଣ ଲୋକ କୌଣସି କାମରେ ସିଏମସି କାର୍ଯ୍ୟାଳୟ ଆସିଥିଲେ ଆମେ ତାଙ୍କୁ ଏହି ବିଷୟରେ କହୁ। ହେଲେ ପରବର୍ତ୍ତୀ ସମୟରେ ଲୋକେ ଏହାକୁ ଗୁରୁତ୍ୱ ନ ଦେଇ ଚାଲିଯାଆନ୍ତି। ତେବେ ଯଦି ଏକ ଆକଳନ କରିବା ତେବେ ବର୍ଷକୁ ବହୁ ଲକ୍ଷ ଟଙ୍କାର ରାଜସ୍ୱ ସିଏମ୍‌ସି ହରାଉଛି। ତେବେ କାହାଘରେ କେତେ କୁକୁର ଅଛନ୍ତି ଏ ବିଷୟରେ ସିଏମସି ଜାଣିବ କେମିତି ବୋଲି ମେୟର ମିନାକ୍ଷୀ ବେହେରା କହିଛନ୍ତି। ମେୟରଙ୍କ ଏଭଳି ହାଲ୍‌କା ମନ୍ତବ୍ୟରୁ ଡଗ୍ ଲାଇସେନ୍ସ ଉପରେ ସିଏମ୍‌ସି ଖାମଖିଆଲ ଆଭିମୁଖ୍ୟ ଗ୍ରହଣ କରୁଥିବାପରି ମନେ ହେଉଛି। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ଶରତ ଚନ୍ଦ୍ର ନାୟକ ଏହାକୁ ଗୁରୁତ୍ୱର ସହ ନେଇ କହିଛନ୍ତି ଯେ, କିଛି ଟଙ୍କା ବ୍ୟୟ କରି କୌଣସି ସର୍ଭେ ସଂସ୍ଥା ଦ୍ୱାରା ଆଗକୁ ସହରରେ କେତେ ଲୋକଙ୍କ ଘରେ ପୋଷା କୁକୁର ଅଛନ୍ତି ପ୍ରଥମେ ଜାଣିବାକୁ ଚେଷ୍ଟା କରାଯିବ। ଏ ସଂକ୍ରାନ୍ତରେ ସଚେତନତା ସୃଷ୍ଟି ସହ ଏଥିରୁ କିପରି ରାଜସ୍ୱ ମିଳିବ ତାହା ଉପରେ ଧ୍ୟାନ ଦିଆଯିବ ବୋଲି ନାୟକ କହିଛନ୍ତି।

## ଗୋପାଳ ପ୍ରହରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ



ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

**କଟକ ସଦର, ୨୭।୯(ଡି.ଏନ୍.ଏ.)**

ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ପ୍ରଣେତା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଗୁରୁବାର କଟକ ସଦର ବ୍ଲକ ଅଧୀନ କନ୍ଦରପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା ସାହିତ୍ୟ ଏକାଡେମି ଓ ପ୍ରହରାଜ ପ୍ରତିଭା ପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଡ. ବିଜୟ କୁମାର ଶତପଥୀ, ମୁଖ୍ୟବକ୍ତା ପ୍ରଦୀପ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ସଞ୍ଜୟ କୁମାର ଛୁଆଳସିଂ, ଡ. ବିଜୟାନନ୍ଦ ସିଂ ଓ ଡ. ବିଜୟ ଚନ୍ଦ୍ର ଜେନା ଯୋଗଦେଇଥିଲେ। ଏଥିରେ ପୀତାମ୍ବର ମହାପାତ୍ର ଅତିଥି ପରିଚୟ ପ୍ରଦାନ ଓ ପଣ୍ଡିତ ଗୁରୁପ୍ରସାଦ ରଥ ବେଦପାଠ କରିଥିଲେ। ବ୍ରିଟିଶ ସାମ୍ରାଜ୍ୟରେ ଓଡିଆ ଭାଷା ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଥିବାବେଳେ ପ୍ରହରାଜଙ୍କ ଓଡିଆ ଭାଷାକୋଷ ପ୍ରଣୟନ କରିବା ଆମ ରାଜ୍ୟ ପାଇଁ ଗୌରବ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ଅଜୟ କୁମାର ମିଶ୍ର, ନୀଳମଣି ସାହୁ, ପ୍ରବୋଧ କୁମାର ଦୀକ୍ଷିତ ଏବଂ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଓଡିଆରେ ୧୦୦ ନମ୍ବର ରଖିଥିବା ଭୁବନେଶ୍ୱରର ଅନନ୍ୟା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାଳୀ ପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ପୀୟୂଷ ରଞ୍ଜନ ପରିଡା ବିବରଣୀ ପାଠ ଓ ହୃଦାନନ୍ଦ ଜେନା ଧନ୍ୟବାଦ ଦେଇଥିଲେ। ରଘୁନାଥ ପୃଷ୍ଟି, କରୁଣାକର ପ୍ରଧାନ, ପ୍ରତାପ ବେହେରା, ଉମାକାନ୍ତ ରଥ ଓ ରମାକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ପୋତାପୋଖରୀ ପଇସା ପୂଜା କମିଟିର ନୂତନ ଦୁର୍ଗାମଣ୍ଡପ ଓ ପୀଠ ଦୁର୍ଗା ପ୍ରତିମା ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଗୁରୁବାର ଅନୁଷ୍ଠିତ ଧାର୍ମିକ ସଭାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଆଶୀର୍ବଚନ ଦେଉଛନ୍ତି।

## ମର୍କତନଗରଠାରେ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ

**କଟକ ଅଫିସ, ୨୭।୯**

ସାମାଜିକ ଅନୁଷ୍ଠାନ ସମୀଚୀନ ଆନୁକୂଲ୍ୟରେ ମର୍କତନଗରଠାରେ ଓଡ଼ିଆ ଭାଷା-ସାହିତ୍ୟର ଅଭିବୃଦ୍ଧି କ୍ଷେତ୍ରରେ ଅବଦାନ ଥିବା ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ଜୟନ୍ତୀ ଗୁରୁବାର ପାଳିତ ହୋଇଯାଇଛି। ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା. ରବି ରଞ୍ଜନ ସାହୁ ଯୋଗଦେଇ କହିଲେ, ସେ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ନିର୍ମାଣ କରି ଓଡ଼ିଆ ଜାତିର ଐତିହାସିକ ଆବଶ୍ୟକତାକୁ ପୂରଣ କରିପାରିଛନ୍ତି। ଏହି ଯଶସ୍ୱୀ ସାହିତ୍ୟ ସାଧକଙ୍କ ଭାଷା ପ୍ରୀତି ହେତୁ ସଂପ୍ରତି ଓଡ଼ିଆ ସାହିତ୍ୟର ମାନ ବିଶ୍ୱ ସାହିତ୍ୟ ସମକକ୍ଷ ହୋଇପାରିଛି। ସମ୍ମାନିତ ଅତିଥି ଡ. ପରିଣୀତା ଦାସ କହିଲେ, ଭାଷାକୋଷ ବ୍ୟତୀତ ଉଲ୍ଲେଖନୀୟ ରଚନାବଳୀ ରଚନା କରି ପ୍ରତିଟି ଓଡ଼ିଆଙ୍କ ହୃଦୟରେ ପ୍ରହରାଜ ସ୍ୱତନ୍ତ୍ର ସ୍ଥାନ ଅଧିକାର କରି ପାରିଛନ୍ତି। ଡ. ସସ୍ମିତା ମହାରଣା, ପବିତ୍ର ମହାନ୍ତି, ଅନୁରାଧା ପ୍ରହରାଜ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ମଧୁସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

## ମୁଖପତ୍ର 'ଶ୍ରୀଗଣେଶ' ଉନ୍ମୋଚିତ

**ଚୌଦ୍ୱାର, ୨୭।୯ (ଡି.ଏନ.ଏ.)**

ଇନ୍ଦୁପୂର୍ଣ୍ଣିମା ମହୋତ୍ସବ ଉପଲକ୍ଷେ ଚୌଦ୍ୱାର ଥାନା ଅଧୀନ ଗୋଡିପାଟଣା ମେଳଣପଡିଆରେ ଗୁରୁବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୂଜା କମିଟି ସଭାପତି ପ୍ରଭାକର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର ଥାନା ଆଇଆଇସି ଯତୀନ୍ଦ୍ର ନାଥ ସେଠୀ, ଅନ୍ୟ ଅତିଥି ଭାବେ କମିଟି ସମ୍ପାଦକ ନରେନ୍ଦ୍ର ମହାପାତ୍ର, ସେସୁ ଏସ୍‌ଡିଓ ବେଣୁଧର ଦାସ, ଶାନ୍ତି କମିଟି ସଭାପତି ହରିହର ଭୂୟାଁ, ସାମ୍ବାଦିକ ରମେଶ ଚନ୍ଦ୍ର ସାମଲ, ପୁରୁଷୋତ୍ତମ ବେହେରା ଯୋଗଦେଇଥିଲେ। ବ୍ରଜେନ୍ଦ୍ରନାୟକ ସ୍ୱାଗତ ଭାଷଣ ଓ ଶାନ୍ତି କମିଟି ସମ୍ପାଦକ ଅଜୟ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂଜା କମିଟି ପକ୍ଷରୁ ମୁଖପତ୍ର 'ଶ୍ରୀଗଣେଶ' ଉନ୍ମୋଚିତ ହୋଇଥିଲା। ଏହି ସଭାରେ ଶିକ୍ଷାବିତ୍ ଗଗନ ବିହାରୀ ସାହୁ ଓ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ସୁଧାକର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ମେଳଣପଡିଆଠାରେ ଥିବା ସୂଚନାକେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ରିପୋର୍ଟ ଲେଖାଯିବାବେଳକୁ ଉକ୍ତ ମେଳଣ ପଡିଆରେ ୪ଟି ମେଢ ଏକତ୍ରିତ ହୋଇଥିବା ଜଣାପଡିଛି।



ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

## କଲେଜ ଛାତ୍ରୀଙ୍କୁ ଆକ୍ରମଣ ଘଟଣା : ଅଭିଯୁକ୍ତ କୋର୍ଟ ଚାଲାଣ

**କଣ୍ଟାପଡା, ୨୭।୯(ଡି.ଏନ୍.ଏ.)**

କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁରସ୍ଥିତ ଏକ କଲେଜର ଜଣେ ଛାତ୍ରୀଙ୍କୁ ମଙ୍ଗଳବାର ଭୁଜାଲିରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫକରି ଗୁରୁବାର କୋର୍ଟ ଚାଲାଣ କରିଛି। ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୭୩/୧୮) ରୁଜୁ କରିଛି। ଅପରପକ୍ଷେ ଗୁରୁତର ହୋଇଥିବା ଛାତ୍ରୀ ଜଣଙ୍କ କଟକ ବଡ ଡାକ୍ତରଖାନାର ଆଇସିୟୁରେ ରହି ଚିକିତ୍ସିତ ହେଉଥିବା ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ, ବାଲିଅନ୍ତା ଥାନା ଅଞ୍ଚଳର ସମ୍ପୃକ୍ତା ଛାତ୍ରୀ ଅଡଶପୁର କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷର କଳା ବିଭାଗରେ ପଢୁଥିଲେ। ସେହି ଥାନା ଅନ୍ତର୍ଗତ ଦେଉଳି ଗ୍ରାମ ଉପରସାହିର ରାକେଶ ବେହେରା ତାଙ୍କୁ ଏକତରଫା ପ୍ରେମ କରୁଥିଲେ। କିଛିଦିନ ତଳେ ରାକେଶ ସମ୍ପୃକ୍ତା ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ତାଙ୍କଠାରୁ ମାଡ ଖାଇଥିଲେ। ଏହାକୁ ନେଇ ରାକେଶ ପ୍ରତିଶୋଧ ପରାୟଣ ହୋଇଉଠିଥିଲେ। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଛାତ୍ରୀ ଓ ତାଙ୍କର ୨ଜଣ ସାଙ୍ଗ କ୍ଲାସସାରି ଘରକୁ ଫେରୁଥିବାବେଳେ ଅଡଶପୁର ଶିଶୁ ବିଦ୍ୟାମନ୍ଦିର ନିକଟରେ ରାକେଶ ଏକ ବାଇକ୍‌ରେ ଆସି ପହଞ୍ଚିଥିଲେ। ପରେ ପଛପଟୁ ସମ୍ପୃକ୍ତା ଛାତ୍ରୀଙ୍କୁ ଭୁଜାଲିରେ ଆକ୍ରମଣ କରି ପଳାଇଯାଇଥିଲେ। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କ ବାପାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବାବେଳେ ରାକେଶ ବାଲିଅନ୍ତା ଥାନାରେ ଆତ୍ମସମର୍ପଣ କରିଥିଲେ। ଓଲଟପୁର ପୋଲିସ ରାକେଶଙ୍କୁ ସେଠାରୁ ଆଣି ବୁଧବାର ଗିରଫ କରିଥିଲା। ତେବେ ଓକିଲଙ୍କ ଆନ୍ଦୋଳନ ଯୋଗୁ କୋର୍ଟ ବନ୍ଦଥିବାରୁ ତାଙ୍କୁ କୋର୍ଟ ଚାଲାଣ କରାଯାଇ ପାରି ନ ଥିଲା।

## ନକଲି ପୁଟି କାରଖାନା ଠାବ

**କଟକ ଅଫିସ, ୨୭।୯**

ଜଗତ୍‌ପୁର ଶିଳ୍ପାଞ୍ଚଳରୁ ନକଲି ପୁଟି (ପ୍ଲାଷ୍ଟର ଅଫ ପ୍ୟାରିସ୍ ପରେ ଘର କାନ୍ଥରେ ବ୍ୟବହାର ହେଉଥିବା ସାମଗ୍ରୀକୁ ପୁଟି କୁହନ୍ତି) କାରଖାନାକୁ ପୋଲିସ ଠାବ କରିଛି। ପୋଲିସ ଚଢାଉ ସମୟରେ ୬୦୦ ବସ୍ତା ପୁଟି ଜବତ କରିଛି। ଏହି ଘଟଣାର ମୁଖ୍ୟ ସଦାଶିବ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି। ତାଙ୍କ ନାମରେ ୪୮୨, ୪୨୦ ଆଇପିସି, ୧୦୨, ୧୦୩ ଟ୍ରେଡିଂ ଆକ୍ଟ, ୬୩ କପି ରାଇଟ୍ ଆକ୍ଟ, ୭୯, ୭୮ ପେଡ୍ ମର୍ଚାଣ୍ଟ ଆକ୍ଟରେ ଏକ ମାମଲା ରୁଜୁ ହୋଇଛି। ୬ ମାସ ହେବ ଏହି କାରଖାନା ଜଗତ୍‌ପୁର ଶିଳ୍ପାଞ୍ଚଳରେ ଗଢି ଉଠିଥିବା ପୋଲିସ ଅନୁମାନ କରୁଛି। ସଦାଶିବଙ୍କ ସହ ଆଉ କିଛି ସହଯୋଗୀ ଏଥିରେ ସାମିଲ ଥିବା ନେଇ ପୋଲିସ ସନ୍ଦେହ କରୁଛି। ସୂଚନାଯୋଗ୍ୟ, ଜଗତ୍‌ପୁର ଅଞ୍ଚଳରୁ ପୂର୍ବରୁ ନକଲି ସିମେଣ୍ଟ, ନକଲି ତେଲ କାରଖାନା ମଧ୍ୟ ଠାବ ହୋଇଥିଲା। ତେବେ ଜଗତ୍‌ପୁର ଶିଳ୍ପାଞ୍ଚଳରୁ ନିୟମିତ ବ୍ୟବଧାନରେ ନକଲି ସାମଗ୍ରୀ ତିଆରି କାରଖାନା ଠାବ ହେବା ସ୍ପଷ୍ଟ କରୁଛି କି କଟକର ବିଭିନ୍ନ ବଜାର ସମେତ ରାଜ୍ୟର ଅନ୍ୟ କେତେକ ଅଞ୍ଚଳକୁ ମଧ୍ୟ ଏହିଠାରୁ ନକଲି ସାମଗ୍ରୀ ଚାଲାଣ ହେଉଛି। ତେବେ କେବଳ ଚଢ଼ାଉ ନୁହେଁ ଏହିଭଳି ଅସାଧୁ ବ୍ୟବସାୟୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

# କୋଟିପତି ଲାମ୍ପ୍‌ସ ଏମ୍‌ଡି

**କଟକ ଅଫିସ, ୨୭।୯**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଲାର୍ଜ ଏରିଆ ମଲ୍‌ଟି ପର୍ପୋଜ କୋଅପରେଟିଭ ସୋସାଇଟି (ଲ୍ୟାମ୍ପ୍‌ସ)ର ପରିଚାଳନା ନିର୍ଦ୍ଦେଶକ ମନସାଇ ପନ୍‌କାଙ୍କ ଘରେ ଗୁରୁବାର ଭିଜିଲାନ୍ସ ଯାଞ୍ଚ କରିଛି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। କୋରାପୁଟ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ପନ୍‌କାଙ୍କ ଘର, ଅଫିସ ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ସ୍ଥାନଗୁଡ଼ିକ ମଧ୍ୟରେ ଝରିଗାଁସ୍ଥିତ ଲ୍ୟାମ୍ପସ୍ କାର୍ଯ୍ୟାଳୟ, ଭରାଣ୍ଡିପଡ଼ାଠାରେ ଥିବା ଦୁଇ ମହଲା ବିଶିଷ୍ଟ ଆବାସିକ କୋଠା ଓ ଏକ ମହଲା ବିଶିଷ୍ଟ ଆଉଏକ କୋଠା, ଉମରକୋଟଠାରେ ଥିବା ନିର୍ମାଣାଧୀନ ଘର ରହିଛି। ଯାଞ୍ଚରୁ ମୋଟ ୧ କୋଟି ୩୪ ଲକ୍ଷ ୬୯୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଏହି ସମ୍ପତ୍ତି ପନ୍‌କା ଓ ତାଙ୍କ ପରିବାରବର୍ଗଙ୍କ ନାମରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ଭରାଣ୍ଡିପଡ଼ାଠାରେ ଥିବା ଦୁଇ ମହଲା କୋଠାର ମୂଲ୍ୟ ୮୩ ଲକ୍ଷ ୧୦ହଜାର ୭୦୫ ଟଙ୍କା ହୋଇଥିବାବେଳେ ଉମରକୋଟଠାରେ ନିର୍ମାଣାଧୀନ ଏକ ମହଲା କୋଠାର ମୂଲ୍ୟ ୧୪ ଲକ୍ଷ ୮୩ହଜାର ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ସେହିପରି ଭରାଣ୍ଡିପଡ଼ାଠାରେ ପନ୍‌କାଙ୍କର ୨ ଲକ୍ଷ ୯୩ହଜାର ୬୩୫ ଟଙ୍କା ମୂଲ୍ୟର ଗୋଟିଏ ଏକ ମହଲା କୋଠା ଓ ହାଟପଡ଼ା ନିକଟରେ ଥିବା ଗୋଟିଏ ଟିଣ ଘରର ମୂଲ୍ୟକୁ ୨ ଲକ୍ଷ ୫୦ହଜାର ଟଙ୍କାରେ ହିସାବ କରାଯାଇଛି। ସେହିପରି ଭରାଣ୍ଡିପଡ଼ା ନିକଟରେ ତାଙ୍କର ୩ଟି ଘରବାରି ପ୍ଲଟ ଥିବାବେଳେ ତେଲଗାଁ, ଧାନପୁର ଓ ଭରାଣ୍ଡିପଡ଼ା ନିକଟରେ ଚାଷଜମି ରହିଛି। ଉକ୍ତ ପ୍ଲଟ ଓ ଜମିର ମୂଲ୍ୟକୁ ଭିଜିଲାନ୍ସ ୧୦ ଲକ୍ଷ ୧୧ହଜାର ୩୦୦ ଟଙ୍କାରେ ଆକଳନ କରିଛି। ଏହାବାଦ୍ ତାଙ୍କର ୧୪ ଲକ୍ଷ ଟଙ୍କା ମୂଲ୍ୟର ଦୁଇଟି କାର, ୬ ଲକ୍ଷ ଟଙ୍କା ମୂଲ୍ୟର ଗୋଟିଏ ଟ୍ରାକ୍ଟର ଓ ୫୨ହଜାର ୪୮୯ ଟଙ୍କା ମୂଲ୍ୟର ଗୋଟିଏ ବାଇକ୍ ରହିଛି। ପନ୍‌କା ବ୍ୟାଙ୍କ ଓ ଏଲ୍‌ଆଇସି ବାବଦରେ ୧ ଲକ୍ଷ ୪୪ହଜାର ୬୮୬ ଟଙ୍କା ଜମା ରଖିଥିବାବେଳେ ତାଙ୍କ ଘରୁ ଦେଢ ଲକ୍ଷ ଟଙ୍କା ମୂଲ୍ୟର ସୁନା, ରୁପା ଗହଣା, ନଗଦ ୧ ଲକ୍ଷ ୩୪ହଜାର ୬୯୨ ଟଙ୍କା ଓ ୭ ଲକ୍ଷ ୨ହଜାର ୭୩୮ ଟଙ୍କା ମୂଲ୍ୟର ଆସବାବପତ୍ର ଭିଜିଲାନ୍ସ ଠାବ କରିଛି।

■୪ ସ୍ଥାନରେ ଭିଜିଲାନ୍ସ ଯାଞ୍ଚ

■ଠାବ ସମ୍ପତ୍ତିର ମୂଲ୍ୟ ୧ କୋଟି ୩୪ଲକ୍ଷ ୬୯୨ ଟଙ୍କା




ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଗୁରୁବାର କଟକ ବାରବାଟୀ ଦୁର୍ଗ ନିକଟରୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ବାହାରିଥିବା ଶୋଭାଯାତ୍ରା।

## 'ପୋଲିସର ସମସ୍ତ ମହାସଂଘକୁ ଅବୈଧ ଘୋଷଣା କରାଯାଉ'

**କଟକ ଅଫିସ, ୨୭।୯**

ରାଜ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିଭିନ୍ନ ଦାବି ନେଇ କାର୍ଯ୍ୟବନ୍ଦ କରି ଆନ୍ଦୋଳନ ଚଳାଇଛନ୍ତି। ରାଜ୍ୟ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଜରୁରିକାଳୀନ ପରିସ୍ଥିତି ସହ ମୁକାବିଲା କରିବା ପାଇଁ ନିୟୋଜିତ ହୋଇଥାନ୍ତି। କିନ୍ତୁ ଏମାନଙ୍କର କାର୍ଯ୍ୟବନ୍ଦ ଆନ୍ଦୋଳନ ଜନସାଧାରଣଙ୍କ ମନରେ ଭୟାବହ ପରିସ୍ଥିତି ଉପୁଯାଉଛି। ଅପରପକ୍ଷେ ପୋଲିସ ଓ ଆଇନଜୀବୀଙ୍କ ମଧ୍ୟରେ ଚାଲିଥିବା ବିବାଦରେ ଯଦି କେହି କନଷ୍ଟେବଳ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଏ ତେବେ ରାଜ୍ୟର ହାବିଲଦାର ଓ କନଷ୍ଟେବଳ ମହାସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଯାହାକୁ ଓଡ଼ିଶା ସୁରକ୍ଷା ସେନାର ରାଜ୍ୟ ସଭାପତି ଅଭିଷେକ ଯୋଶୀ ଦୃଢ ନିନ୍ଦା କରିବା ସହ ମୁଖ୍ୟମନ୍ତ୍ରୀ ଏସବୁ ମହାସଂଘକୁ ଅବୈଧ ଘୋଷଣା କରନ୍ତୁ ବୋଲି ପତ୍ର ମାଧ୍ୟମରେ ଦାବି କରିଛନ୍ତି। ପ୍ରକାଶଥାଉ କି, ପୋଲିସ ପ୍ରଶାସନମାନଙ୍କର ମହାସଂଘ ସମ୍ପୂର୍ଣ୍ଣ ଭାବେ ଅଗଣତାନ୍ତ୍ରିକ। ସମ୍ବିଧାନ ଅନୁସାରେ କୌଣସି ସଶସ୍ତ୍ର ବାହିନୀ ମହାସଂଘ ଗଠନ କରିପାରିବେ ନାହିଁ। ସେମାନେ ଏକା ବ୍ୟବସ୍ଥା ମଧ୍ୟରେ ରହି ସେମାନଙ୍କର ଉପରିସ୍ଥ ଅଧିକାରୀଙ୍କ ନିକଟରେ ନିଜର ଦାବି ଉପସ୍ଥାପନ କରିବେ। ଭାରତର ବହୁ ରାଜ୍ୟ ସରକାର ସେମାନଙ୍କ ରାଜ୍ୟର ଏହିଭଳି ସଂଗଠନଗୁଡ଼ିକୁ ଭଙ୍ଗ କରିଦେଇଛନ୍ତି। ଯଦି ଏହି ମହାସଂଘଗୁଡ଼ିକ ଏହିପରି କାର୍ଯ୍ୟ ବନ୍ଦ କରି ଆନ୍ଦୋଳନ କରିଚାଲନ୍ତି ତେବେ ରାଜ୍ୟରେ ଏକ ଭୟାବହ ପରିସ୍ଥିତି ସୃଷ୍ଟି କରିବ। ଏଣୁ ଏସବୁକୁ ଅବୈଧ ଘୋଷଣା କରାଯିବା ନିତ୍ୟାନ୍ତ ଆବଶ୍ୟକ ବୋଲି ଯୋଶୀ ମତବ୍ୟକ୍ତ କରିଛନ୍ତି।



ଭବିଷ୍ୟତ ପାଇଁ କେଉଁଟା ଶୁଭଦାୟକ ତାହା ଅତୀତ ବିଷୟରେ ହାସଲ କରିଥିବା ଜ୍ଞାନ ହିଁ କହିପାରିବ।

- କନ୍‌ଫୁସିୟସ



## ସଂକ୍ଷେପରେ

### ନିର୍ବାଚନ ସମ୍ପର୍କରେ ସଚେତନତା



**ଖୋର୍ଦ୍ଧା ଅଫିସ,୨୭।୯:** ଖୋର୍ଦ୍ଧାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରୁ ସାଢ଼େ ୧୨ଟା ମଧ୍ୟରେ ଇଲେକ୍ଟ୍ରିକାଲ ଲିଟ୍ରେସରି କ୍ଲବ ଉପରେ ଆଲୋଚନା ହୋଇଯାଇଛି। ଏହି ଆଲୋଚନା ଭୋଟର ତାଲିକା, ନିର୍ବାଚନ କାର୍ଯ୍ୟଶୈଳୀ ଉପରେ ପର୍ଯ୍ୟବସିତ ଥିଲା। ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁ ଏଥିରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ।

### ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**ଖୋର୍ଦ୍ଧା ଅଫିସ,୨୭।୯:** ଜିଲା ସଂସ୍କୃତି ଭବନ ପରିସରରେ ଗୁରୁବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି। ଜିଲା ପର୍ଯ୍ୟଟନ ଅଧିକାରୀ ରିନା ରଥ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସେବତୀ ପରିଡା, ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀ, କବି ବଳରାମ ରଣସିଂହ, ବିଜ୍ଞାନ ପର୍ଯ୍ୟବେକ୍ଷକ ଅଦୈତ୍ୟ ବଳିଆର ସିଂହ, ବେଗୁନିଆ ବିଇଓ ଲଛମନ ପରିଡା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ସଚେତନତା ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରି ଥିଲା। ଏହି ଶୋଭାଯାତ୍ରାରେ ଅତିଥିଦେବ ଭବଃ ବାରମ୍ବାର ଉଚ୍ଚାରଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ ମଲ୍ଲିକ ପତାକା ଦେଖାଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ।

### ପୋଲିସଙ୍କୁ ଆକ୍ରମଣ ଘଟଣା: ରୁଜୁ ହେଲା ମାମଲା

**ଖୋର୍ଦ୍ଧା ଅଫିସ,୨୭।୯:** ବାଜପୁର ଗାଁର ଶଙ୍କର ବେହେରାଙ୍କ ମୃତ୍ୟୁକୁ ନେଇ ଘଟିଥିବା ରାସ୍ତାରୋକୋ, ପୋଲିସକୁ ଟେକାମାଡ଼ ସମ୍ପର୍କରେ ଖୋର୍ଦ୍ଧା ସଦର ଥାନା ଓ ଟାଉନ ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଛି। ଟାଉନ ଥାନା ଆଇଆଇସି ରଣଜିତ ସାହୁଙ୍କ ଅଭିଯୋଗକ୍ରମେ ଥାନା ପକ୍ଷରୁ ରଞ୍ଜନ ସୁନ୍ଦରାଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ମାମଲା (ନଂ. ୩୭୪/୧୮) ରୁଜୁ ହୋଇଛି। ସେହିଭଳି ସଦର ଥାନା ପକ୍ଷରୁ ଅପମୃତ୍ୟୁ ମାମଲା(ନଂ.୧୨/୧୮) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶଯେ, ଖୋର୍ଦ୍ଧା ସଦର ଥାନା ବାଜପୁର ଗାଁରେ ବୁଧବାର ଘଟିଥିବା ଶଙ୍କର ବେହେରାଙ୍କ ମୃତ୍ୟୁକୁ ହତ୍ୟା ଅଭିଯୋଗ ପରିବାର ଲୋକ ଆଣିଥିବାବେଳେ ପୋଲିସର ଅଣଦେଖାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା। ହତ୍ୟାକାରୀଙ୍କୁ ଗିରଫ ଦାବିରେ ମୃତକଙ୍କ ପରିବାର ଓ ଆତ୍ମୀୟ ଲୋକ ମୃତଦେହକୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ୧୬ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ।

### ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦାବିରେ ଜିଲାପାଳଙ୍କୁ ସ୍ମାରକପତ୍ର

ଖୋର୍ଦ୍ଧା ଅଫିସ,୨୭।୯: ଶ୍ରୀଜଗନ୍ନାଥଙ୍କ ଗୋପନ ଆଶ୍ରୟସ୍ଥଳୀ ତଥା ଲୀଳାକ୍ଷେତ୍ର କାଙ୍କଣଶିଖରୀ ଓ ହରିହରେଶ୍ୱର ମନ୍ଦିରକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ କୁହୁଡି ରତନପୁରର କଳିଙ୍ଗ କନ୍ୟା ପାଇକ ଆଖଡା ପକ୍ଷରୁ ଦାବି ହୋଇ ଆସୁଛି। ଏହି ପରିପ୍ରେକ୍ଷୀରେ ସଙ୍ଗଠନର ପ୍ରତିଷ୍ଠାତା ସୁନିତା ବେହେରା, ସଦସ୍ୟା ମୀନା ରାଣୀ ଓ ମୀନତି ବେହେରା ପ୍ରମୁଖ ଚିଲିକା ବଡକୁଳ ପାନ୍ଥ ନିବାସ ଠାରେ ଅନୁଷ୍ଠିତ ପର୍ଯ୍ୟଟନ ଉତ୍ସବରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଉପ ଜିଲାପାଳ ସରୋଜ କୁମାର ସାହୁ ଓ ଜିଲା ପର୍ଯ୍ୟଟନ ଅଧିକାରୀ ରିନା ରଥଙ୍କୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଉଦ୍ଦେଶ୍ୟରେ ପୃଥକ ଭାବେ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।



## ■ କ୍ଷୁଣ୍ଣ ହେଉଛି ଶିଶୁଙ୍କ ଅଧିକାର

# କଅଁଳ ବୟସରେ ପରିବାର ବୋଝ

**ଖୋର୍ଦ୍ଧା ଅଫିସ,୨୭।୯**

**ଯତ୍ନ ଓ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ଲୋକଦେଖାଣିଆ**

ଶିଶୁଙ୍କ ଯତ୍ନ ଓ ଭବିଷ୍ୟତ ପାଇଁ କାହାରି ଚିନ୍ତା ନାହିଁ । ଜିଲା ସଦର ମହକୁମାଠାରୁ ଆରମ୍ଭ କରି ସହରାଞ୍ଚଳ, ବ୍ଲକ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଶିଶୁ ଶ୍ରମିକ ନିୟୋଜିତ ହୋଇଛନ୍ତି। ହେଲେ ଏହି ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ସର୍ବଶିକ୍ଷା ଅଭିଯାନ, ଶ୍ରମ ବିଭାଗ, ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ) ଓ ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲୁସି)ର ପଦକ୍ଷେପ ନାହିଁ। କଅଁଳ ବୟସରେ ପରିବାରର ବୋଝ ସମ୍ଭାଳୁଥିବାରୁ ଶିଶୁଙ୍କ ଅଧିକାର କ୍ଷୁଣ୍ଣ ହେଉଛି। ଏହି ଦିଗରେ ଜିଲା ପ୍ରଶାସନର ଉଦ୍ୟମ ମଧ୍ୟ ଉଦ୍‌ବେଗଜନକ ବୋଲି ଅଭିଯୋଗ ହୋଇ ଆସୁଛି। ଏଭଳିସ୍ଥିତିରେ ଶିଶୁମାନେ ଆଇନକାନୁନ୍ ବିଷୟରେ ମଧ୍ୟ ସେମାନଙ୍କର ଧାରଣା ନାହିଁ। ଯେଉଁ ବୟସରେ ସେମାନଙ୍କ ହାତରେ ବହି ବସ୍ତାନି ଧରିବା କଥା ସେହି ବୟସରେ ସେମାନେ ଅନ୍ଧ ଗଳିରେ ଦିନତମାମ ହାଡଭଙ୍ଗା ଖଟଣିରେ ବ୍ୟସ୍ତ। ଦାରିଦ୍ର୍ୟରେ ହେଉ କିମ୍ବା ଅନ୍ୟ କୌଣସି କାରଣ ହେଉ କାମ କରି ପରିବାର ଚଳାଇବା ସେମାନଙ୍କ ପାଇଁ ସତେ ଯେପରି ଏକ ପ୍ରଥା ପାଲଟି ଯାଇଛି। ମୁଣ୍ଡଝାଳ ତୁଣ୍ଡରେ ମାରି ପରିଶ୍ରମ କରିବାରେ ମାହିର ପାଲଟି ଯାଇଛନ୍ତି । ଆଇନ ଅନୁଯାୟୀ ଶିଶୁ ଶ୍ରମିକ ପ୍ରଥା ସମ୍ପୂର୍ଣ୍ଣ ବେଆଇନ। ୧୯୮୬ ମସିହାରେ ପ୍ରଣୀତ ଶିଶୁ ଶ୍ରମିକ ନିୟନ୍ତ୍ରଣ ଆଇନକୁ ସରକାର ଓ ପ୍ରଶାସନ ଠିକ୍ ଭାବେ କାର୍ଯ୍ୟ କରିବାରେ ବିଫଳ ହେବାରୁ ସୁପ୍ରିମକୋର୍ଟ ଏ ନେଇ ସରକାରଙ୍କୁ ତାଗିଦ୍ କରିବା ସହ ଏହାକୁ କଡାକଡି ଭାବେ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଇନ ମାଧ୍ୟମରେ ଶିଶୁ ଶ୍ରମିକ ଉଚ୍ଛେଦ ଓ ସେମାନଙ୍କୁ ଥଇଥାନ ତଥା ଏହାକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତି ବିଶେଷଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଏହା ସତ୍ତ୍ୱେ ଖୋର୍ଦ୍ଧା ଜିଲାରେ ଶିଶୁ ଶ୍ରମିକ ସମସ୍ୟା ହ୍ରାସ ପାଇ ନାହିଁ। ଜିଲାରେ ସଂଖ୍ୟାଧିକ ଲୋକ ଗରିବ ଶ୍ରେଣୀର ହୋଇଥିବାବେଳେ ସେମାନେ ନିଜ ପିଲାଙ୍କୁ ପାଠ ପଢ଼ାଇବା ପରିବର୍ତ୍ତେ ଲୋକଙ୍କ ଘରେ ବାର୍ଷିକ ଚୁକ୍ତିରେ କାମ କରାଇବା ପାଇଁ ରଖାଉଛନ୍ତି। ଏହା ବ୍ୟତୀତ ବିଭିନ୍ନ ବ୍ଲକ ଓ ସହରରେ ହେଉଥିବା ବିଭିନ୍ନ କାମରେ ବଡ ଲୋକଙ୍କ ଅପେକ୍ଷା ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିବାକୁ ଠିକାଦାରମାନେ ଅଧିକ ଗୁରୁତ୍ୱ ଦେଇଥାନ୍ତି। କାରଣ ସେମାନଙ୍କୁ ନିୟୋଜିତ କଲେ କମ ମଜୁରିରେ ଅଧିକ କାମ ହୋଇ ଯାଇଥାଏ। ଏଭଳିସ୍ଥିତିରେ ଖୋର୍ଦ୍ଧା ସଦର ମହକୁମା, ଜଟଣୀ ଓ ବାଲୁଗାଁ ସହରାଞ୍ଚଳର ବିଭିନ୍ନ ହୋଟେଲ, ଢାବା, ଟାୟାର ଦୋକାନ, କ୍ରଶର, ପାଉଁରୁଟି ଫ୍ୟାକ୍ଟ୍ରିରେ ଶିଶୁମାନେ କାମ କରୁଥିବା ଦେଖିବାକୁ ମିଳୁଛି। ପ୍ରତିଦିନ ୧୦ରୁ ଊର୍ଦ୍ଧ୍ୱ ଶିଶୁ ଖୋର୍ଦ୍ଧା ବଜାରରେ ଭିକ୍ଷାବୃତ୍ତି କରୁଥିବା ଦେଖିବାକୁ ମିଳୁଛି। ସେହିପରି ଜିଲାର ବେଗୁନିଆ, ବୋଲଗଡ, ବାଣପୁର, ଚିଲିକା, ଟାଙ୍ଗୀ, ଜଟଣୀ ସମେତ ଅନ୍ୟ ବ୍ଲକ ଅଞ୍ଚଳରେ ଶିଶୁ ଶ୍ରମିକ କାର୍ଯ୍ୟ କରୁଛନ୍ତି। ସାମାନ୍ୟ କିଛି ପଇସା ଓ ମୁଠାଏ ଖାଦ୍ୟ ପାଇଁ ପର ପାଖରେ ନିଜକୁ ବନ୍ଧା ପକାଇ ଦେଉଛନ୍ତି ସେମାନେ। କେଉଁଠି କାମରେ ସାମାନ୍ୟ ଭୁଲ ହେଲେ ମାଡ଼ ସହିବାକୁ ପଡୁଛି ତ ଆଉ କେଉଁଠି ନିର୍ଯାତନା ସହି ନ ପାରି ଶିଶୁ ଛାଡି ପଳାଉଛି । ଜରି ଗୋଟାଇବା ହେଉ କି ବାଣ ତିଆରି ହେଉ, ଇଟାଭାଟି, କଳକାରଖାନା, ଗ୍ୟାରେଜ ସବୁଠି ଶିଶୁ ଶ୍ରମିକମାନେ ପରିବାର ପ୍ରତିପୋଷଣ କରିବା ପାଇଁ ଖଟି ଚାଲିଛନ୍ତି। ଅନେକ କ୍ଷେତ୍ରରେ ମାତାପିତା ମଧ୍ୟ ସେମାନଙ୍କ ଶିଶୁଙ୍କୁ ଶ୍ରମିକ କାର୍ଯ୍ୟ କରିବାକୁ ବାଧ୍ୟ କରିଥାନ୍ତି। ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ସ୍କୁଲ ଆଣି ପୁଣି ପାଠ ପଢ଼ାଇବାର ବ୍ୟବସ୍ଥା ଥିଲେ ମଧ୍ୟ ସେସବୁ ଯୋଜନା ଠିକ ଭାବେ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ସହରରେ ଭିକ୍ଷାବୃତ୍ତି କରୁଥିବା ମାଧବୀ(୯), ପ୍ରମିଳା(୧୧), ଗୌରାଙ୍ଗ କୁହନ୍ତି, ଭିକ୍ଷା ନ ମାଗିଲେ ଉପବାସ ରହିବାକୁ ପଡିବ। ପାଠ ପଢ଼ିଲେ କିଏ ଖାଇବାକୁ ଦେବ। ବଞ୍ଚିବା ପାଇଁ ଭିକ୍ଷାବୃତ୍ତି ଦରକାର। ପାଠ ପଢ଼ିଲେ କ'ଣ କରିବୁ ବୋଲି କହିଥିଲେ।

## ସ୍ୱଦେଶୀ ସପ୍ତାହ ଉଦ୍‌ଘାଟିତ



ସ୍ୱଦେଶୀ ସପ୍ତାହ ଉଦ୍‌ଘାଟନ ଅବସରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

**ଖୋର୍ଦ୍ଧା ଅଫିସ,୨୭।୯:** ଖୋର୍ଦ୍ଧା ଜିଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ସ୍ୱଦେଶୀ ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଜୟନ୍ତୀଠାରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ପାଳନ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ୱଦେଶୀ ଜାଗରଣ ମଞ୍ଚର ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଶିକ୍ଷାବିତ୍ ଧୀରେନ୍ଦ୍ର ନନ୍ଦ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ପ୍ରଧାନଆଚାର୍ଯ୍ୟ ବିଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନନ୍ଦ ସ୍ୱଦେଶୀ କ'ଣ, କାହିଁକି ଓ କିପରି ଉପରେ ବିସ୍ତୃତ ଭାବେ ଆଲୋଚନା କରି ଦେଶର ସମୃଦ୍ଧି ପାଇଁ ସ୍ୱଦେଶୀ ହିଁ ଏକମାତ୍ର ପନ୍ଥା ବୋଲି କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁରୁଜୀ ଗଗନ ବିହାରୀ ପ୍ରତିହାରୀ ଅତିଥି ପରିଚୟ ଓ ସିଦ୍ଧେଶ୍ୱର ସିଂହ ଧନ୍ୟବାଦ ଦେଇଥିଲେ।

## ଶିକ୍ଷାରେ ଆଧ୍ୟାତ୍ମିକତା ଉତ୍କୃଷ୍ଟ ରାଷ୍ଟ୍ର ଗଠନର ମୂଳ ଆଧାର

**ଖୋର୍ଦ୍ଧା ଅଫିସ,୨୭।୯:**




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦସ୍ଥିତ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆଡଭାନ୍ସ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ୍ ଟେକ୍ନୋଲୋଜି ପରିସରରେ ଉତ୍କୃଷ୍ଟ ରାଷ୍ଟ୍ର ଗଠନର ଆଧାର ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୋତ୍କର୍ଷ ସାହିତ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ଶିକ୍ଷାବିତ୍ ଡକ୍ଟର ଧୀରେନ୍ଦ୍ର ନନ୍ଦ ଅଧ୍ୟକ୍ଷତା କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ମଞ୍ଚର ରାଜ୍ୟ ଆବାହକ ଡ. ପ୍ରଫୁଲ୍ଲ କୁମାର ରଥ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଲେ, ଭାରତୀୟ ସଂସ୍କୃତି ବିଶ୍ୱର ସର୍ବଶ୍ରେଷ୍ଠ ସଂସ୍କୃତି। ଆଜିର ଶିକ୍ଷା ବ୍ୟବସ୍ଥାରେ ଏହି ମହାନ୍ ସଂସ୍କୃତି ଓ ପରମ୍ପରାକୁ ଯୋଡିବାକୁ ହେବ। ଶିକ୍ଷାରେ ଆଧ୍ୟାତ୍ମିକତା ହେଉଛି ଉତ୍କୃଷ୍ଟ ରାଷ୍ଟ୍ର ଗଠନର ମୂଳ ଆଧାର। ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଡ. ବୃନ୍ଦାବନ ପଣ୍ଡା, ପଣ୍ଡିତ ସଚ୍ଚିଦାନନ୍ଦ ଖାଡଙ୍ଗା, ସତ୍ୟବାନ ଶ୍ରୀଚନ୍ଦନ, ସିଦ୍ଧେଶ୍ୱର ସିଂହ, ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦିକା ସଂଘମିତ୍ରା ରାଜଗୁରୁ ସ୍ୱାଗତ ଭାଷଣ ଦେଇଥିଲେ।

## ଆକ୍ରମଣ ଘଟଣା: ଏସ୍‌ପିଙ୍କ ନିକଟରେ ଫେରାଦ ହେଲେ ପରିବାର ଲୋକେ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୭।୯(ଡି.ଏନ.ଏ.):**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କମାଗୁରୁ ଗାଁରେ ଗତ ୨୩ତାରିଖ ସନ୍ଧ୍ୟାରେ ଗ୍ରାମସଭା ଚାଲୁ ଥିବାବେଳେ ନିରୁପମା ମହରଣାଙ୍କ ଦୁଇ ପୁଅ, ସ୍ୱାମୀ ପ୍ରଭାକର, ଭଣଜାଙ୍କୁ ମିଳିତ ଆକ୍ରମଣ ହୋଇଥିବା ଜଙ୍କିଆ ଥାନାରେ ଅଭିଯୋଗ ହୋଇଥିଲା। ଜଙ୍କିଆ ପୋଲିସ ପଦକ୍ଷେପ ନ ନେବାରୁ ଅସହାୟ ପରିବାର ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁରୁବାର ଭେଟି ନିଜର ଦୁଃଖ ଜଣାଇଛନ୍ତି । ଅଭିଯୋଗ ଅନୁସାରେ ପୋଲିସ ଶାସକ ଦଳ ଚାପରେ ଚୁପ ରହିଛି। ଏନେଇ ପୋଲିସ ସରପଞ୍ଚଙ୍କ ସମ୍ପର୍କରେ ହୋଇଥିବା ଅଭିଯୋଗର ସମାଧାନ ହୋଇସାରିଛି ବୋଲି ପ୍ରକାଶ କରିଛନ୍ତି । ତେବେ ଅଭିଯୋଗକାରୀ ସତ୍ୟ କହୁଛନ୍ତି ନାଁ ଜଙ୍କିଆ ଥାନା ପୋଲିସ ସତ୍ୟ କହୁଛନ୍ତି ତାହା ତଦନ୍ତସାପେକ୍ଷ ।

## ସାହିତ୍ୟ ସଂସଦର ରଜତ ଜୟନ୍ତୀ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା ଅଫିସ,୨୭।୯:**

ଖୋର୍ଦ୍ଧା ସହରର ଶ୍ରୀରାମ ନଗରସ୍ଥିତ ଖୋର୍ଦ୍ଧା ସାହିତ୍ୟ ସଂସଦ ପକ୍ଷରୁ ଗୁରୁବାର ରଜତ ଜୟନ୍ତୀ ପ୍ରସ୍ତୁତି ବୈଠକ ଅଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଶିକ୍ଷାବିତ୍ ଧୀରେନ୍ଦ୍ର ନନ୍ଦ ବାର୍ଷିକ ଯୋଜନାର ରୂପରେଖ ପ୍ରଦାନ କରି କହିଛନ୍ତି, ସଂସଦ ୧୯୮୫ରୁ ଆରମ୍ଭ ହୋଇଥିଲେ ସୁଦ୍ଧା ଏହାର ରଜତ ଜୟନ୍ତୀ ଉତ୍ସବ ପାଳନ କରାଯାଇ ନାହିଁ। ଆସନ୍ତା ଡିସେମ୍ବର ମାସରେ ହେବାକୁ ଥିବା ବାର୍ଷିକୋତ୍ସବକୁ ସଂସଦର ରଜତ ଜୟନ୍ତୀ ଉତ୍ସବ ଭାବେ ୩ ଦିନ ଧରି ପାଳନ ହେବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଉଦ୍ଦେଶ୍ୟରେ ସଂସଦର ମୁଖପତ୍ର କସ୍ତୁରୀ ଉନ୍ମୋଚନ ହେବ । ଏଥିପାଇଁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଏବଂ ପ୍ରତିବର୍ଷ ଭଳି ଜିଲା ତଥା ରାଜ୍ୟର କିଛି ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିରେ ସଂସଦର ଉପସଭାପତି ଯୋଗେଶ ରଥ, ସହସମ୍ପାଦକ କୈଳାଶ ଚନ୍ଦ୍ର ମହାରଣା, ସଙ୍ଗଠନ ସମ୍ପାଦକ ବିଭୁପ୍ରସାଦ ହରିଚନ୍ଦନ, ବୈକୁଣ୍ଠନାଥ ରାଜଗୁରୁ ଓ ଜ୍ଞାନରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଆଲୋଚନା ପରେ ଆନ୍ଦୋଳନରୁ ଓହରିଲା ଓକିଲ ସଂଘ

**ଟାଙ୍ଗୀ(ଖୋର୍ଦ୍ଧା),୨୭।୯(ଡି.ଏନ.ଏ.)**

ଟାଙ୍ଗୀ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଆଶିଷ କୁମାର ଜେନା ଓ ଓକିଲ ଜ୍ୟୋତିର୍ମୟ ସାହୁଙ୍କ ମଧ୍ୟରେ ଚଳିତ ମାସ ୨ରେ ବିବାଦ ସୃଷ୍ଟି ହୋଇଥିଲା। ଏହା ପରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିଲା। ଉଭୟଙ୍କ ପକ୍ଷରୁ ଟାଙ୍ଗୀ ଥାନାରେ ପରସ୍ପର ବିରୋଧୀ ୨ଟି ଲିଖିତ ଏତଲା ଦାଖଲ ପୂର୍ବକ ମାମଲା ରୁଜୁ ପରେ ମଧ୍ୟ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଓକିଲ ସଂଘ ତହସିଲଦାରଙ୍କ ବଦଳି ଦାବି କରି ଓଡ଼ିଶା ରାଜସ୍ୱ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସାକ୍ଷାତ କରିଥିଲେ। ଖୋର୍ଦ୍ଧା ସିଭିଲ କୋର୍ଟର ରେଜିଷ୍ଟ୍ରର ଶଙ୍ଖ ଚକ୍ରବର୍ତ୍ତୀ ଓ ଉପଜିଲାପାଳ ସରୋଜ କୁମାର ସାହୁଙ୍କ ଉଦ୍ୟମ ମଧ୍ୟ ବିଫଳ ହୋଇଥିଲା। ଆନ୍ଦୋଳନ ଜାରି ରହିଥିବାରୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ଗୁରୁବାର ଜିଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ ଚନ୍ଦ୍ର ସ୍ୱାଇଁ, ବାଲୁଗାଁ ଏସଡିପିଓ ସୁବାସ ଚନ୍ଦ୍ର ପଣ୍ଡା ଓ ଟାଙ୍ଗୀ ଥାନାଧିକାରୀ ସରୋଜ କୁମାର ଉପାଧ୍ୟାୟ ପ୍ରମୁଖ ଓକିଲ ସଂଘ ସହିତ ଆଲୋଚନା କରିଥିଲେ। ପ୍ରଶାସନ ସେମାନଙ୍କ ଦାବି ପୂରଣ ଦିଗରେ ଉଦ୍ୟମ ଜାରି ରଖିବା ପ୍ରତିଶ୍ରୁତି ସହ ଆନ୍ଦୋଳନ ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିବା ଟାଙ୍ଗୀ ଥାନାଧିକାରୀ କହିଛନ୍ତି । ଏହାପରେ ଓକିଲ ସଂଘ ବିଚାର ବିମର୍ଶ କରିଥିଲା। ୧ ମାସ ମଧ୍ୟରେ ତହସିଲଦାରଙ୍କ ବଦଳି କରାଯିବା ଓ ସେହି ସମୟ ମଧ୍ୟରେ ତହସିଲଦାର ଅଫିସକୁ ନ ଆସିବା ପାଇଁ ଓକିଲ ସଂଘ ପକ୍ଷରୁ ପ୍ରସ୍ତାବ ରଖାଗଲା। ଏହି ଦାବିଯୁକ୍ତ ପ୍ରସ୍ତାବ ପୂରଣ ନ ହେଲେ ଓକିଲ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ସଭାପତି ଭାସ୍କର ପ୍ରସାଦ ମହାନ୍ତି ଓ ଆଇନଜୀବୀ ସ୍ୱସ୍ତିକ ରଥଙ୍କ ଠାରୁ ସୂଚନା ମିଳିଛି।

## ■ ଧାନ ଫସଲରେ ରୋଗ ପୋକ

## ଅନୁଧ୍ୟାନ କଲା କୃଷି ବିଭାଗ ଟିମ୍



**ବୋଲଗଡ଼,୨୭।୯(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ଅଞ୍ଚଳର ଧାନ ଫସଲରେ ବିଭିନ୍ନ ରୋଗପୋକର ପ୍ରାଦୁର୍ଭାବ ଦେଖାଦେଇଛି। ତେଣୁ କୃଷି ବିଭାଗର ଏକ ଟିମ୍ ଗୁରୁବାର ବ୍ଲକସ୍ଥ ବିଭିନ୍ନ ଅଞ୍ଚଳ ଗସ୍ତ କରି ଧାନକ୍ଷେତକୁ ଅନୁଧ୍ୟାନ କରିଛି। ବ୍ଲକ ନୋଡ଼ାଲ ଅଧିକାରୀ ତଥା ଆତ୍ମାର ଖୋର୍ଦ୍ଧା ପ୍ରକଳ୍ପ ଉପନିର୍ଦ୍ଦେଶକ ଭୁବନେଶ୍ୱର ଜେନାଙ୍କ ନେତୃତ୍ୱରେ ଏହି ଟିମ୍ ପହଞ୍ଚିଛି। ପିତୁକୁଳି ସହକାରୀ କୃଷି ଅଧିକାରୀ ସୀତାରତ୍ନମାଳା ଦାସ ଓ କୃଷି କର୍ମଚାରୀ ଟିମ୍‌ରେ ସାମିଲ ହୋଇ ପିତୁକୁଳି, ବଡ଼କୁମାରୀ, ବାଙ୍କୋଇ ଏବଂ ଅସରଳା ପଞ୍ଚାୟତ ଅଞ୍ଚଳ ବୁଲିଥିଲେ । ଧାନ ଫସଲରେ ମହିଷା , ପତ୍ରପୋଡ଼ା ଆଦି ରୋଗ ଦେଖିବାକୁ ମିଳିଥିଲା। କିଛି ଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିବା ହେତୁ ଚାଷୀମାନଙ୍କୁ କୀଟନାଶକ ଏବଂ ରୋଗ ନିୟନ୍ତ୍ରକ ଔଷଧ ପକାଇବା ପାଇଁ ଟିମ୍ ପରାମର୍ଶ ଦେଇଛି।

## ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର




ପାଠଚକ୍ରରେ ଉପସ୍ଥିତ ଅତିଥିମାନେ।

**ବେଗୁନିଆ,୨୭।୯(ଡି.ଏନ୍.ଏ.)**

ବେଗୁନିଆ ମହାବିଦ୍ୟାଳୟର ସଭାଗୃହ ପରିସରରେ ଗୁରୁବାର ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ପଙ୍କଜ କୁମାର କରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆତଙ୍କବାଦ ଓ ମାନବିକ ଅଧିକାର ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ଗୋକୁଳାନନ୍ଦ ନାୟକ ଓ ଅଧ୍ୟାପକ ଶୈଳେନ୍ଦ୍ର ଚନ୍ଦ୍ର ଦେଓ ବକ୍ତାଭାବେ ଯୋଗଦେଇ ଦେଶରେ ଦେଖାଦେଇଥିବା ଆତଙ୍କବାଦୀମାନଙ୍କ ଦ୍ୱାରା ମାନବିକ ଅଧିକାର କିଭଳି କ୍ଷୁଣ୍ଣ ହେଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ମୁଖ୍ୟ କିରାଣି ସତ୍ୟନାରାୟଣ ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ମହାବିଦ୍ୟାଳୟର ଯୁକ୍ତ ୩ ବିଭାଗର ବର୍ଷା ବାରିକ, ସୁନିତା ସାମନ୍ତରାୟ, ରୋଜାଲିନ୍ ସାମନ୍ତରାୟ, ଚିକିନା ବୈରିଗଞ୍ଜନ, ଦୀପକ ମିଶ୍ର ଆଦି ଛାତ୍ରୀଛାତ୍ରମାନେ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଶେଷରେ ଅଧ୍ୟାପକ ଦାମୋଦର ସାହୁ ଧନ୍ୟବାଦ ଦେଇଥିଲେ।

## ■ ଶିକ୍ଷାଧିକାରୀଙ୍କ ମନମୁଖି କାର୍ଯ୍ୟ ଅଭିଯୋଗ

# କ୍ରୀଡ଼ା ପ୍ରତିଯୋଗିତାରୁ ବଞ୍ଚିତ ୧୦୬ ଛାତ୍ରୀଛାତ୍ର

**କୃଷ୍ଣପ୍ରସାଦ,୨୭।୯ (ଡି.ଏନ.ଏ.)**

- ■ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ପ୍ରତିଶ୍ରୁତି
- ■ ଅନ୍ଧକାରରେ କ୍ରୀଡ଼ା ପ୍ରତିଭାଙ୍କ ଭବିଷ୍ୟତ
- ■ ନ୍ୟାୟ ନ ମିଳିଲେ ରାଜରାସ୍ତାକୁ ଓହ୍ଲାଇବେ ପ୍ରତିଯୋଗୀ

କ୍ରୀଡ଼ାକୁ ଗୁରୁତ୍ୱ ଦେଇ ପ୍ରାଥମିକ ଶିକ୍ଷାସ୍ତରରୁ ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ଦକ୍ଷ ଓ ପ୍ରତିଭାସମ୍ପନ୍ନ କ୍ରୀଡ଼ାବିତ୍ ଚୟନ ପାଇଁ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିପାଇଁ ଅନେକ ଯୋଜନା ମଧ୍ୟ ରହିଛି। କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ଦୀର୍ଘବର୍ଷ ଧରି ଶିକ୍ଷାବିଭାଗ ପକ୍ଷରୁ ବ୍ଲକ୍‌ସ୍ତରୀୟ, ଜିଲାସ୍ତରୀୟ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ବ୍ଲକ୍‌ସ୍ତରୀୟ କ୍ରୀଡ଼ାବ୍ୟୟ ଅନୁଦାନ ୩୬ ହଜାର ୨୫୦ ଏବଂ ରାଜ୍ୟସ୍ତରୀୟ ଅନୁଦାନ ୪ ଲକ୍ଷ ଟଙ୍କା ରହିଛି। ତେବେ ଜିଲା ଶିକ୍ଷାଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ କୃଷ୍ଣପ୍ରସାଦ ବ୍ଲକ୍‌ର ୧୦୬ ଜଣ ଛାତ୍ରୀଛାତ୍ର ଜିଲା ଏବଂ ରାଜ୍ୟସ୍ତରୀୟ କବାଡି, ଖୋ ଖୋ କ୍ରୀଡ଼ା ପ୍ରତିଯୋଗିତାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏହା ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି। ପ୍ରତିଭାସମ୍ପନ୍ନ ପିଲାମାନଙ୍କର ମନୋବଳ ଏଥିଯୋଗୁ ଦୁର୍ବଳ ହୋଇପଡ଼ିଛି। ସୂଚନାଯୋଗ୍ୟ କି, ପୁରୀ ଜିଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଶାରୀରିକ ନିରୀକ୍ଷକଙ୍କ ଦ୍ୱାରା ଗତ ସେପ୍ଟେମ୍ବର ୪ରେ ସମସ୍ତ କ୍ରୀଡ଼ା ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ବିଶ୍ୱମ୍ଭର ବିଦ୍ୟାପୀଠ ବିଜ୍ଞାନ ଭବନରେ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ କୃଷ୍ଣପ୍ରସାଦ ବ୍ଲକ୍‌ରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ୧୪ ବର୍ଷରୁ କମ୍ କବାଡି ପ୍ରତିଯୋଗିତାରେ ୧୮ ଜଣ, ଖୋ ଖୋରେ ୩୬ ଜଣ, ୧୭ ବର୍ଷରୁ କମ୍ କବାଡି ପ୍ରତିଯୋଗିତାରେ ୧୬ ଜଣ ଏବଂ ଖୋ ଖୋରେ ୩୬ ଜଣ ବ୍ଲକ୍ ପ୍ରତିଯୋଗିତାରୁ ଜିଲା ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଜିଲାସ୍ତରୀୟ ପ୍ରତିଯୋଗିତା ସରିଗଲା। ଏହି କ୍ରୀଡ଼ାବିତମାନେ ଚାହିଁ ବସିଥିବା ବେଳେ ତାଙ୍କୁ ସୁଯୋଗ ମିଳିଲା ନାହିଁ। ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ବରଗଡ଼ରେ ୨୨ ଏବଂ ୨୩ ତାରିଖରେ ଓ ଖୋ ଖୋ ପ୍ରତିଯୋଗିତା ଟିଟିଲାଗଡ଼ରେ ୨୬ ଓ ୨୭ ତାରିଖରେ ଶେଷ ହୋଇଛି। ତେବେ ରାଜ୍ୟର ୨୯ଟି ଜିଲା ଏଥିରେ ଭାଗ ନେଇଥିବା ବେଳେ ପୁରୀ ଜିଲାର ୧୯ଟି ବ୍ଲକ୍ ଏଥିରୁ ବଞ୍ଚିତ ହୋଇଛନ୍ତି। ତେଣୁ ଜିଲାର ସମସ୍ତ ବ୍ଲକ୍‌ର ଖେଳଶିକ୍ଷକ ପୁରୀ ଜିଲାପାଳଙ୍କୁ ସାକ୍ଷାତ କରି ଏକ ଲିଖିତ ଅଭିଯୋଗ କରିଥିବା ବେଳେ ଜିଲାପାଳ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କ୍ରୀଡ଼ାକ୍ଷେତ୍ରରେ କୃତୀ ପ୍ରତିଯୋଗୀଙ୍କୁ ଉଚ୍ଚଶିକ୍ଷା ଓ ଚାକିରି କ୍ଷେତ୍ରରେ ସୁବିଧା ମିଳିଥାଏ। କିନ୍ତୁ କୃଷ୍ଣପ୍ରସାଦ ବ୍ଲକ୍‌ର ୧୦୬ ଜଣ ଏଥିରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଜିଲା ଶିକ୍ଷାଧିକାରିଣୀ ମଞ୍ଜୁଲତା ବେହେରାଙ୍କୁ ପଚାରିବାରୁ ସେ କହିଲେ, ଚଳିତମାସରେ ଅବସର ଗ୍ରହଣ କରୁଛି, ଏଥିପାଇଁ ଯାହା ଖର୍ଚ୍ଚ ହୁଏ ମୁଁ କେମିତି ପାଇବି। ବାସ୍ତବରେ କେତେଜଣ ପ୍ରଶାସନିକ ଅଧିକାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଯେଉଁ କ୍ରୀଡ଼ାପ୍ରତିଭାଙ୍କର ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି ସେଥିପାଇଁ ବାସ୍ତବରେ ଯେଉଁମାନେ ଦାୟୀ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି। କ୍ରୀଡ଼ା ପ୍ରତିଯୋଗିତାରୁ ବଞ୍ଚିତ ହୋଇଥିବା ଚିଲିକା ନୂଆପଡ଼ା ନାରାୟଣ ବିଦ୍ୟାପୀଠର ଛାତ୍ରୀଛାତ୍ରମାନେ ହେଲେ ଅବିନାଶ ପ୍ରଧାନ, ଦୀପକ ଜେନା, ଆଶୁତୋଷ ପ୍ରଧାନ, ରୋଜାଲିନ୍ ଜେନା, ଷ୍ଟାଲିନା ଜାଲି, ଦୀପକ ନାୟକ, ବିକାଶ ବେହେରା, ଅମର ଦଳେଇ ଓ ପ୍ରୀତିଜୁଏଲ ଜେନା । ଏହାର ଉପଯୁକ୍ତ ନ୍ୟାୟ ନ ମିଳିଲେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



ଭବିଷ୍ୟତ ପାଇଁ କେଉଁଟା ଶୁଭଦାୟକ ତାହା ଅତୀତ ବିଷୟରେ ହାସଲ କରିଥିବା ଜ୍ଞାନ ହିଁ କହିପାରିବ।
– କନ୍‌ଫୁସିୟସ



## ସଂକ୍ଷେପରେ

### ବ୍ୟବସାୟୀଙ୍କୁ ମନେଇବା ପାଇଁ ଉଦ୍ୟମ ପ୍ରତିଶ୍ରୁତିରେ ପୋତିଦେଲେ ବିଧାୟକ

**ବ୍ରହ୍ମଗିରି, ୨୭।୯(ଡି.ଏନ୍.ଏ.):** ବ୍ରହ୍ମଗିରି ବଜାର ବ୍ୟବସାୟୀ ସଂଘର ମନେଇବା ପାଇଁ ଗୁରୁବାର ବ୍ରହ୍ମଗିରି ବିଧାୟକ ସଞ୍ଜୟ ଦାସବର୍ମା ଉଦ୍ୟମ କରିଥିବା ଜଣାପଡ଼ିଛି। ଦାସବର୍ମା ବ୍ୟବସାୟୀମାନଙ୍କୁ ଡାକି ଏକ ଗୁପ୍ତ ବୈଠକ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଏକ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘଦିନ ଧରି ବ୍ରହ୍ମଗିରି ବଜାର ପୂର୍ବତନ ବିଧାୟକ ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ଦଖଲରେ ଥିଲା। ଯାହ ଫଳରେ ବର୍ତ୍ତମାନର ବିଧାୟକ ବ୍ୟବସାୟୀଙ୍କ ସହ ମିଶି ପାରୁ ନ ଥିଲେ। ଲୁଲୁଙ୍କ ଦେହାନ୍ତ ଓ ଆଗାମୀ ନିର୍ବାଚନକୁ ଲକ୍ଷ୍ୟ କରି ବର୍ତ୍ତମାନର ବିଧାୟକ ଦାସବର୍ମା ବଜାର ବ୍ୟବାସାୟୀ ସଂଘର ନିକଟତର ହେବାକୁ ପ୍ରୟାସ କରିଛନ୍ତି। ବୈଠକରେ ବ୍ରହ୍ମଗିରି ବଜାର ମୁଖ୍ୟ ସମସ୍ୟା ଯଥା ଡ୍ରେନେଜ, ବିଦ୍ୟୁତ୍‌କରଣ ଏବଂ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ବୈଠକରେ ବିଧାୟକଙ୍କ ସହ ବଜାର ବ୍ୟବସାୟୀ ସଂଘର ସଭାପତି ବନ୍ଧୁ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାପାତ୍ର ପ୍ରମୁଖଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଦୀର୍ଘ ୧୦ ବର୍ଷ ଧରି ବ୍ରହ୍ମଗିରି ବଜାରକୁ ଅଣଦେଖା କରି ଆସୁଥିବା ସମୟରେ ହଠାତ୍ ବ୍ୟବସାୟୀମାନଙ୍କୁ ଡାକି ଏଭଳି ଆଲୋଚନା କରିବା ବିଧାୟକଙ୍କ ବ୍ୟବସାୟୀଙ୍କ ମାନ ଭଞ୍ଜନ ପାଇଁ ଉଦ୍ୟମ ବୋଲି ସାଧାରଣରେ ଆଲୋଚନା ହେଉଛି।

### ଖାଉଟି କାର୍ଡକୁ ନେଇ ବ୍ଲକ କାର୍ଯ୍ୟାଳୟରେ ହୋହଲ୍ଲା

**କଣାସ,୨୭।୯(ସ୍ୱ.ପ୍ର):** କେନ୍ଦ୍ର ଓ ରାଜ୍ୟ ସରକାର ଗରିବଙ୍କ ପାଇଁ ଖାଉଟି କାର୍ଡ କରିଥିଲେ ସୁଦ୍ଧା ପ୍ରକୃତରେ ଗରିବୀ ନପାଇ ହନ୍ତସନ୍ତ ହେଉଥିବା ନଜରକୁ ଆସିଛି। କଣାସ ବ୍ଲକର ବହୁ ଗରିବ ପରିବାର ଖାଉଟି କାର୍ଡରୁ ବଞ୍ଚିତ ଥିବାବେଳେ ପୁନର୍ବାର ଆବେଦନ କରି ନିରାଶ ହେବାରୁ ଗୁରୁବାର ଯୋଗାଣ ନିରୀକ୍ଷକ ଅମ୍ବିକା ବେହେରାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋହଲ୍ଲା କରିବା ସହ ଧାରଣାରେ ବସିଥିଲେ। ବିଡିଓ ପ୍ରତିଭା ସାହୁ ପୁରୀରେ ଜିଲାପାଳଙ୍କ ଏକ ବୈଠକରେ ଯୋଗଦେଇ ଥିବାରୁ ବ୍ଲକରେ ଅନୁପସ୍ଥିତ ଥିଲେ । ଯୋଗାଣ ନିରୀକ୍ଷକ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ଉକ୍ତ ବ୍ଲକର ୨୭ହଜାର ୫୫୨ଟି ଖାଉଟିକାର୍ଡ ଦିଆଯାଇଛି ଏବଂ ୬ହଜାର ୫୯୮ଜଣ ଖାଉଟିକାର୍ଡ ପାଇ ନ ଥିବା ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ବ୍ଲକର ବିଭିନ୍ନ ବିଭଗର ଅଧିକାରୀମାନେ ଅଭିଯୋଗ ବ୍ୟକ୍ତିମାନଙ୍କ ଗୃହକୁ ଯାଇ ତନଖି କରି ରିପୋର୍ଟ ଦେଇଛନ୍ତି। ସେଥିମଧ୍ୟରୁ ୨୩୬୫କାର୍ଡର ୮୦୯୩ଜଣ ବ୍ୟକ୍ତିଙ୍କୁ ଖାଉଟି ସାମଗ୍ରୀ ଯୋଗାଣ କରାଯିବ ଅବଶିଷ୍ଟ ୪୨୩୩ଜଣଙ୍କ ଖାଉଟିକାର୍ଡ ପାଇଁ ବିଚାରାଧୀନ ରହିଛି ।

### ବ୍ଲକସ୍ତରୀୟ ଜନଶୁଣାଣି ଶିବିର

**ନିମାପଡ଼ା,୨୭।୯(ଡି.ଏନ୍.ଏ.):** ନିମାପଡ଼ା ପଞ୍ଚାୟତ ସମିତି ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ) ସମ୍ପର୍କରେ ଏକ ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ସ୍ଥାନୀୟ ଠାଉନହଲ ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଉପଜିଲାପାଳ ଭବତାରଣ ସାହୁ, ବିଡିଓ କମଲଜିତ ଦାସ, ବ୍ଲକ ଉପାଧକ୍ଷ ଅଜୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏମଜିଏନଆରଇଜିଏସ ଯୋଜନାରେ ଖେଳ ପଡିଆ, ମୋ ପୋଖରୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଭୃତି କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ହିତାଧିକାରୀ ଓ ଶ୍ରମିକମାନେ କିପରି ଠିକ୍ ସମୟରେ ସେମାନଙ୍କର ପ୍ରାପ୍ୟ ପାଇବେ ସେ ନେଇ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଯୋଜନାରେ ଚଳିତ ୨୦୧୭-୧୮ ଆର୍ଥିକ ବର୍ଷରେ ୩କୋଟି ୮୮ଲକ୍ଷ ଟଙ୍କା ବ୍ୟୟରେ ୨ହଜାର ୫୦୩ଟି ପ୍ରକଳ୍ପ ନିର୍ମାଣ ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ ନିମାପଡ଼ା ବ୍ଲକରେ ୧ହଜାର ୨୦୭ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବା ବିଭାଗୀୟ ଅଧିକାରୀମାନେ କହିଥିଲେ। ଏହି ଯୋଜନାରେ ଶ୍ରମିକ ଓ ହିତାଧିକାରୀମାନେ ଦୀର୍ଘଦିନ ଧରି ସେମାନଙ୍କର ପ୍ରାପ୍ୟ ପାଇ ନ ଥିବା, କାର୍ଯ୍ୟ ପାଇଁ ବିଭିନ୍ନ ପ୍ରୋଜେକ୍ଟ ଓ ପୋଗ୍ରାମ ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତର ଲୋକପ୍ରତିନିଧିଙ୍କୁ ସୂଚନା ଦିଆଯାଉ ନ ଥିବା ନେଇ ସରପଞ୍ଚମାନେ ଅଭିଯୋଗ କରିଥିଲେ।

■ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ସମୀକ୍ଷା ବୈଠକ

# ଲୋକଙ୍କ ସହ ଯୋଡ଼ିହୋଇ ରୁହ

**ପୁରୀ ଅଫିସ, ୨୭।୯**

■ହେଡ୍ କ୍ୱାର୍ଟରରେ ରାତି ବିତାଅ
■ବନ୍ଦ ହୋଇପାରେ ୫୪ ଜଣଙ୍କ ଦରମା
■୧୬,୮୮୦ଘର ଅସମ୍ପୂର୍ଣ୍ଣ
■ଅଗ୍ରଗତି ଧିମା, ଆର୍‌ଡିସିଙ୍କ ଅସନ୍ତୋଷ

ଆଗକୁ ନିର୍ବାଚନ ଆସୁଛି। ଲୋକଙ୍କ ଦୁଃଖସୁଖ ଶୁଣ, ଭଲ ମନ୍ଦ ବୁଝ। କେହି ଯେମିତି କୌଣସି ପ୍ରକାର ଅଭିଯୋଗ ନ କରନ୍ତି ସେଥିପ୍ରତି ସତର୍କ ରୁହ। ବ୍ଲକ ହେଡ୍ କ୍ୱାର୍ଟରରେ ରାତିରେ ରୁହ। ଏମିତି ଲୋକଙ୍କ ଜୀବନଶୈଳୀ ସହ ଯୋଡି ହୋଇ ରୁହ। ଯଦି ବି କୌଣସି କାରଣରୁ ହେଡ୍ କ୍ୱାର୍ଟରରେ ଅନୁପସ୍ଥିତ ରହୁଛ, ତେବେ ଏମିତି ପରିବେଶ ସୃଷ୍ଟି କର ଯେପରି ଜନସାଧାରଣ ଅନୁଭବ କରିପାରିବେ ବୋଲି ବିଡିଓମାନଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ମହେନ୍ଦ୍ର କୁମାର ମଲ୍ଲିକ।

ଗୁରୁବାର ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଆର୍‌ଡିସି ଏହି ଯୋଜନାର ସମୀକ୍ଷା କରିଥିଲେ। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୩-୧୪ରୁ ବର୍ତ୍ତମାନ ସୁଦ୍ଧା ଇନ୍ଦିରା ଆବାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୪୨,୪୫୮ ଗୃହ ଜିଲାକୁ ମିଳିଛି। ସେଥିମଧ୍ୟରୁ ୪୨,୧୧୩ ଘରକୁ ଅନୁମୋଦନ ଦିଆଯାଇଛି। ଏଥିରୁ ୨୫,୫୭୮ ଘର କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ୧୬,୮୮୦ ଘର ଅସମ୍ପୂର୍ଣ୍ଣ ରହିଛି। ସେହିପରି ବିଜୁ ପକ୍କା ଘର ଯୋଜନାରେ ୨୦୧୬ରୁ ଇତିମଧ୍ୟରେ ଜିଲାକୁ ୧୧,୨୧୦ ଘର ମିଳିଥିବା ବେଳେ ସେଥିମଧ୍ୟରୁ ୭,୮୮୦ ସମ୍ପୂର୍ଣ୍ଣ ହୋଇଛି। ସମୁଦାୟ ୮୨ ପ୍ରତିଶତ ଘର ସମ୍ପୂର୍ଣ୍ଣ ହୋଇଛି। ନିର୍ମାଣ ଶ୍ରମିକଙ୍କ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଯୋଜନାରେ ୧୯୭ ଘର ଆସିଥିବା ବେଳେ ୧୩୦ ଘର ସମ୍ପୂର୍ଣ୍ଣ ହୋଇଛି। ସେପ୍ଟେମ୍ବର ଶେଷ ସୁଦ୍ଧା ୩,୨୨୮ ଘର ସମ୍ପୂର୍ଣ୍ଣ କରିବାକୁ ଟାର୍ଗେଟ ଦିଆଯାଇଥିବା ବେଳେ ୧,୬୬୦ ଘର ସମ୍ପୂର୍ଣ୍ଣ ହୋଇଛି। ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ୬୧,୦୫୫ ଘର ମଧ୍ୟରୁ ୫୪,୯୧୩ ଘରର ଫଟୋ ପୋର୍ଟାଲରେ ଅପ୍‌ଲୋଡ ହୋଇଛି। ବାକି ୬,୦୪୨ ଘରର ଫଟୋକୁ ଦୁଇଦିନ ମଧ୍ୟରେ ଅପ୍‌ଲୋଡ କରିବା ପାଇଁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘର ନିର୍ମାଣରେ ମନ୍ଥରତା ପାଇଁ ଆର୍‌ଡିସି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୧ ମାସ ପରେ ଆସି ଏହି ଯୋଜନାର ସମୀକ୍ଷା କରିବେ। କାର୍ଯ୍ୟରେ ଅଗ୍ରଗତି ନ ହେଲେ ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ୫୪ ଜଣ ବ୍ଲକସ୍ତରୀୟ ଅଧିକାରୀ (କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଗ୍ରାମ ରୋଜଗାର ସେବକ)ଙ୍କ ପ୍ରଦର୍ଶନ ଉତ୍ସାହଜନକ ନାହିଁ। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦରମା ବନ୍ଦ ଲାଗି ବୈଠକରେ ଆଲୋଚନା ହୋଇଛି। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




ବିଶ୍ୱ ପର୍ଯ୍ୟଟନ ଦିବସରେ ଚନ୍ଦ୍ରଭାଗା ବେଳାଭୂମିରେ ବାଲୁକା ଶିଳ୍ପୀ ସରିତା ଗୋଛାୟତ ଏବଂ ତାଙ୍କ ଭଉଣୀ ଶିଳ୍ପାଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକାକଳା।

## ଦେଢ଼ମାସ ପରେ ପରିବାରଙ୍କୁ ଭେଟିଲେ ନିଖୋଜ ବୃଦ୍ଧା

**କଣାସ,୨୭।୯(ସ୍ୱ.ପ୍ର)**

**ଆତ୍ମୀୟଙ୍କୁ ଦେଖି ଝରିଲା ଆନନ୍ଦାଶ୍ରୁ**

କଣାସ ବ୍ଲକ ଦୟାବିହାରଠାରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଛତିଶଗଡର ନିଖୋଜ ଥିବା ରାମବାଇ(୬୩)ନାମକ ବୃଦ୍ଧା ଗୁରୁବାର ତାଙ୍କ ପରିବାରକୁ ଭେଟିଥିଲେ। ପ୍ରାୟ ଦେଢ଼ମାସ ପରେ ଆତ୍ମୀୟଙ୍କୁ ଦେଖିଥିବାରୁ ବୃଦ୍ଧାଙ୍କ ଆଖିରୁ ଲୁହ ଆସିଯାଇଥିଲା। ସୂଚନା ଅନୁଯାୟୀ, ଛତିଶଗଡ ରାଜ୍ୟର ବଲଉଦା ଥାନା ଅନ୍ତର୍ଗତ ହରଦିବୀସାଲ ଗ୍ରାମର ୪୦ଜଣ ବ୍ୟକ୍ତି ଅଗଷ୍ଟ ୧୧ତାରିଖରେ ପୁରୀ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ଆସିଥିଲେ। ଅଗଷ୍ଟ ୧୩ରେ ଉକ୍ତ ଗ୍ରାମର ରାମବାଇ ନିଜ ଆତ୍ମୀୟଙ୍କଠାରୁ ପୁରୀ ବଡଦାଣ୍ଡରେ ଅଲଗା ହୋଇଯାଇଥିଲେ। ଆତ୍ମୀୟମାନେ ବହୁ ଖୋଜାଖୋଜି କରି ନ ପାଇବାରୁ ନିରାଶ ହୋଇ ଗ୍ରାମକୁ ଫେରିଯାଇ ସେଠାରେ ରାମବାଇ ନିଖୋଜ ହୋଇଥିବା ପୋଲିସକୁ ଜଣାଇଥିଲେ। ଅଗଷ୍ଟ ୨୩ତାରିଖରେ ଉକ୍ତ ବୃଦ୍ଧା ପିପିଲି ଥାନା ଅଞ୍ଚଳରେ ବୁଲୁଥିବାର ପିପିଲି ପୋଲିସ ନଜରକୁ ଆସିଥିଲା। ସ୍ଥାନୀୟ ଥାନାଧିକାରୀ ତାଙ୍କୁ ନୀଳାଚଳ ସେବା ପ୍ରତିଷ୍ଠାନର ଜରାନିବାସରେ ଛାଡିଦେଇଥିଲେ । ସେଠାରେ ରାମବାଇ ପ୍ରତିଦିନ କାନ୍ଦିବାରୁ ଜରାନିବାସ ଦାୟିତ୍ୱରେ ଥିବା କର୍ମଚାରୀମାନେ ଟେଲିଫୋନ ନଂ ସଂଗ୍ରହ କରି ଛତିଶଗଡର ବଲଉଦା ଥାନା ମହିଳା ପୋଲିସକୁ ତାଙ୍କ ବିଷୟରେ ଜଣାଇଥିଲେ। ଏନେଇ ଥାନା ପକ୍ଷରୁ ତାଙ୍କ ପରିବାରକୁ ରାମବାଇ ନୀଳାଚଳ ସେବା ପ୍ରତିଷ୍ଠାନରେ ଥିବା ଜଣାଇଥିଲେ। ଗୁରୁବାର ରାମବାଇରର ଭ୍ୱାଇଁ ରାଜେଶ ଜାଙ୍ଗେଡ, ପନାଲାଲ, ପୁତୁରା ସୁରେଶ କୁମାର, ଅମିତ କୁମାର ଉକ୍ତ ଜରାନିବାସରେ ପହଞ୍ଚି ତାଙ୍କୁ ଦେଖି ବିଭୋର ହୋଇପଡିଥିଲେ। ରାମବାଇ ମଧ୍ୟ ନିଜ ପରିବାରଲୋକଙ୍କୁ ଦେଖି ଆନନ୍ଦରେ କାନ୍ଦି ପକାଇଥିଲେ।

■କୃଷିମନ୍ତ୍ରୀଙ୍କ ମହିଳାଙ୍କ ପ୍ରତି ବିବାଦୀୟ ମନ୍ତବ୍ୟ ପ୍ରସଙ୍ଗ

## ଭାଜପା, ସୁରମା ପାଢ଼ୀଙ୍କ ବିରୋଧରେ ପାଲଟା ଏତଲା ଦେଲା ବିଜେଡି ମହିଳା ମୋର୍ଚ୍ଚା



ବିଜେଡି ମହିଳା ମୋର୍ଚ୍ଚା ସଦସ୍ୟାମାନେ ପିପିଲି ଆଇଆଇସିଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

**ପିପିଲି, ୨୭।୯(ଡି.ଏନ୍.ଏ.)**

କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ମହିଳାଙ୍କ ପ୍ରତି ଦେଇଥିବା ଅଶୋଭନୀଭ ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପିପିଲି ଥାନାରେ ବୁଧବାର କୃଷିମନ୍ତ୍ରୀଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ମାତ୍ର ଗୁରୁବାର ବିଜେଡି ମହିଳା ମୋର୍ଚ୍ଚା ପକ୍ଷରୁ ଭାଜପା ଓ ସୁରମା ପାଢ଼ୀଙ୍କ ବିରୋଧରେ ମଧ୍ୟ ସେହି ଥାନାରେ ପାଲଟା ଅଭିଯୋଗ କରାଯାଇଛି। ବିଜେଡି ମହିଳା ମୋର୍ଚ୍ଚା ପିପିଲି ସଭାନେତ୍ରୀ ଜ୍ୟୋସ୍ନାରାଣୀ ପୃଷ୍ଟି, ଡେଲାଙ୍ଗ ମହିଳା ମୋର୍ଚ୍ଚାର ସଭାନେତ୍ରୀ ବାସନ୍ତି ସାହୁ, ପିପିଲି ବ୍ଲକ ଅଧକ୍ଷା କଳ୍ପନା ସାମନ୍ତରାୟଙ୍କ ସମେତ ଶତାଧିକ ମହିଳା ପିପିଲି ଆଇଆଇସି ଶରତ ସାହୁଙ୍କୁ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, କୃଷିମନ୍ତ୍ରୀଙ୍କ ବିରୋଧରେ ରାଜନୈତିକ ଉଦ୍ଦେଶ୍ୟ ରଖି ଭାଜପା ପକ୍ଷରୁ ସୋସିଆଲ ମିଡିଆରେ ଭିଡିଓ ଛଡ଼ାଯାଇଛି। ସେହିପରି ଭାଜପାର ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ କୃଷିମନ୍ତ୍ରୀଙ୍କ ରାଜନୈତିକ ପତିଆରାକୁ ହ୍ରାସ କରିବା ଏବଂ ତାଙ୍କ ପରିବାରକୁ ବଦନାମ କରିବା ପାଇଁ ସେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରୁ ଏକ ଫଟୋ ଛାଡ଼ିଥିବାର ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। କୃଷିମନ୍ତ୍ରୀ ପିପିଲି-ଡେଲାଙ୍ଗରେ ମହିଳାମାନଙ୍କୁ ଉଚିତ ସମ୍ମାନ ଦେଇଛନ୍ତି। ତେଣୁ ସୁରମା ପାଢ଼ୀ ଓ ଭାଜପା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳା ମୋର୍ଚ୍ଚା ଦାବି କରିଛି। ଏ ନେଇ ପିପିଲି ଥାନା ଆଇଆଇସି ସାହୁଙ୍କୁ ପଚାରିବାରେ ଅଭିଯୋଗ ମିଳିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

### ବନ୍ଦ ପାଳନକୁ ପିଡିସିଡିଏର ସମର୍ଥନ
## ଜରୁରିକାଳୀନ ଔଷଧ ଯୋଗାଇ ଦିଆଯିବ

**ପୁରୀ ଅଫିସ, ୨୭।୯**

କେନ୍ଦ୍ର ସରକାରଙ୍କ ଇ-ଫାର୍ମାସୀ ପ୍ରସ୍ତାବକୁ ବିରୋଧ କରି ସର୍ବ ଭାରତୀୟ ଔଷଧ ବ୍ୟବସାୟୀ ସଂଘର ଆହ୍ୱାନ କ୍ରମେ ପୁରୀ ଜିଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ(ପିଡିସିଡିଏ) ଅନ୍ତର୍ଗତ ସମସ୍ତ ଔଷଧ ଦୋକାନ ଶୁକ୍ରବାର୨୪ ଘଣ୍ଟିଆ ବନ୍ଦ ପାଳନରେ ସାମିଲ ହୋଇଛନ୍ତି। ଆସୋସିଏଶନର ସଭାପତି ସୁଜିତ ସେନ୍‌ଗୁପ୍ତା କୁହନ୍ତି, କେନ୍ଦ୍ର ସରକାରଙ୍କ ଔଷଧ ବ୍ୟବସାୟ ମାରଣ ନୀତି ଯୋଗୁ ଭାରତର ୮ଲକ୍ଷ ବ୍ୟବସାୟୀ କ୍ଷତିଗ୍ରସ୍ତ ହେବେ। ସେଥିରୁ ଓଡ଼ିଶାର ୧୮ହଜାର ବ୍ୟବସାୟୀ ଜୀବିକା ହରାଇବେ। ଇ-ଫାର୍ମାସୀ ଓ ଅନଲାଇନ ଔଷଧ ବ୍ୟବସାୟ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସାଧାରଣ ରୋଗୀ ହଇରାଣ ହେବେ। ଔଷଧର ଗୁଣବତ୍ତା ପରୀକ୍ଷା କରାଯାଇପାରିବ ନାହିଁ। ଏହା ଡ୍ରଗ୍ସ ଓ କସ୍‌ମେଟିକ୍ସ ଆକ୍ଟର ବିରୁଦ୍ଧାଚରଣ କରୁଛି। ଏହାଦ୍ୱାରା ଜଣେ ବ୍ୟକ୍ତି ଅନାୟାସରେ ନିଜେ ଇ-ପ୍ରେସକ୍ରିପସନ୍ ପ୍ରସ୍ତୁତ କରି ଔଷଧ ମଗାଇପାରିବ। ପ୍ରତିବାଦରେ ଶୁକ୍ରବାର ପିଡିସିଡିଏ ପକ୍ଷରୁ ବନ୍ଦ ପାଳନ ଡାକରା ଦିଆଯାଇଛି। କିନ୍ତୁ ଜରୁରିକାଳୀନ ସ୍ଥିତିରେ ଆବଶ୍ୟକ ହେଉଥିବା ଔଷଧ ରୋଗୀମାନଙ୍କୁ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି ଆସୋସିଏଶନର ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି ଏକ ପ୍ରେସ ବିବୃତିରେ କହିଛନ୍ତି।



ପୁରୀ ରେଲଓ୍ୱେ ଷ୍ଟେସନରେ ଯାତ୍ରୀମାନଙ୍କୁ ସ୍ୱାଗତ କରାଯାଉଛି।

■ବିଶ୍ୱ ପର୍ଯ୍ୟଟନ ଦିବସ

## ଫୁଲ, ଚନ୍ଦନରେ ପର୍ଯ୍ୟଟକଙ୍କୁ ସ୍ୱାଗତ

**ପୁରୀ ଅଫିସ,୨୭।୯**

ଜିଲା ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ପାଳିତ ହୋଇଛି ବିଶ୍ୱ ପର୍ଯ୍ୟଟନ ଦିବସ। ଏହି ଅବସରରେ ଗୁରୁବାର ସକାଳ ୭ ଟାରେ ଚକ୍ରତୀର୍ଥ ବେଳାଭୂମିକୁ ସଫେଇ କରାଯାଇଥିଲା। ଏହାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି ଶୁଭାରମ୍ଭ କରିଥିଲେ। ସଫେଇ କାର୍ଯ୍ୟକ୍ରମରେ ଲାଇଫ୍ ଗାର୍ଡ, ଫଟୋଗ୍ରାଫର, ଶଙ୍ଖ ମାଳି ବ୍ୟବସାୟୀ, ରୋଟାରୀ କ୍ଲବ ନୀଳାଚଳ ଧାମର ସଦସ୍ୟ ଓ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। ସଫେଇ କାର୍ଯ୍ୟକ୍ରମ ପରେ ପୁରୀ ରେଳ ଷ୍ଟେଶନରେ ପର୍ଯ୍ୟଟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଟ୍ରେନ୍‌ରେ ଆସୁଥିବା ପର୍ଯ୍ୟଟକମାନଙ୍କୁ ଫୁଲ, ଚନ୍ଦନ ଦିଆଯାଇ ପାରମ୍ପରିକ ଢଙ୍ଗରେ ସ୍ୱାଗତ କରାଯାଇଥିଲା। ଓଡ଼ିଶୀ ନୃତ୍ୟଶିଳ୍ପୀ ବେଶରେ ଯୁବତୀମାନେ ସଜେଇ ହୋଇ ପର୍ଯ୍ୟଟକଙ୍କୁ ସ୍ୱାଗତ କରିଥିଲେ। ଏହି ଦିବସକୁ ସ୍ମରଣୀୟ କରିବା ଲାଗି ଘୋଡାନାଚ ପରିବେଷଣ କରାଯାଇଥିଲା। ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ବିଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

■ଭୋଟର ତାଲିକା ସଂଶୋଧନ ସମୀକ୍ଷା କଲେ ଆର୍‌ଡିସି

## ୬ ନିର୍ବାଚନମଣ୍ଡଳୀରେ ୧୫୯୩ ପୋଲିଂ ବୁଥ୍

**ପୁରୀ ଅଫିସ,୨୭।୯**

ସ୍ଥାନୀୟ ସର୍କିଟ ହାଉସ୍‌ରେ ଗୁରୁବାର ପୁରୀ ଜିଲାରେ ଭୋଟର ତାଲିକା ସଂଶୋଧନର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ମହେନ୍ଦ୍ର କୁମାର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରି ଭୋଟର ତାଲିକା ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟ ଯେପରି ଠିକ୍ ଭାବେ ହେବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତ କଲେ ଭୋଟରମାନେ ସୁବିଧାରେ ମତଦାନ କରିପାରିବେ ବୋଲି କହିଥିଲେ।

ଭୋଟର ତାଲିକାରେ ସଂଶୋଧନ ସମ୍ବନ୍ଧୀୟ ଦାବି ଓ ଆପତ୍ତି ସେପ୍ଟେମ୍ବର ୧ରୁ ଆସନ୍ତା ଅକ୍ଟୋବର ୩୧ ପର୍ଯ୍ୟନ୍ତ ହେଉଛି। ଯେଉଁମାନଙ୍କର ବୟସ ୧।୧।୨୦୧୯ ସୁଦ୍ଧା ୧୮ ବର୍ଷ ହୋଇଥିବ ସେମାନେ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ କରିପାରିବେ। ନିର୍ଦ୍ଧାରିତ ଫର୍ମରେ ଭୋଟର ତାଲିକାରେ ନାମ ଯୋଗ କରିବା, ତାଲିକାରୁ ନାମ ବାଦ୍ ଦେବା ଓ ତ୍ରୁଟି ସଂଶୋଧନ କରାଯାଉଛି। ସବୁ ପୋଲିଂ ବୁଥ୍‌ରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ହେଉଛି। ପୁରୀ ଜିଲାର ୬ଟି ନିର୍ବାଚନମଣ୍ଡଳୀରେ ୧୫୯୩ଟି ପୋଲିଂ ବୁଥ୍ ହେବ। ଜିଲାପାଳ ଜ୍ୟୋତିପ୍ରକାଶ ଦାସ କହିଥିଲେ, ଜଣେ ଭୋଟରଙ୍କ ନାମ ୨ଟି ଜାଗାରେ ଭୋଟର ତାଲିକାରେ ରହିବ ନାହିଁ। ସଂଶୋଧନ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଅକ୍ଟୋବର ୭ ଓ ୨୮ରେ ହେବ। ପୋଲିଂ ବୁଥ୍‌ରେ ଭୋଟର ତାଲିକା ସଂଶୋଧନ ଓ ଯାଞ୍ଚ କରିବା ପାଇଁ ବୁଥ୍‌ସ୍ତରୀୟ ଅଧିକାରୀ ଓ ଏଜେଣ୍ଟ ରହିବେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝି, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ଅଧିକାରୀମାନେ ଯୋଗଦେଇଥିଲେ।

## କୋଣାର୍କରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**କୋଣାର୍କ, ୨୭।୯(ଡି.ଏନ୍.ଏ.)**

କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଗୁରୁବାର ସକାଳ ୭ଟା ସମୟରେ ଚନ୍ଦ୍ରଭାଗାଠାରେ କୋଣାର୍କ ହୋଟେଲ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ର, ଚନ୍ଦ୍ରଭାଗା ଓ କୋଣାର୍କ ଫଟୋଗ୍ରାଫର ସଂଘ, ରାଉଳପାଟଣା ବାନରସେନା ସଂଘ ସମେତ ବିଭିନ୍ନ ସଂଗଠନକୁ ନେଇ ଚନ୍ଦ୍ରଭାଗା ବେଳାଭୂମି ସଫେଇ କରାଯାଇଥିଲା। ପରେ ସକାଳ ୯ଟା ସମୟରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପର୍ଯ୍ୟଟକମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଣାର୍କ ଏନଏସି ଅଧକ୍ଷା ଭାନୁମତି ରାଉତରାୟ, କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଏମ.ଶ୍ରୀନିବାସ, କୋଣାର୍କ ବନାଞ୍ଚଳ ଅଧିକାରୀ ଆଦିତ୍ୟ ନାରାୟଣ ମିଶ୍ର, କୋଣାର୍କ ଯାତ୍ରୀ ନିବାସ ପରିଚାଳକ ବିଜୟ କୁମାର ଜେନା, କୋଣାର୍କ ସୁରକ୍ଷା ସମିତି ସଭାପତି ବାଦଲ ଦାଶ ଉପସ୍ଥିତ ଥିଲେ। ଏହି ଅବସରରେ ବାଇଦେଇ ଘୋଡ଼ାନାଚ ଦଳର ଗୁରୁ ଜଟାଧାରୀ ବେହେରା ଓ ସାଥିମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ଦେବୋ ଭବ ଜରିଆରେ ପର୍ଯ୍ୟଟକମାନଙ୍କୁ ସଚେତନ କରାଯାଇଥିଲା। ଶେଷରେ କୋଣାର୍କ ମନ୍ଦିର ପରିସରରେ ଓଡିଶା କଲେଜ ଅଫ୍ ଆର୍ଟ ଆଣ୍ଡ କ୍ରାଫ୍ଟ ଓ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପର୍ଯ୍ୟଟନ ଓ ଐତିହ୍ୟ ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



### ଚନ୍ଦ୍ରଭାଗାରେ ସାଗର କବଚ କାର୍ଯ୍ୟକ୍ରମ
## ଧରାପଡ଼ିଲେ ୨ ନକଲି ଅନୁପ୍ରବେଶକାରୀ

**କୋଣାର୍କ, ୨୭।୯(ଡି.ଏନ୍.ଏ.)**

ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ପକ୍ଷରୁ ଚାଲିଥିବା ସାଗର କବଚ କାର୍ଯ୍ୟକ୍ରମ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପୂର୍ବାହ୍ନ ୧୦ଘଟିକା ସମୟରେ ସମୁଦ୍ର ଜଳପଥରେ ପାରାଦୀପରୁ କୋଣାର୍କ ଅଭିମୁଖେ ଆସୁଥିବା ଦୁଇ ନକଲି ଅନୁପ୍ରବେଶକାରୀଙ୍କୁ ସାମୁଦ୍ରିକ ଥାନା ପକ୍ଷରୁ ଠାବ କରାଯାଇ ଧରାଯାଇଛି। ନକଲି ଅନୁପ୍ରବେଶକାରୀ ଜଗତ୍‌ସିଂହପୁର ଥାନାର ଶୁଭ୍ରାଂଶୁ ସେଠୀ ଓ ଭାରତୀୟ ନୌସେନାର ପ୍ରକାଶ ଭଞ୍ଜଙ୍କୁ ମେରାଇନ ଥାନା ଦାୟିତ୍ୱରେ ଥିବା କୋଣାର୍କ ଥାନାଧିକାରୀ ସଞ୍ଜୀବ କୁମାର ପ୍ରଧାନ ଧରିଥିଲେ। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଭାଗା ସାମୁଦ୍ରିକ ଥାନା ଏଏସ୍‌ଆଇ ବନମାଳି ନାୟକ ଓ କର୍ମଚାରୀମାନେ ସହଯୋଗ କରଥିଲେ।

## ଧାରଣାରେ ବସିଲେ ବାସନ୍ଦ ପରିବାର

**ପୁରୀ ଅଫିସ,୨୭।୯**

ପୁରୀ ଜିଲାର ବିଭିନ୍ନ ବ୍ଲକରୁ ବାସନ୍ଦ ହୋଇଥିବା ୫୯ ପରିବାର ଗୁରୁବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ବାସନ୍ଦ ବିରୋଧୀ ସଂଗ୍ରାମ ମଞ୍ଚ ପକ୍ଷରୁ ଏହି ଶାନ୍ତିପୂର୍ଣ୍ଣ ଗଣଧାରଣା ଆରମ୍ଭ ହୋଇଛି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ବାସନ୍ଦ ପରିବାରର ସଦସ୍ୟମାନେ କହିଛନ୍ତି। ବ୍ରହ୍ମଗିରି ବ୍ଲକର ୩ ଅନୁସୂଚିତ ଜାତିର ପରିବାରକୁ ଗ୍ରାମରୁ ବାସନ୍ଦ କରାଯାଇଛି। ଗ୍ରାମବାସୀ ସୋମନଙ୍କ ଘରଦ୍ୱାର ଭାଙ୍ଗିଦେବା ସହ ଗାଁରୁ ତଡି ଦେଇଛନ୍ତି। ବୁଢାକେରା ଗ୍ରାମର ୧୪ଟି ଗୋପାଳ ପରିବାରଙ୍କୁ କେତେଜଣ ଗ୍ରାମବାସୀ କୌଣସି କାରଣକୁ ନେଇ ଗାଁରେ ପୂରାଇ ଦେଉନାହାନ୍ତି। ସେମାନଙ୍କ ଚାଷଜମିକୁ ପାଣି ଛାଡୁ ନାହାନ୍ତି। ଗୋପୀନାଥପୁର ଗ୍ରାମର ବିଶ୍ୱନାଥ ବାରିକ ବାଳକାଟିବାକୁ ମନା କରିବାକୁ ତାଙ୍କ ପରିବାରକୁ ବାସନ୍ଦ କରାଯାଇଛି। ଡୁମୁଡୁମା ଗ୍ରାମର ଗୁରୁବାରି ବାରିକ, ରବୀନ୍ଦ୍ର ବାରିକଙ୍କୁ ଗୋଡିମୁକ୍ତ ପ୍ରମାଣପତ୍ର ମିଳିଥିଲେ ମଧ୍ୟ ସେମାନଙ୍କ ପରିବାର ୧୮ବର୍ଷ ଧରି ବାସନ୍ଦ ଜୀବନ ବିତାଉଛନ୍ତି। ଗଡିଶିଗୋଦା ଥାନା ବୀରକିଶୋରପୁର ଗ୍ରାମର ୩, ଗୋପ ଥାନା ଅଧୀନ ମାହାପୁର ଗ୍ରାମର ୧୮, ସତ୍ୟବାଦୀ ଥାନା ଅନ୍ତର୍ଗତ ମାର୍କଣ୍ଡପଡା ଗ୍ରାମର ବାରିକ ସମ୍ପ୍ରଦାୟର ଗୋଟିଏ ପରିବାର, ପୁରୀ ସଦର ଥାନା ଅଧୀନ ଗୋରୁଆଳର ୧୭ଟି ପରିବାର ଦୀର୍ଘ ଦିନ ବାସନ୍ଦ ହୋଇଛନ୍ତି। ମଞ୍ଚର ରାଜ୍ୟ ଆବାହକ ଦେବେନ୍ଦ୍ର ସୂତାର କ୍ଷତିଗ୍ରସ୍ତ ପରିବାର ଓ ନିର୍ଯାତିତ ଲୋକଙ୍କୁ ସୁରକ୍ଷା ପ୍ରଦାନ ଲାଗି ଦାବି କରିଛନ୍ତି। ଏହି ଗଣଧାରଣାରେ ବାଘାମ୍ବର ପଟ୍ଟନାୟକ, ଦିବାକର ବାରିକ, ପ୍ରମିଳା ବାରିକ, ବଳରାମ ଭୋଇ, ରମେଶ ଭୋଇ, ମାଧବ ଭୋଇ, ପ୍ରଶାନ୍ତ ଭୋଇ, କୃଷ୍ଣଚନ୍ଦ୍ର ଭୋଇ, ଚନ୍ଦ୍ରଶେଖର ଭୋଇ, ଦୟାନିଧି ସେଠୀଙ୍କ ସମେତ ବାସନ୍ଦ ପରିବାର ସଦସ୍ୟ ଧାରଣାରେ ସାମିଲ ହୋଇଛନ୍ତି।



ବାସନ୍ଦ ହୋଇଥିବା ପରିବାର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଉଛନ୍ତି।